# ଧରିତ୍ରୀ
DHARITRI






ଭୁବନେଶ୍ୱର, ରବିବାର, ଅଗଷ୍ଟ ୮/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 8/2021 | ★★★★

୪୭ଶ ଭାଗ ୨୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଜୋ ରୁଟ୍‌ଙ୍କ ଶତକ**

ଟ୍ରେଣ୍ଟବ୍ରିଜରେ ଚାଲିଥିବା ଭାରତ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍।

୧୬

୧୪

**ବୟଫ୍ରେଣ୍ଡଙ୍କୁ ନେଇ ମୁହଁ ଖୋଲିଲେ କିଆରା**

ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ ପ୍ରଥମ ଥର ପାଇଁ ତାଙ୍କ ବୟଫ୍ରେଣ୍ଡଙ୍କ ସମ୍ପର୍କରେ ମୁହଁ ଖୋଲିଛନ୍ତି।








# ୨୦ସୁଦ୍ଧା ମାଟ୍ରିକ ଅଫ୍‌ଲାଇନ ରେଜଲ୍ଟ

**ଭୁବନେଶ୍ୱର, ୭।୮(ବ୍ୟୁରୋ)**

ମାଟ୍ରିକ ଅଫ୍‌ଲାଇନ୍ ପରୀକ୍ଷା ଖାତାଦେଖା ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବ। ୨୦ ସୁଦ୍ଧା ଫଳ ପ୍ରକାଶ ପାଇବ। ଏଥିପାଇଁ ବୋର୍ଡ ପକ୍ଷରୁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଖୁବ୍‌ଶୀଘ୍ର ପରୀକ୍ଷାଫଳ ବାହାରିବା ତାରିଖ ଘୋଷଣା କରାଯିବ। ଏନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମନ୍ତ୍ରୀ ସୂଚନା ଦେଇଛନ୍ତି। ଅପରପକ୍ଷେ ଯୁକ୍ତ୨ ନାମଲେଖା ପାଇଁ ଆସନ୍ତା ୧୬ ତାରିଖ ଭିତରେ

**ଖୁବ୍‌ଶୀଘ୍ର ଯୁକ୍ତ୨ ଆବେଦନ ପ୍ରକ୍ରିୟା**

ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଗତବର୍ଷ ଅଗଷ୍ଟ ୨୧ରୁ ଯୁକ୍ତ୨ ପାଇଁ ଆବେଦନ ଆରମ୍ଭ ହୋଇଥିଲା। ଚଳିତବର୍ଷ ଏହାର ସପ୍ତାହକ ପୂର୍ବରୁ ଆରମ୍ଭ କରିବାକୁ ବିଭାଗ ନିଷ୍ପତ୍ତି ନେଇଛି। ଏକ ମାସ ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ଆବେଦନ ପାଇଁ ସମୟ ଦିଆଯିବ। ଯୁକ୍ତ୨ରେ ୫୫ ହଜାରରୁ ଅଧିକ ସିଟ୍ ବୃଦ୍ଧି ପାଇଁ ଆବେଦନ ହୋଇଛି। ତେବେ ବିଜ୍ଞାନ ପାଇଁ ଲାବୋରେଟୋରି ହେଉଛି ଗୁରୁତ୍ୱପୂର୍ଣ୍ଣ। ତେଣୁ ଏ ସବୁର ଭିତ୍ତିଭୂମି ଯାଞ୍ଚ ଚାଲିଛି। ଶୁକ୍ରବାର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏ ନେଇ ବୈଠକ ବସିଥିଲା। ସେଲ୍ଫ ଫାଇନାନ୍ସିଂ କଲେଜର ଅଧିକ ଯାଞ୍ଚ ☞ପୃଷ୍ଠା–୧୩

**ଆଜିର ସମ୍ପାଦକୀୟ**

**ବହୁତ ହରାଇଲେଣି**



ନୀରଜ ଚୋପ୍ରା

**ଟୋକିଓ ଟ୍ରାକ୍‌ରେ ଚମକିଲେ**

- ଅଲିମ୍ପିକ୍ସର ଆଥଲେଟିକ୍ସ ଇଭେଣ୍ଟରୁ ଭାରତର ପ୍ରଥମ ସ୍ୱର୍ଣ୍ଣ

# ସୁନାପୁଅ ନୀରଜ

**ଟୋକିଓ, ୭।୮(ପି.ଟି.)**

- ପୁରୁଷ ଜାଭେଲିନ ଥ୍ରୋରେ ସ୍ୱର୍ଣ୍ଣ ପଦକ ସହ ଇତିହାସ ରଚିଲେ
- ୧୦୦ ବର୍ଷ ପ୍ରତୀକ୍ଷାର ଅନ୍ତ
- ୭ ପଦକ ସହ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ

ଟୋକିଓ ଅଲିମ୍ପିକ୍ସ ଭାରତ ଲାଗି ସ୍ମରଣୀୟ ହୋଇଛି। ଦେଶର ପ୍ରଥମ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଭାବେ ନୀରଜ ଚୋପ୍ରା ଏହି ଅଲିମ୍ପିକ୍ସରୁ ପାଇଛନ୍ତି ସ୍ୱର୍ଣ୍ଣିମ ସଫଳତା। ଶନିବାର ଅନୁଷ୍ଠିତ ପୁରୁଷ ଜାଭେଲିନ ଥ୍ରୋ ଫାଇନାଲରେ ନୀରଜ ୮୭.୫୮ ମିଟର ଦୂରକୁ ଜାଭେଲିନ ଥ୍ରୋ କରି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ପ୍ରଥମ ଉଦ୍ୟମରେ ୮୭.୦୩ ମିଟର ଥ୍ରୋ କରିଥିବା ନୀରଜ ଦ୍ୱିତୀୟ ଉଦ୍ୟମରେ ୮୭.୫୮ ମିଟର ସ୍ୱର୍ଣ୍ଣ କରିଥିଲେ। ଯାହାକି ତାଙ୍କ ପାଇଁ ସ୍ୱର୍ଣ୍ଣ ପଦକ ଅର୍ଜନରେ ସହାୟକ ହୋଇଥିଲା। ୪ର୍ଥ ଓ ୫ମ ଉଦ୍ୟମରେ ସେ ଫାଉଲ୍ କରିଥିବାବେଳେ ୬ଷ୍ଠ ତଥା ଅନ୍ତିମ ଉଦ୍ୟମରେ ୮୪.୨୪ ମିଟର ଦୂରକୁ ଜାଭେଲିନ ପକାଇ ପାରିଥିଲେ। ଫାଇନାଲ୍ସରେ ମୋଟ ୧୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ହେଁ ନୀରଜଙ୍କ ୮୭.୫୮ ମିଟର ଦୂରତା ପାଖାପାଖି କେହି ପହଞ୍ଚି ପାରି ନ ଥିଲେ। ଚେକ୍ ରିପବ୍ଲିକର ଦୁଇ ଆଥ୍‌ଲେଟ ଜାକୁବ ଭାଡଲେଜ ୮୬.୬୭ ଓ ଭିଟେସ୍ଲାଭ ଭେସେଲି ୮୫.୪୪ ମିଟର ଥ୍ରୋ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ଅଲିମ୍ପିକ୍ସର କୌଣସି ବ୍ୟକ୍ତିଗତ ଇଭେଣ୍ଟରେ ଭାରତ ପାଇଁ ଏହା ହେଉଛି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ପୂର୍ବରୁ ୨୦୦୮ ବେଜିଂ ଅଲିମ୍ପିକ୍ସରେ ତାରକା ଶୁଟର ଅଭିନବ ବିନ୍ଦ୍ରା ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ।

ମାତ୍ର ହରିୟାଣା ପାନିପଥ ନିକଟସ୍ଥ ଖଣ୍ଡ୍ରା ଗ୍ରାମର ଜଣେ ☞ପୃଷ୍ଠା–୧୩

# ପଦାର୍ପଣରେ ବଜରଙ୍ଗଙ୍କୁ ବ୍ରୋଞ୍ଜ

**ଚିବା(ଜାପାନ),୭।୮**

୭ ବର୍ଷ ବୟସରୁ ଆଖଡ଼ା ବା ବ୍ୟାୟାମଶାଳାରେ ପାଦ ଦେଇଥିବା ବଜରଙ୍ଗ ପୁନିଆ ଶେଷରେ ଅଲିମ୍ପିକ୍ସ ପଦକ ହାସଲ କରି ନିଜର ସ୍ୱପ୍ନ ସାକାର କରିଛନ୍ତି। ଏବେ ସେ ୨୭ ବର୍ଷରେ ଟୋକିଓ ଅଲିମ୍ପିକ୍ସରେ ପଦାର୍ପଣ କରି ବ୍ରୋଞ୍ଜ ପଦକ ଜିତିଛନ୍ତି। ଶନିବାର ପୁରୁଷ ୬୫ କେ.ଜି. ଫ୍ରିଷ୍ଟାଇଲ୍ ଇଭେଣ୍ଟରେ ତୃତୀୟ ସ୍ଥାନ ତଥା ବ୍ରୋଞ୍ଜ ପଦକ ପାଇଁ ଅନୁଷ୍ଠିତ ବାଉଟ୍‌ରେ ସେ କାଜାଖସ୍ତାନ ଦୌଲତ ନିୟାଜବେକୋଭଙ୍କୁ ହରାଇ ଭାରତ ପାଇଁ ଷଷ୍ଠ ପଦକ ଜିତିଛନ୍ତି। ପୂର୍ବରୁ ଏକାଧିକ ଅନ୍ତର୍ଜାତୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବା ବଜରଙ୍ଗ ଅଲିମ୍ପିକ୍ସରେ ପଦକ ଫେଭରାଇଟ ଥିଲେ। ତେବେ ସେ ସେମିଫାଇନାଲରେ ଆଜରବୈଜାନର ହାଜି ଆଲିଏଭଙ୍କଠାରୁ ୫–୧୨ରେ ପରାସ୍ତ ହୋଇଥିଲେ। ସେମିଫାଇନାଲର ଏହି ତ୍ରୁଟି ସେ ଦୋହରାଇ ନ ଥିଲେ। ସେ ଦୌଲତଙ୍କୁ ସମ୍ପୂର୍ଣ୍ଣ ଏକପାଖିଆ ମୁକାବିଲାରେ ୮–୦ରେ ପରାସ୍ତ କରି ବାଜି ମାରିଥିଲେ। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଦୌଲତଙ୍କ ଠାରୁ ସେମିଫାଇନାଲରେ ପରାସ୍ତ ☞ପୃଷ୍ଠା–୧୩



ବଜରଙ୍ଗ ପୁନିଆ




## ଦିଲ୍ଲୀରେ ଖୋଲିବ ସାପ୍ତାହିକ ବଜାର

ଆସନ୍ତା ସୋମବାରରୁ ଦିଲ୍ଲୀର ସାପ୍ତାହିକ ବଜାର ଖୋଲିବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶନିବାର ଏନେଇ ଘୋଷଣା କରିଛନ୍ତି। ଦିଲ୍ଲୀରେ କୋଭିଡ୍ ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇଛି। ଏବେ ଲୋକଙ୍କ ଜୀବିକାକୁ ନେଇ ସରକାର ଚିନ୍ତିତ। ସେଥିପାଇଁ ବଜାର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଲୋକମାନେ କୋଭିଡ୍ କଟକଣା ମାନି ବଜାରକୁ ଯିବା ପାଇଁ କେଜ୍‌ରିୱାଲ ଅନୁରୋଧ କରିଛନ୍ତି।

## ତ୍ରୁଟି ସଂଶୋଧନ

ତା.୭.୮.୨୦୨୧ରିଖ (ଶନିବାର) ଜାତୀୟ/ଅନ୍ତର୍ଜାତୀୟ ପୃଷ୍ଠାରେ 'ରାଜୀବ ବନାମ ଧ୍ୟାନଚାନ୍ଦ' ଶୀର୍ଷକ ଷ୍ଟୋରିରେ ଭୁଲବଶତଃ ଖେଳରତ୍ନ ପୁରସ୍କାର ପରିବର୍ତ୍ତେ ପରମବୀର ଚକ୍ରର ପଦକ ପ୍ରକାଶ ପାଇଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ। ନିମ୍ନରେ ଖେଳରତ୍ନ ପୁରସ୍କାର ପଦକର ଚିତ୍ର ସ୍ଥାନିତ କରାଗଲା।




## ଡିଜେଙ୍କ ବିକିନି ବିକ୍ଷୋଭ



### ପର୍ନୋଗ୍ରାଫି ମାମଲା ରୁଜୁ

ଇଣ୍ଡୋନେସିଆ ପୋଲିସ ଦେଶର ବିବାଦୀୟ ପର୍ନୋଗ୍ରାଫି ଆଇନ ବଳରେ ଡିଜେ ଦିନାର କାଣ୍ଡିଙ୍କ ବିରୋଧରେ ମାମଲା ରୁଜୁ କରିଛି। ନିକଟରେ ୨୮ ବର୍ଷୀୟା କାଣ୍ଡି କୋଭିଡ୍-୧୯ କଟକଣା ବିରୋଧରେ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ବେଳେ ସେ ଦୁଇଟି ବିକିନି ଓ ମୁହଁରେ ଏକ ମାସ୍କ ପିନ୍ଧିଥିଲେ। ସେହି ଦୃଶ୍ୟର ଫୁଟେଜ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କରୋନା ମହାମାରୀର ମୁକାବିଲା ପାଇଁ କଟକଣା ଅବଧି ବୃଦ୍ଧି କରାଯାଇଥିବାବେଳେ ସେ ବିକ୍ଷୋଭ ପାଇଁ ପିନ୍ଧିଥିବା ଡ୍ରେସ୍ ଦେଶର ସାଂସ୍କୃତିକ ଓ ଧର୍ମୀୟ ନିୟମର ଉଲ୍ଲଂଘନ ବୋଲି ଜାକର୍ତ୍ତାର ପୋଲିସ ମୁଖ୍ୟ ଅଜିଜ୍ ଆଣ୍ଡ୍ରିଆନ୍‌ସ୍ୟାହ କହିଛନ୍ତି। ମୁସ୍‌ଲିମ୍ ବହୁଳ ଇଣ୍ଡୋନେସିଆରେ ରୁଢ଼ିବାଦୀ ଚିନ୍ତାଧାରା ବଢ଼ିବାରେ ଲାଗିଛି। ଧର୍ମୀୟ ଗୋଷ୍ଠୀଗୁଡ଼ିକ ରାଜନୀତି ଓ ସମାଜରେ ଇସ୍‌ଲାମ୍‌ର ବୃହତ୍ ଭୂମିକା ଦାବି କରୁଛନ୍ତି। ଦେଶର ବିବାଦୀୟ ପର୍ନୋଗ୍ରାଫି ଆଇନ ଅନୁସାରେ ଦୋଷୀ ସାବ୍ୟସ୍ତ ହେଲେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଓ ୫ ବିଲିୟନ୍ ରୁପିଆ (୩୫୦,୦୦୦ ଡଲାର) ଜରିମାନା ବ୍ୟବସ୍ଥା ରହିଛି।

## କୁନ୍ଦ୍ରାଙ୍କୁ ମିଳିଲାନି ଜାମିନ



### ଗିରଫଦାରି ଯଥାର୍ଥ: ହାଇକୋର୍ଟ

ପର୍ନ ଫିଲ୍ମ ମାମଲାରେ ଗିରଫ ହୋଇ ଆର୍ଥର ଜେଲରେ ଥିବା ବିଜ୍‌ନେସମ୍ୟାନ ରାଜ କୁନ୍ଦ୍ରା ଓ ତାଙ୍କ ସହଯୋଗୀ ର୍ୟାନ୍ ଥୋର୍ପେଙ୍କୁ ଶନିବାର ବମ୍ବେ ହାଇକୋର୍ଟ ଜାମିନ ଦେବାକୁ ମନା କରିଦେଇଛନ୍ତି। ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କୁ ମୁମ୍ବାଇ କ୍ରାଇମବ୍ରାଞ୍ଚର ପ୍ରପର୍ଟି ସେଲ୍ ଗତ ୧୯ ତାରିଖରେ ଗିରଫ କରିଥିଲା। ଏହାର ଦିନକ ପରେ କୁନ୍ଦ୍ରାଙ୍କ ଫାର୍ମର ଆଇଟି ହେଡ୍ ଥୋର୍ପେ ଗିରଫ ହୋଇଥିଲେ। ଉଭୟେ ବିଚାର ବିଭାଗୀୟ ହାଜତରେ ଥାଇ ଗିରଫଦାରିକୁ ଚ୍ୟାଲେଞ୍ଜ କରିଥିଲେ। ଜୁଲାଇ ୨୮ରେ ମାଜିଷ୍ଟ୍ରେଟ୍ କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। କୁନ୍ଦ୍ରାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମାଜ ପାଇଁ ହାନିକାରକ। ସେ ଜାମିନରେ ମୁକୁଳିଲେ ତଦନ୍ତରେ ବାଧାସୃଷ୍ଟି ହେବ ବୋଲି କୋର୍ଟ କହିଥିଲେ। ଏହାକୁ କୁନ୍ଦ୍ରା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ଏ.ଏସ୍. ଗଡ଼କରୀଙ୍କ ଜଣିକିଆ ଖଣ୍ଡପୀଠ ଉଭୟଙ୍କ ଗିରଫଦାରି ଆଇନ ଅନୁସାରେ ହୋଇଥିବା ଦର୍ଶାଇ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି।

## ସଂକ୍ଷେପରେ

### ମିଜୋରାମ୍ ଯାଉଥିବା ୪ ଟ୍ରକ୍‌କୁ ଆସାମରେ ଭଙ୍ଗାରୁଜା

ଗୁଆହାଟୀ, ୭।୮: ମିଜୋରାମ ଯାଉଥିବା ୪ ଅଣ୍ଡା ବୋଝେଇ ଟ୍ରକ୍‌କୁ ଆସାମର ଚାଚର ଜିଲାର ଭାଗା ବଜାର ଅଞ୍ଚଳରେ ଶୁକ୍ରବାର ରାତିରେ ଭଙ୍ଗାରୁଜା କରାଯାଇଛି। ଏହି ଖବର ପ୍ରକାଶ ପାଇବା ପରେ ଆସାମ-ମିଜୋରାମ ସୀମାରେ ଉତ୍ତେଜନା ପୁଣିଥରେ ବଢ଼ିଛି। ସୂଚନାଯୋଗ୍ୟ ଦୀର୍ଘଦିନ ହେଲା ଆସାମ ଓ ମିଜୋରାମ ମଧ୍ୟରେ ସୀମା ବିବାଦ ଲାଗି ରହିଥିବାବେଳେ ଗତମାସ ୨୬ରେ ଏହା ଉଗ୍ର ରୂପ ନେଇଥିଲା। ଦୁଇ ରାଜ୍ୟ ପୋଲିସ ମଧ୍ୟରେ ସଂଘର୍ଷ ଘଟି ଆସାମର ୬ ଜଣ ପୋଲିସ କର୍ମଚାରୀ ଏବଂ ଜଣେ ସାଧାରଣ ନାଗରିକ ନିହତ ହେବା ସହ ୫୦ ଜଣ ଆହତ ହୋଇଥିଲେ।

### ବିଗ୍ ବି'ଙ୍କ ବଙ୍ଗଳାରେ ବୋମା ଥିବା ମିଥ୍ୟା ଫୋନ୍ କଲ୍

ମୁମ୍ବାଇ,୭।୮: ବିଗ୍ ବି' ଅମିତାଭ ବଚ୍ଚନଙ୍କ ଜୁହୁସ୍ଥିତ ବଙ୍ଗଳାରେ ବୋମା ଥିବା ନେଇ ଏକ ଫୋନ୍ କଲ୍ ଆସିବା ପରେ ପୋଲିସ ତତ୍ପର ହୋଇଉଠିଥିଲା। ମୁମ୍ବାଇର ଚାରିଟି ସ୍ଥାନରେ ବୋମା ଲଗାଯାଇଥିବା ଶୁକ୍ରବାର ରାତିରେ ମୁମ୍ବାଇ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଅଜଣା ଫୋନ କଲ୍ ଆସିଥିଲା। ଛତ୍ରପତି ଶିବାଜୀ ମହାରାଜ ଟର୍ମିନାସ (ସିଏସ୍‌ଏମ୍‌ଟି), ବାଇକୁଲ୍ଲା, ଦାଦର ରେଳ ଷ୍ଟେଶନରେ ବୋମା ରଖାଯାଇଥିବା ନେଇ କଲ୍ ପାଇବା ପରେ ସୁରକ୍ଷା ବୃଦ୍ଧି କରାଯାଇଥିଲା। ପୋଲିସ ରେଳ ସୁରକ୍ଷା ଟିମ୍ ସହିତ ବମ୍ ଡିସ୍‌ପୋଜାଲ ସ୍କ୍ୱାଡ୍, ସନ୍ଧାନୀ କୁକୁର ସହାୟତାରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ତେବେ ଅନୁସନ୍ଧାନ ବେଳେ ଏହି କଲ୍ ମିଛ ଜଣାପଡିଛି।

### ଆଫଗାନିସ୍ତାନ ସୀମାରେ ୬ ହଜାର ପାକ୍ ଆତଙ୍କବାଦୀ

ନୂଆଦିଲ୍ଲୀ, ୭।୮(ଆଇଏଏନ୍‌ଏସ୍): ଆଫଗାନିସ୍ତାନରେ ଅନୁପ୍ରବେଶ ଅପେକ୍ଷାରେ ୬ ହଜାର ଆତଙ୍କବାଦୀ ପାକିସ୍ତାନରେ ପ୍ରସ୍ତୁତ ହୋଇ ରହିଛନ୍ତି। ସେମାନେ ଆରବ ଏବଂ ଚେଚେନ୍ ପ୍ରଶିକ୍ଷକଙ୍କଠାରୁ ସ୍ୱତନ୍ତ୍ର ତାଲିମ ନେଇଛନ୍ତି। ସେମାନେ ନୂଆ ୟୁନିଟ୍ ଗଢ଼ିବା ଲକ୍ଷ୍ୟରେ ଅଛନ୍ତି। ଏହା ବ୍ୟତୀତ ପାକିସ୍ତାନରୁ ତାଲିବାନ ଆତଙ୍କବାଦୀ ମଧ୍ୟ ଆଫଗାନିସ୍ତାନରେ ଅନୁପ୍ରବେଶ କରିବାରେ ଲାଗିଛନ୍ତି। ତାଲିବାନ ଆଫଗାନିସ୍ତାନର ୨୧୮ ଜିଲାକୁ ନିଜ ନିୟନ୍ତ୍ରଣକୁ ନେଇସାରିଲାଣି। ସରକାରଙ୍କ ନିୟନ୍ତ୍ରଣରେ ୧୦୮ ଜିଲା ରହିଥିବାବେଳେ ଅନ୍ୟ ୧୦୦ ଜିଲାରେ ସଂଘର୍ଷ ଲାଗି ରହିଛି।

### ଅକାଳୀ ଦଳ ଯୁବନେତାଙ୍କୁ ହତ୍ୟା



ଚଣ୍ଡିଗଡ଼, ୭।୮: ଅକାଳୀ ଦଳର ଯୁବନେତା ଭିକି ମିଦୁଖେରାଙ୍କୁ ପଞ୍ଜାବର ମୋହାଲିଠାରେ ଶନିବାର ସ୍ପଷ୍ଟ ଦିବାଲୋକରେ ଗୁଳିକରି ହତ୍ୟା କରାଯାଇଛି। ଗ୍ୟାଙ୍ଗୱାରରୁ ଏହି ହତ୍ୟାକାଣ୍ଡ ଘଟିଥିବା ସମ୍ଭାବନାକୁ ଅସ୍ୱୀକାର କରାଯାଇ ନ ପାରେ ବୋଲି ପୋଲିସ କହିଛି। ୪ ଜଣ ଦୁର୍ବୃତ୍ତ ଭିକିଙ୍କ ଉପରକୁ ୧୦ ରାଉଣ୍ଡ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ହତ୍ୟାକାଣ୍ଡର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଭିକିଙ୍କ ଗାଡ଼ି ପାଖରେ ହତ୍ୟାକାରୀମାନେ ସେମାନଙ୍କ କାରରେ ଅପେକ୍ଷା କରିଥିଲେ। ଭିକି ଏକ କନ୍‌ସଲ୍‌ଟାଣ୍ଟ ଅଫିସରୁ ବାହାରି ତାଙ୍କ ଏସ୍‌ୟୁଭିରେ ବସିବାକୁ ଯାଉଥିଲାବେଳେ ହତ୍ୟାକାରୀ ଗୁଳି ଚଳାଇଥିଲେ।

# ନିଆଁ ଆଁରେ ୩ ଦେଶ

## ବିପତ୍ତି ଆଣିଛି ଜଳବାୟୁ ପରିବର୍ତ୍ତନ



- ବିଶ୍ୱରେ ଉଭୟ ବିଷାକ୍ତ ଓ ଅଣବିଷାକ୍ତ ପ୍ରଦୂଷଣ ବଢ଼ିବାରେ ଲାଗିଛି
- ଫାଇନ୍ ପାର୍ଟିକୁଲେଟ୍ ମ୍ୟାଟର ଭଳି ବିଷାକ୍ତ ପ୍ରଦୂଷଣ ପ୍ରତ୍ୟକ୍ଷ ଭାବେ ମଣିଷର ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ
- ନନ୍‌ଟକ୍ସିକ୍ ପ୍ରଦୂଷଣ ବିଶ୍ୱରେ ତାପମାତ୍ରା ବୃଦ୍ଧି କରାଇଥାଏ, ଯାହାକି ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ
- ଉଭୟ ଧରଣର ପ୍ରଦୂଷଣ ଯୋଗୁ ୧୦ ଦେଶ ପ୍ରତି ଜଳବାୟୁ ପରିବର୍ତ୍ତନର ସର୍ବାଧିକ ବିପଦ ଆଶଙ୍କା ଦେଖାଦେଇଛି
- ସେହି ଦେଶଗୁଡ଼ିକ ହେଲା ସିଙ୍ଗାପୁର, ରୱାଣ୍ଡା, ଚାଇନା, ଭାରତ, ସୋଲୋମୋନ ଆଇଲାଣ୍ଡ, ଭୁଟାନ, ବୋତୋସ୍ୱାନା, ଜର୍ଜିଆ, ଦକ୍ଷିଣ କୋରିଆ ଓ ଥାଇଲାଣ୍ଡ

ଜେନେଭା,୭।୮

ଗ୍ରୀସ୍‌ରେ ଜଙ୍ଗଲ ନିଆଁ ଭୟାବହ ରୂପ ଧାରଣ କରିଛି। ଚତୁର୍ଦ୍ଦିଗକୁ ବନାଗ୍ନି ବ୍ୟାପିବାରେ ଲାଗିଥିବାରୁ ହଜାର ହଜାର ପର୍ଯ୍ୟଟକ ଓ ବାସିନ୍ଦାଙ୍କୁ ରାଜଧାନୀ ଏଥେନ୍ସରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଖୁବ୍ ଜୋର୍‌ରେ ପବନ ବହିବା ସହ ଉଚ୍ଚ ତାପମାତ୍ରା ଯୋଗୁ ନିଆଁକୁ ଆୟତ୍ତ କରାଯାଇପାରୁ ନାହିଁ। ଏଥେନ୍ସ ଆକାଶରେ ଧୂଆଁ ଓ ପାଉଁଶର କଳା ଆସ୍ତରଣ ଜମିଯାଇଛି। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ବହୁ ଲୋକ ନିଜ ଘର ଛାଡ଼ି ଚାଲିଯାଇଛନ୍ତି। ୧୫୦ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ୬ଟି ସ୍ଥାନରେ ହାଇ ଆଲର୍ଟ ଜାରି କରାଯାଇଛି। ଏଭିଆ ଦ୍ୱୀପ ଏବଂ ଅଲିମ୍ପିକ୍ ଖେଳର ଉତ୍ପତ୍ତି ଘଟିଥିବା ଅଲିମ୍ପିଆକୁ ମଧ୍ୟ ନିଆଁ ମାଡ଼ିବସିଛି। ଚଳିତ ଗ୍ରୀଷ୍ମ ଋତୁରେ ୟୁରୋପର ଅନ୍ୟ ଭାଗଗୁଡ଼ିକ ଭଳି ଗ୍ରୀସ୍ ମଧ୍ୟ ଜଳବାୟୁ ପରିବର୍ତ୍ତନର ଭୟାବହ ବାସ୍ତବତାକୁ ସାମ୍ନା କରୁଛି ବୋଲି ପ୍ରଧାନମନ୍ତ୍ରୀ କିରିଆକୋସ୍ ମିତ୍ସୋଟାକିସ୍ ପ୍ରକାଶ କରିଛନ୍ତି। ୨୦ ୱାଟର-ବମ୍ବିଂ ଏୟାରକ୍ରାଫ୍ଟ ଜରିଆରେ ଅଗ୍ନିଶମ ବାହିନୀର ଶତାଧିକ କର୍ମଚାରୀ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏଥିରେ ଅଗ୍ନିଶମ ବାହିନୀର ଜଣେ ୩୮ ବର୍ଷୀୟ କର୍ମଚାରୀଙ୍କ ସମେତ ୨ ଜଣ ଦଗ୍ଧ ହୋଇଯାଇଛନ୍ତି। ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ଆମେରିକା, ବ୍ରିଟେନ ଓ ଫ୍ରାନ୍ସ ଭଳି ଦେଶ ଗ୍ରୀସ୍‌କୁ ସହାୟତାର ହାତ ବଢ଼ାଇଛନ୍ତି। ଗ୍ରୀସ୍‌ର ପଡ଼ୋଶୀ ଦେଶ ତୁର୍କୀରେ ମଧ୍ୟ ବନାଗ୍ନି ୮ ଜଣଙ୍କ ଜୀବନ ନେଇଛି। ଲକ୍ଷାଧିକ ଲୋକ ଦକ୍ଷିଣ ଉପକୂଳକୁ ସ୍ଥାନାନ୍ତରିତ ହୋଇଛନ୍ତି। ସେହିପରି ଆମେରିକାର କାଲିଫର୍ନିଆ ଜଙ୍ଗଲ ନିଆଁ ୨୫ ଦିନ ହେଲା ତାଣ୍ଡବ ରଚିଚାଲିଛି। କାଲିଫର୍ନିଆ ଇତିହାସରେ ଏହାକୁ ସବୁଠୁ ବଡ଼ ଅଗ୍ନିକାଣ୍ଡ ବୋଲି କୁହାଯାଉଛି। ଜଙ୍ଗଲର ନିଆଁ ସହରକୁ ବ୍ୟାପି ଶତାଧିକ କୋଠା ଓ ବହୁ ସମ୍ପତ୍ତି ଜଳିପୋଡ଼ି ଛାରଖାର ହୋଇଯାଇଛି। କାଲିଫର୍ନିଆ ରାଜଧାନୀ ସାକ୍ରାମେଣ୍ଟୋରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ଅତି ଅସ୍ୱସ୍ତିକର ସ୍ତରକୁ ଖସିଯାଇଛି। ଡିକ୍ସି ଫାୟାର ୧,୩୦୦ ବର୍ଗ କି.ମି. ଅଞ୍ଚଳକୁ ବ୍ୟାପି ଆମେରିକାର ପଶ୍ଚିମ ଭାଗରେ ନାହିଁ ନ ଥିବା ସ୍ଥିତି ସୃଷ୍ଟି କରିଛି।

### ସୋମବାର ଆସିବ ଆଇପିସିସି ରିପୋର୍ଟ

ଶିଳ୍ପ ଯୁଗ ଆରମ୍ଭ ହେବା ପରଠାରୁ ବିଶ୍ୱର ତାପମାତ୍ରା ୧.୨ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇଛି। ସରକାରମାନେ ଉତ୍ସର୍ଜନ ହ୍ରାସ ନ କଲେ ତାପମାତ୍ରା ଆହୁରି ବଢ଼ିବ ବୋଲି ଚେତାବନୀ ଦିଆଯାଇଛି। ଏଭଳି ସମୟରେ ବୈଜ୍ଞାନିକମାନେ ସୋମବାର ବିଶ୍ୱ ଜଳବାୟୁର ବ୍ୟାପକ ସ୍ୱାସ୍ଥ୍ୟ ଯାଞ୍ଚ ଉପରେ ରିପୋର୍ଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଏହି ଅବସରରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆନ୍ତଃ ସରକାରୀ ପ୍ୟାନେଲ (ଆଇପିସିସି) ପକ୍ଷରୁ ଷଷ୍ଠ ସମୀକ୍ଷା ରିପୋର୍ଟର ପ୍ରଥମ ଭାଗ ପ୍ରକାଶ ପାଇବ। ଏହାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଶ୍ୱ ଜଳବାୟୁ ସଂକ୍ରାନ୍ତ ସର୍ବାଧିକ ଗ୍ରହଣଯୋଗ୍ୟ ରିପୋର୍ଟ ବୋଲି କୁହାଯାଉଛି।

### ସାରା ବିଶ୍ୱରେ ହାହାକାର

ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା, ଭୂସ୍ଖଳନ ସାଙ୍ଗକୁ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଏବଂ ରାଜସ୍ଥାନ ସମେତ ଅନେକ ରାଜ୍ୟରେ ପ୍ରଳୟଙ୍କରୀ ବନ୍ୟା ଶତାଧିକ ଲୋକଙ୍କ ଜୀବନ ନେଇଛି। ବହୁ ଲୋକ ବାସହରା ହୋଇଯାଇଥିବାବେଳେ ଅନେକଙ୍କ ପତ୍ତା ମିଳୁନାହିଁ। ବଡ଼ ବଡ଼ କୋଠା ଧରାଶାୟୀ ହୋଇଯାଇଛି ଓ ବ୍ରିଜ୍‌ଗୁଡ଼ିକ ଜଳସ୍ରୋତରେ ଭାସିଯାଇଛି। ଏହି ବିପତ୍ତି ପାଇଁ ଦକ୍ଷିଣ-ପଶ୍ଚିମ ମୌସୁମୀ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦାୟୀ କରାଯାଉଛି। କେବଳ ଭାରତ ନୁହେଁ, ପଡ଼ୋଶୀ ନେପାଳ, ଚାଇନା, ପାକିସ୍ତାନ ଓ ବାଂଲାଦେଶ ସମେତ ଏସିଆର ଅନେକ ରାଷ୍ଟ୍ରରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ନିକଟରେ ଜର୍ମାନୀ, ବେଲ୍‌ଜିୟମ୍ ଓ ନେଦରଲାଣ୍ଡ୍‌ସ ଭଳି ୟୁରୋପୀୟ ଦେଶଗୁଡ଼ିକରେ ମଧ୍ୟ ଆସିଥିବା ଅଭୂତପୂର୍ବ ବନ୍ୟା ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଆମେରିକାରେ ରେକର୍ଡ ସୃଷ୍ଟିକାରୀ ଗ୍ରୀଷ୍ମ ପ୍ରବାହ, ସାଇବେରିଆ, ତୁର୍କୀ ଓ ଗ୍ରୀସ୍ ଜଙ୍ଗଲରେ ଘାତକ ନିଆଁ ସମସ୍ତଙ୍କୁ ଆତଙ୍କିତ କରିଛି। ଏହି ବିପର୍ଯ୍ୟୟ ପାଇଁ ବୈଜ୍ଞାନିକମାନେ ବିଶ୍ୱତାପନକୁ ଦାୟୀ କରିଛନ୍ତି।



## ଜନ୍‌ସନ୍‌ର ସିଙ୍ଗଲ୍ ଡୋଜ୍ ଟିକାକୁ ମଞ୍ଜୁରୀ




ନୂଆଦିଲ୍ଲୀ, ୭।୮(ଆଇଏଏନ୍‌ଏସ୍)

ଆମେରିକୀୟ କମ୍ପାନୀ ଜନ୍‌ସନ ଆଣ୍ଡ ଜନ୍‌ସନ୍‌ର ସିଙ୍ଗଲ୍ ଡୋଜ୍ କୋଭିଡ୍ ଟିକାକୁ ଭାରତରେ ଜରୁରୀ ବ୍ୟବହାର ଲାଗି ଶନିବାର ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହାକୁ ମିଶାଇ ଭାରତରେ ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ପାଇଥିବା ଟିକା ସଂଖ୍ୟା ୫ରେ ପହଞ୍ଚିଛି। ଅନ୍ୟ ୪ଟି ହେଲେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର କୋଭିଶିଲ୍ଡ, ଭାରତ ବାୟୋଟେକ୍‌ର କୋଭାକ୍ସିନ, ରୁଷିଆର ସ୍ପୁଟ୍‌ନିକ-ଭି ଏବଂ ମଡର୍ନା। ଜନ୍‌ସନ ଆଣ୍ଡ ଜନ୍‌ସନର ଟିକାକୁ ଅନୁମୋଦନ ଭାରତର କୋଭିଡ୍-୧୯ ବିରୋଧୀ ଲଢ଼େଇକୁ ଜୋର୍‌ଦାର କରିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନ୍‌ସୁଖଲାଲ୍ ମାଣ୍ଡବ୍ୟ ଟୁଇଟ୍ କରି ଜଣାଇଛନ୍ତି। କମ୍ପାନୀ ପକ୍ଷରୁ ଅଗଷ୍ଟ ୫ରେ ସିଙ୍ଗଲ୍ ଡୋଜ୍ ଟିକାକୁ ମଞ୍ଜୁରୀ ପାଇଁ ଆବେଦନ କରାଯାଇଥିଲା। ଗୁରୁତର କୋଭିଡ୍ ସଂକ୍ରମଣ ରୋକିବାରେ ଉକ୍ତ ଟିକା ୮୫ ପ୍ରତିଶତ ଫଳପ୍ରଦ ବୋଲି କ୍ଲିନିକାଲ ପରୀକ୍ଷାରୁ ପ୍ରମାଣିତ ହୋଇଥିଲା। ଡେଲ୍ଟା ଏବଂ କୋଭିଡ୍-୧୯ର ଅନ୍ୟ ଭାରିଆଣ୍ଟ ସଂକ୍ରମଣ ରୋକିବାରେ ମଧ୍ୟ ଏହା ସମର୍ଥ। ଫେବୃୟାରୀରେ ଆମେରିକା ଏଫ୍‌ଡିଏ କର୍ତ୍ତୃପକ୍ଷ ଜନ୍‌ସନ ଆଣ୍ଡ ଜନ୍‌ସନ ଟିକାକୁ ଜରୁରୀ ମଞ୍ଜୁରୀ ପ୍ରଦାନ କରିଥିଲା। ଜନ୍‌ସନ ଆଣ୍ଡ ଜନ୍‌ସନ ଟିକା ଭାରତ ଆଣିବା ପାଇଁ ସ୍ୱଦେଶୀ ଟିକା ଉତ୍ପାଦନକାରୀ କମ୍ପାନୀ ବାୟୋଲୋଜିକାଲ ଇ ଲିମିଟେଡ୍ ସହ ଯୋଗାଣ ରାଜିନାମା ହୋଇଛି। ଭାରତ ସରକାର ଟିକାକୁ ବ୍ୟବହାରିକ ମଞ୍ଜୁରୀ ପ୍ରଦାନ କରିଥିବାରୁ ଜନ୍‌ସନ୍ ଆଣ୍ଡ ଜନ୍‌ସନ ଇଣ୍ଡିଆ ମୁଖପାତ୍ର ଖୁସିବ୍ୟକ୍ତ କରିଛନ୍ତି। ଏହି ଟିକା ୧୮ ବର୍ଷ ଓ ତଦୂର୍ଦ୍ଧ୍ୱ ଲୋକଙ୍କୁ ଦିଆଯାଇପାରିବ। ଭାରତରେ ଶୁକ୍ରବାର ସୁଦ୍ଧା ୫୦ କୋଟିରୁ ଉର୍ଦ୍ଧ୍ୱ ଡୋଜ୍ ଟିକା ଦିଆଗଲାଣି। ଗତ ୨୪ ଘଣ୍ଟାରେ ପାଖାପାଖି ୫୦ ଲକ୍ଷ ଡୋଜ୍ ଦିଆଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି।

## ଉତ୍କଟ ଖାଦ୍ୟ ସଙ୍କଟରେ ୪୪ ଲକ୍ଷ ନାଇଜେରୀୟ

ଜାତିସଂଘ, ୭।୮(ଆଇଏଏନ୍‌ଏସ୍)



ଉତ୍ତରପୂର୍ବ ନାଇଜେରିଆରେ ଗୁରୁତର ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଛି। ସେଠାର ୪୪ ଲକ୍ଷ ଲୋକ ଖାଦ୍ୟାଭାବର ସମ୍ମୁଖୀନ ହୋଇଥିବା ଜାତିସଂଘ ମୁଖପାତ୍ର ଫାର୍‌ହାନ ହକ୍ କହିଛନ୍ତି। ସେମାନଙ୍କ ମଧ୍ୟରୁ ୭.୭୫ ଲକ୍ଷ ଖାଦ୍ୟ ଅସୁରକ୍ଷାଜନିତ ବିପଦର ସମ୍ମୁଖୀନ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ମୁଖପାତ୍ର ଜଣାଇଛନ୍ତି। ୪ ବର୍ଷ ମଧ୍ୟରେ ସେମାନେ ସବୁଠୁ ଖରାପ ସମୟ ଦେଇ ଗତି କରୁଛନ୍ତି। ଆତଙ୍କବାଦୀ ହିଂସା, କୋଭିଡ୍ ମହାମାରୀ ସାଙ୍ଗକୁ ଖାଦ୍ୟପଦାର୍ଥର ଅତ୍ୟଧିକ ଦର ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ନାଇଜେରିଆରେ ପଡ଼ିଛି। ବୋର୍ନୋ, ଆଡାମାୱା ଏବଂ ୟୋବେ ରାଜ୍ୟରେ ଲକ୍ଷ ଲକ୍ଷ ଲୋକ ମୁଠାଏ ଖାଦ୍ୟ ଯୋଗାଡ଼ କରିବା ଲାଗି ସଂଘର୍ଷ କରୁଥିବା ହକ୍ କହିଛନ୍ତି। ବର୍ଷାଭାବରୁ ଚଳିତ ବର୍ଷ କୃଷି ଉତ୍ପାଦନ ବାଧାପ୍ରାପ୍ତ ହୋଇଥିଲା। ସେପ୍ଟେମ୍ବରରେ ପୁଣି ଥରେ ଫସଲ ଅମଳ ହେବା ପର୍ଯ୍ୟନ୍ତ ଲୋକମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ୨୨ ଲକ୍ଷ ବିସ୍ଥାପିତଙ୍କ ସମେତ ନାଇଜେରିଆର ୮୭ ଲକ୍ଷ ଲୋକଙ୍କୁ ଜରୁରୀ ସହାୟତା ଆବଶ୍ୟକ ବୋଲି ଜାତିସଂଘ ମୁଖପାତ୍ର କହିଛନ୍ତି। ଅଧିକ ଖାଦ୍ୟାଭାବ ଅଞ୍ଚଳରେ ଖାଦ୍ୟଶସ୍ୟ ଆବଣ୍ଟନ ବଢ଼ାଇବା ଦିଗରେ ଜାତିସଂଘ ଏବଂ ମାନବୀୟ ସହାୟକ ସଂଗଠନଗୁଡ଼ିକ ସରକାର ଏବଂ ସ୍ଥାନୀୟ ପ୍ରଶାସନ ସହ କାର୍ଯ୍ୟ କରୁଛନ୍ତି। ତେବେ କେତେକ ଅଞ୍ଚଳରେ ହିଂସାକାଣ୍ଡ ଜାରି ରହିଥିବାରୁ ସହାୟତା ଯୋଗାଉଥିବା କର୍ମୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ତାଲିବାନ ଦଖଲରେ ଦ୍ୱିତୀୟ ପ୍ରାଦେଶିକ ରାଜଧାନୀ

### ଜରଞ୍ଜ ପରେ ଶେବେରଗାନ୍

କାବୁଲ, ୭।୮(ଆଇଏଏନ୍‌ଏସ୍)

ସପ୍ତାହେ ବ୍ୟାପୀ ସଂଘର୍ଷ ପରେ ତାଲିବାନ ଆତଙ୍କବାଦୀମାନେ ଶନିବାର ଆଫଗାନିସ୍ତାନର ଉତ୍ତର ଭାଗରେ ଅବସ୍ଥିତ ଜଜାନ୍ ପ୍ରଦେଶର ରାଜଧାନୀ ଶେବେରଗାନ୍‌କୁ ନିଜ ଦଖଲକୁ ନେଇଛନ୍ତି। ସୂତ୍ର ଅନୁଯାୟୀ ସୁରକ୍ଷା ବଳ କେବଳ ଖ୍ୱାଜା ଡାକୋ ଜିଲାର ପ୍ରାଦେଶିକ ବିମାନବନ୍ଦରରେ ସୀମିତ ରହିଛି। ଦୁଇ ଦିନ ମଧ୍ୟରେ ତାଲିବାନ ଦଖଲକୁ ଯିବାରେ ଶେବେରଗାନ୍ ଦ୍ୱିତୀୟ ପ୍ରାଦେଶିକ ରାଜଧାନୀ। ଶୁକ୍ରବାର ସେମାନେ ନିମ୍‌ରୁଜ୍ ପ୍ରଦେଶର ରାଜଧାନୀ ଜରଞ୍ଜ ସହରକୁ ଦଖଲ କରିଥିଲେ। ଆଫଗାନିସ୍ତାନରୁ ଆମେରିକା ଓ ନାଟୋ ସୈନ୍ୟ ପ୍ରତ୍ୟାହାର ଜାରି ରହିଥିବାବେଳେ ଆତଙ୍କବାଦୀମାନେ ଅନେକ ସୀମାନ୍ତ ଅଞ୍ଚଳକୁ କବ୍‌ଜା କରିସାରିଲେଣି। ଜଜାନ ପ୍ରଦେଶର ସୁରକ୍ଷା ସ୍ଥିତି ଉପରେ ସରକାର ଉପଯୁକ୍ତ ଧ୍ୟାନ ନ ଦେବାରୁ ଏହାର ରାଜଧାନୀ ଆତଙ୍କବାଦୀଙ୍କ କବଳକୁ ଗଲା ବୋଲି ସେଠାର ଏମ୍‌ପିମାନେ ଅଭିଯୋଗ କରିଛନ୍ତି।

ଗୁରୁବାରଠାରୁ ଶେବେରଗାନ୍‌ରେ ଆଫଗାନ ସୈନ୍ୟ ଏବଂ ତାଲିବାନ ଆତଙ୍କବାଦୀଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ଲାଗି ରହିଥିଲା। ଶୁକ୍ରବାର ତାଲିବାନ ପ୍ରାଦେଶିକ ରାଜ୍ୟପାଳଙ୍କ ବାସଭବନକୁ ଅକ୍ତିଆର କରିଥିଲେ ମଧ୍ୟ ସେନା ଏହାକୁ ସେମାନଙ୍କଠାରୁ ଫେରାଇ ଆଣିବାରେ ସକ୍ଷମ ହୋଇଥିଲା। ଏହା ପରେ ପୁଣିଥରେ ଆତଙ୍କବାଦୀମାନେ ଉକ୍ତ କମ୍ପାଉଣ୍ଡ ସମେତ ମ୍ୟୁନିସିପାଲିଟି ବିଲ୍ଡିଂକୁ ଦଖଲକୁ ନେଇଥିଲେ। ଶେବେରଗାନ୍ ତାଲିବାନ ଅକ୍ତିଆରକୁ ଯିବା ପରେ ଉକ୍ତ ରାଜ୍ୟରେ ୧୫ ଗଣମାଧ୍ୟମ ସଂସ୍ଥା, ଟିଭି ଷ୍ଟେଶନ ଏବଂ ରେଡିଓ ନେଟୱର୍କ ବନ୍ଦ ହୋଇଯାଇଛି। ଅନ୍ୟପକ୍ଷରେ ଆଫଗାନ ସେନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଜାରି ରହିଛି, ଖୁବ୍‌ଶୀଘ୍ର ରାଜଧାନୀ ସ୍ଥିତି ସ୍ୱାଭାବିକ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଶନିବାର ରାଷ୍ଟ୍ରପତି ଅଶ୍ରଫ୍ ଘନି ପୂର୍ବତନ ଉପରାଷ୍ଟ୍ରପତି ମାର୍ଶାଲ ଅବଦୁଲ ରଶିଦ୍ ଦୋସ୍ତୁମ୍‌ଙ୍କୁ ଭେଟି ଦେଶର ସୁରକ୍ଷା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଆଫଗାନ ସୈନ୍ୟବାହିନୀକୁ ସମସ୍ତ ସହଯୋଗ ଯୋଗାଇଦେବା ଲାଗି ଦୋସ୍ତୁମ୍ ପ୍ରତିଶ୍ରୁତି ଦେଇଥିଲେ। କମାଣ୍ଡର ଅଲି ସର୍‌ୱରଙ୍କ ନେତୃତ୍ୱରେ ଜୁନବିଶ୍‌ଙ୍କ ଅନୁଗତ ୧୫୦ ଜଣ ସଦସ୍ୟ ଶନିବାର ସକାଳେ ଶେବେରଗାନରେ ପହଞ୍ଚିଥିଲେ ବୋଲି ପୂର୍ବତନ ଉପରାଷ୍ଟ୍ରପତି ଦୋସ୍ତୁମ୍‌ଙ୍କ ସହଯୋଗୀ ସୟେଦ ଶାମସୁଦ୍ଦିନ୍ ସଦାତ୍ କହିଛନ୍ତି। ଜଜାନ୍‌ରେ ତାଲିବାନ ବିରୋଧୀ ଲଢ଼େଇରେ ପବ୍ଲିକ ଅପ୍‌ରାଇଜିଂ ଫୋର୍ସର ନେତୃତ୍ୱ ନେଇଥିଲେ ଦୋସ୍ତୁମ୍‌ଙ୍କ ପୁଅ ୟାର୍ ମହମ୍ମଦ ଦୋସ୍ତୁମ। ଏଥିସହିତ ସ୍ୱତନ୍ତ୍ର ବାହିନୀର କେତେଜଣ ସଦସ୍ୟ ମଧ୍ୟ ସଂଘର୍ଷରେ ସାମିଲ ହୋଇଥିଲେ।





ସ୍ୱର୍ଣ୍ଣ ପଦକ ସହ ନୀରଜ

# ଜିମ୍‌ରୁ ଜାଭେଲିନ

**ଜିମ୍ ଛାଡି ଜାଭେଲିନ ଥ୍ରୋ ଆରମ୍ଭ କରିଥିବା ନୀରଜ ଚୋପ୍ରା ଦିନେ ଭାରତ ପାଇଁ ଆଥ୍‌ଲେଟିକ୍ସରେ ପ୍ରଥମ ଅଲିମ୍ପିକ୍ସ ପଦକ ହାସଲ କରିବେ ବୋଲି କେହି ଭାବି ନ ଥିବେ। ଚଳିତ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ପ୍ରଥମଥର ଅଂଶଗ୍ରହଣ କରି ଜାଭେଲିନରେ ସ୍ୱର୍ଣ୍ଣ ପଦକ ହାସଲ କରି ନୀରଜ ଇତିହାସ ସୃଷ୍ଟି କରିଛନ୍ତି। ସେ ଟୋକିଓ ଫାଇନାଲରେ ୮୭.୫୮ ମିଟର ଜାଭେଲିନ ଥ୍ରୋ କରି ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ ମଧ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୮.୦୭ ମିଟର ରହିଛି। ପଦାର୍ପଣରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ତାଙ୍କର ଏହି ସଫଳତା ଭାରତୀୟ କ୍ରୀଡ଼ା ପାଇଁ ଏକ ଶୁଭ ସୂଚନା ବୋଲି ବିବେଚନା କରାଯାଉଛି।**




## ଜାଭେଲିନରେ ନାଟକୀୟ ପ୍ରବେଶ

ନୀରଜ ନାଟକୀୟ ଢଙ୍ଗରେ ସିନେମା ଷ୍ଟାଇଲ୍‌ରେ ଅଚାନକ ଜାଭେଲିନ ଥ୍ରୋରେ ପ୍ରବେଶ କରିଥିଲେ। ପ୍ରଥମେ ଜିମ୍ ଯାଇ ସୁନ୍ଦର ଶରୀର ଗଠନ ଉପରେ ସେ ଗୁରୁତ୍ୱ ଦେଉଥିଲେ। ତେବେ ସେ ଏହା ଛାଡି ଜାଭେଲିନ ଥ୍ରୋରେ ମନ ଦେଇଥିଲେ। ପାଖାପାଖି ୬ ଫୁଟ ଉଚ୍ଚତା ଓ ୮୬ କେ.ଜି. ଓଜନ ବିଶିଷ୍ଟ ନୀରଜ ନିଜର ଦୀର୍ଘ, ସୁନ୍ଦର ତଥା ଆକର୍ଷଣୀୟ ଚେହେରା ପାଇଁ ସମସ୍ତଙ୍କ ନିକଟରେ ପ୍ରିୟ ଥିଲେ। ତାଙ୍କର ହେୟାର ଷ୍ଟାଇଲ୍ ମଧ ଆକର୍ଷଣୀୟ ଥିଲା। ତେବେ ସେ ଆରମ୍ଭରୁ ଶାରୀରିକ ଭାବେ ସେତେଟା ଫିଟ୍ ନ ଥିଲେ ବୋଲି ତାଙ୍କ ଦାଦା ଭୀମ ଚୋପ୍ରା କହିଛନ୍ତି। ସେଥିପାଇଁ ସେ ଜିମ୍ ଯାଉଥିଲେ। ଜିମ୍ ପାଖରେ ହିଁ ଷ୍ଟାଡିୟମ ଥିଲା। ତେଣୁ ସେ ଏକାଧିକ ବାର ଷ୍ଟାଡିୟମକୁ ବୁଲି ଯାଉଥିଲେ। ଥରେ ଷ୍ଟାଡିୟମରେ କେତେକ ପିଲା ଜାଭେଲିନ ଥ୍ରୋ କରିବାର ସେ ଦେଖିଥିଲେ ଓ ସେଠାରେ ଯାଇ ଛିଡା ହୋଇଥିଲେ। ସେଠାରେ ଜଣେ କୋଚ୍ ତାଙ୍କୁ ଜାଭେଲିନ ପକାଇବାକୁ କହିଥିଲେ। 'ଦେଖିବା ତମେ କେତେଦୂର ଜାଭେଲିନ ପକାଉଛ' ବୋଲି କୋଚ୍ କହିଥିଲେ। ଏହାପରେ କୋଚ୍‌ଙ୍କ ଏହି ଚ୍ୟାଲେଞ୍ଜ ସ୍ୱୀକାର କରି ଜାଭେଲିନ ଥ୍ରୋ କରିଥିଲେ ଓ ଏହା ବହୁତ ଦୂରରେ ଯାଇ ପଡିଥିଲା। ଏହାପରଠାରୁ ଆରମ୍ଭ ହୋଇଥିଲା ଇତିହାସ ସୃଷ୍ଟି କରିବାର ପ୍ରକ୍ରିୟା। କୋଚ୍ ତାଙ୍କୁ ନିୟମିତ ଭାବେ ଟ୍ରେନିଂକୁ ଆସିବାକୁ କହିଥିଲେ। କିଛି ଦିନ ପାଇଁ ସେ ପାନିପଥରେ ଟ୍ରେନିଂ ନେଇଥିଲେ। ଏହାପରେ ସେ ପଞ୍ଚକୁଲା ଷ୍ଟାଡିୟମରେ ନିୟମିତ ଭାବେ ଅଭ୍ୟାସ କରିଥିଲେ ଓ ଆରମ୍ଭ ହୋଇଯାଇଥିଲା ଜୟଯାତ୍ରା। ଏହାପରଠାରୁ ନୀରଜ ଆଉ ପଛକୁ ଫେରି ଚାହିଁନାହାନ୍ତି।

ଏକ ରୋର୍ ମରାଠା କ୍ଷତ୍ରିୟ ପରିବାରରେ ଜନ୍ମଗ୍ରହଣ କରିଥିବା ନୀରଜ ଚଣ୍ଡିଗଡ଼ର ଡିଏଭି କଲେଜରେ ଶିକ୍ଷା ଗ୍ରହଣ କରିଥିଲେ। ୨୦୧୬ରେ ତାଙ୍କୁ ଭାରତୀୟ ସୈନ୍ୟବାହିନୀରେ ଜଣେ ଜୁନିୟର କମିସନ୍ଡ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିଲା। ସୈନ୍ୟବାହିନୀରେ ତାଙ୍କ ର୍ୟାଙ୍କ୍ ଥିଲା ନାଏକ ସୁବେଦାର। ନୀରଜ ଯେଉଁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ଚାମ୍ପିୟନ ହୋଇଛନ୍ତି। ତାଙ୍କ ସଫଳତା ହାର ପାଖାପାଖି ୧୦୦ ପ୍ରତିଶତ ବୋଲି କହିଲେ ଭୁଲ ହେବ ନାହିଁ।

## ସଂକ୍ଷେପରେ...

- ପୂରା ନାମ: ସୁବେଦାର ନୀରଜ ଚୋପ୍ରା
- ଜନ୍ମ: ୨୪ ଡିସେମ୍ବର ୧୯୯୭, ଖଣ୍ଡ୍ରା, ପାନିପଥ, ହରିୟାଣା
- ବୟସ: ୨୩
- ଶିକ୍ଷା: ଡିଏଭି କଲେଜ, ଚଣ୍ଡିଗଡ଼

**ମିଲିଟାରି କ୍ୟାରିୟର**

- ଆଲେଜିଆନ୍ସ: ଭାରତ
- ଚାକିରି: ଭାରତୀୟ ସୈନ୍ୟବାହିନୀ
- ର୍ୟାଙ୍କ: ସୁବେଦାର
- ଚାକିରି କାର୍ଯ୍ୟକାଳ: ୨୦୧୬ରୁ ଆରମ୍ଭ
- ପୁରସ୍କାର: ବିଶିଷ୍ଟ ସେବା ମେଡାଲ

**କ୍ରୀଡ଼ା**

- ଦେଶ: ଭାରତ
- ସ୍ପୋର୍ଟ: ଟ୍ରାକ୍ ଆଣ୍ଡ ଫିଲ୍ଡ
- ଇଭେଣ୍ଟ: ଜାଭେଲିନ ଥ୍ରୋ
- କୋଚ୍: ଉଏ ହୋନ

**ସଫଳତା**

- ବ୍ୟକ୍ତିଗତ ଶ୍ରେଷ୍ଠ: ୮୮.୦୭ ମିଟର

**ମେଡାଲ ରେକର୍ଡ**

- ଅଲିମ୍ପିକ୍ସ ଗେମ୍ସ: ୧ ସ୍ୱର୍ଣ୍ଣ (୨୦୨୧ ଟୋକିଓ)
- ଏସିଆନ ଗେମ୍ସ: ୧ ସ୍ୱର୍ଣ୍ଣ (୨୦୧୮ ଜାକର୍ତ୍ତା)
- ରାଜ୍ୟଗୋଷ୍ଠୀ କ୍ରୀଡ଼ା: ୧ ସ୍ୱର୍ଣ୍ଣ (୨୦୧୮ ଗୋଲ୍ଡ କୋଷ୍ଟ)
- ଏସିଆନ ଚାମ୍ପିୟନଶିପ: ୧ ସ୍ୱର୍ଣ୍ଣ (୨୦୧୭ ଭୁବନେଶ୍ୱର)
- ସାଉଥ ଏସିଆ ଗେମ୍ସ: ୧ ସ୍ୱର୍ଣ୍ଣ (୨୦୧୬ ଗୁଆହାଟୀ, ଶିଲଂ)
- ବିଶ୍ୱ ଜୁନିୟର ଚାମ୍ପିୟନଶିପ୍: ୧ ସ୍ୱର୍ଣ୍ଣ (୨୦୧୬ ବିଡଗୋସଜ)
- ଏସିଆନ ଜୁନିୟର ଚାମ୍ପିୟନଶିପ୍: ୧ ରୌପ୍ୟ (୨୦୧୬ ହୋଚିମିନ ସିଟି)

**ମୋଟ ପଦକ: ୬ ସ୍ୱର୍ଣ୍ଣ ଓ ୧ ରୌପ୍ୟ**

## ବିଶ୍ୱ ରେକର୍ଡ ସତ୍ତ୍ୱେ ଯାଇପାରି ନ ଥିଲେ ରିଓ

ବିଶ୍ୱ ରେକର୍ଡ ହାସଲ ସତ୍ତ୍ୱେ ସେ ୨୦୧୬ ରିଓ ଅଲିମ୍ପିକ୍ସରେ ଭାଗ ନେବାର ସୁଯୋଗ ପାଇ ନ ଥିଲେ। ୨୦୧୬ରେ ସେ ଜୁନିୟର ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଏହା ସତ୍ତ୍ୱେ ସେ ଅଲିମ୍ପିକ୍ସର ଗତ ସଂସ୍କରଣରେ ଭାଗ ନେଇପାରି ନ ଥିଲେ। ସେ ଏହି ବିଶ୍ୱ ରେକର୍ଡ ଜୁଲାଇ ୨୩ ତାରିଖରେ ସୃଷ୍ଟି କରିଥିଲେ। ଯେତେବେଳେ କି ରିଓ ଅଲିମ୍ପିକ୍ସର ଶେଷ ତାରିଖ ୨୩ ଜୁଲାଇ ଥିଲା। ସେତେବେଳେ ତାଙ୍କୁ ୧୮ ବର୍ଷ ହୋଇଥିଲା।

## ରେକର୍ଡ ପରେ ସେନାରେ ସୁବେଦାର

ଜୁନିୟର ବିଶ୍ୱ ରେକର୍ଡ ହାସଲ କରିବା ପରେ ସୈନ୍ୟବାହିନୀରେ ତାଙ୍କୁ ଜୁନିୟର କମିସନ୍ଡ ଅଫିସର ପଦରେ ନିଯୁକ୍ତି ମିଳିଥିଲା। ଫଳରେ ସେ ନାଏକ ସୁବେଦାର ପଦରେ ନିଯୁକ୍ତି ପାଇଥିଲେ। ଏହାପରେ ସେ ୨୦୧୮ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ୬ ଅନ୍ତର୍ଜାତୀୟ ପଦକ

ନୀରଜ ୬ଟି ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରି ପଦକ ହାସଲ କରିଛନ୍ତି। ସେ ୨୦୧୮ରେ ଜାକର୍ତ୍ତା ଏସିଆନ ଗେମ୍ସ ଓ ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୭ ଏସିଆନ ଆଥ୍‌ଲେଟିକ ଚାମ୍ପିୟନଶିପ୍, ୨୦୧୬ ସାଉଥ ଏସିଆନ ଗେମ୍ସ, ୨୦୧୬ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ସେ ୨୦୧୬ ଜୁନିୟର ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ।

## ରେକର୍ଡ ପାଖରେ ପହଞ୍ଚି ପାରିଲେନି ପ୍ରତିଦ୍ୱନ୍ଦ୍ୱୀ

ନୀରଜ ସ୍ୱର୍ଣ୍ଣ ଜିତିବ ପ୍ରଥମରୁ କହିଥିଲି ବୋଲି ତାଙ୍କ ଦାଦା ଭୀମ ଚୋପ୍ରା କହିଛନ୍ତି। ଫାଇନାଲ୍‌ରେ ୧୧ ଖେଳାଳି ଅଂଶଗ୍ରହଣ କରିଥିଲେ। ତେବେ ମୋ ପୁତୁରା ସମସ୍ତଙ୍କ ଉପରେ ଭାରି ପଡିଥିଲା। କେହି ଜଣେ ବି ପ୍ରତିଯୋଗୀ ନୀରଜଙ୍କ ୮୭.୫୮ ମିଟର ସ୍କୋର ନିକଟରେ ପହଞ୍ଚିପାରି ନ ଥିଲେ।

### ନୀରଜଙ୍କ ପ୍ରଦର୍ଶନ

| ରାଉଣ୍ଡ | ଫଳାଫଳ |
|---|---|
| ୧ | ୮୭.୦୩ |
| ୨ | ୮୭.୫୮ |
| ୩ | ୭୬.୭୯ |
| ୪ | X |
| ୫ | X |
| ୬ | ୮୪.୨୪ |

### ପୁରୁଷ ଜାଭେଲିନ ଥ୍ରୋ ଫାଇନାଲ ଷ୍ଟାଣ୍ଡିଂ

| ର୍ୟାଙ୍କ୍ | ନାମ | ଦେଶ | ଶ୍ରେଷ୍ଠ ଥ୍ରୋ |
|---|---|---|---|
| ୧ | ନୀରଜ ଚୋପ୍ରା | ଭାରତ | ୮୭.୫୮ |
| ୨ | ଜାକୁବ ଭାଡଲେଜ | ଚେକ୍ ରିପବ୍ଲିକ | ୮୬.୬୭ |
| ୩ | ଭିଟେସ୍ଲାଭ ଭେସେଲି | ଚେକ୍ ରିପବ୍ଲିକ | ୮୫.୪୪ |
| ୪ | ଜୁଲିଆନ ୱେବର | ଜର୍ମାନୀ | ୮୫.୩୦ |
| ୫ | ଅର୍ଶଦ ନଦୀମ | ପାକିସ୍ତାନ | ୮୪.୬୨ |
| ୬ | ଅଲିଆକସେଇ କାଟକାଭେଟ୍ସ | ବେଲାରୁଷ | ୮୩.୭୧ |
| ୭ | ଆଣ୍ଡ୍ରିଆନ ମାର୍ଡାରେ | ମୋଲଡୋଭା | ୮୩.୩୦ |
| ୮ | ଲାସି ଇଟେଲାଟାଲୋ | ଫିନ୍‌ଲାଣ୍ଡ | ୮୩.୨୮ |
| ୯ | ଜୋହାନେସ ଭେଟେର | ଜର୍ମାନୀ | ୮୨.୫୨ |
| ୧୦ | ପାଭେଲ ମିଆଲେସ୍କା | ବେଲାରୁଷ | ୮୨.୨୮ |
| ୧୧ | କିମ୍ ଏଏମ୍ବି | ସୁଇଡେନ | ୭୯.୬୯ |
| ୧୨ | ମିହାଇଟା ନୋଭାକ | ରୋମାନିଆ | ୭୯.୨୯ |

## ନାତି ମୋ ମୁଣ୍ଡ ଉଚ୍ଚା କରିଦେଲା: ଜେଜେ

ନୀରଜଙ୍କ ଜେଜେ ଧର୍ମ ସିଂ ପରିବାର ସହିତ ଅଲିମ୍ପିକ୍ସ ଜାଭେଲିନ ଥ୍ରୋ ଇଭେଣ୍ଟ ଦେଖିଥିଲେ। ନାତି ମୋର କଠିନ ପରିଶ୍ରମ କରିଥିଲା। ଅଲିମ୍ପିକ୍ସ ଖେଳିବାକୁ ଯାଇ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ସେ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି। ଗର୍ବରେ ମୋ ମୁଣ୍ଡ ଉଚ୍ଚା ହୋଇଛି ବୋଲି ସେ କହିଛନ୍ତି।

## ବର୍ଷେ ହେଲା ଫୋନ ବନ୍ଦ

ଅଲିମ୍ପିକ୍ସ ପଦକ ହାସଲ କରିବାକୁ ନୀରଜ ପ୍ରାଣପଣେ ଚେଷ୍ଟା କରିବା ସହ କଠିନ ପରିଶ୍ରମ କରିଛନ୍ତି। ଦୀର୍ଘ ଗୋଟିଏ ବର୍ଷ ହେବ ତା'ର ଫୋନ ବନ୍ଦ ରହିଛି ବୋଲି ଦାଦା ଭୀମ ଚୋପ୍ରା କହିଛନ୍ତି। ୧୫ ଦିନ ତଳେ ତା ସହିତ ଭିଡିଓ କଲ୍ କରି କଥା ହୋଇଥିଲି। ତେବେ ଏହା ତା'ର ମ୍ୟାନେଜର ଫୋନ୍ ମାଧ୍ୟମରେ କଥା ହୋଇଥିଲୁ। ଏହାପରଠାରୁ କଥା ହୋଇନାହୁଁ। କଠିନ ପରିଶ୍ରମର ଫଳ ସେ ଶେଷରେ ପାଇଛି। ଏଥିପାଇଁ ଭଗବାନଙ୍କୁ କୃତଜ୍ଞତା ଜଣାଉଛୁ ବୋଲି ଭୀମ କହିଛନ୍ତି।


ନୀରଜଙ୍କ ଜନ୍ମମାଟି ହରିୟାଣା ପାନିପଥର ଖଣ୍ଡରା ଗ୍ରାମରେ ବିଜୟ ମହୋତ୍ସବ।

# 'ଏ ଗୋଲ୍‌ଡେନ ଥ୍ରୋ'

ଭୁବନେଶ୍ୱର,୭।୮ (ବ୍ୟୁରୋ)

ଟୋକିଓ ଅଲିମ୍ପିକ୍ସରେ ଭାରତର ନୀରଜ ଚୋପ୍ରା ଜାଭେଲିନ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ପ୍ରଥମ ଥର ଲାଗି ଆଥ୍‌ଲେଟିକ୍ସରେ ସ୍ୱର୍ଣ୍ଣ ଜିତି ପ୍ରଥମ ଭାରତୀୟ ଭାବେ ସେ ଏହି ଗୌରବ ଅର୍ଜନ କରିଛନ୍ତି। ଦେଶର ବିଭିନ୍ନ ଭାଗରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିଛି। ସମଗ୍ର ଦେଶ ତାଙ୍କ ଲାଗି ଗୌରବାନ୍ୱିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀରଜଙ୍କୁ ଅଭିନନ୍ଦନ ଜଣାଇବା ସହ 'ଏ ଗୋଲ୍‌ଡେନ ଥ୍ରୋ' ବୋଲି ଟୁଇଟ୍ କରିଛନ୍ତି। ଟୋକିଓ ଅଲିମ୍ପିକ୍ସ-୨୦୨୦ ଜାଭେଲିନ ଥ୍ରୋରେ ଇତିହାସ ରଚି ଭାରତ ପାଇଁ ପ୍ରଥମ ଥର ଲାଗି ଆଥ୍‌ଲେଟିକ୍ସରେ ସ୍ୱର୍ଣ୍ଣ ଜିତିଛନ୍ତି। ଦେଶ ଆପଣଙ୍କ ପାଇଁ ଗର୍ବିତ। ଏହି ପଦକ ଜିତି ଆପଣ ଭାରତକୁ ଅଲିମ୍ପିକ୍ସରେ ଏହାର ମେଡାଲ ତାଲିକାର ସର୍ବୋଚ୍ଚ ସ୍ଥାନକୁ ନେଇଛନ୍ତି। ଆଗାମୀ ପିଢ଼ିକୁ ଏହା ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୀରଜ ୨୦୧୭ରେ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କୁ ପଦକ ପ୍ରଦାନ କରିଥିଲେ। ପଦକ ପାଇଥିବା ଫଟୋକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିଜ ଟୁଇଟର ଆକାଉଣ୍ଟରେ ପୋଷ୍ଟ କରିଛନ୍ତି।

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ପକ୍ଷରୁ ଟୁଇଟ୍ କରି କୁହାଯାଇଛି ଯେ ନୀରଜ ଚୋପ୍ରା ୮୭.୫୮ ମିଟର ଜାଭେଲିନ ପକାଇ ଟୋକିଓ ଅଲିମ୍ପିକ୍ସରେ ଇତିହାସ ସୃଷ୍ଟି କରିଛନ୍ତି। ଆଥ୍‌ଲେଟିକ୍ସରେ ସେ ପ୍ରଥମ ସ୍ୱର୍ଣ୍ଣ ଆଣିବାରେ ସଫଳ ହୋଇଛନ୍ତି। ଏଥିପାଇଁ ଓଡ଼ିଶା ଗର୍ବିତ। ନୀରଜ ଓ ତାଙ୍କ ଟିମ୍ କଳିଙ୍ଗ ଷ୍ଟାଡିୟମରେ ଏକ ପ୍ରିପାରେଟୋରି କ୍ୟାମ୍ପ ପକାଇଥିଲେ। ଏହାର ପ୍ରାୟୋଜକ ହୋଇଥିବାରୁ ଓଡ଼ିଶା ଗର୍ବିତ।

କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହୋଇଥିବା ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ନୀରଜ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସମୟରେ ୨ମାସରୁ ଅଧିକ ସମୟ ଧରି ସେ ଓଡ଼ିଶାରେ ରହିଥିଲେ। କଳିଙ୍ଗ ଷ୍ଟାଡିୟମରେ ନିଜର ଲଗାତର ଅଭ୍ୟାସ ଜାରି ରଖିଥିଲେ। ଏଠାରେ ଅଭ୍ୟାସ ତାଙ୍କୁ ବହୁତ ଭଲ ଲାଗିଥିଲା ବୋଲି ସେ କହିଥିଲେ। ଅଭ୍ୟାସ ସମୟରେ କଳିଙ୍ଗ ଷ୍ଟାଡିୟମର ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ଏବଂ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନକୁ ମଧ୍ୟ ସେ ପ୍ରଶଂସା କରିଥିଲେ। ଏପରିକି ସେ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ କଳିଙ୍ଗ ଷ୍ଟାଡିୟମକୁ ପ୍ରିୟ ଅଭ୍ୟାସ ଗ୍ରାଉଣ୍ଡ ଭାବେ ବାଛିଥିଲେ।

ଟୋକିଓ ଅଲିମ୍ପିକ୍ସରେ ଭାଗ ନେବା ପୂର୍ବରୁ ନୀରଜ ପଞ୍ଜାବର ପଟିଆଲାସ୍ଥିତ ନେତାଜୀ ସୁଭାଷ ବୋଷ ଟ୍ରେନିଂ କ୍ୟାମ୍ପରେ ପ୍ରଶିକ୍ଷଣ ପାଇଁ ପହଞ୍ଚିଥିଲେ। ସେଠାକାର ଜଳବାୟୁ ନୀରଜଙ୍କ ସ୍ୱାସ୍ଥ୍ୟକୁ ବିଗାଡ଼ି ଦେଇଥିଲା। ପ୍ରଚୁର ଥଣ୍ଡା ଯୋଗୁ ପ୍ରଶିକ୍ଷଣ ନେବା ସମ୍ଭବପର ହେଉ ନ ଥିଲା। ସେହି ଜାଭେଲିନ ଖେଳାଳି ପରବର୍ତ୍ତୀ ସମୟରେ ଓଡ଼ିଶା ଆସିବାକୁ ଚାହିଁଥିଲେ। ଶେଷରେ ସାଥି ଖେଳାଳି ଶିବପାଲ ସିଂ, ଅନୁ ରାଣୀ, ରୋହିତ ଯାଦବଙ୍କ ସହ ସେ

### ୨୦୧୭ ଏସିଆନ ଚାମ୍ପିୟନଶିପ୍‌ରେ ପାଇଥିଲେ ସ୍ୱର୍ଣ୍ଣ

୨୦୨୦ ଡିସେମ୍ବରରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ପହଞ୍ଚିଥିଲେ।

ଟୋକିଓ ଅଲିମ୍ପିକ୍ସ ପାଇଁ କଳିଙ୍ଗ ଷ୍ଟାଡିୟମ ଶେଷରେ ଜାଭେଲିନ କସରତର ଶେଷ ପ୍ରୟୋଗଶାଳା ପାଲଟିଥିଲା। ଏହିଠାରୁ ନୀରଜ ରଣନୀତି ପ୍ରସ୍ତୁତ କରିଥିଲେ। ଓଡ଼ିଶାର ଜଳବାୟୁ ତାଙ୍କୁ ପ୍ରଶିକ୍ଷଣ ପାଇଁ ଆହୁରି ସକ୍ଷମ କରିଥିବା ସେ କହିଥିଲେ। ଶେଷରେ କଳିଙ୍ଗ ଷ୍ଟାଡିୟମର ରଣଭୂମିରୁ ଟୋକିଓ ରଣାଙ୍ଗନକୁ ଯାଇଥିବା ନୀରଜ ଚୋପ୍ରା ସ୍ୱର୍ଣ୍ଣିମ ଇତିହାସରେ ଦସ୍ତଖତ କରି ଭାରତକୁ ସୁନା ଭେଟି ଦେଇଛନ୍ତି।



୨୦୧୭ ଏସିଆନ୍ ଆଥଲେଟିକ୍ ଚାମ୍ପିୟନଶିପ୍‌ର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଭେଲିନ୍ ତାରକା ନୀରଜ ଚୋପ୍ରାଙ୍କୁ ପୁରସ୍କୃତ କରିବାର ଏକ ମୁହୂର୍ତ୍ତ। ନିକଟରେ ଉପସ୍ଥିତ ଅଛନ୍ତି ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ଆଡିଲ୍ ସୁମାରିୱାଲା, ତତ୍କାଳୀନ କ୍ରୀଡ଼ା ସଚିବ ବିଶାଳ ଦେବ ଓ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ।

# ଅଲିମ୍ପିକ୍ସ ପାଇଁ କଳିଙ୍ଗରେ ନେଇଥିଲେ ଟ୍ରେନିଂ

ଭୁବନେଶ୍ୱର, ୭।୮ (କ୍ରୀଡ଼ା ପ୍ରତିନିଧି)

ଟୋକିଓ ଅଲିମ୍ପିକ୍ସର ପୁରୁଷ ଜାଭେଲିନ ଥ୍ରୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଭାରତକୁ ଗର୍ବିତ କରିଛନ୍ତି ତାରକା ଆଥଲେଟ୍ ନୀରଜ ଚୋପ୍ରା। ଅଲିମ୍ପିକ୍ସ ଶେଷ ହେବାରୁ ଗୋଟିଏ ଦିନ ପୂର୍ବରୁ ସ୍ୱର୍ଣ୍ଣିମ ସଫଳତା ପାଇ ନିଜ କ୍ୟାରିୟରକୁ ତୁଙ୍ଗିମନ୍ତ କରିଥିବା ନୀରଜଙ୍କର ଓଡ଼ିଶା ଲିଙ୍କ୍ ରହିଛି। ୨୦୧୭ ଜୁଲାଇ ୬ରୁ ୯ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଭାଗନେଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ ନୀରଜ। ଫାଉଲରୁ ଅଭିଯାନ ଆରମ୍ଭ କରିଥିବା ନୀରଜ ପରବର୍ତ୍ତୀ ୫ ଉଦ୍ୟମରେ ଯଥାକ୍ରମେ ୭୮.୫୯, ୭୮.୫୪, ୮୩.୦୬, ୮୦.୯୯ ଓ ୮୫.୨୩ ମିଟର ଜାଭେଲିନ ପକାଇଥିଲେ। ୬ଷ୍ଠ ଉଦ୍ୟମରେ ୮୫.୨୩ ମିଟର ଥ୍ରୋ ହିଁ ତାଙ୍କୁ ସ୍ୱର୍ଣ୍ଣିମ ସଫଳତା ଦେଇଥିଲା। ଆଥଲେଟିକ୍ ଚାମ୍ପିୟନଶିପ୍ ପ୍ରକୃତରେ ରାଞ୍ଚିରେ ଆୟୋଜନ ହେବାର ଥିଲା। ମାତ୍ର ଝାଡ଼ଖଣ୍ଡ ସରକାର ଅସାମର୍ଥତା ପ୍ରକାଶ କରିବାପରେ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରାଯାଇଥିଲା। ମାତ୍ର ୯୦ ଦିନର ଚ୍ୟାଲେଞ୍ଜକୁ ଗ୍ରହଣ କରି ଓଡ଼ିଶା ସଫଳତାର ସହ ଏହି ପ୍ରତିଯୋଗିତା ଆୟୋଜନ କରି ସଫଳତା ସାଉଁଟିଥିଲା। ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିବା ନୀରଜଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ।

ଟୋକିଓ ଅଲିମ୍ପିକ୍ସ ପାଇଁ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ ନେଇଥିଲେ ନୀରଜ। ୨୦୨୦ ଡିସେମ୍ବର ୪ରୁ ୨୦୨୧ ଫେବୃୟାରୀ ୧୪ ପର୍ଯ୍ୟନ୍ତ ଏହି କ୍ୟାମ୍ପ ଚାଲିଥିଲା। କରୋନା କଟକଣା ମଧ୍ୟରେ ଅନୁଷ୍ଠିତ କ୍ୟାମ୍ପରେ ନୀରଜଙ୍କ ସମେତ ୫ ଆଥଲେଟ୍ ଏବଂ ୫ ସପୋର୍ଟ ଷ୍ଟାଫ୍ ଭାଗ ନେଇଥିଲେ। ଜର୍ମାନୀ କୋଚ୍ ଉଇ ହୋନ ଏବଂ ଡ. କାଲୋସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟ୍ରେନିଂ ନେଇ ନିଜ ପ୍ରଦର୍ଶନକୁ ଶାଣିତ କରିଥିଲେ ଏହି ତାରକା ଆଥଲେଟ୍। ତେଣୁ ନୀରଜଙ୍କ ସଫଳତା ପଛରେ ଓଡ଼ିଶା ସରକାରଙ୍କ ଅବଦାନକୁ ମନେ ପକାଇ କୋଚ୍ ଉଇ ହୋନ ଟୁଇଟ୍ କରିଥିବା କ୍ରୀଡ଼ା ବିଭାଗର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି।

### ନୀରଜଙ୍କ ଓଡ଼ିଶା ଲିଙ୍କ୍

**ଆଜିର ମନ୍ତବ୍ୟ**

" ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆଗାମୀ ୩ ବର୍ଷ ମଧ୍ୟରେ ସାରା ଦେଶରେ ଆମେରିକା ମାନର ରାଜପଥ ଉପଲବ୍ଧ ହେବା ଆଶା କରାଯାଉଛି। **-ନୀତିନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରିଙ୍କି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜ୍ରପାତରେ ୮ ମୃତ, ୭ ଗୁରୁତର

ବାଲେଶ୍ୱର ଅଫିସ/ ବସ୍ତା/ ରୂପ୍ସା/ ଜଳେଶ୍ୱର/ସୋର/ ବାସୁଦେବପୁର/ **ଖୁଣ୍ଟା, ୭।୮(ଡି.ଏନ.ଏ.)**

ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାରେ ଶନିବାର ବଜ୍ରପାତ ଘଟି ୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ଜଣ ଗୁରୁତର ହୋଇଛନ୍ତି। ବାଲେଶ୍ୱର ଜିଲାରେ ୬, ଭଦ୍ରକରେ ଜଣେ ଓ ମୟୂରଭଞ୍ଜରେ ଜଣଙ୍କର ମୃତ୍ୟୁ ହୋଇଛି। ଗୁରୁତର ହୋଇଥିବା ବାଲେଶ୍ୱରର ୭ଜଣଙ୍କୁ ଚିକିତ୍ସା ଲାଗି ବସ୍ତା ଓ ଜଳେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସିଂଲା ଥାନା ଶାସନ ଓ ବସ୍ତା ଥାନା ମଥାନୀ ଅଞ୍ଚଳରେ ବିଲରୁଆ କାମ ଚାଲିଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ୨ଜଣ ମହିଳା ଶ୍ରମିକ ପ୍ରାଣ ହରାଇଥିଲେ। ମୃତକଦ୍ୱୟ ହେଲେ ବସ୍ତା ଥାନା ତଳତାପଣ୍ଡା ଗ୍ରାମର ପାନ ମାଝି ଓ ମୟୂରଭଞ୍ଜ ମୁରୁଡ଼ା ଥାନା ବ୍ରାହ୍ମଣମରା ଗ୍ରାମର ଛବି କାଳନ୍ଦୀ। ସଙ୍ଗେସଙ୍ଗେ ଏମାନଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ବଜ୍ରପାତରେ ଅନ୍ୟ ୩ ଜଣ ମହିଳା ଶ୍ରମିକ ସାବିତ୍ରୀ କିସ୍କୁ, ଗୁରୁବାରୀ କାଳନ୍ଦୀ ଓ ବର୍ଷା କାଳନ୍ଦୀ ଅସୁସ୍ଥ ହୋଇ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ବରଡ଼ିଆ ପଞ୍ଚାୟତର କୁସୁମାସାହି ଗାଁ ବାଦଲ ସିଂଙ୍କ ସ୍ତ୍ରୀ ପୂର୍ଣ୍ଣିମା ସିଂ ଅନ୍ୟ ୧୬ଜଣଙ୍କ ସହିତ ବାଘାବାଳୀ ଗ୍ରାମର ଏକ ବିଲରେ ଚାଷକାମ କରୁଥିଲେ। ବଜ୍ରପାତ ହେବାରୁ ସେ ଘଟଣାସ୍ଥଳରେ ପଡ଼ିଯାଇଥିଲା। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିକେ ଭଟ୍ଟର ହସ୍‌ପିଟାଲକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ସାଥିରେ ଥିବା କନ୍ଦଡ଼ା ଗ୍ରାମର ପରମେଶ୍ୱର ମହନ୍ତଙ୍କ ସ୍ତ୍ରୀ ସାବିତ୍ର ମହନ୍ତ ଏବଂ କୁସୁମସାହି ଗାଁର ସୁବଳ ସିଂଙ୍କ ସ୍ତ୍ରୀ ଗୀତା ସିଂ ଗୁରୁତର ହୋଇ ଉକ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଜଳେଶ୍ୱର ଥାନା ଗୋବରଘଟା ପଞ୍ଚାୟତ ଅଧୀନ କୃଷ୍ଣନଗର ଗାଁର ମଙ୍ଗଲ ଟୁଡୁଙ୍କ ନାବାଳକ ପୁଅ ଗଜେନ୍ଦ୍ର (୧୨) ଏବଂ ସେହି ଗାଁର ମଙ୍ଗଲ ମାରାଣ୍ଡିଙ୍କ ନାବାଳକ ପୁଅ ପଦନ (୧୨) ବିଲକୁ ଗାଈ ଜଗିବାକୁ ଯାଇଥିବା ବେଳେ ମେଘ ଦେଖି ନିକଟସ୍ଥ ଏକ ଇଟାଭାଟିର ଚିମିନୀ ନିକଟରେ ଅଟକି ଯାଇଥିଲେ। ସେହି ସମୟରେ ବଜ୍ରପାତ ହୋଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିକେ ଭଟ୍ଟର ହସ୍ପିଟାଲକୁ ଆଣିଥିଲେ। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ସେହିପରି ଜଳେଶ୍ୱର ଥାନା ଗୋପ ଗାଁର ମା' ଗୁରୁବାରୀ ସିଂ ଓ ପୁଅ ଅଭିମନ୍ୟୁ ବିଲରେ କାମ ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ପାଖ ଲୋକେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜିକେ ଭଟ୍ଟର ହସ୍ପିଟାଲକୁ ଆଣିଥିଲେ। ସେମାନେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ସୋର ବ୍ଲକ ବାସୁଦେବପୁର ଥାନା ଅଧୀନ ପଡୁଆଁ ଗ୍ରାମରେ ବଜ୍ରପାତ ହୋଇ ଅଣାକାର ମଲ୍ଲିକ(୪୨) ନାମକ ଚାଷୀଙ୍କ ମୃତ୍ୟୁ ହୋଇଛି। ଭଦ୍ରକ ଜିଲାର ମୃତକ ହେଲେ ବାସୁଦେବପୁର ପୌରପାଳିକା ଅଧୀନ ରାଧାନାଥପୁର ଆଡ଼ିଆ ଗ୍ରାମର ଚାଷୀ ପୂର୍ଣ୍ଣଚନ୍ଦ୍ର ସାହୁ(୫୬)। ସେ ଅପରାହ୍ନରେ ପରିବାର ସଦସ୍ୟଙ୍କ ସହ ବିଲରେ ଚାଷ କରୁଥିବା ବେଳେ ବଜ୍ରପାତରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ତାଳକୁଣ୍ଡା ଗ୍ରାମର ଚାଷୀ ଜୟଦେବ ମହାନ୍ତଙ୍କ ମୃତ୍ୟୁ ଘଟିଛି। ସେ ଚାଷଜମିରୁ କାମ ସାରି ମଧ୍ୟାହ୍ନରେ ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ ବଜ୍ରାପାତ ହେବାରୁ ସେ ରାସ୍ତାରେ ଟଳି ପଡ଼ିଥିଲେ। ଲୋକେ ତାଙ୍କୁ ଢୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନାରେ ଅପମୃତ୍ୟୁ ମାମଲା (ନଂ.୩୯/୨୧) ରୁଜୁ ହୋଇଛି।

# କୋରାପୁଟରୁ କର୍ଣ୍ଣାଟକ ଗଲା ୩୧୮ କୁଇଣ୍ଟାଲ କଫି



ଜିଲାପାଳ ଅବଦାଲ ମହମ୍ମଦ ଅଖତାର ପତକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**କୋରାପୁଟ, ୭।୮(ସ୍ୱ.ପ୍ର.)**

କୋରାପୁଟର ଉତ୍ପାଦିତ ୩୧୮ କୁଇଣ୍ଟାଲ କଫିକୁ ଶନିବାର ଦୁଇଟି ଟ୍ରକରେ କର୍ଣ୍ଣାଟକ ପଠାଯାଇଛି । ଏହାକୁ ଜିଲାପାଳ ଅବଦାଲ ମହମ୍ମଦ ଅଖତାର ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସମୟରେ କୋରାପୁଟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର କୁମାର ନାୟକ, କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କାରୁ ସୋରେନ, ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ, ଟିଡିସିସିର ଶାଖା ପରିଚାଳକ ସୁରେଶ ଚନ୍ଦ୍ର ମଲ୍ଲିକ ଓ ମାର୍କେଟିଂ ଅଧିକାରୀ ଆଶୁତୋଷ ନନ୍ଦ, କାପକୋ ଅଧ୍ୟକ୍ଷା ସାବିତ୍ରୀ ନାୟକ,କାର୍ଯ୍ୟନିର୍ବାହୀ ଅଧିକାରୀ ତପନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଟାଟା କମ୍ପାନୀ ସହିତ କୋରାପୁଟ କଫିକୁ ସଂଯୋଗ କରାଯାଇପାରିଥିବା ଆଦିବାସୀ ଉନ୍ନୟନ ସମବାୟ ନିଗମ ଶାଖା ପରିଚାଳକ ସୁରେଶ ଚନ୍ଦ୍ର ମଲ୍ଲିକ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ପାରିବାରିକ ସମସ୍ୟାର ସମାଧାନ ଘଟିବ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତମାନର ସଫଳତା ହାସଲ କରିବେ । ଆକସ୍ମିକ ଭାବରେ ଆଜି ଭ୍ରମଣ ସୁଯୋଗ ଜୁଟିବା ସହ ନୂତନ ବନ୍ଧୁତା ସୃଷ୍ଟି ହେବ। ଆର୍ଥିକ ସ୍ଥିତି ମନ୍ଦ ନ ଥିଲେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ଯଥେଷ୍ଟ ନ ହୋଇପାରେ।

**ବୃଷ**



ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହୁଥିବାରୁ ମାନସିକ ସ୍ଥିତି ବିଶେଷ ଭଲ ରହିନପାରେ। ବନ୍ଧୁଙ୍କ ମଧ୍ୟସ୍ଥତାରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିବାଦୀୟ ବ୍ୟକ୍ତି ସାହାଯ୍ୟ କରିବେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**ମିଥୁନ**



ଆଜି ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କିନ୍ତୁ ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଚୁପ୍‌ଚାପ୍ କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରିବେ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**କର୍କଟ**



ସକାଳୁ ସକାଳୁ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମନ ଭଲ ରହିବ ନାହିଁ। କୌଣସି ବ୍ୟକ୍ତି ଈର୍ଷା ପରାୟଣ ହୋଇ ପାରିବାରିକ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସନ୍ତୋଷଜନକ ରହିବ।

**ସିଂହ**



ଉପରିସ୍ଥଙ୍କ ଆଦେଶାନୁସାରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ବନ୍ଧୁମାନେ ଯୋଜନା କରିବେ। ଆଜିର ଲକ୍ଷ୍ୟହୀନ ଯାତ୍ରାରୁ ନିବୃତ୍ତ ରହିଲେ ଭଲ।

**କନ୍ୟା**



କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପରିବାରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଗତକାଲି ରାତିରେ ଅନିଦ୍ରା ହେତୁ ଆଜି ଜ୍ୱର ଓ ଦେହପୀଡ଼ା ଦେଖାଦେଇପାରେ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି ଚଳିଲେ କେତେକାଂଶରେ ଉପକୃତ ହେବେ।

**ତୁଳା**



ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କ ସହ ମିତ୍ର ବନ୍ଧନରେ ଆବଦ୍ଧ ହୋଇପାରନ୍ତି। କଚେରି ମାମଲା ମନ୍ଥର ହୋଇପାରେ। କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସଂପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ।

**ବିଛା**



ଦୀର୍ଘଦିନରୁ ଦେହରେ ବସା ବାନ୍ଧିଥିବା ପୁରାତନ ରୋଗ ପୀଡ଼ା ଅନୁଭବ ହୋଇପାରେ। ଉଚ୍ଚବର୍ଗଙ୍କ ସହାୟତା ପାଇ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ଲେଖାପଢ଼ା, ପ୍ରେସ୍, ପବ୍ଲିକେଶନ, ରାଜନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ।

**ଧନୁ**



କର୍ମକ୍ଷେତ୍ରରେ ଫାଇଲ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଅଭାବ ନ ଥିଲେ କ'ଣ ହେଲା କୌଣସି କାମ ଅଟକି ରହିବ ନାହିଁ। ବନ୍ଧୁମାନଙ୍କ ଗହଣରେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**ମକର**



କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ପାଖ, ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ସାଂଗଠନିକ ସ୍ତରରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ୟକ୍ତିଙ୍କ ସାହାଯ୍ୟରୁ ସ୍ଥଗିତ କାମଟିକୁ ପୁନଃ ଆରମ୍ଭ କରିପାରିବେ।

**କୁମ୍ଭ**



ନିକଟ ସମ୍ପର୍କୀୟମାନଙ୍କ ହସ୍ତକ୍ଷେପ ଦ୍ୱାରା ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆଲୋଚନାକାଳରେ ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ପାରିବାରିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ମୀନ**



ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଜିନିଷପତ୍ର ଅଦଳବଦଳ ହୋଇ ଯାଇପାରେ। ପାରିବାରିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ।


# classifieds Everyday
0674-2580101, 2549302




## BRIDE WANTED

Brahmin groom 53Yrs., 5ft.3 inch, Central Govt. Service, caste no bar, widow and divorced allowed. Mob: 9008374112. D-21236

Handsome Boy Government Bank manager, B.Tech, 32+ Suhag. 7978399083, 9090486408. D-21246

65ରୁ ଅଧିକ ବୟସ, ଖଣ୍ଡାୟତ ଉଚ୍ଚଶିକ୍ଷିତ ପେନ୍‌ସନଭୋଗୀଙ୍କ ପାଇଁ ଏକାକୀ ରହୁଥିବା 55ରୁ ଅଧିକ ବୟସ୍କା ଅବିବାହିତା, ବିବାହିତା, ବିଧବା, ଡାଇଭର୍ସ ପେନ୍‌ସନଭୋଗୀ ସରକାରୀ ଚାକିରିଆ ମହିଳା ଦରକାର। 9437645480. D-21273

Suitable bride of age-35 or above required for Brahmin groom. Contact: 8895491804. D-70724

## GROOM WANTED

Karan girl 1986, Ph.D. Biotechnology, father Retd. Sr. Specialist. 9853366347. D-21247

49 ବୟସ୍କା ଗୁଡ଼ିଆ ଜାତିର ବିଧବା ନିଃସନ୍ତାନ Bank ଚାକିରିଆ ଝିଅଙ୍କୁ ଯେକୌଣସି ଜାତିର ପୁଅ ଆବଶ୍ୟକ। Contact: 7606947424. D-21290

Government Job ବୟସ-43 ଏକୁଟିଆ ରହୁଥିବା ଅବିବାହିତା ବଣିଆ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7077495623. D-21289




## SALE

Gharabari residential plot at Patrapada, Bhubaneswar, 1450sqft. Price-27lakhs. 7894639282. D-71126

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21279

ମୋର କଳିଙ୍ଗ ବିହାରରେ ୧୨୨୦ ବର୍ଗଫୁଟ ଜାଗା ଅଛି, କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। **9438166196.** D-21287

**Ready for construction plot near Honspal, Pahala and Balianta both SC and General for sale. Contact Owner: 8327778739, 8908189698.** D-70940

Plot for sale in Shreekhetra Vihar near Mangalpur, Bhubaneswar, Puri NH side with gated community, Electricity, Security, Park, Temple. 9777302825. D-70882

**Flat, Duplex, Simplex near Phulnakhara, Patia Bigbazar, Bhubaneswar (Bank finance available). 8249363553, 9437677099.** D-70876

Bhubaneswar plot/ land available near AIIMS Hospital sqft.- 550/-, 900/-, 2200/- & at Janla-1000/-, Contact: 9583174462. D-70885

ଜଟଣୀ Railwaystation ହାଟ ବଜାରରେ (ଘରବାରି ସ୍ଥିତିବାନ, ପଟ୍ଟା) ଜାଗା ଉପରେ ୨ବଖରା ଆଜବେଷ୍ଟସ୍ ଘର ଥାଇ ତୁରନ୍ତ ବିକ୍ରିହେବ। Owner-9437011120. D-70881

**5BHK Duplex with 3300Sqft Land Sale at Pokhariput and 3BHK Flat Sale at BJB Nagar. Only genuine buyer please contact – 6372897984 / 9692609148.** D-21278

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

1Acre & 3Acres sthitiban Patta plot with boundary wall for sale at Khurda (Dadhimachagadia) connecting 40ft. pitchu road, 900mtrs from NH-16, suitable for commercial/ industrial/ farmhouse, Acre 60lakhs. Contact: 8338991113, 9338342502. D-71125

Gharabari plot for sale at Nakhara 700 meter distance from NH-5, Grand Bazar per Sq.ft. @ 1400/-, details contact: 9937253888, 9438664354. D-71124

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883

**Flats for sale (Near Sum Hospital) 3BHK (48lakh) negotiable 2BHK (38lakh). Contact No.- 8249766347, 9779577536.** D-21241

2289sqft. land with 800sqft. House for sale at Back side of Baragada Govt. School Bhubaneswar. Contact: 9040686695. D-71312

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166.** D-70875

ଭୁବନେଶ୍ୱର ଚନ୍ଦକା, ପିତାପଲ୍ଲୀ ରାସ୍ତାର ମଝିରେ ବିକାଶ ସ୍କୁଲ ପାଖରେ ଘରବାଡ଼ି ପ୍ଲଟ 2400 Sq.ft. 15,60,000/- (20 Plot available), Lipsa - 9938016295. D-70884

ଭୁବନେଶ୍ୱର New Railwaystation ପାଖରେ 30ft.Road Yellowzone Plot Sq.ft. 520/-, M.- 6371406921. D-69399

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact- 9443101191".** D-21097

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

**1/2/3BHK ready to move apartment for sale at DHPL Enclave 2, Kalarahanga and DHPL Platinum, Rudrapur. Contact: 9937059891.** D-21159

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874

**କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Biggest commercial Hub (Grand Bazar) ସମ୍ମୁଖ NH-16ରୁ ଅଳ୍ପଦୂରରେ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 9078699286.** D-70880

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877




Want a dream home on your own plot assistance for construction, design and development. Contact: K.K. Construction 7008268129, 9439143273. D-71313




2BHK room near Krishna Annex at Siddheswar Nagar, Jagamara. Mobile No.- 9437797201. D-21295

"600sqft. furnished shop on Patia Station road behind HP petrol pump. Contact No. 9438283062". D-21268

4000sqft. ground floor space is available for Ware House Office purpose at Rudrapur opposite Assoteck Pride 400 meters from NH-5. Contact: 9437024630. D-21211

Rent 1BHK, Hall, Dining, Kitchen, fully furnished with interior with AC, Inverter & Bed at Patia, near Big Bazar. Contact: 9437636236, 7008671282. D-21288

Fully furnished A.C. Office space prime lacation of Bhubaneswar. Company preferred. Contact No.- 9861120421. D-69045

Ladies Hostel 1300/1500 rent and 1BHK rent only Family/ Girls Baramunda, Nilakantheswar Main Road, Bhubaneswar. Contact. 7848021159. D-21282




Newly open Sairkupa Panchakarma Spa positively health benefits with expert. 8984068077. D-21263

Newly open SPA offer @799/-, positively health benefits, Jaydev Bihar. 7846814019. D-60000

Refreshing your mind, your body with tha best therapy at Lotus Spa. 8018891951. D-70466

Swarna SPA newly open positively health benefits with expert therapist. 9556978408. D-70595

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୨୬,୮୨,୩୩୨ | ୪୨,୯୫,୨୬୬ | ୧୮,୨୧,୫୮,୮୫୪ |
| ଭାରତ | ୩,୧୯,୦୨,୪୨୨ | ୪,୨୭,୫୬୫ | ୩,୧୦,୫୫,୮୬୧ |
| ଓଡ଼ିଶା | ୯,୮୫,୮୨୨ | ୬୩୬୬(+୫୩) | ୯,୬୮,୪୫୩ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ‘ମୁଁ ଟିକା ପାଇନାହିଁ’

ଭୁବନେଶ୍ୱର, ୭।୮(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଶତପ୍ରତିଶତ ଟିକାକରଣ ହୋଇଥିବାନେଇ ଗତ ୩୧ ତାରିଖରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ସୂଚନା ଦିଆଯାଇଥିଲା। ହେଲେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଏବେ ବି ସହରର ଟିକାକରଣ କେନ୍ଦ୍ର ସମ୍ମୁଖରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏପରି କି ଅନେକ ଟିକା ନେଇ ନ ଥିବା ପ୍ରକାଶ କରୁଛନ୍ତି। କେଉଁ ତଥ୍ୟ ଆଧାରରେ ବିଏମ୍‌ସି କର୍ତ୍ତୃପକ୍ଷ ଏଭଳି ସୂଚନା ଦେଲେ ତାହା ଟିକା ନେଇ ନ ଥିବା ଲୋକମାନେ ପ୍ରଶ୍ନ କରୁଛନ୍ତି। ଭୁବନେଶ୍ୱର ବାସିନ୍ଦାଙ୍କୁ ଟିକାକରଣ ସମ୍ପର୍କରେ ଧରିତ୍ରୀ ପକ୍ଷରୁ ଅଗଷ୍ଟ ୬ତାରିଖ ଶୁକ୍ରବାର ବିଭିନ୍ନ ଲୋକଙ୍କୁ ଭେଟି ସେମାନଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ଏପରି କି

## ରାଜଧାନୀବାସୀଙ୍କୁ ଶତପ୍ରତିଶତ ଟିକାକରଣ



ଅଗଷ୍ଟ ୬ରେ ବିଏମ୍‌ସି ହସ୍ପିଟାଲରେ କରୋନା ଟିକା ନେବାକୁ ଅପେକ୍ଷା କରିଥିବା ଭୁବନେଶ୍ୱରବାସୀ

ସେହିଦିନ ବିଏମ୍‌ସି ହସ୍ପିଟାଲରେ ପ୍ରଥମ ଡୋଜ୍ ଟିକା ନେବାକୁ ଲୋକ ଲଗାଇଥିବା ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ଲୋକଙ୍କ ପ୍ରତିକ୍ରିୟା ପାଇବା ପରେ ରାଜଧାନୀରେ ଶତପ୍ରତିଶତ ଟିକାକରଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ଜୁଲାଇ ମାସ ସୁଦ୍ଧା ରାଜଧାନୀରେ ଟିକାକରଣ ନେଇ ବିଏମ୍‌ସି ପକ୍ଷରୁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ତାହା ପୂରଣ ହୋଇଛି। ବହୁତ ଲୋକ ଭୁବନେଶ୍ୱର ବାହାରୁ ଆସି ଟିକା ନେଉଛନ୍ତି। ତେଣୁ ଏବେବି ସହରର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଲମ୍ବା ଧାଡି ଲାଗୁଛି ବୋଲି ବିଏମ୍‌ସି କମିଶନର ସଞ୍ଜୟ ସିଂ ସୂଚନା ଦେଇଛନ୍ତି। ଟିକାକରଣକୁ ନେଇ ଅଗଷ୍ଟ ୬ତାରିଖରେ ରାଜଧାନୀବାସୀ ଦେଇଥିବା ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

## ଏମାନଙ୍କ ମୁହଁରୁ



ଆଜି ଅଗଷ୍ଟ ମାସ ୬ ତାରିଖ। ମୁଁ ଭୁବନେଶ୍ୱରରେ ରହେ। ମୋ ବୟସ ୨୮ବର୍ଷ। ମୁ ଏଯାବତ୍ କରୋନା ପ୍ରଥମ ଡୋଜ୍ ଟିକା ନେଇ ନାହିଁ। ଟିକା ଦିଆଯାଉଛି ଏବେ ନେଇଯିବି।

**- ସସ୍ମିତା କଅଁର**



ମୁଁ ଗ୍ୟାରେଜ୍ ଛକ ଅଞ୍ଚଳରେ ୨୫ବର୍ଷ ଧରି ରହି ଆସୁଛି। ମୋର ବୟସ ୩୬ ବର୍ଷ। ଆଧାର କାର୍ଡ ଅନୁଯାୟୀ ମୁଁ ଭୁବନେଶ୍ୱର ବାସିନ୍ଦା। ଟିକା ନେବାକୁ ଥରେ ଯାଇଥିଲି। ହେଲେ ଟିକା ଆସିନି ବୋଲି କହିବାରୁ ମୁଁ ଫେରି ଆସିଥିଲି। ଖୁବ୍‌ଶୀଘ୍ର ଯାଇ ଟିକା ନେବି।

**- ପାର୍ବତୀ ସାହୁ**



ଗ୍ୟାରେଜ୍ ଅଞ୍ଚଳରେ ଦୀର୍ଘ ଦିନ ଧରି ରହୁଛି। ମୋର ପରିଚୟ ପତ୍ର ମଧ ଭୁବନେଶ୍ୱରର ରହିଛି। ମୁଁ ଏଯାବତ୍ ଟିକା ନେଇ ନାହିଁ।

**- ଲକ୍ଷ୍ମୀ ସାହୁ**



ମୋର ବୟସ ୩୯ ବର୍ଷ। ପ୍ରାୟ ୩୫ବର୍ଷ ହେବ ମୁଁ ଭୁବନେଶ୍ୱରରେ ରହୁଛି। ମୋର ପରିଚୟ ପତ୍ର ସବୁ ଏଠାକାର। ଆଜି ଅଗଷ୍ଟ ୬ତାରିଖ। ମୁଁ ଏଯାବତ୍ କରୋନା ପ୍ରଥମ ଟିକା ନେଇ ନାହିଁ। ମୋ ମା ଓ ବାପା ମଧ ଟିକା ନେଇ ନାହାନ୍ତି। ପ୍ରଶାସନ ତରଫରୁ କେହି ଇନ୍‌କ୍ୱାରି ମଧ କରି ନାହାନ୍ତି। ବିଏମ୍‌ସି ତରଫରୁ ଭୁବନେଶ୍ୱରବାସୀଙ୍କୁ ଶତପ୍ରତିଶତ ଟିକାକରଣ କରାଯାଇଥିବାନେଇ କୁହାଯାଉଥିଲେ ସୁଦ୍ଧା ତାହା ବାସ୍ତବ ଚିତ୍ର ନୁହେଁ। ତଥ୍ୟରେ ତାଳମେଳ ରହି ନ ଥାଇପାରେ।

**- ବସନ୍ତ ପ୍ରଧାନ**



ଭୁବନେଶ୍ୱର ଗ୍ୟାରେଜ ଅଞ୍ଚଳରେ ବିଜୁବାବୁ ଅମଳରୁ ରହି ଆସୁଛୁ। ଏଠାକାର ସ୍ଥାନୀୟ ବାସିନ୍ଦା ଭଳି ରହୁଛୁ। ଗାଁକୁ ଯାଉନାହୁଁ। ଏଯାବତ୍ ଟିକା ନେଇ ନାହିଁ।

**- ରମା ପ୍ରଧାନ**



ଭୁବନେଶ୍ୱର ସାଲିଆ ସାହି ଅଞ୍ଚଳରେ ୪୦ବର୍ଷ ହେଲା ରହିଲିଣି। ଏପର୍ଯ୍ୟନ୍ତ ଟିକା ନେଇ ନାହିଁ। ଏନେଇ ଭୟ ମଧ ଲାଗୁ ନାହିଁ। ଟିକା ନେବାକୁ ଚେଷ୍ଟା କରୁଛି। ଆଇନ୍‌କାନୁନ୍ ସମସ୍ତେ ମାନିଲେଣି। ଖୁବ୍‌ଶୀଘ୍ର ଟିକା ନେବି।

**- ବିଜୟ ମହାରଣା**



ଭୁବନେଶ୍ୱର ନିରାକାର ନଗରରେ ରହୁଛି। ଏଯାବତ୍ ଟିକା ନେଇ ନାହିଁ। ଟିକା ନେବାକୁ ଯୋଜନା କରିଛି।

**- ପୂର୍ଣ୍ଣମାସୀ ନାୟକ**



ଭୁବନେଶ୍ୱର ଗୌରୀନଗରସ୍ଥିତ ମା’ ଗୌରୀ ବସ୍ତିରେ ରହୁଛି। ଭୁବନେଶ୍ୱର ବାସିନ୍ଦାଭାବେ ମୋର ପରିଚୟପତ୍ର ରହିଛି। ମୋର ବୟସ ୪୫ବର୍ଷ। ପୂର୍ବରୁ ୨ଥର ଯାଇଥିଲି। ହେଲେ ନ ମିଳିବାରୁ ଫେରି ଆସିଛି। ଅଗଷ୍ଟ ୬ତାରିଖରେ ପ୍ରଥମ ଟିକା ନେଇଛି।

**- ମଙ୍ଗୁଚରଣ ପୃଷ୍ଟି**



ମୁଁ ଭୁବନେଶ୍ୱର ବାସିନ୍ଦା । ମୋର ବୟସ ୨୦ବର୍ଷ। ପ୍ରଥମ ଡୋଜ୍ ଟିକା ନେବାକୁ ଆସିଛି। ପୂର୍ବରୁ ସ୍ଲଟ ମିଳୁ ନ ଥିଲା। ଏପରି କି ୱାକ୍ ଇନ୍ ଭାକ୍ସିନେଶନ ମିଳୁ ଥିବା ନେଇ ଜାଣି ନ ଥିଲି। ସମସ୍ତଙ୍କୁ ଟିକା ଦିଆଯାଇଥିବା ନେଇ ବିଏମ୍‌ସି ଯେଉଁ କଥା କହୁଛି, ସେଥିରେ ସତ୍ୟ ଥିବା ଭଳି ମନେ ହେଉ ନାହିଁ। କାରଣ ମୁଁ ଏଯାବତ୍ ଟିକା ନେଇ ନାହିଁ।

**- ଅଭିଷେକ ମିଶ୍ର**



ଆଜି ଅଗଷ୍ଟ ୬ତାରିଖରେ ମୁଁ ବିଏମ୍‌ସି ହସ୍ପିଟାଲକୁ ଟିକା ନେବାକୁ ଆସିଛି। ମୋର ପରିଚୟ ପତ୍ରରେ ଭୁବନେଶ୍ୱର ବାସିନ୍ଦା ବୋଲି ଉଲ୍ଲେଖ ରହିଛି।

**- ଅପର୍ଣ୍ଣା ବେହେରା**



ମୁଁ ସୁନ୍ଦରପଦା ଅଞ୍ଚଳରେ ରୁହେ। ପୂର୍ବରୁ ନେଇ ପାରି ନ ଥିଲି। ଆଜି ମୁଁ ପ୍ରଥମ ଡୋଜ୍ ନେବାକୁ ବିଏମ୍‌ସି ହସ୍ପିଟାଲକୁ ଆସି ଅପେକ୍ଷା କରିଛି।

**- ରସ୍ମିତା ପ୍ରଧାନ**



ମୁଁ ଭୁବନେଶ୍ୱର ବାସିନ୍ଦା। ମୋର ବୟସ ୪୫ବର୍ଷ। ଅଗଷ୍ଟ ୬ତାରିଖରେ ପ୍ରଥମ ଡୋଜ୍ ଟିକା ନେବାକୁ ବିଏମ୍‌ସି ହସ୍ପିଟାଲକୁ ଆସିଛି।

**- ଲିଙ୍ଗରାଜ ବେହେରା**




ଶତପ୍ରତିଶତ ଟିକାକରଣ: କେତେ ସତ?

ଦେଖନ୍ତୁ ଭିଡିଓ

YouTube /dharitrilive

# ଆସନ୍ତା ସପ୍ତାହରୁ ଏସ୍‌ସିବିରେ ଏକ୍‌ମୋ ଚିକିତ୍ସା

ଭୁବନେଶ୍ୱର, ୭।୮(ବ୍ୟୁରୋ)

କଟକ ଏସ୍‌ସିବି ମେଡିକାଲରେ ଆସନ୍ତା ସପ୍ତାହରୁ ଆରମ୍ଭ ହେବ ବହୁ ପ୍ରତୀକ୍ଷିତ ଏକ୍‌ମୋ ଚିକିତ୍ସା ସେବା। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରି ଆସିଲାଣି ବୋଲି ଶନିବାର ଡିଏମ୍‌ଇଟି ଡା. ସିବିକେ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏସ୍‌ସିବିରେ ୯ଟି ଏକ୍‌ମୋ ମେଶିନ ସ୍ଥାପନ ହୋଇଛି। ଆବଶ୍ୟକ ମାନବ ସମ୍ବଳ ମଧ ନିଯୁକ୍ତ ହୋଇସାରିଛନ୍ତି। ଗୋଟିଏ ବ୍ୟାଚ୍ କୋଲକାତାରୁ ପ୍ରଶିକ୍ଷଣ ନେଇ ଫେରିଛନ୍ତି। ଏକ୍‌ମୋ ପାଇଁ ଏସ୍‌ସିବିରେ ୨ଟି ୟୁନିଟ୍ କରାଯାଇଛି। ପ୍ରଥମ ୟୁନିଟ୍‌ରେ ୬ଟି ଓ ଦ୍ୱିତୀୟ ୟୁନିଟ୍‌ରେ ୩ଟି ମେଶିନ ରହିବ। ଦ୍ୱିତୀୟ ୟୁନିଟ୍‌ର ୩ଟି ମେଶିନ କୋଭିଡ୍ ରୋଗୀଙ୍କୁ ସେବା ଯୋଗାଇବ। ତେବେ କୋଭିଡ୍ ପରବର୍ତ୍ତୀ ଜଟିଳତା ପାଇଁ ଅନ୍ୟ ୬ଟି ମେଶିନ ରହିବ ବୋଲି ଡିଏମ୍‌ଇଟି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କୋଭିଡ୍ ସମୟରେ ରାଜ୍ୟରେ ଏକ୍‌ମୋ ମେଶିନ ଅଭାବରୁ ବହୁ ରୋଗୀ ରାଜ୍ୟ ବାହାରକୁ ଚିକିତ୍ସା ଲାଗି ଯାଉଥିଲେ। ଏପରିକି ଏକ୍‌ମୋ ଅଭାବରୁ ବହୁ ରୋଗୀଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରୁ ନ ଥିଲା ବୋଲି ଅଭିଯୋଗ ହେଉଥିଲା। ଏହାପରେ ରାଜ୍ୟ ସରକାର ଏସ୍‌ସିବିକୁ ଏକ୍‌ମୋ ମେଶିନ ଆଣିବାକୁ ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ଭୁବନେଶ୍ୱରରେ କେବଳ ଦୁଇଟି ଘରୋଇ ହସ୍ପିଟାଲରେ ଏହି ମେଶିନ ଥିବାବେଳେ କୌଣସି ସରକାରୀ ହସ୍ପିଟାଲରେ ଏହି ଚିକିତ୍ସା ସେବା ଦିଆଯାଉ ନ ଥିଲା। କିଛିଦିନ ତଳେ ଭୁବନେଶ୍ୱର ଏମ୍‌ସରେ ଏକ୍‌ମୋ ଚିକିତ୍ସା ଆରମ୍ଭ ହୋଇଥିବାବେଳେ ଏବେ ଏସ୍‌ସିବିରେ ମିଳିବ।




# ପଦ୍ମିନୀ କେୟାର ହସ୍ପିଟାଲ ଉଦ୍‌ଘାଟିତ

କଟକ ଅଫିସ, ୭।୮

## ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବ: ମୁଖ୍ୟମନ୍ତ୍ରୀ

ପଦ୍ମିନୀ ରଥଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ପରିସରରେ ସ୍ଥାପିତ ୪୦୦ ଶଯ୍ୟା ବିଶିଷ୍ଟ ମଲ୍ଟିସ୍ପେଶିଆଲିଟି ପଦ୍ମିନୀ କେୟାର ହସ୍ପିଟାଲ ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରି ହସ୍ପିଟାଲର ପ୍ରତିଷ୍ଠାତା, କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ପଦ୍ମିନୀ କେୟାର ହସ୍ପିଟାଲ ବିଶେଷ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ସେ କହିଥିଲେ, ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଘରୋଇ ଉଦ୍ୟମରେ ଏଭଳି ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ ଦ୍ୱାରା ଆମ ଲୋକ ଅଧିକ ଉପକୃତ ହେବେ। ଡ୍ରିମ୍ସ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଗ୍ରାମାଞ୍ଚଳରେ ଏଭଳି ଏକ ଉନ୍ନତମାନର ହସ୍ପିଟାଲ ସ୍ଥାପନ ଅତ୍ୟନ୍ତ ଗୌରବର ବିଷୟ। ମୁଖ୍ୟମନ୍ତ୍ରୀଙ୍କ ନିରନ୍ତର ପ୍ରଚେଷ୍ଟା ଓ ପଦକ୍ଷେପ ଦ୍ୱାରା ରାଜ୍ୟର ସରକାରୀ ଡାକ୍ତରଖାନାରେ ମାଗଣାରେ ଚିକିତ୍ସା ସୁବିଧା ଉପଲବ୍ଧ ହୋଇପାରିଛି। ଏଥିରେ ସମ୍ମାନିତ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିଏମ୍‌ଇଟି ପ୍ରଫେସର ସିବିକେ ମହାନ୍ତି, ପ୍ରଫେସର ପ୍ରସନ୍ନ କୁମାର ଦାଶ, ସହକାରୀ ଡିଏମ୍‌ଇଟି ଡା. ବ୍ରଜକିଶୋର ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା ସ୍ୱାଗତ ଭାଷଣ ଓ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପିକା ଡ. କ୍ରିଷ୍ଟାପ୍ରଦା ଦାଶ ଓ ଲୀନା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ହସ୍ପିଟାଲର ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉମେଶ ରାୟ, ଡା. ଶକ୍ତିପ୍ରସାଦ ସାହୁ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ ଓ ପ୍ରଦୀପ୍ତ ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ।




ହସ୍ପିଟାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ୨୩ରୁ ଭୁବନେଶ୍ୱରରେ ମନ୍ଦିର ଖୋଲିବାକୁ ପ୍ରସ୍ତାବ

ଭୁବନେଶ୍ୱର, ୭।୮ (ବ୍ୟୁରୋ) – ଆସନ୍ତା ୨୩ ତାରିଖରୁ ରାଜଧାନୀ ଭୁବନେଶ୍ୱରରେ ମନ୍ଦିର ସମେତ ସମସ୍ତ ଧର୍ମାନୁଷ୍ଠାନ ଖୋଲିବା ନେଇ ବିଭିନ୍ନ ଧର୍ମାନୁଷ୍ଠାନର କର୍ମକର୍ତ୍ତା ପ୍ରସ୍ତାବ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ବୈଠକ ବସିଥିଲା। ଏଥିରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ ଓ ବିଭିନ୍ନ ନିଯୋଗ କର୍ମକର୍ତ୍ତା ଭର୍ଚୁଆଲରେ ସାମିଲ ହୋଇଥିଲେ। କରୋନା ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଥିବାରୁ ମନ୍ଦିର ସମେତ ଅନ୍ୟାନ୍ୟ ଧର୍ମାନୁଷ୍ଠାନକୁ ଖୋଲିବା ପାଇଁ ସମସ୍ତେ ପ୍ରସ୍ତାବ ଦେଇଥିଲେ। ତେବେ ଏନେଇ ଆଭ୍ୟନ୍ତରୀଣ ବୈଠକ ବସିବ। ଏଥିସହ ଏବେକାର କରୋନା ସ୍ଥିତି ଓ ବୈଠକରେ ଆସିଥିବା ମତାମତକୁ ତର୍ଜମା ପରେ ନିଷ୍ପତ୍ତି ନିଆଯିବ ବୋଲି କମିଶନର କହିଛନ୍ତି।

# ସ୍ୱାଧୀନତା ଦିବସ ପାଇଁ କଟକଣା କୋହଳ

ଭୁବନେଶ୍ୱର,୭।୮(ବ୍ୟୁରୋ)

## କଟକ, ଭୁବନେଶ୍ୱର, ପୁରୀରେ ୧୦, ଅନ୍ୟ ଅଞ୍ଚଳରେ୨୦ ଜଣରୁ ଅଧିକ ମନା

କୋଭିଡ-୧୯ ମହମାରୀ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ଭୁବନେଶ୍ୱର, କଟକ ଓ ପୁରୀ ସହରରେ ଆସନ୍ତା ସେପ୍ଟେମ୍ବର ପହିଲା ଯାଏ ସପ୍ତାହାନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଆସନ୍ତା ରବିବାର ପଡୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରବିବାର ସପ୍ତାହନ୍ତ ପୂର୍ବାହ୍ନ ୧୧ଟା ଯାଏ କୋହଳ କରିଛନ୍ତି। ଏ ନେଇ ଶନିବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସ୍ୱାଧୀନତା ଦିବସ ଥିବାରୁ ଲୋକମାନେ ଜାତୀୟ ପତାକା ଉତ୍ତୋଳନ କରି ପାରିବେ। ତେବେ ୧୦ ଜଣରୁ ଅଧିକ ଲୋକଙ୍କୁ ଏକାଠି ପତାକା ଉଡାଇବାକୁ ବାରଣ କରାଯାଇଛି । ପତାକା ଉତ୍ତୋଳନ ବେଳେ ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ରକ୍ଷା କରିବା ଓ ସମସ୍ତ କୋଭିଡ ନିୟମ ପାଳନ କରିବାକୁ କୁହାଯାଇଛି। ତେବେ ରାଜ୍ୟର ଅନ୍ୟ ସ୍ଥାନରେ ୨୦ ଜଣରୁ ଅଧିକ ଲୋକଙ୍କୁ ଏକାଠି ହୋଇ ପତାକା ଉତ୍ତୋଳନ କରିବା ପାଇଁ ବାରଣ କରାଯାଇଛି। ରାଜ୍ୟ, ଜିଲା ସ୍ତରୀୟ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ପାଇଁ ଗୃହ ବିଭାଗ ପକ୍ଷରୁ ଗାଇଡ ଲାଇନ ଜାରି କରାଯାଇଛି। ସେହିପରି କଟକ, ଭୁବନେଶ୍ୱର ଓ ପୁରୀ ସହରରେ ଥିବା ସରକାରୀ କାର୍ଯ୍ୟାଳୟ ଗୁଡିକରେ ୧୦ ଜଣରୁ ଅଧିକ ଏବଂ ଅନ୍ୟ ଅଞ୍ଚଳରେ ଥିବା କାର୍ଯ୍ୟାଳୟରେ ୨୦ଜଣ କର୍ମଚାରୀଙ୍କ ଠାରୁ ଅଧିକ ଲୋକ ଏକାଠି ହେବା ଉପରେ ପ୍ରତିବନ୍ଧକ ଲଗାଯାଇଛି।



ଯଦି କ୍ରୀତଦାସଟିଏ ନ ହୋଇ ମୁକ୍ତ ମଣିଷ ହେବାକୁ ଚାହଁ– ଯଦି ତୁମେ ଏକ ଓ ଅବିଭକ୍ତ ହୋଇରହିବାକୁ ଚାହଁ– ଯଦି ତୁମେ ମୃତ୍ୟୁର ଅନ୍ଧାର ଭିତରେ ନ ରହି– ଅମର ହେବାକୁ ଚାହଁ– ଅନ୍ଧକାରାବୃତ ନ ହୋଇ ଆଲୋକିତ ଜୀବନ ବଂଚିବାକୁ ଚାହଁ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଶିକାର ନ ହୋଇ– ଆନନ୍ଦମୟ ଜୀବନ ବଞ୍ଚିବାକୁ ଚାହଁ– ଦୁର୍ବଳ ନ ହୋଇ ଖୁବ୍ ଶକ୍ତିମାନ ହେବାକୁ ଚାହଁ– ତେବେ ଅନନ୍ତ ମଧ୍ୟରେ ବାସ କର ଓ ଶାନ୍ତକୁ ଅଧିକାର କର। –ଶ୍ରୀଅରବିନ୍ଦ

# ବହୁତ ହରାଇଲେଣି



ଆକାର ପଟେଲ

ବହୁମତ ପାଇ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ମୋଦି ସରକାର ଦ୍ୱିତୀୟ ପାଳି ଆରମ୍ଭ କରିଥିଲେ। ୨୦୧୪ ତୁଳନାରେ ୨୦୧୯ ସାଧାରଣ ନିର୍ବାଚନରେ ସରକାର ବେଶି ଭୋଟ୍ ପାଇବା ସହ ଅଧିକ ଆସନ ଜିତି କ୍ଷମତାରେ ବସୁବସୁ ତତ୍‌କ୍ଷଣାତ୍ ତାଙ୍କ ବିଚାରକୁ ଲାଗୁ କରିଦେଲେ। ଅଗଷ୍ଟ ୨୦୧୭ରେ ସୁପ୍ରିମ୍ କୋର୍ଟ ଦ୍ୱାରା ରଦ୍ଦ ଓ ଅସାମ୍ବିଧାନିକ ଘୋଷିତ ତିନି ତଲାକ୍‌କୁ ଭାଜପା ଜୁଲାଇ ୨୦୧୯ରେ ବେଆଇନ ବୋଲି ଘୋଷଣା କଲା। ୧୯୫୦ରେ ଏକକ ନାଗରିକ ସଂହିତା ଲାଗୁ କରିବା ଭାଜପା/ଜନସଂଘର କାର୍ଯ୍ୟସୂଚୀରେ ସ୍ଥାନ ପାଇଥିଲା। ତେବେ ଏହି ଦୃଷ୍ଟିରୁ ତିନି ତଲାକ୍‌କୁ ଅବୈଧ ଘୋଷଣା କରିବା ସେମାନଙ୍କ ପାଇଁ ଏକ ବିଜୟ ଥିଲା। ତା'ପର ମାସରେ କଶ୍ମୀରରୁ ଅନୁଚ୍ଛେଦ ୩୭୦କୁ ଉଠାଇ ଦିଆଯାଇ ସବୁ ଅଣଭାଜପା ନେତାମାନଙ୍କୁ ଜେଲ୍‌ରେ ଠୁଙ୍କି ଦିଆଗଲା। ଏହା ଥିଲା ଭାଜପାର ଦ୍ୱିତୀୟ ପାଳିର ଦ୍ୱିତୀୟ ଅଧ୍ୟାୟ ଓ ସେହି ୧୯୫୦ର ଏଜେଣ୍ଡା ମଧ୍ୟ। ଏହାର ଦୁଇମାସ ପରେ ଅଯୋଧ୍ୟା ବିବାଦରେ ସୁପ୍ରିମ କୋର୍ଟ ମସ୍‌ଜିଦର ଜମିକୁ ହିନ୍ଦୁ ପକ୍ଷଙ୍କୁ ଦେବା ଲାଗି ରାୟ ଦେଲେ। ଉକ୍ତ ତିନୋଟି ଘଟଣା ଉପରେ ମୋଦି ଦ୍ୱିତୀୟ ପାଳିର ୬ ମାସ ମଧ୍ୟରେ ଭଲ ସ୍ଥିତି ଗଢ଼ିବାକୁ ସକ୍ଷମ ହେଲେ। ତା'ପର ମାସରେ ଭାଜପା କହିଲା, ନାଗରିକଙ୍କୁ ନେଇ ଉପସ୍ଥାପିତ କରିଥିବା ତା'ର ଇସ୍ତାହାରକୁ କାର୍ଯ୍ୟକାରୀ କରିବ।

ଭାଜପାର ୨୦୧୯ ଇସ୍ତାହାରର 'ଅନୁପ୍ରବେଶ ବିରୋଧୀ ଲଢ଼େଇ' ଶୀର୍ଷକରେ ଦର୍ଶାଇଥିଲା ଯେ, ବେଆଇନ ଅନୁପ୍ରବେଶ ଯୋଗୁ ଦେଶର କେତେକ ଅଞ୍ଚଳରେ ସଂସ୍କୃତି ଓ ଭାଷାଗତ ପରିଚୟରେ ବିରାଟ ପରିବର୍ତ୍ତନ ହୋଇଛି। ଏହା ସ୍ଥାନୀୟ ଲୋକମାନଙ୍କର ଜୀବନଶୈଳୀ ଓ ରୋଜଗାରକୁ ଖୁବ୍ ପ୍ରଭାବିତ କରିଛି। ଏହି ସବୁ ଅଞ୍ଚଳରେ ପ୍ରାଥମିକତା ଭିତ୍ତିରେ ସରକାର ଖୁବ୍ ଶୀଘ୍ର ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆର୍‌ସି) ପ୍ରକ୍ରିୟା ଶେଷ କରିବେ। ଭବିଷ୍ୟତରେ ଅନ୍ୟ ଅଞ୍ଚଳଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏହା ଲାଗୁ କରାଯିବ। ଏହି ପ୍ରକ୍ରିୟାରେ ପ୍ରଥମେ ଭାଜପା ନାଗରିକ ସଂଶୋଧନ ଆଇନ(ସିଏଏ) ପାସ୍ କଲା ବୋଲି ଅମିତ ଶାହା କହିବୁଲିଲେ। ପରେ ଏନ୍‌ଆର୍‌ସି ଘରକୁ ଘର ଯାଇ ଅନୁପ୍ରବେଶକାରୀଙ୍କୁ ବିଦା କରିବାର ଯୋଜନା ରଖିଥିବାବେଳେ ଏହି ଆଇନ ପଡ଼ୋଶୀ ଦେଶଗୁଡ଼ିକର ଅଣ ମୁସଲମାନମାନଙ୍କୁ ଆଶ୍ରୟ ଦେବ ବୋଲି ପ୍ରକାଶ କରିଥିଲେ। କିନ୍ତୁ ଭାରତୀୟ ମୁସଲମାନମାନେ ଏହାକୁ ବିରୋଧ କରିବେ ବୋଲି ଭାଜପା ଚିନ୍ତା କରି ନ ଥିଲା। ଏପରି କି ଆଇନ ପାସ୍ ହୋଇଥିଲେ ମଧ୍ୟ ଦୀର୍ଘ ୨୦ ମାସ ହେବ ଏହା କାର୍ଯ୍ୟକାରୀ କରାଯାଇନାହିଁ। ଭାଜପାର ୨୦୧୯ ଇସ୍ତାହାର ସଂକଳ୍ପରେ ଥିବା ଏନ୍‌ଆର୍‌ସି ଏବେ ସ୍ଥଗିତ ରହିଛି। ଜୁନ୍ ୨୦୨୦ରେ କୃଷି ଅଧ୍ୟାଦେଶଗୁଡ଼ିକ ଆସିଲା। ଏଗୁଡ଼ିକ ବିରୋଧର ସମ୍ମୁଖୀନ ହେବ ବୋଲି ସରକାର ଭାବି ନ ଥିଲେ। ଏପରିକି ଏନ୍‌ଡିଏ ମେଣ୍ଟରେ ତଥା କ୍ୟାବିନେଟ୍‌ରେ ଥିବା ପଞ୍ଜାବର ଅକାଳୀ ଦଳ ଅଧ୍ୟାଦେଶଗୁଡ଼ିକ ପାସ୍ କରିବାରେ ସରକାରଙ୍କୁ ସମର୍ଥନ କରି ନ ଥିଲା। କୃଷି ଅଧ୍ୟାଦେଶ ଲେଖାଯିବାଠାରୁ ସେପ୍ଟେମ୍ବରରେ ପାସ୍ ହେବା ଯାଏ ଏହି ସମୟ ମଧ୍ୟରେ କୋଭିଡ୍ ମହାମାରୀ ଯୋଗୁ ଲକ୍‌ଡାଉନରେ ପ୍ରବାସୀ ଶ୍ରମିକମାନେ କର୍ମସ୍ଥଳୀ ଛାଡ଼ି ଘରମୁହାଁ ହୋଇଥିଲେ। ଅର୍ଥନୀତି ମଧ୍ୟ ୪ ଦଶନ୍ଧିରେ ସବୁଠୁ ମାନ୍ଦା ରହିଥିଲା। ବିମୁଦ୍ରୀକରଣ ପରଠାରୁ ଆର୍ଥିକ ସଙ୍କଟ ବଢ଼ିବାରେ ଲାଗିଥିଲେ ବି ସରକାର ଏହାକୁ ଗ୍ରହଣ କରି ନ ଥିଲେ କି ଏ ସମ୍ପର୍କରେ ଆଲୋଚନା କରି ନ ଥିଲେ। କିନ୍ତୁ ଅବଶିଷ୍ଟ ବିଶ୍ୱ ଏହାକୁ ନିରୀକ୍ଷଣ କରୁଥିଲା। ୨୦୧୪ରେ ଭାରତର ମୁଣ୍ଡ ପିଛା ମୋଟ ଘରୋଇ ଉତ୍ପାଦ (ଜିଡିପି) ୧.୧୭ ଲକ୍ଷ ଟଙ୍କା ଥିଲା ଓ ଏହା ବାଂଲାଦେଶ (୮୩,୦୦୦ ଟଙ୍କା) ଠାରୁ ୫୦% ଆଗରେ ରହିଥିଲା। କିନ୍ତୁ ୨୦୨୦-୨୧ ଆର୍ଥିକ ବର୍ଷ ଶେଷସୁଦ୍ଧା ବାଂଲାଦେଶର ମୁଣ୍ଡ ପିଛା ଜିଡିପି ୧.୬୫ ଲକ୍ଷ ଟଙ୍କାରୁ ଅଧିକ ଥିବାବେଳେ ଭାରତର ଏହା ୧.୪୫ ଲକ୍ଷ ଟଙ୍କା। କିଛି ପରିବର୍ତ୍ତନ ନ ହେବାଯାଏ ଆମେ ଏମିତି ବାଂଲାଦେଶ ପଛରେ ରହିବା। ନ୍ୟାୟପାଳିକା କୃଷି ଆଇନ ସମସ୍ୟାକୁ ଦୃଷ୍ଟିରେ ରଖି ଏକ ବିଶେଷଜ୍ଞ କମିଟି ଗଠନ କରି ତାଙ୍କ ମତ ଏକ ବନ୍ଦ ଲଫାପାରେ ଜଣାଇବାକୁ କହିଥିଲା। ନ୍ୟାୟପାଳିକାର ଏଭଳି ନିର୍ଦ୍ଦେଶ ମୋଦିଙ୍କୁ ଆଇନଗୁଡ଼ିକୁ ସ୍ଥଗିତ ରଖିବାରେ ସାହାଯ୍ୟ କରିଥିଲା। ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ପରିବର୍ତ୍ତନ କରି କୃଷି ଆଇନର ଉଲ୍ଲଂଘନ କଲେ। ଏବେ ସରକାର କୃଷି ଆଇନଗୁଡ଼ିକ ଉପରେ ଗୁରୁତ୍ୱ ଦେଉ ନ ଥିବାବେଳେ ଏହାର ପ୍ରତିବାଦରେ କୃଷକମାନେ ସେମିତି ରାସ୍ତାରେ ବସିରହିଛନ୍ତି।

ଅନ୍ୟ ବିଷୟଗୁଡ଼ିକରେ ଯେଭଳି ସଫଳତା ମିଳିବ ବୋଲି ଆଶା କରାଯାଉଥିଲା ତାହା ମଧ୍ୟ ହାସଲ ହୋଇପାରିନାହିଁ। କଶ୍ମୀର ସେମିତି ସମସ୍ୟାରେ ରହିଛି। ଲୋକମାନେ ଉଦାସ ରହିଛନ୍ତି ଓ ସେମାନଙ୍କ ମଧ୍ୟରେ ବିରୋଧୀ ଭାବ ରହିଛି। ଲଦାଖକୁ ନେଇ ଆମ ଦୃଷ୍ଟିକୋଣ ପରିବର୍ତ୍ତନ ଯୋଗୁ ଚାଇନା କ୍ରୋଧିତ ହେଲା ଓ ଆମେ ତାହାର ପରିଣାମ ଦେଖିଲୁ। ତେବେ ଏକକ ନାଗରିକ ସଂହିତାର ବାସ୍ତବ ଲକ୍ଷ୍ୟ ହେଉଛି ବହୁବିବାଦ ସୃଷ୍ଟି କରିବା। ସେହିଭଳି ସରକାରଙ୍କ ତିନି ତଲାକ ବିଜୟର ମୂଲ୍ୟ ପ୍ରକୃତରେ କିଛି ନ ଥିଲା। ନ୍ୟାୟପାଳିକାର ମନ୍ଦିର ଉପରେ ରାୟ ଏବଂ ଜେଲରେ ଥିବା କଶ୍ମୀରବାସୀଙ୍କ କଥାକୁ ଅଣଦେଖା, ସିଏଏ ଓ ୩୭୦ର ବୈଧ୍ୟତା ଉପରେ ନ୍ୟାୟପାଳିକାର ଭୂମିକା ସରକାରଙ୍କ ବିଫଳତାକୁ ପଦାକୁ ଆଣିଛି। ଏପରି କି ଦିଲ୍ଲୀ ଦଙ୍ଗା ଘଟଣାରେ ଭାଜପା ନେତା କପିଳ ମିଶ୍ର ଓ ଅନୁରାଗ ଠାକୁରଙ୍କ ନାଁରେ ଏଫ୍‌ଆଇଆର୍ ଦାୟର କରିବାକୁ ଯେଉଁଦିନ ବିଚାରପତି କହିଥିଲେ ସେହି ରାତିରେ ତାଙ୍କୁ ବଦଳି କରାଯାଇଥିଲା। କିନ୍ତୁ ବିଚାରପତିମାନେ କେବେ ବି ନିମ୍ନଗାମୀ ଅର୍ଥବ୍ୟବସ୍ଥା, ନିଯୁକ୍ତି ଅଭାବ ଏବଂ ମୁଦ୍ରାସ୍ଫୀତି ଉପରେ ତ କିଛି କରିପାରିବେ ନାହିଁ। ପେଟ୍ରୋଲ ଲିଟର ପିଛା ମୂଲ୍ୟ ୧୦୦ ଟଙ୍କା ଉପରେ ପହଞ୍ଚିଲାଣି। ବିଶ୍ୱ ସ୍ତରରେ ମୋଦି ସରକାର ତାଙ୍କ ବନ୍ଧୁ ଟ୍ରମ୍ପ ଓ ନେତ୍‌ନ୍ୟାହୁଙ୍କୁ ହରାଇଛି। ମୋଦିଙ୍କ ସହ ଗୋଟିଏ ହେଲେ ବାଣିଜ୍ୟ ଚୁକ୍ତି ନ କରି ଟ୍ରମ୍ପ କ୍ଷମତାରୁ ଚାଲିଗଲେଣି। ୨୦୧୯ରେ ମୋଦି ପାଇଥିବା ରାଜନୈତିକ ପୁଞ୍ଜିରୁ ବହୁତ ହରାଇଲେଣି। ଏହା ପୂରା ଶେଷ ହୋଇନି। କିନ୍ତୁ ୨୦୨୦ ଓ ୨୦୨୧ରେ ସରକାର ସୃଷ୍ଟି କରିଥିବା ସମସ୍ୟାଗୁଡ଼ିକୁ ସମାଧାନ କରି ତାଙ୍କ ଭାବମୂର୍ତ୍ତି ଫେରାଇ ଆଣିବା ପାଇଁ କିଛି ସ୍ୱତନ୍ତ୍ର ପଦକ୍ଷେପ ନେବା ଆବଶ୍ୟକ ଯାହା ଏହି ସମୟରେ ଦେଖାଯାଉ ନାହିଁ।

Email:aakar.patel@gmail.com

# ଫଟୋ, ବ୍ୟାନର ଓ ପ୍ରତିମୂର୍ତ୍ତି ଅନ୍ତରାଳେ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ସମ୍ପ୍ରତି ସରକାରୀ କାର୍ଯ୍ୟକ୍ରମଗୁଡ଼ିକରେ ରାଜନେତାମାନଙ୍କର ବ୍ୟାନର ଉପଯୋଗ, ନିଜ ନାମ ଖୋଦିତ ଫଳକ ସ୍ଥାପନ ଓ ନିଜର ପ୍ରତିମୂର୍ତ୍ତି ନିର୍ମାଣ ଦେଖିଲେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କର କବିତା 'ପେପର ବୋଟ୍‌ସ' ମନେ ପଡ଼ିଯାଏ। ଛୋଟପିଲାଟିଏ କାଗଜଡଙ୍ଗା ତିଆରି କରି ଝରଣାରେ ସେଗୁଡ଼ିକୁ ଭସାଇଦିଏ। ଆକାଶରେ ଭାସୁଥିବା ମେଘଖଣ୍ଡଗୁଡ଼ିକୁ ଦେଖି ସେ ଭାବେ ବୋଧହୁଏ କେହି ଜଣେ ପ୍ରତିଯୋଗୀ ତା'ର ଭାସମାନ କାଗଜଡଙ୍ଗା ସହ ପ୍ରତିଯୋଗିତା କରିବା ପାଇଁ ଆକାଶରେ ମେଘଖଣ୍ଡଗୁଡ଼ିକୁ ଭସାଇଦେଇଛି। କାଗଜଡଙ୍ଗାଗୁଡ଼ିକୁ ଝରଣାରେ ଭସାଇବା ପୂର୍ବରୁ ସେ ନିଜ ନାମ ଓ ଠିକଣା ସେଗୁଡ଼ିକ ଉପରେ ବଡ଼ ବଡ଼ ଅକ୍ଷରରେ ଲେଖିଦିଏ। ସେ ଭାବେ କୌଣସି ନା କୌଣସି ସ୍ଥାନରେ କେହି ଜଣେ ସେ ଡଙ୍ଗା ପାଇବ ଓ ତା' ଉପରେ ଲେଖାଥିବା ଅକ୍ଷର ପଢ଼ି ତାକୁ ଚିହ୍ନିବ ଓ ଜାଣିବ। ମାତ୍ର ପିଲାଟି ଧାରଣା କରିପାରେ ନାହିଁ ଯେ ଝରଣା ଜଳରେ କିଛି ସମୟ ଭାସିବା ପରେ କାଳିରେ ଲେଖାହୋଇଥିବା ତା'ର ନାମ ଓ ଠିକଣା ଲିଭିଯାଇଥିବ ବା କାଗଜଡଙ୍ଗାଗୁଡ଼ିକ ନଷ୍ଟ ହୋଇଯାଇଥିବ। କେହି ତାକୁ ଚିହ୍ନିବେ ନାହିଁ କି ଜାଣିବେ ନାହିଁ।

କିଛିଦିନ ହେବ, ଭାରତରେ କୋଭିଡ୍ ଟିକାକରଣ କ୍ଷେତ୍ରରେ ରାଜନୈତିକ ନେତାମାନଙ୍କ ମଧ୍ୟରେ ଫଟୋ, ବ୍ୟାନରକୁ ନେଇ ତର୍କବିତର୍କ ଓ ବିବାଦ ମୁଣ୍ଡ ଟେକିଛି। କେତେକ ନେତା କହୁଛନ୍ତି, ଟିକାକରଣ ଏକ ଜାତୀୟ କାର୍ଯ୍ୟକ୍ରମ ହୋଇଥିବାରୁ ଟିକା ସାର୍ଟିଫିକେଟ୍‌ରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ରହିବା ଅସଙ୍ଗତ ନୁହେଁ। ଆଉ କିଛି ନେତା କହୁଛନ୍ତି, ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ସହାୟତାରେ ସମ୍ପାଦିତ ହେଉଥିବାରୁ ଟିକାକରଣ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ଫଟୋଯୁକ୍ତ ବ୍ୟାନର ଲଗାଯିବା ଅଯୌକ୍ତିକ ନୁହେଁ। କିଏ ଠିକ୍ କହୁଛନ୍ତି, କିଏ ଭୁଲ୍ କହୁଛନ୍ତି ତାକୁ ତର୍ଜମାକରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ। ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ଏହାରି ପଛରେ ପ୍ରଚ୍ଛନ୍ନ ରହିଛି ସେହି କାଗଜଡଙ୍ଗା ଭସାଉଥିବା ପିଲାର ଭାବନା– କାଗଜଡଙ୍ଗା ଉପରେ ଲେଖା ହୋଇଥିବା ନାମ ଓ ଠିକଣା ପଢ଼ି ତାକୁ ଅନ୍ୟମାନେ ଜାଣିବେ। ଆତ୍ମପ୍ରଶଂସା ସାଉଁଟିବା ଓ ଜନମାନସରେ ଦୀର୍ଘଦିନ ବଞ୍ଚିରହିବା ଆକାଂକ୍ଷା ହେଉଛି ଫଳକ ସ୍ଥାପନ କରିବା, ବ୍ୟାନର ଲଗାଇବା ବା ନିଜର ପ୍ରତିମୂର୍ତ୍ତି ସ୍ଥାପନ କରିବାର ଉଦ୍ଦେଶ୍ୟ।

ଆଜି କୋଭିଡ୍ ଟିକା ସାର୍ଟିଫିକେଟରେ ଓ ଟିକାକରଣ କେନ୍ଦ୍ରରେ ବ୍ୟାନରରେ ଫଟୋ ସୂଚାଉଛି ଯେ ଉଭୟ ସରକାର ଏହାର ଶ୍ରେୟ ନେବାକୁ ଚାହୁଁଛନ୍ତି। ବିଡ଼ମ୍ବନାର ବିଷୟ ଯେ ଏହି ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥ କାହାରି ଅର୍ଥ ନୁହେଁ, ଏହା ଜନସାଧାରଣଙ୍କଠାରୁ ସଂଗୃହୀତ ହେଉଥିବା ରାଜସ୍ୱ। ଯେଉଁମାନେ ଜନହିତକର କାର୍ଯ୍ୟକରି ନିଜ ନାମ ଖୋଦିତ ଫଳକ ବା ବ୍ୟାନର ଲଗାଉଛନ୍ତି ଓ ନିଜର ପ୍ରତିମୂର୍ତ୍ତି ନିର୍ମାଣ କରି ଜନମାନସରେ ଚିରଦିନ ବଞ୍ଚିବା ପାଇଁ ଚାହୁଁଛନ୍ତି ସେମାନଙ୍କୁ ଇଂରେଜ କବି ଶେଲିଙ୍କ କବିତା ଓଜିମାଣ୍ଡିଅସ୍ ମନେପକାଇ ଦିଆଯାଇପାରେ। ମିଶରୀୟ ରାଜା ଓଜିମାଣ୍ଡିଅସ୍ ମରୁଭୂମିରେ ନିଜର ଏକ ପ୍ରକାଣ୍ଡ ପ୍ରତିମୂର୍ତ୍ତି ନିର୍ମାଣ କରାଇଥିଲେ। ପ୍ରତିମୂର୍ତ୍ତିଟିର ପାଦପୀଠରେ ସେ ଖୋଦିତ କରାଇଥିଲେ– "ମୁଁ ଓଜିମାଣ୍ଡିଆସ୍ ରାଜାମାନଙ୍କର ରାଜା। ହେ ଶକ୍ତିଶାଳୀ ବୀରମାନେ! ମୋର କୃତିତ୍ୱକୁ ଦେଖ ଓ ମୋ ସଙ୍ଗେ ସମାନ ପରିଗଣିତ ହେବାର ଆଶା ପରିତ୍ୟାଗ କର।" କିନ୍ତୁ ଆଜି ଆଉ ସେହି ମୂର୍ତ୍ତି ଅକ୍ଷତ ଅବସ୍ଥାରେ ନାହିଁ। ପାଦପୀଠ ଉପରେ ଛିଡ଼ା ହୋଇରହିଛି ମୂର୍ତ୍ତିର ଦୁଇଟି ପ୍ରକାଣ୍ଡ ଗୋଡ଼। ମୂର୍ତ୍ତିର ଅନ୍ୟାଂଶ ଧ୍ୱଂସ ହୋଇଯାଇଛି। ମରୁଭୂମିର ବାଲି ମଧ୍ୟରେ ଅର୍ଦ୍ଧ ଅନାବୃତ୍ତ ହୋଇ ପଡ଼ିରହିଛି ମୂର୍ତ୍ତିର ଭଗ୍ନ ମୁହଁ। ବିଡ଼ମ୍ବନାର ବିଷୟ ଯେ କାରିଗରର କଳାକୌଶଳ ଯୋଗୁ ସେହି ମୁହଁରେ ଏବେ ବି ପ୍ରତିଫଳିତ ହେଉଛି ଔଦ୍ଧତ୍ୟର ଅଭିବ୍ୟକ୍ତି। କିନ୍ତୁ ମୂର୍ତ୍ତିର ଭଗ୍ନାବଶେଷକୁ ଦେଖିଲେ ସ୍ୱୀକାର କରିବାକୁ ହୁଏ ଯେ ଅନେକ କୃତିତ୍ୱର ଅଧିକାରୀ ରାଜା ଓଜିମାଣ୍ଡିଆସ୍‌ଙ୍କ ଫଳକ ସହ ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ଅମର ରହିବାର ପ୍ରଚେଷ୍ଟା ଆଜି ପରାହତ ହୋଇଛି।

ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଓ ଜନମାନସରେ ଦୀର୍ଘଦିନ ବଞ୍ଚିରହିବା ନିମନ୍ତେ ନିଜର ପ୍ରତିମୂର୍ତ୍ତି ନିର୍ମାଣ କରାଇବା (ମାୟାବତୀଙ୍କ ଭଳି) ନୂଆ କଥା ନୁହେଁ। ଗତ ଶତାବ୍ଦୀର ସତୁରି ଦଶକଠାରୁ ଏହି ବ୍ୟାଧି ଦ୍ୱାରା ନେତାମାନେ ଆକ୍ରାନ୍ତ ହେଲେଣି। ସେଥିପାଇଁ ବିଶିଷ୍ଟ ଲେଖକ ମନୋଜ ଦାସ ଲେଖିଥିଲେ କ୍ଷୁଦ୍ରଗଳ୍ପ 'ଷ୍ଟାଚ୍ୟୁ'। ସନ୍ତ୍ରାସବାଦୀମାନେ ଜାତୀୟସ୍ତରୀୟ ନେତାମାନଙ୍କ ପ୍ରତିମୂର୍ତ୍ତି ଭାଙ୍ଗୁଥାନ୍ତି। ସହରର ତଥାକଥିତ ସୁପରିଚିତ ନେତା ଥିଲେ ଯମେଶ୍ୱର ଗୁପ୍ତ। ସେ ନଗରପାଳ ଥିବା ସମୟରେ ନିଜର ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଇଥାନ୍ତି। ସେ ନିଜକୁ ଗୁପ୍ତବାବୁଙ୍କ ଅନୁଗତ ଭାବରେ ପରିଚୟ ଦେଇ ସହରର ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପଚାରିଲେ, ସେ ଗୁପ୍ତଜୀଙ୍କ ପ୍ରତିମୂର୍ତ୍ତିକୁ ସନ୍ତ୍ରାସବାଦୀଙ୍କ ଆକ୍ରମଣରୁ ରକ୍ଷା କରିବା ପାଇଁ କି ପଦକ୍ଷେପ ନେଇଛନ୍ତି। ସୁପରିଣ୍ଟେଣ୍ଡେଣ୍ଟ ତାଙ୍କୁ ଜାଣନ୍ତି ନାହିଁ କୁହନ୍ତେ ଗୁପ୍ତବାବୁ ଆଶ୍ଚର୍ଯ୍ୟ ହେଲେ, କାରଣ ମାତ୍ର କୋଡ଼ିଏ ବର୍ଷ ତଳେ ସେ ଥିଲେ ଏ ସହରର ଅପ୍ରତିଦ୍ୱନ୍ଦ୍ୱୀ ନେତା। ସ୍ଥାନୀୟ କର୍ମକର୍ତ୍ତା ନିର୍ବାଚିତ ହେଉଥିଲେ ତାଙ୍କ ଇଙ୍ଗିତରେ। ତାଙ୍କ ଆଶୀର୍ବାଦ ବିନା ସହରରୁ ବିଧାନସଭାକୁ କେହି ନିର୍ବାଚିତ ହେବା ସମ୍ଭବପର ନ ଥିଲା। ସେ ଥିଲେ ନଗରପାଳ। ଅଥଚ ଆଜି ତାଙ୍କୁ ସହରର ଉଚ୍ଚପଦସ୍ଥ ଅଫିସରମାନେ ଚିହ୍ନନ୍ତି ନାହିଁ। ଶେଷରେ ସେ ବିଭାଗୀୟ ମନ୍ତ୍ରୀଙ୍କ ସହ ଫୋନରେ ସଂଯୋଗ ସ୍ଥାପନ କରି ପଚାରିଲେ ତାଙ୍କ ପ୍ରତିମୂର୍ତ୍ତିକୁ ସନ୍ତ୍ରାସବାଦୀଙ୍କ କବଳରୁ ରକ୍ଷା କରିବା ପାଇଁ କି ପଦକ୍ଷେପ ନେଇଛନ୍ତି। ମନ୍ତ୍ରୀ କହିଲେ, "ଶୁଣ ବାବୁ, ଗୁପ୍ତଜୀଙ୍କ ଷ୍ଟାଚ୍ୟୁକୁ କେହି ଭାଙ୍ଗିବେ ନାହିଁ। ସେମାନେ ବଡ଼ ବଡ଼ ଜାତୀୟ ନେତାଙ୍କ ଷ୍ଟାଚ୍ୟୁ ଭାଙ୍ଗୁଛନ୍ତି।"

ନିଜର ପ୍ରତିମୂର୍ତ୍ତି ନିର୍ମାଣ କରାଇଥିବା ଗୁପ୍ତବାବୁଙ୍କ ମୋହ ଭଙ୍ଗ ହେଲା। ସେ ଜାଣିଲେ ଯେ ସେ ଜାତୀୟସ୍ତରର ନେତା ଭାବରେ ସ୍ୱୀକୃତ ହୋଇନାହାନ୍ତି। ସେ ପୁଣି ଥରେ ବିସ୍ମିତ ହେଲେ କାରଣ ଆଜିର ଏହି ମନ୍ତ୍ରୀ କୋଡ଼ିଏ ବର୍ଷ ତଳେ ହୁଏତ ତାଙ୍କ ସଭା ପାଇଁ ଗଳା ଫଟାଇ ତୁଙ୍ଗାରେ ପ୍ରଚାର କରିଥିବ। କୌଣସି ଛାତ୍ର ସଭାରେ ପଚିଶଥର ଛେପ ଢୋକି ତାଙ୍କୁ ସ୍ୱାଗତ କରିଥିବ। ଅଥଚ ଆଜି ସେ ଜଣେ ଅବହେଳିତ ନେତା। ସେ ମନେ ପକାଉଥାନ୍ତି ଦିନେ ସେ ମହାତ୍ମା ଗାନ୍ଧୀଙ୍କ ପାଖରେ ବସିବାର ସୁଯୋଗ ପାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଗଳାରେ ଭୀମକାୟ ଫୁଲମାଳା ପିନ୍ଧାଇଥିଲେ। ତାଙ୍କ ଭାଷଣ ଖବରକାଗଜରେ ହେଡଲାଇନ ହେଉଥିଲା। ଅଥଚ ଆଜି ତାଙ୍କୁ କେହି ଚିହ୍ନନ୍ତି ନାହିଁ କି ଜାଣନ୍ତି ନାହିଁ। ହଠାତ୍ ସେ ଚାରିଜଣ ଯୁବକ ଷ୍ଟାଚ୍ୟୁ ପାଖକୁ ଆସୁଥିବାର ଦେଖି ଆହ୍ଲାଦିତ ହେଲେ। କାରଣ ସେ ଭାବୁଥିଲେ ଏମାନେ ବୋଧହୁଏ ସନ୍ତ୍ରାସବାଦୀ ଓ ତାଙ୍କର ଷ୍ଟାଚ୍ୟୁକୁ ଧ୍ୱଂସ କରି ତାଙ୍କୁ ସେ ଜାତୀୟ ସ୍ତରୀୟ ନେତାର ମାନ୍ୟତା ଦେବେ। ମାତ୍ର ଜଣେ ପ୍ରତିମୂର୍ତ୍ତି ଉପରକୁ ଉଠି ତା'ର କାନ୍ଧରେ ଛିଡ଼ା ହୋଇ ଦୂରବୀକ୍ଷଣ ଯନ୍ତ୍ର ଲଗାଇ ବ୍ୟାଙ୍କ କୋଠା ପାଚେରି ଭିତରକୁ ଅନାଇଲା। ସେ ନ ଥିଲା ସନ୍ତ୍ରାସବାଦୀ, ବୋଧହୁଏ ଥିଲା ଜଣେ ବ୍ୟାଙ୍କ ଡକାୟତ। ତା'ପରେ ସେ ଷ୍ଟାଚ୍ୟୁରୁ ଓହ୍ଲାଇ ଚାଲିଯାଉଥିବାବେଳେ ଗୁପ୍ତଜୀ କହିଲେ, "ରୁହ, ତୁମେ ଭାବିଛ ଭାଙ୍ଗିବା ଭଳି ଷ୍ଟାଚ୍ୟୁ ଏହା ନୁହେଁ? ମୂର୍ଖ, ଏ ଷ୍ଟାଚ୍ୟୁ, କ'ଣ ଖାଲି ପାଦଦାନି?" ଏହା ଶୁଣି ଗୁପ୍ତଜୀଙ୍କୁ ଲକ୍ଷ୍ୟ କରି ସେମାନେ ବୋମାଟିଏ ଫୋପାଡ଼ି ଦିଅନ୍ତେ ତାହା ଷ୍ଟାଚ୍ୟୁ ପାଦଦେଶରେ ପଡ଼ି ବିସ୍ଫୋରଣ ହେଲା। ଷ୍ଟାଚ୍ୟୁଟି ଖଣ୍ଡବିଖଣ୍ଡିତ ହୋଇଗଲା। ମନୋଜ ଦାସଙ୍କ ଭାଷାରେ "ପରବର୍ତ୍ତୀ ଷ୍ଟାଚ୍ୟୁହୀନ ଜୀବନରେ ଗୁପ୍ତଜୀ ଶାନ୍ତିରେ ଅଛନ୍ତି। ସେ ଆଜିକାଲି ବହୁତ ହସନ୍ତି।" ଗୁପ୍ତଜୀ ଭାବିଥିଲେ ତାଙ୍କ କୃତିତ୍ୱ ପାଇଁ ଲୋକେ ତାଙ୍କୁ ଦୀର୍ଘକାଳ ମନେରଖିବେ। ମାତ୍ର କୋଡ଼ିଏ ବର୍ଷରେ ସେ ବିସ୍ମୃତ ହୋଇଗଲେ। କେତେ ବଡ଼ବଡ଼ ନେତା ବିସ୍ମୃତି ଗର୍ଭକୁ ଚାଲିଗଲେଣି। ଏବେ ଗାନ୍ଧୀ, ଶାସ୍ତ୍ରୀ, ଗୋପବନ୍ଧୁଙ୍କ କଥା ବି ଲୋକେ ଭୁଲି ବସିଲେଣି। ମଣିଷର ସ୍ମୃତି ଅତ୍ୟନ୍ତ ଦୁର୍ବଳ। ଏବେକାର ନେତାଙ୍କ କଥା ନ କହିବା ଭଲ। ତା' ସତ୍ତ୍ୱେ କେଉଁଠି ପୋଲଟିଏ ବା ସ୍କୁଲଘରଟିଏ ବା କ୍ଲବଟିଏ ନିର୍ମିତ ହେଲେ ବ୍ୟାନର ଲଗାଇବା ବା ନାମ ଖୋଦିତ ଫଳକ ଖଞ୍ଜିବା ବନ୍ଦ ହୋଇ ନାହିଁ। କାଗଜଡଙ୍ଗା ଉପରେ ଲେଖା ହୋଇଥିବା ପିଲାଟିର ନାମ ଓ ଠିକଣା ଝରଣାର ସୁଅରେ ଲିଭିଯାଇଥିବା ଭଳି ଏହିସବୁ ଫଟୋ, ଫଳକ ଓ ପ୍ରତିମୂର୍ତ୍ତି ସମୟର କରାଳ ସ୍ରୋତରେ ଦିନେ ନିଶ୍ଚିହ୍ନ ହୋଇଯିବ। ଏହା ହିଁ ଜୀବନର ବାସ୍ତବତା।

ମୋ: ୯୪୩୭୩୨୯୨୬୩

# ଜେଡ୍‌ଏସ୍‌ଆଇ ପ୍ରଥମ ନିର୍ଦ୍ଦେଶିକା

ବ୍ୟକ୍ତିତ୍ୱ



ଦୃଷ୍ଟି ବାନାର୍ଜୀ

ଭାରତରେ ପ୍ରତି କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଓ ଅବଦାନ ନାରୀ ଶକ୍ତିର ପରିଚୟ ଦେଇଚାଲିଛି। ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜେଡ୍‌ଏସ୍‌ଆଇ)ର ପ୍ରଥମ ମହିଳା ନିର୍ଦ୍ଦେଶିକା ହେବାରେ ଦୃଷ୍ଟି ବାନାର୍ଜୀ ଏବେ ସଂସ୍ଥାର ୧୦୫ ବର୍ଷରୁ ଊର୍ଦ୍ଧ୍ୱ ଯାତ୍ରାରେ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ଜେଡ୍‌ଏସ୍‌ଆଇର ଅତୀତକୁ ଦେଖିଲେ ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲକୁ ମନେ ପକାଇବାକୁ ପଡ଼ିବ। ୧୫ ଜାନୁୟାରୀ ୧୭୮୪ରେ ସାର୍ ୱିଲିୟମ୍ସ ଜୋନ୍‌ସ ଏସିଆଟିକ୍ ସୋସାଇଟି ପ୍ରତିଷ୍ଠା କରିଥିଲେ। ସେହିଠାରେ ହିଁ ଜୁଲାଇ ୧୯୧୬ରେ ଜେଡ୍‌ଏସ୍‌ଆଇର ଜନ୍ମ ହୋଇଥିଲା। ଏହାର ମୁଖ୍ୟାଳୟ ପଶ୍ଚିମବଙ୍ଗ ରାଜଧାନୀ କୋଲକାତାରେ ଥିବା ବେଳେ ଦେଶରେ ୧୬ଟି ଆଞ୍ଚଳିକ କେନ୍ଦ୍ର ରହିଛି। ଏହା ପରିବେଶ ଓ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଛି। ଭାରତରେ ପ୍ରାଣୀ ସମ୍ବନ୍ଧୀୟ ସର୍ଭେ କରିବା ଦିଗରେ ଏହା ଅଭିପ୍ରେତ। ଏଭଳି ଏକ ବୃହତ୍ ସଂସ୍ଥାର ମୁଖ୍ୟ ଭାବେ ଦୃଷ୍ଟିଙ୍କୁ ନିଯୁକ୍ତିକୁ କେନ୍ଦ୍ର ସରକାରଙ୍କ ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଅନୁମୋଦନ କରିବା ପରେ ତାଙ୍କ ବ୍ୟକ୍ତିତ୍ୱ ଅଧିକ ଉଜ୍ଜ୍ୱଳ ହୋଇଛି।

ଦୃଷ୍ଟି ୬ ଫେବୃୟାରୀ ୧୯୬୦ରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ। କୋଲକାତାର ପ୍ରେସିଡେନ୍ସି କଲେଜରୁ ସେ ପ୍ରାଣୀବିଜ୍ଞାନରେ ଉଚ୍ଚତର ଗବେଷଣା କରି ଡକ୍ଟର ଅଫ୍ ଫିଲୋସଫି ଡିଗ୍ରୀ ଅର୍ଜନ କରିଥିଲେ। ୧୯୯୮ରେ ସେ ଜେଡ୍‌ଏସ୍‌ଆଇରେ ଆସିଷ୍ଟାଣ୍ଟ ଜୁଲୋଜିଷ୍ଟ ଭାବେ ଯୋଗ ଦେଇଥିଲେ। ସମୟକ୍ରମେ ସେ ଜୁଜିଓଗ୍ରାଫି (ପ୍ରାଣୀ ବିଜ୍ଞାନର ଏକ ଶାଖା ଭାବେ ପ୍ରାଣୀଙ୍କ ଭୌଗୋଳିକ ସ୍ଥିତି ସମ୍ବନ୍ଧରେ ଅଧ୍ୟୟନ), ଟାକ୍ସୋନୋମି (ବର୍ଗୀକରଣ ବିଦ୍ୟା), ମର୍ଫୋଲୋଜି (ରୂପତତ୍ତ୍ୱ) ଓ ମଲିକ୍ୟୁଲାର ସିଷ୍ଟେମେଟିକ୍ସ (ଆଣବିକ ପ୍ରଣାଳୀବଦ୍ଧ) ଆଦି ବିଷୟ ଉପରେ ଗବେଷଣା କରି ନୂଆ ତଥ୍ୟ ଦେଇଛନ୍ତି। ଦୃଷ୍ଟି କହିଛନ୍ତି, ହିମାଳୟ ଓ ଗଭୀର ସମୁଦ୍ର ଭିତରେ ପ୍ରାଣୀସମୂହର ବିବିଧତାକୁ ଅନୁଧ୍ୟାନ କରିବା ଦିଗରେ ମହିଳା ବୈଜ୍ଞାନିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପାଖାପାଖି ୬୦ ପ୍ରତିଶତ ମହିଳା ବୈଜ୍ଞାନିକ ନୂଆ ପ୍ରଜାତି ଆବିଷ୍କାର କରିବାରେ ସକ୍ଷମ ହୋଇଛନ୍ତି। ତେବେ ଦୃଷ୍ଟି ୨୦୧୨ରୁ ଜେଡ୍‌ଏସ୍‌ଆଇ ଡିଜିଟାଲ ସିକ୍ୱେନ୍ସ ଇନ୍‌ଫର୍ମେଶନ ପ୍ରୋଜେକ୍ଟରେ କୋଅର୍ଡିନେଟର ଭାବେ କାର୍ଯ୍ୟ କରିବା ବେଳେ ପ୍ରାଣୀବିଜ୍ଞାନ ସମ୍ବନ୍ଧରେ ଅନେକ ନୂତନ ତଥ୍ୟ ପ୍ରକାଶ କରିବାରେ ସଫଳ ହୋଇଛନ୍ତି। ଫଳରେ ତାଙ୍କୁ ଆଜି ବଡ଼ ପଦବୀ ମିଳିଛି। ଏଭଳି ସଫଳତା ଉପରେ ମତ ଦେଇ ସେ କହିଛନ୍ତି ଯେ, ଜେଡ୍‌ଏସ୍‌ଆଇ ପ୍ରତିଷ୍ଠା ହେବାର ୩ ଦଶନ୍ଧି ପରେ ୧୯୪୯ରେ ମହିଳା ବିଜ୍ଞାନୀ ମୀରା ମନ୍‌ସୁଖାନି ସଂସ୍ଥାରେ ଯୋଗ ଦେଇଥିଲେ। ଏବେ ମୁଖ୍ୟ ପଦବୀରେ ତାଙ୍କ ନିଯୁକ୍ତି ପୁରୁଷ ପ୍ରାଧାନ୍ୟ ସଂସ୍ଥାରେ ପରିବର୍ତ୍ତନ ଆଣିଥିବା କୁହାଯାଉଛି ବୋଲି ଦୃଷ୍ଟି କହିଛନ୍ତି। ଏଥିସହିତ ସେ ତାଙ୍କ ସଫଳତା ଉପରେ ଆହୁରି କହିଛନ୍ତି, ମହିଳାମାନେ ହେଉଛନ୍ତି ସ୍ୱତନ୍ତ୍ର କ୍ଷମତାର ଅଧିକାରୀ। କାର୍ଯ୍ୟସ୍ଥଳୀ ଓ ପରିବାରକୁ ପରିଚାଳନା କରିବାରେ ସେ ମଧ୍ୟ ସକ୍ଷମ ହୋଇଛନ୍ତି। ନିଜ ସ୍ୱାମୀ ସୁଗ୍ରନ୍ ବାନାର୍ଜୀ ଓ ଝିଅ ରୋନୀ ତାଙ୍କୁ ବହୁ କ୍ଷେତ୍ରରେ ସହଯୋଗ କରିଥିବାରୁ ସେ ଆଜି ଏଭଳି ସ୍ଥାନରେ ପହଞ୍ଚିଛନ୍ତି। ଅଧିକ ଗବେଷଣା ଓ ଉପରକୁ ଉଠିବା ଦିଗରେ ସଂସ୍ଥାରେ ତାଙ୍କ ପାଇଁ ମାର୍ଗଦର୍ଶକ ପାଲଟିଥିବା ବ୍ୟକ୍ତିଙ୍କୁ ଏଥିପାଇଁ ଶ୍ରେୟ ଦେଇଛନ୍ତି ଦୃଷ୍ଟି। ବାସ୍ତବରେ ଜଣେ ମହିଳା ବିଜ୍ଞାନ ଗବେଷଣା କ୍ଷେତ୍ରରେ ନିଜକୁ ଉଚ୍ଚ ସ୍ଥାନକୁ ନେଇ ଆଜି ଭାରତୀୟ ଯୁବ ଗବେଷିକାଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କୋଭିଡ୍ ମହାମାରୀର ଦ୍ୱିତୀୟ ଲହରରେ ଲକ୍ଷ୍ନୌର ବର୍ଷା ବର୍ମା ହଜାର ହଜାର ମୃତଦେହକୁ ମେଡିକାଲରୁ ନେଇ ଶ୍ମଶାନରେ ପହଞ୍ଚାଇଛନ୍ତି। ମୃତ୍ୟୁ ପରେ ସାଙ୍ଗର ମୃତଦେହକୁ ଶ୍ମଶାନକୁ ନେବା ଲାଗି ଆମ୍ବୁଲାନ୍ସ କିମ୍ବା ଭ୍ୟାନ୍ ପାଇବାରେ ବହୁ ବିଳମ୍ବ ଓ ଚାଳକମାନେ ଅତ୍ୟଧିକ ଭଡ଼ା ଦାବି କରିବା ଯୋଗୁ ସେ ମୃତଦେହ ବୋହିବା ଲାଗି ନିଷ୍ପତ୍ତି ନେଇଥିଲେ ବୋଲି କହନ୍ତି ବର୍ଷା। ସେବେଠାରୁ ରାତିଦିନ ଏହି ସେବା ଲୋକଙ୍କୁ ଯୋଗାଇ ଆସୁଛନ୍ତି। ନିଜେ ଗାଡ଼ି ଚଳାଇ ଯାଉଛନ୍ତି। ସେ ମୃତଦେହଗୁଡ଼ିକୁ ମାଗଣାରେ ବୋହୁଛନ୍ତି ଓ ଶ୍ମଶାନରେ ସେମାନଙ୍କର ଅନ୍ତିମ ସଂସ୍କାରରେ ଆତ୍ମୀୟ ପରିଜନଙ୍କୁ ସାହାଯ୍ୟ କରୁଛନ୍ତି। ଏବେ ସୁଦ୍ଧା ସେ ୧,୫୦୦ ଲୋକଙ୍କୁ ସାହାଯ୍ୟ କରିସାରିଲେଣି। ବର୍ଷା ଜାତୀୟ ସ୍ତରର ଜଣେ ଜୁଡୋ ଚାମ୍ପିୟନ। ସେ ମଧ୍ୟ ଜଣାଶୁଣା କବୟିତ୍ରୀ। ଦ୍ୱିତୀୟ ଲହର ଶୀର୍ଷରେ ଥିବାବେଳେ ସେ ଏହି କାର୍ଯ୍ୟରେ ଲାଗି ଦିନରାତି ଏକ କରି ଦେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଅଗଷ୍ଟ ୧୯୯୬

- ଚେଚେନୀୟ ବିଦ୍ରୋହୀମାନେ ରୁଷୀୟ ସୈନ୍ୟଙ୍କ ଘାଟି ଉପରେ ଅଚାନକ ଆକ୍ରମଣ କରିବା ଫଳରେ ୭୦୦ ରୁଷୀୟ ସୈନ୍ୟ ନିହତ।
- ଶ୍ରେଷ୍ଠ ଜାପାନୀ ଚିତ୍ରତାରକା ତଥା ହାସ୍ୟାଭିନେତା ବିଓଶୀ ସ୍ୱାମୀଙ୍କ ପରଲୋକ।
- ହାୱାଲା ମାମଲାର ବିଚାର କରୁଥିବା କ୍ଷମତାପ୍ରାପ୍ତ ଅଦାଲତ ପକ୍ଷରୁ ଅଭିଯୁକ୍ତ ବି.ଆର୍. ଦେଶିକାଚାରୀଙ୍କୁ କ୍ଷମା ପ୍ରଦାନ।

## ଚିରନ୍ତନୀ

ଖୋଜୁଥିଲୁ ଦିନେ କିଶୋର-କୁସୁମ-ପଥେ
ଲଭିବାକୁ ପରା ମଳୟ ପରଶେ ମୋତେ ?
ମୁଁ ସେହି ଜୀବନ ନୁହେଁ ନୁହେଁ ଆନ କେହି
ବାସ୍ତବ ରୂପ ଦେଖ ମୋର ଆଖି ଫେଇ।
(ଜୀବନର ସ୍ୱର୍ଶ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସରକାର ନିଯୁକ୍ତି ସୃଷ୍ଟିକୁ ଅଗ୍ରାଧିକାର ଦିଅନ୍ତୁ

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କ ହାତକୁ କାମ ଦେବା, ବିଭିନ୍ନ ପ୍ରକାର କଲ୍ୟାଣମୂଳକ କାର୍ଯ୍ୟକ୍ରମ ଓ ସହାୟତା ରାଶି ଘୋଷଣା କରୁଥିଲେ ବି ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ପାଇଁ ଏହା ସମୁଦ୍ରକୁ ଶଙ୍ଖେ ଭଳି। କରୋନା ମହାମାରୀର ଦ୍ୱିତୀୟ ଲହର ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଲାଣି। ଲୋକେ ରୋଜଗାର ହରାଇଛନ୍ତି ଓ ସେମାନଙ୍କ କ୍ରୟଶକ୍ତି ଦିନକୁ ଦିନ ଦୁର୍ବଳ ହେଉଛି। ଆର୍ଥିକ ଅବସ୍ଥା ସଂକଟାପନ୍ନ। ଏବର୍ଷର ଦ୍ୱିତୀୟ ଲହରରେ ଗରିବଙ୍କଠାରୁ ମଧ୍ୟବିତ୍ତ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତେ ସଂକ୍ରମିତ ହେଲେ, ସେମାନେ ମୃତ୍ୟୁ ଓ ନିଯୁକ୍ତି ହରାଇବା ସହ ସବୁ ସମସ୍ୟାର ସମ୍ମୁଖୀନ ହେଲେ। ଅନ୍ୟ ରାଜ୍ୟଗୁଡ଼ିକ ଅପେକ୍ଷା ଓଡ଼ିଶାରେ ଯୁବତୀ ଯୁବକଙ୍କ ସଂଖ୍ୟା ବେଶି। ହେଲେ ନିଯୁକ୍ତି ସୁଯୋଗ କମ୍ ରହିଛି। ରାଜ୍ୟର ଅର୍ଥନୀତିର ଢାଞ୍ଚା ବଦଳିବା ସହିତ କୃଷିକୁ ପଛରେ ପକାଇ ଦେଇଛି। କୋଭିଡ୍ କୃଷି କ୍ଷେତ୍ରକୁ ସାଂଘାତିକ ଭାବେ ପ୍ରଭାବିତ କରିଛି। ଧାନକୁ ଛାଡ଼ିଦେଲେ ଅନ୍ୟାନ୍ୟ କ୍ଷେତ୍ରରୁ ଉତ୍ପାଦନ ନିରୁତ୍ସାହଜନକ। ଉତ୍ପାଦନ ନ ଥିବାରୁ ପ୍ରାୟ ସବୁ ଜିନିଷର ଅସମ୍ଭବ ଦରବୃଦ୍ଧି ଲାଗି ରହିଛି। କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା ନିଯୁକ୍ତିଦାତାମାନଙ୍କ ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା ରଖିଛି। ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ସ୍ଥିତି ଅତ୍ୟନ୍ତ ଦୟନୀୟ। ରାଜ୍ୟରେ ଯୁବତୀ ଯୁବକମାନେ ଚାକିରି ପାଇ ସନ୍ତୋଷଜନକ ଦରମା ପାଇଲେ ହିଁ ସେମାନଙ୍କର ପରିବାର ଚଳିବ। ରାଜ୍ୟକୁ ଏକ ସମୃଦ୍ଧିଶାଳୀ, ବିକାଶଶୀଳ ଓ ଶକ୍ତିଶାଳୀ ରାଜ୍ୟ ରୂପେ ଗଢ଼ି ତୋଳିବାକୁ ହେଲେ, ବେକାରି ସମସ୍ୟା ସମାଧାନ କରିବାକୁ ପଡ଼ିବ। ସୁଷମ ବଣ୍ଟନ ଓ ଦରଦାମ ସ୍ଥିର ରଖିବାକୁ ହେବ। ଏଣୁ ସରକାର ନିଯୁକ୍ତି ସୃଷ୍ଟିକୁ ଅଗ୍ରାଧିକାର ଦେବା ସଙ୍ଗେ ସଙ୍ଗେ ଲୋକମାନଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ।

–ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | 9 | | 5 | |
| | | 3 | 4 | | | | | |
| | 7 | | | | | | 4 | 6 |
| | 1 | | | | 4 | | | |
| | | | 7 | | | | | 3 |
| 4 | | | 1 | 8 | 5 | | | |
| | | | | 9 | | 6 | | |
| 6 | 5 | | | | | | | 8 |
| | | | | 5 | 1 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 6 | 2 | 4 | 1 | 5 | 8 | 7 |
| 7 | 1 | 4 | 9 | 8 | 5 | 2 | 3 | 6 |
| 2 | 8 | 5 | 6 | 3 | 7 | 4 | 9 | 1 |
| 8 | 7 | 1 | 5 | 6 | 3 | 9 | 2 | 4 |
| 3 | 4 | 9 | 8 | 1 | 2 | 6 | 7 | 5 |
| 5 | 6 | 2 | 7 | 9 | 4 | 8 | 1 | 3 |
| 1 | 2 | 7 | 4 | 5 | 8 | 3 | 6 | 9 |
| 4 | 9 | 8 | 3 | 7 | 6 | 1 | 5 | 2 |
| 6 | 5 | 3 | 1 | 2 | 9 | 7 | 4 | 8 |

ଗତକାଲିର ଉତ୍ତର

# କୋଟିପତି କନିଷ୍ଠ କିରାଣି

ବଲାଙ୍ଗୀର ଅଫିସ/ଗୁଡଭେଲା, ୭।୮ (ଡି.ଏନ୍.ଏ.)

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

- ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ
- ୧ କୋଟି ୮୧ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ କନିଷ୍ଠ କିରାଣି ରବୀନ୍ଦ୍ର କୁମାର ମହାନ୍ତି ଓ ତାଙ୍କ ସ୍ତ୍ରୀ ସହକାରୀ ଶିକ୍ଷୟିତ୍ରୀ ମେଘମାଳା ପଟ୍ଟନାୟକଙ୍କ ଘରେ ଶନିବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ବିଭାଗର ୫ଟି ଟିମ୍ ବଲାଙ୍ଗୀରର ସାଗରପଡାସ୍ଥିତ ତିନିମହଲା କୋଠା, ତୁଷରା ସହରରେ ଥିବା ମେଘମାଳାଙ୍କ ଘରେ, ଗୁଡଭେଲା ବ୍ଲକ ଡୁଙ୍ଗୁରିପାଲି ଠାରେ ଥିବା ଏକ ଘରେ, ପୁଇଁତଲା ବ୍ଲକ ଅଫିସରେ ଏବଂ ଶିକ୍ଷୟିତ୍ରୀ ମେଘମାଳା କାମ କରୁଥିବା ଡାହିମାଲ ନୋଡାଲ ୟୁପି ସ୍କୁଲ ଅଫିସରେ ଏକକାଳୀନ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ଭିଜିଲାନ୍ସ ବିଭାଗ ଗୋଟିଏ ତିନି ମହଲା କୋଠା, ଦୁଇଟି ଦୁଇ ମହଲା କୋଠା ଏବଂ ୯ ଟି ପ୍ଲଟ୍ ଠାବ କରିଛି। ଏହାର ମୂଲ୍ୟ ୧ କୋଟି ୭ ଲକ୍ଷ ୫୮ ହଜାର ୬୧୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହାସହିତ ୧୮ ଲକ୍ଷ ୨୩ ହଜାର ଟଙ୍କାର ଆସବାବପତ୍ର, ସୁନା ଅଳଙ୍କାର, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଗୋଟିଏ ଟାଭେରା କାର, ଗୋଟିଏ ବୋଲେରୋ ଗାଡି, ଗୋଟିଏ ବୁଲେଟ୍, ଗୋଟିଏ ହିରୋହୋଣ୍ଡା ପାଶନ୍ ବାଇକ୍, ପାୱାର ଟିଲର ଓ ଟ୍ରଲି ଠାବ କରାଯାଇଥିଲା। ଏହାର ମୂଲ୍ୟ ୧୯ ଲକ୍ଷ ୩୫ ହଜାର ଆକଳନ କରାଯାଇଛି। ୧୫ ଲକ୍ଷ ୯ ହଜାର ୪୪୯ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଓ ୮ ଲକ୍ଷ ୬ ହଜାର ୭ ଶହ ନଗଦ ଟଙ୍କା ଠାବ କରାଯାଇଥିଲା। ୧୩ ଲକ୍ଷ ୩୩ ହଜାର ଟଙ୍କାର ବୀମା କରିଥିବା ଜଣା ପଡିଥିଲା। ସମୁଦାୟ ୧ କୋଟି ୮୧ ଲକ୍ଷ ୬୮ ହଜାର ୫୦୪ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ସମ୍ବଲପୁର ଓ ବଲାଙ୍ଗୀର ଭିଜିଲାନ୍ସ ଟିମ୍ ଏହି ଚଢ଼ାଉରେ ଭାଗ ନେଇଥିଲେ।

# ହାଇକୋର୍ଟରେ ସଢୁଙ୍କ ଆଗୁଆ ଜାମିନ ଆବେଦନ

**ଓଏସ୍ଏସ୍ସି ପିଏସ୍ ବିରଞ୍ଚି ସାହୁ ଗିରଫ ଘଟଣା**

କଟକ ଅଫିସ,୭।୮

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ(ଓଏସ୍ଏସ୍ସି) ସଦସ୍ୟଙ୍କ ପ୍ରାଇଭେଟ୍ ସେକ୍ରେଟାରି(ପିଏସ୍) ବିରଞ୍ଚି ନାରାୟଣ ସାହୁ ଗିରଫ ହୋଇ ଜେଲରେ ଅଛନ୍ତି। ଏହି ଘଟଣାରେ ବିରଞ୍ଚିଙ୍କୁ ସାହାଯ୍ୟ କରିଥିବା ନେଇ ସ୍ତ୍ରୀ ସୁଧାଂଶୁବାଳା ସାହୁ ଓ ସଢୁ ମନୋରଞ୍ଜନ ସାହୁଙ୍କୁ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରିଥିଲା। ଏବେ ଉଭୟ ସ୍ତ୍ରୀ ଓ ସଢୁ ଫେରାର ଥିବାବେଳେ ଭିଜିଲାନ୍ସ ସେମାନଙ୍କୁ ଖୋଜୁଛି। ସମ୍ଭାବ୍ୟ ଗିରଫଦାରିକୁ ଏଡାଇବା ପାଇଁ ମନୋରଞ୍ଜନ ତାଙ୍କ ଓକିଲଙ୍କ ଜରିଆରେ ଗତ ୪ ତାରିଖରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ।

ସୂଚନାଯୋଗ୍ୟ, ଜୁଲାଇ ୩୦ ତାରିଖରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବିରଞ୍ଚିଙ୍କର ଭୁବନେଶ୍ୱର ବାସଭବନ, କଟକସ୍ଥିତ ଶ୍ୱଶୁର ଘର ଓ ସମ୍ପର୍କୀୟ ଘରକୁ ମିଶାଇ ୬ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢାଉ କରି ବିପୁଳ ପରିମାଣର ସମ୍ପତ୍ତି ଠାବ କରିଥିଲା। ଗତ ୩୧ ତାରିଖରେ ଭିଜିଲାନ୍ସ ବିରଞ୍ଚିଙ୍କୁ ଗିରଫ କରି ଭିଜିଲାନ୍ସ ସ୍ପେଶାଲ କୋର୍ଟରେ ହାଜର କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସେ ଶୁକ୍ରବାର ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ମାମଲାର ଉଚ୍ଚସ୍ତରୀୟ ତଦନ୍ତ କରି ନିଯୁକ୍ତି କ୍ଷେତ୍ରରେ ହୋଇଥିବା ଦୁର୍ନୀତିର ରହସ୍ୟ ଉନ୍ମୋଚନ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଦାବି ହେଉଥିବାବେଳେ ତଦନ୍ତକାରୀ ସଂସ୍ଥା ନଜରରେ ଅଛନ୍ତି ତାଙ୍କ ସ୍ତ୍ରୀ ଓ ସଢୁ। ଚାକିରି ବ୍ୟତୀତ ବିରଞ୍ଚି ୨୦୦୯ରୁ ତାଙ୍କ ସ୍ତ୍ରୀଙ୍କ ନାଁରେ ଇନ୍ସ୍ୟୁରାନ୍ସ ବ୍ୟବସାୟ ଚଳାଉଥିଲେ। ସ୍ତ୍ରୀଙ୍କ ନାଁରେ ବିପୁଳ ପରିମାଣର ସମ୍ପତ୍ତି ଠାବ ହୋଇଥିବାବେଳେ ସଢୁଙ୍କ ଘରୁ ନଗଦ ୧୩ ଲକ୍ଷ ଟଙ୍କା ମିଳିଥିଲା।

# ବଜ୍ରପାତ ନେଇ ଆଜି ୧୪ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୭।୮(ବ୍ୟୁରୋ):** ରାଜ୍ୟରେ ଆସନ୍ତା ୮, ୧୦ ଓ ୧୧ ତାରିଖରେ ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ସହିତ ବଜ୍ରପାତ ହେବ। ରବିବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ଦେବଗଡ଼ ଆଦି ୧୪ ଜିଲାରେ ଝଡ଼ବର୍ଷା ସହିତ ବଜ୍ରପାତ ହେବ। ସେଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେପଟେ ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ସହିତ ବଜ୍ରପାତ ହୋଇଛି। ବିଶେଷ କରି ବାଲେଶ୍ୱର, ମୟୂରଭଞ୍ଜ, ବାରିପଦା, ଭଦ୍ରକ ପଟେ ଅଧିକ ପ୍ରଭାବିତ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତରେ ୮ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୭ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ବାଲେଶ୍ୱର ଜିଲାରୁ ସର୍ବାଧିକ ୫ଜଣ ଥିବାବେଳେ ଭଦ୍ରକରୁ ୨ ଓ ମୟୂରଭଞ୍ଜରୁ ଜଣେ ରହିଛନ୍ତି। ସେହିପରି ଶନିବାର ବାଲେଶ୍ୱରରେ ସର୍ବାଧିକ ୫୫ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ନୟାଗଡ଼ରେ ୫୦, ପାରାଦୀପରେ ୪୭, ଟିଟିଲାଗଡ଼ରେ ୧୯.୨, ବଲାଙ୍ଗୀର ୧୪ ମିମି ବର୍ଷା ହୋଇଥିବା ସୂଚନା ଦିଆଯାଇଛି।

**MILK UNION SAMBALPUR**
**VEHICLE REQUIRED ON HIRE**
**(1).** Max Pick up or similar type vehicle required on Hire for Barpali-Tentulitikira-Barpali BMC Milk Route running both morning and evening covering 95 K.M. **(2).** TATA ACE or similar type vehicle required on Hire for Barpali-Launsara-Barpali BMC Milk Route running both morning and evening covering 48 K.M. **(3).** Max Pick up or similar type vehicle required on Hire for Kantamal BMC to Ambagahana Milk Route running both morning and evening covering 142 K.M. **(4).** TATA ACE or similar type vehicle required on Hire for Bargarh-Sarla- MCP Bargarh Milk Route running only morning covering 70 K.M.
Interested Parties may purchase and submit Tenders by **19.08.2021**, Tender Paper Cost- **Rs. 200/-**, **EMD- Rs.2,000/-**

# ଓଡ଼ିଶାର କଳା, ସଂସ୍କୃତିକୁ ଋଦ୍ଧିମନ୍ତ କରିଛି ବୟନକଳା




## ରାଜ୍ୟସ୍ତରୀୟ 'ଜାତୀୟ ହସ୍ତତନ୍ତ ଦିବସ'

- ସପ୍ତାହବ୍ୟାପୀ ପାଳନ ହେବ
- ଆରମ୍ଭ ହେଲା ଦସ୍ତଖତ ଅଭିଯାନ
- ୬ ତନ୍ତୁବାୟ ସହଯୋଗ ସମିତି ପୁରସ୍କୃତ

ଭୁବନେଶ୍ୱର, ୭।୮(ବ୍ୟୁରୋ)

ଉତ୍କର୍ଷ କଳାର ଦେଶ ଉତ୍କଳ ଆଜି ଓଡ଼ିଶା ନାମରେ ବିଶ୍ୱବିଦିତ। ଯୁଗ ଯୁଗରୁ ଖ୍ୟାତି ଅର୍ଜନ କରିଥିବା ଏହାର ବୟନକଳା ମୁଖ୍ୟତଃ ବାନ୍ଧବସ୍ତ୍ର ଓଡ଼ିଶାର କଳା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି। ଓଡ଼ିଆ ବୁଣାକାରଙ୍କ ହାତର ଯାଦୁକରିରେ ପ୍ରସ୍ତୁତ 'ହସ୍ତତନ୍ତ ବସ୍ତ୍ର' କେବଳ ରାଜ୍ୟ କିମ୍ବା ଦେଶ ନୁହେଁ, ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ମାନ୍ୟତା ହାସଲ କରିପାରିଛି। ରାଜ୍ୟ ଓ ଦେଶର ବୟନକଳାକୁ ପାରମ୍ପରିକ ବୁଣାକାରମାନେ ବଞ୍ଚାଇ ରଖିଛନ୍ତି ବୋଲି ଶନିବାର ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ବୟନ ଭବନରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଦିବସ ପାଳନ ହେବାକୁ ଥିବାବେଳେ ପ୍ରଥମ ଦିନରେ ଦସ୍ତଖତ ଅଭିଯାନ ସହ ପ୍ରଚାର ଓ ପ୍ରସାର ଗାଡ଼ିର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏଥିସହ ଗୁଣଯୁକ୍ତ ରଙ୍ଗ ପ୍ରଣାଳୀ ପୁସ୍ତକ, ବୟନିକାର ପ୍ରଚାର ଓ ପ୍ରସାର ବହନ କରୁଥିବା ବ୍ୟାଗକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ।

ଏହି ଅବସରରେ ନିରବିଚ୍ଛିନ୍ନ ଭାବେ ୭୫ବର୍ଷରୁ ଅଧିକ ବର୍ଷଧରି ରାଜ୍ୟରେ ବୁଣାକାରଙ୍କ ସେବାରେ କାର୍ଯ୍ୟରତ ୩ଟି ତନ୍ତୁବାୟ ସହଯୋଗ ସମିତିକୁ ସମ୍ମାନ ସହ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ପୁରୀ ଜିଲା ବଳଙ୍ଗାସ୍ଥିତ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି, କାକଟପୁର ତନ୍ତୁବାୟ ସହଯୋଗ ସମିତି ଓ ଗଞ୍ଜାମ ଜିଲାର ଆସିକା ତନ୍ତୁବାୟ ସହଯୋଗ ସମିତି ଏହି ସମ୍ମାନ ପାଇଛି। ସେହିପରି ଗତ ୩ବର୍ଷର ହାରାହାରି ବ୍ୟବସାୟକୁ ଆଧାର କରି ସର୍ବାଧିକ ହସ୍ତତନ୍ତ ବସ୍ତ୍ର ବ୍ୟବସାୟ କରିଥିବା ସୁବର୍ଣ୍ଣପୁର ଜିଲା ସାଗରପାଲିର ମା' ତନ୍ତୁବାୟ ସହଯୋଗ ସମିତିକୁ ପ୍ରଥମ ପୁରସ୍କାର ଭାବେ ୩ ଲକ୍ଷ ଟଙ୍କା, ସୁବର୍ଣ୍ଣପୁର ଜିଲା ପିପିଲିକାନିର ପରମେଶ୍ୱରୀ ତନ୍ତୁବାୟ ସହଯୋଗ ସମିତିକୁ ଦ୍ୱିତୀୟ ପୁରସ୍କାର ବାବଦକୁ ୨ଲକ୍ଷ ଟଙ୍କା ଓ ବରଗଡ଼ ଜିଲା କୋଷ୍ଟାପଡ଼ାର ବରପାଲି କୋଷ୍ଟା ତନ୍ତୁବାୟ ସହଯୋଗ ସମିତିକୁ ତୃତୀୟ ପୁରସ୍କାର ରାଶି ବାବଦକୁ ୧ଲକ୍ଷ ଟଙ୍କା ଦିଆଯାଇଛି। ଉତ୍ସବରେ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶୁଭା ଶର୍ମା, ବୟନ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକ ଏବଂ ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମୋଦି ସରକାର ଅସହିଷ୍ଣୁ: କଂଗ୍ରେସ

ଭୁବନେଶ୍ୱର, ୭।୮(ବ୍ୟୁରୋ)

ଭାରତ ବର୍ଷର ସର୍ବଶ୍ରେଷ୍ଠ ପୁରସ୍କାର ରାଜୀବ ଗାନ୍ଧୀ ଖେଲରତ୍ନ ପୁରସ୍କାରରୁ ରାଜୀବ ଗାନ୍ଧୀଙ୍କ ନାମ କାଟିବା ନେଇ ରାଜ୍ୟ କଂଗ୍ରେସ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ମୋଦି ସରକାର ଅସହିଷ୍ଣୁ ବୋଲି କଂଗ୍ରେସ କହିଛି। ଭାରତ ବର୍ଷରେ ନୂଆ କିଛି କରିବାର ଦକ୍ଷତା ରଖି ନ ଥିବା ଭାଜପା ସରକାର କଂଗ୍ରେସ କରିଥିବା ସମସ୍ତ ଯୋଜନାର ନାମ ପରିବର୍ତ୍ତନ କରିବାରେ ବ୍ୟସ୍ତ । ଖେଳ ପୁରସ୍କାରରୁ ରାଜୀବ ଗାନ୍ଧୀଙ୍କ ନାମ ହଟେଇ ଦେଲେ ମଧ୍ୟ ଭାରତବର୍ଷରୁ ରାଜୀବ ଗାନ୍ଧୀଙ୍କ ବିଚାରଧାରାକୁ ପରିବର୍ତ୍ତନ କରିପାରିବେ ନାହିଁ। ରାଜୀବ ହେଉଛନ୍ତି ଆଧୁନିକ ଭାରତ ବର୍ଷର ନିର୍ମାତା ଏବଂ ବର୍ତ୍ତମାନ ଯୁବ ଶକ୍ତିର ଆଦର୍ଶ। ଏହି ଅବସରରେ କଂଗ୍ରେସ ଭବନରେ ପିସିସି ମିଡିଆ ସେଲ ପକ୍ଷରୁ ଏକ ଜରୁରୀ ବୈଠକରେ ମୋଦି ସରକାରଙ୍କୁ ଦୃଢ଼ ନିନ୍ଦା କରାଯାଇଛି। ପିସିସି ମିଡିଆ ସେଲର ଅଧ୍ୟକ୍ଷ ଗଣେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆବାହକ ସତ୍ୟପ୍ରକାଶ ନାୟକ, ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ବିଧାୟକ ତଥା ମୁଖପାତ୍ର ଅଧିରାଜ ମୋହନ ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ସାହୁ, ଦେବାଶିଷ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ରଙ୍କ ସମେତ ସାମାଜିକ ଗଣମାଧ୍ୟମର ରାଜ୍ୟ ସାଧାରଣ ସମ୍ପାଦକ ଚନ୍ଦନ ରାୟ ପ୍ରମୁଖ ଯୋଗ ଦେଇଥିଲେ।

KISHORE VAIGYANIK PROTSAHAN YOJANA
किशोर वैज्ञानिक प्रोत्साहन योजना
**KVPY**
NATIONAL FELLOWSHIPS FOR STUDENTS INTERESTED IN RESEARCH CAREERS

**KVPY Fellowship-2021**

- **Stream SA**: Students enrolled in/planning to join XI Standard (Science Subjects) during the academic year 2021–22 and aspiring to join an undergraduate program in basic sciences (B.Sc/B.S./B.Stat./B.Math./Int. M.Sc./Int. M.S.) during the academic year 2023-24.
- **Stream SX**: Students enrolled in/planning to join XII standard (Science Subjects) during the academic year 2021–22 and aspiring to join an undergraduate program in basic sciences (B.Sc./B.S./B.Stat./B.Math./Int. M.Sc./Int. M.S.) during the academic year 2022-23.
- **Stream SB**: Students enrolled in/planning to join First Year B.Sc./B.S./B.Stat./B.Math./Int. M.Sc./Int. M.S. in basic sciences during the academic year 2021-22.

Rank certificates will also be available to an extended list of candidates.

| | | |
|---|---|---|
| 1 | Start of online submission of Application | 12th July 2021@ 1700 Hrs. |
| 2 | Last date for closing of online Application | 25th August 2021 |
| 3 | KVPY Aptitude Test | 7th November 2021 |

For more details please visit: http:// www.kvpy.iisc.ac.in
Convener, KVPY, IISc, Bengaluru-560 012

**ODISHA PUBLIC SERVICE COMMISSION**
**CUTTACK**
**NOTICE**
No. 5307/PSC, (DR-IV) (2PG-01-2021-22) dt.7.8.21
**NOTICE FOR CONDUCT OF PRACTICAL TEST FOR RECRUITMENT TO THE POST OF PROGRAMMER, PURSUANT TO ADVERTISEMENT NO. 03 OF 2021-22**
**No. D-81:** The Commission have decided to conduct **Practical Test on 05.09.2021 (Sunday)** for the post of Programmer in the Office of Odisha Public Service Commission, pursuant to advertisement no. 03 of 2021-22. The detail programme of examination will be notified shortly.
The candidates are advised to visit the Website of the Commission (www.opsc.gov.in) for further information on examination related Notices.
OIPR-12002/11/0053/2122 **Sd./- Additional Secretary**

**OCAC** ODISHA COMPUTER APPLICATION CENTRE
**REQUEST FOR PROPOSAL**
**Enq.No.:- OCAC-SEGP-INFRA-0019-2021-21031**
Odisha Computer Application Centre (OCAC) invites Request for Proposal (RFP) for selection of System Integrator (SI) for Establishment of **Digital Class Room** for Govt. Aided High Schools in the District of Keonjhar.
**Enq.No.:- OCAC-SEGP-INFRA-0019-2021-21032**
OCAC invites Request for Proposal (RFP) for selection of System Integrator (SI) for Establishment of **Central Recording Cell** at District of Keonjhar.
For details please visit websites www.ocac.in & www.odisha.gov.in. **The bids shall be submitted in electronic mode only in the portal https://enivida.odisha.gov.in latest by 27.08.2021, 12:00 Noon.** OCAC reserves the right to accept/ reject any/ all bids without assigning any reason thereof.
**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295
No. U-16 OIPR-16003/11/0012/2122

**CSIR-INSTITUTE OF MINERALS AND MATERIALS TECHNOLOGY**
**ACHARYA VIHAR, BHUBANESWAR-751013**
immt
**Advertisement No.-PME/P52/2021**
**RECRUITMENT FOR THE POSITIONS OF PROJECT STAFF**
**CSIR- Institute of Minerals and Materials Technology (CSIR-IMMT), Bhubaneswar** invites applications for about Eighteen (18) Nos. of positions of Project Staff in its ongoing projects. The requirement covers,
- Diploma in Chemical Engineering / B.Sc. in Chemistry / Environmental Science
- B.E./ B.Tech. in Chemical Engineering / Mechanical Engineering / Electrical Engineering / Biotechnology with or without GATE and with or without experience.
- M.Sc. in Physics/ Chemistry / Physics/ Applied Physics/ Materials Science/ Microbiology / Bio-technology with valid NET/GATE or without NET/GATE and with or without experience.
- Ph.D. in Physics/ Chemistry/ Materials Science

The positions are purely temporary and co-terminus with the tenure of projects. Eligible candidates may please visit CSIR-IMMT website www.immt.res.in for the details regarding submission of application, essential qualifications, job requirement, experience, age, monthly emoluments and other terms and conditions.
**Only short listed candidates will be intimated by e-mail for the date and time of interview through online platform.**
**Last date of submission of application: 23rd August, 2021.**

ଓଡ଼ିଶା ସରକାର
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ**
**ODISHA STATE SCHOLARSHIP PORTAL**
No.V-25:- ରାଜ୍ୟ ଭିତରେ ଏବଂ ବାହାରେ ପଢୁଥିବା ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି / ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀମାନଙ୍କର ଅନ୍‌ଲାଇନ ନୂତନ ଦରଖାସ୍ତ (ପଞ୍ଜୀକରଣ / ନୂତନ ପାଠ୍ୟକ୍ରମ ପାଇଁ ଆବେଦନ) ଏବଂ ନବୀକରଣ (ସମାନ ପାଠ୍ୟକ୍ରମରେ ପରବର୍ତ୍ତୀ ବର୍ଷଗୁଡିକରେ ଆବେଦନ) ଓଡ଼ିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲରେ (ODISHA STATE SCHOLARSHIP PORTAL)ରେ ଆମନ୍ତ୍ରିତ ହେବ। ପୂର୍ବ ବର୍ଷ ପରି, OTP ମାଧ୍ୟମରେ AADHAAR ପ୍ରାମାଣିକୀକରଣ ହୋଇ ନୂତନ ID ସୃଷ୍ଟି ହେବ। ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ଦିଆଯାଇଥିବା URL. http://www.scholarship.odisha.gov.inରେ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ନୂତନ ଆବେଦନ ପଞ୍ଜୀକରଣ କରିବେ।
**ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା**
(କ) ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି / ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନେ କ୍ଷେତ୍ରରେ ଓଡ଼ିଶା ସ୍ଥାୟୀ ଅଧିବାସୀ ହୋଇଥିବେ।
(ଖ) ସେ ସରକାରୀ/ ସରକାରୀ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ General / Technical/ Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ।
(ଗ) ଅନୁସୂଚିତ ଜନଜାତି / ଅନୁସୂଚିତ ଜାତିଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର)ରୁ ଅଧିକ ହୋଇ ନ ଥିବ।
(ଘ) ଅନ୍ୟାନ୍ୟ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର)ରୁ ଅଧିକ ହୋଇ ନ ଥିବ ଏବଂ ପୂର୍ବ ପରୀକ୍ଷାରେ ଅତିକମ୍‌ରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ।
(ଙ) ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କ (କେବଳ ସାଧାରଣ ବର୍ଗର ଛାତ୍ରଛାତ୍ରୀ-ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି / ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗଙ୍କୁ ବାଦ୍ ଦେଇ) କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର)ରୁ ଅଧିକ ହୋଇ ନ ଥିବ ଓ ସେ କେବଳ ସରକାରୀ ଅନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ଅଧ୍ୟୟନ କରୁଥିଲେ ମାଟ୍ରିକ ପର ଛାତ୍ରବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।
(ଚ) ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କ ଉଦ୍ଦିଷ୍ଟ ଛାତ୍ରବୃତ୍ତି (ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି / ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କୁ ବାଦ୍ ଦେଇ) କେବଳ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ।

**ଦରଖାସ୍ତ ପଞ୍ଜୀକରଣ କରିବାର ସମୟ ସାରଣୀ**

| କ୍ର. ନଂ. | କାର୍ଯ୍ୟକ୍ରମ | ନବୀକରଣ | ନୂତନ ପଞ୍ଜୀକରଣ |
|---|---|---|---|
| ୧ | ଦରଖାସ୍ତ ଆବେଦନ ନିମନ୍ତେ ପୋର୍ଟାଲର ଖୋଲିବା ତାରିଖ | ୧୦।୦୮।୨୦୨୧ | ୨୫।୦୮।୨୦୨୧ |
| ୨ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୧୫।୧୦।୨୦୨୧ | ୨୫।୧୦।୨୦୨୧ |
| ୩ | ଦରଖାସ୍ତଗୁଡିକ ଅନୁଷ୍ଠାନ ଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | ୩୧।୧୦।୨୦୨୧ | ୩୦।୧୧।୨୦୨୧ |
| ୪ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡିକ online ମଞ୍ଜୁରୀ କରିବାର ଶେଷ ତାରିଖ | ୧୫।୧୧।୨୦୨୧ | ୧୫।୧୨।୨୦୨୧ |

*ବିଶେଷ ଦ୍ରଷ୍ଟବ୍ୟ:- (i) ଚଳିତ ବର୍ଷରୁ ମାଟ୍ରିକ ପର ଛାତ୍ରବୃତ୍ତି ନିମନ୍ତେ 'ଆଧାର' ନମ୍ବର ପ୍ରଦାନ କରିବା ନିତାନ୍ତ ଜରୁରୀ ଅଟେ। ପଞ୍ଜୀକରଣ ସମୟରେ ପ୍ରେରଣା ପୋର୍ଟାଲର ନିର୍ଦ୍ଧାରିତ boxରେ ନିଜର ଆଧାର ନମ୍ବର ପ୍ରଦାନ କରନ୍ତୁ। ଯଦି ପ୍ରଦତ୍ତ ଆଧାର ନମ୍ବରରେ କୌଣସି ତ୍ରୁଟି ଥାଏ କିମ୍ବା ନମ୍ବରଟି ଅନ୍ୟ କାହାର ଥାଏ ତେବେ ଦରଖାସ୍ତଟିକୁ ବାତିଲ କରାଯିବ (Ref: Dept Notification No.10744 dt.26.06.2019).*
*(ii) ଆବେଦନକାରୀମାନେ ନିଜ ନିଜର ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଯଥା ଆକାଉଣ୍ଟ ନମ୍ବର, IFSC Code, ଶାଖା ନାମ ଇତ୍ୟାଦି ପ୍ରେରଣା ପୋର୍ଟାଲର ନିର୍ଦ୍ଧାରିତ boxରେ ପ୍ରଦାନ କଲାବେଳେ ଯତ୍ନବାନ ହେବେ। ବ୍ୟାଙ୍କ ତଥ୍ୟ ପ୍ରଦାନବେଳେ କୌଣସି ତ୍ରୁଟିବିଚ୍ୟୁତି ପାଇଁ ଏହି ବିଭାଗ ଦାୟୀ ରହିବେ ନାହିଁ। ବ୍ୟାଙ୍କ ସମ୍ବନ୍ଧୀୟ ଭୁଲ୍ ତଥ୍ୟ ପ୍ରଦାନ ଦ୍ୱାରା ଯଦି ସରକାରୀ ଅର୍ଥ ଅନ୍ୟ ନାମରେ ଥିବା ବ୍ୟାଙ୍କ ଖାତାକୁ ପ୍ରଦାନ କରାଗଲା ତେବେ ସେଥିପାଇଁ ସେ ଉତ୍ତରଦାୟୀ ରହିବେ।*
**ଉଭୟ ରାଜ୍ୟ ଭିତରେ ଏବଂ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନେ ନିମ୍ନରେ ଦିଆଯାଇଥିବା ନିର୍ଦ୍ଦେଶଗୁଡିକ ଅନୁସରଣ କରିବେ:**
- ଯୋଗ୍ୟ ଛାତ୍ରଛାତ୍ରୀମାନେ ODISHA STATE SCHOLARSHIP PORTALର ଅନ୍‌ଲାଇନ୍ ରେଜିଷ୍ଟ୍ରେସନର ସମ୍ପୂର୍ଣ୍ଣ ପଦ୍ଧତି ଉପରୋକ୍ତ URLରେ "HOW TO APPLY" ବଟନ୍ କ୍ଲିକ୍ କରି ଜାଣିପାରିବେ।
- ଯେହେତୁ ଆଧାର ପ୍ରାମାଣିକରଣରେ ନୂତନ ID ସୃଷ୍ଟି ହେବ, ଛାତ୍ରଛାତ୍ରୀମାନଙ୍କୁ ନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି ଯେ, ସେମାନଙ୍କର ଆଧାର ଏକ ମୋବାଇଲ ନମ୍ବର ସହିତ ଲିଙ୍କ୍ ହୋଇଛି ଏବଂ UIDAIରୁ OTP ଗ୍ରହଣ କରିବା ଏବଂ ସଫଳତା ପାଇଁ ସ୍କଲାରଶିପ୍ ପୋର୍ଟାଲରେ ସମାନ ପ୍ରଦାନ କରିବା ପାଇଁ ଆବେଦନ କରିବା ସମୟରେ ସେମାନେ ସେହି ମୋବାଇଲ୍ ବହନ କରିବା ଉଚିତ । ପଞ୍ଜୀକରଣ ।
- ଆବେଦନକାରୀର ସମ୍ପୂର୍ଣ୍ଣ ସୂଚନା ଯଥା ନାମ, ଲିଙ୍ଗ, ଜନ୍ମ ତାରିଖ (DOB), AADHAARରୁ ଅଣାଯିବ ଏବଂ ଅଣ-ସମ୍ପାଦିତ (non editable) ରହିବ। ଆବେଦନ କରିବା ପୂର୍ବରୁ, ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର AADHAARରେ (ନାମ ଏବଂ ଉପନାମ ବନାନ ଅନ୍ତର୍ଭୁକ୍ତ କରି) ସଠିକ୍ ବୋଲି ନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି।
- ଶେଷ ତାରିଖ ପର୍ଯ୍ୟନ୍ତ ଅପେକ୍ଷା ନ କରି DWOଙ୍କୁ ଆବେଦନ ଆସିବାର 7 ଦିନ ମଧ୍ୟରେ ଅନ୍‌ଲାଇନ ଆବେଦନ ଦାଖଲ କରିବାକୁ ଅନୁଷ୍ଠାନମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।
- COVID-19 ମହାମାରୀ ପରିସ୍ଥିତି ହେତୁ ଛାତ୍ରଛାତ୍ରୀ ଏବଂ ଅନୁଷ୍ଠାନଗୁଡିକ ଯଥାକ୍ରମେ ସମ୍ପୃକ୍ତ ଅନୁଷ୍ଠାନ ଏବଂ DWO ଗୁଡିକର ଆବେଦନ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକୁମେଣ୍ଟଗୁଡିକର ହାର୍ଡ କପି ଦାଖଲ ନ କରିବାକୁ ପରାମର୍ଶ ଦିଆଯାଇଛି। ତେଣୁ ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ଆୟ, ଜାତି, ମାଟ୍ରିକ ରୋଲ୍ ନଂ., ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦିର ସବିଶେଷ ତଥ୍ୟ ପୂରଣ କରିବା ସମୟରେ, ସମ୍ପୃକ୍ତ ସାର୍ଟିଫିକେଟରେ ଏବଂ ପୋର୍ଟାଲରେ ଅପ୍‌ଲୋଡ ହୋଇଥିବା ବିବରଣୀ ଅନୁଯାୟୀ ସତର୍କତାର ସହିତ ପୂରଣ କରିବେ। ଅନୁଷ୍ଠାନ/DWO ସ୍ତରରେ ଯାଞ୍ଚ ପ୍ରକ୍ରିୟା ସମୟରେ ଯଦି କିଛି ଅସଙ୍ଗତି ମିଳେ ତେବେ, ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ବୃତ୍ତି ପ୍ରତ୍ୟାଖ୍ୟାନ କରାଯାଇପାରେ।
- ଛାତ୍ରଛାତ୍ରୀମାନେ ସେମାନଙ୍କର ID ଏବଂ passwordକୁ ଗୁପ୍ତ ରଖିବାକୁ ଅନୁରୋଧ। ଯଦି ଅନ୍ୟମାନଙ୍କ ସହିତ ଆବେଦନକାରୀ ID ଏବଂ password ଦେବା କରିବା ହେତୁ କୌଣସି ଭୁଲ୍-କ୍ରେଡିଟ୍/ ମନିପୁଲେସନ୍ ହୁଏ, ତେବେ ସମ୍ପୃକ୍ତ ଛାତ୍ରଛାତ୍ରୀ କେବଳ ଦାୟୀ ହେବେ।

**ସ୍ୱା./- ନିର୍ଦ୍ଦେଶିକା, ଅନୁସୂଚିତ ଜନଜାତି**
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ**
OIPR-26001/11/0009/2122

## ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

ଡେରାବିଶ,(ସ୍ୱ.ପ୍ର.):କେନ୍ଦ୍ରାପଡ଼ା ସଦର ଥାନା ଚାଦୋଳ ଫାଣ୍ଡି ଅଧୀନ ହରିଅଙ୍କ ପଞ୍ଚାୟତ ଭୋଲହାଟ ରାସ୍ତା ପାଖରୁ ଶୁକ୍ରବାର ଚାଦୋଳ ଫାଣ୍ଡି ଅଧିକାରୀ ଚଢ଼ାଉ କରି ୬ ଜୁଆଡ଼ିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ହରିଅଙ୍କ ପଞ୍ଚାୟତ ଭୋଲହାଟରେ ପ୍ରତିଦିନ ଜୁଆଖେଳ ହେଉଥିବା ଖବର ପାଇ ପୋଲିସ କର୍ମଚାରୀମାନେ ଛଦ୍ମ ବେଶରେ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲା ଗିରଫ ବ୍ୟକ୍ତିମାନେ ହେଲେ ଭାରିଗୋଳ ଗ୍ରାମର ପ୍ରଦୀପ୍ତ ତ୍ରିପାଠୀ, ଗୋପାଳ ଚନ୍ଦ୍ର ମହାପାତ୍ର, କାଳିନ୍ଦୀ ମଳିକ, ଦକ୍ଷିଣିପାରିର ଦିଲ୍ଲୀପ ମଳିକ, ଅଡ଼ଙ୍ଗା ଗ୍ରାମର ମନୋଜ ଜେନା ଓ ମିର୍ଜାପୁର ଗ୍ରାମର ବାବାଜୀ ପାତ୍ର । ସେମାନଙ୍କଠାରୁ ନଗଦ ୨୦୮୦ ଟଙ୍କା, ୫ ମୋଟର ସାଇକେଲ, ୭ ମୋବାଇଲ୍ ଫୋନ୍, ୪ ସାଇକେଲ୍ ଆଦି ଜବତ କରାଯାଇଛି ।

## ସଂକ୍ଷେପରେ

### ମହାନଦୀରୁ ଯୁବକଙ୍କ ଗଳିତ ମୃତଦେହ ଜବତ

ତିର୍ତ୍ତୋଲ,୭।୮(ଡି.ଏନ.ଏ.): ତିର୍ତ୍ତୋଲ ଥାନା କୃଷ୍ଣାନନ୍ଦପୁର ଫାଣ୍ଡି ପଛପଟ ମହାନଦୀରୁ ଶନିବାର ଅପରାହ୍ଣରେ ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୟସ ୩୫ରୁ ୪୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ମୃତକ ଗୋଟିଏ କଳାରଙ୍ଗର ପ୍ୟାଣ୍ଟ ଓ ସବୁଜ ରଙ୍ଗର ସ୍ପୋର୍ଟିଂ ଗଞ୍ଜି ପିନ୍ଧିଛନ୍ତି। ତାଙ୍କ ଶରୀର ଅନେକ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ହତ୍ୟା ସନ୍ଦେହ କରାଯାଉଛି ବୋଲି ପୋଲିସ କହିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ପି.କେ କାନୁନ୍‌ଗୋ କହିଛନ୍ତି। ଏନେଇ ଅପମୃତ୍ୟୁ ମାମଲା (ନଂ. ୨୭/୨୧) ରୁଜୁ ହୋଇଛି।

### ପରିବା ଚୋର ଦର୍ଶାଇ ଯୁବକଙ୍କୁ ବାନ୍ଧି ମାଡ଼

କେନ୍ଦ୍ରାପଡ଼ା ଅଫିସ,୭।୮: ଶନିବାର କେନ୍ଦ୍ରାପଡ଼ା ସହର ନିକଟ ଗୋପ ଛକରେ ଏକ ଅମାନବୀୟ ଘଟଣା ଦେଖିବାକୁ ମିଳିଛି । ଟାଉନ ଥାନା ଅଞ୍ଚଳର ଜଣେ ଯୁବକ(୨୦)ଙ୍କୁ ପରିବା ବ୍ୟବସାୟୀମାନେ ଘଣ୍ଟାଏ ଧରି ଗୋଟିଏ ଖୁଣ୍ଟରେ ବାନ୍ଧି ପିଟିଛନ୍ତି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ବ୍ୟବସାୟୀମାନେ ସଂପୃକ୍ତ ଯୁବକଙ୍କୁ ଛାଡି ଦେଇଛନ୍ତି । ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ । ତେବେ ସ୍ଥାନୀୟ ବ୍ୟବସାୟୀଙ୍କ ଅଭିଯୋଗ ମୁତାବକ ସଂପୃକ୍ତ ଯୁବକ ଚୋରି ଉଦ୍ଦେଶ୍ୟରେ ଗୋଟିଏ ଦୋକାନରୁ କିଛି ପରିବା ବ୍ୟାଗରେ ପୂରାଇ ନେଇ ପଳାଇ ଯାଉଥିଲେ । ହେଲେ ଯୁବକ ଜଣକ କହିଛନ୍ତି, ଚୋରି ନୁହେଁ, ପରିବା ବ୍ୟାଗକୁ ଧରି ନିକଟସ୍ଥ ପାନ ଦୋକାନରୁ ଟଙ୍କା ଆଣି ବ୍ୟବସାୟୀଙ୍କୁ ଦେବା ପାଇଁ ଯାଉଥିଲି । ହେଲେ ପରିବା ବ୍ୟବସାୟୀମାନେ ମୋତେ ଚୋର କହି ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଥିଲେ ।

### ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ବିବାଦ
### ପାଚେରି ହଟାଇବାକୁ ଦାବିକଲା ବଜାର କମିଟି

ରଘୁନାଥପୁର,୭।୮(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ଛକସ୍ଥିତ ଗୋପବନ୍ଧୁ ଦାସ ଓ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସମ୍ମୁଖ ଭାଗରୁ ପ୍ରଶାସନ ପକ୍ଷରୁ ନିର୍ମିତ ହୋଇଥିବା ପାଚେରି ହଟାଇବାକୁ ପାଞ୍ଚ ବଜାର କମିଟି ପକ୍ଷରୁ ଦାବି କରାଯାଇଛି। ଏନେଇ ଜିଲାପାଳଙ୍କ ନିକଟରେ ଲିଖିତ ଭାବେ ଜଣାଯାଇଛି। ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ କମିଟି ପକ୍ଷରୁ କୌଣସି ଆପତ୍ତି ଅଭିଯୋଗ ନ ଥିବାବେଳେ ପାଚେରିକୁ ନେଇ କ୍ଷୁବ୍ଧ ହୋଇଛି। ଏହି ପାଚେରି ନିର୍ମାଣ ଦ୍ୱାରା ଶହେ ବର୍ଷର ଅନୁଷ୍ଠାନ ଗଣେଶ ମନ୍ଦିର, ପୂଜା ମଣ୍ଡପ ଏବଂ ବିଭିନ୍ନ ସଭା ସମିତି କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ବଜାର କମିଟି ପକ୍ଷରୁ କୁହାଯାଇଛି। ତୁରନ୍ତ ପାଚେରି ଉଚ୍ଛେଦ ନେଇ ପଦକ୍ଷେପ ନିଆ ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟବସାୟୀମାନେ ଧାରଣା ଦେବେ ବୋଲି ମଦନମୋହନ ଜେନା, କୃଷ୍ଣଚନ୍ଦ୍ର ଜେନା, ପ୍ରଭାକର ଖଟୁଆ, ସୁକାନ୍ତ ଦଲେଇ, ଅଞ୍ଜନ ସେନାପତି, ପ୍ରଦୀପ ନାୟକ ଓ ରଞ୍ଜନ କୁମାର ମହାନ୍ତି ପ୍ରମୁଖ କହିଛନ୍ତି। ଅପରପକ୍ଷେ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ଓ କଂଗ୍ରେସ କର୍ମୀଙ୍କ ପକ୍ଷରୁ ପ୍ରତିମୂର୍ତ୍ତିସ୍ଥଳରେ ଧାରଣା ଓ ଅନଶନ ଜାରି ରହିଛି। ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଓ କଂଗ୍ରେସ ମିଡିଆ ସେଲ ଆବାହକ ସତ୍ୟପ୍ରକାଶ ନାୟକ ଧାରଣାସ୍ଥଳରେ ପହଞ୍ଚି ରାଜ୍ୟ ସରକାର ଓ ଜିଲା ପ୍ରଶାସନକୁ ସମାଲୋଚନା କରିଛନ୍ତି।

### ଟୋକିଓରେ କେନ୍ଦ୍ରାପଡ଼ା ଚିତ୍ରଶିଳ୍ପୀଙ୍କ ଚିତ୍ର

କେନ୍ଦ୍ରାପଡ଼ା ଅଫିସ,୭।୮:ଜାପାନର ଟୋକିଓ ଅଲିମ୍ପିକ ମେମୋରିଆଲ ହଲ୍‌ରେ କେନ୍ଦ୍ରାପଡା ସହରର ଯୁବ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଚିତ୍ର ପ୍ରଦର୍ଶିତ ହେଉଛି । ଏହି ଚିତ୍ର ପ୍ରଦର୍ଶନୀ ଜୁଲାଇ ୨୩ରେ ଆରମ୍ଭ ହୋଇଛି । ଆସନ୍ତା ୮ ତାରିଖରେ ତାହା ଶେଷ ହେବ । ଏ ସମ୍ପର୍କରେ ଚିତ୍ରଶିଳ୍ପୀ ପଟ୍ଟନାୟକ କହିଛନ୍ତି, ଇଣ୍ଡିଆନ କଣ୍ଟେମ୍ପୋରାରି ଆର୍ଟ ଆସୋସିଏଶନ ଦ୍ୱାରା ଭର୍ଚୁଆଲ ମୋଡ୍‌ରେ ଏହି ଚିତ୍ରକଳା ପ୍ରଦର୍ଶିତ ହେଉଛି । ଏଥିରେ ଭାରତର ୭୨ ଜଣ ଶିଳ୍ପୀ ଭାଗ ନେଇଛନ୍ତି । ଏହାକୁ ପୂର୍ବତନ ହକି କ୍ୟାପ୍‌ଟେନ ଦିଲୀପ ତିର୍କୀ ଉଦ୍‌ଘାଟନ କରିଛନ୍ତି । ତାଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ର ମେମୋରିଆଲ ହଲ୍‌ରେ ସ୍ଥାନ ପାଇଥିବାରୁ ସେ ବେଶ୍ ଖୁସି ଅଛନ୍ତି । ସୂଚନାଯୋଗ୍ୟ, ଚିତ୍ରଶିଳ୍ପୀ ପଟ୍ଟନାୟକ ସହରର କାକଟ ମଙ୍ଗଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କଳାଶିକ୍ଷକ ଥିବା ବେଳେ କ୍ରିଷ୍ଣା ସ୍କୁଲ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟର ନିର୍ଦ୍ଦେଶକ ଅଛନ୍ତି । ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଚିତ୍ର ପ୍ରତିଯୋଗିତାରେ ସେ ୨୦ରୁ ଊର୍ଦ୍ଧ୍ୱ ପଦକ ଜିତିଛନ୍ତି ।

# ମୁଣ୍ଡ ନେଉଛି ବେଆଇନ କ୍ରଶର

ଯାଜପୁର ଅଫିସ/ ଜେନାପୁର, ୭।୮(ଡି.ଏନ.ଏ.)


କ୍ରଶରରେ ଭାଙ୍ଗିପଡ଼ିଥିବା ହମ୍ପର।

- ସିଲ୍ ହୋଇଥିବା କ୍ରଶର ଖୋଲିବା ପରେ ଦୁର୍ଘଟଣା
- ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

ଯାଜପୁର ଜିଲା ଜେନାପୁର ଥାନା ଅଞ୍ଚଳରେ ଶୁକ୍ରବାର ବେଆଇନ କ୍ରଶର ଜଣେ ଶ୍ରମିକଙ୍କ ମୁଣ୍ଡ ନେଇଛି। ୫୩ ନମ୍ବର ଜାତୀୟ ରାଜପଥ କଡ ବାଘୁଆ ଛକ ନିକଟରେ ଥିବା ସାମଲ କ୍ରଶରର ମାଲିକ ପ୍ରଣୟକୁମାର ସାମଲ (ବୁଟୁ)ଙ୍କୁ ଏହି ଘଟଣାରେ ଗିରଫ କରି ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ଏନେଇ ଜେନାପୁର ଥାନାରେ ଏକ ମାମଲା(ନଂ. ୨୪୬/୨୧) ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ସିଲ୍ ହୋଇଥିବା କ୍ରଶର ଚାଲିବା ପରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିପାଇଁ ଜିଲାପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ବୋଲି ଅଞ୍ଚଳବାସୀ କହିଛନ୍ତି ।

ସୂଚନାଯୋଗ୍ୟ, ୫୩ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଡାକ ବଙ୍ଗଳା ଛକଠାରୁ ଚଢେଇଧରା ଛକ ମଧ୍ୟରେ ରାଣୀବନ୍ଧ, ଭଡ଼ଙ୍ଗା, ଆରୁହା, ପାଖର, ବରଡ଼ା, ବଉଳମାଳ, ବାଘୁଆ ଆଦି ମୌଜାରେ ରାଜପଥ ପାର୍ଶ୍ୱକୁ ଲାଗି ଏକାଧିକ କ୍ରଶର ଚାଲିଛି। ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ଚଢାଉ କରି ସିଲ୍ କରାଯାଇଥିଲେ ହେଁ ତାହା କେବଳ ପ୍ରଶାସନିକ ଅଧିକାରୀଙ୍କ ସ୍ୱାର୍ଥ ପାଇଁ ବଳପ୍ରୟୋଗ ହେଉଥିବା ମତପ୍ରକାଶ ପାଇଛି। ଜିଲାର ଦର୍ପଣ, ଧର୍ମଶାଳା ଓ ଦାନଗଦି ତହସିଲ ଇଲାକାରେ ବେଆଇନ କ୍ରଶରଗୁଡ଼ିକ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ୨୦୧୫ ଜୁନ ୨୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ହାଇକୋର୍ଟ ମୋକଦ୍ଦମା ନମ୍ବର ଡବ୍ଲୁପିସି ୯୧୦୧/୨୦୦୯ ଏବଂ ରାଷ୍ଟ୍ରୀୟ ମାନବାଧିକାର ଆୟୁକ୍ତଙ୍କ କେସ ନମ୍ବର ୧୩୪-୧୮/୫/୦୭୦୮/ଓସି ଆଦେଶନାମା ଅନୁଯାୟୀ ବେଆଇନ କ୍ରଶରଗୁଡ଼ିକୁ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଏହି ନିର୍ଦ୍ଦେଶ ବଳରେ ଛୋଟ ଛୋଟ କ୍ରଶରଗୁଡିକ ଉପରେ ୨୦୧୬ରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ଏଥିରେ ପ୍ରାୟ ୧୪୭ଟି କ୍ରଶର ସିଲ୍ କରାଯାଇଥିଲା। ଏହାସହ ବିଦ୍ୟୁତ୍ ସଂଯୋଗ ମଧ୍ୟ କାଟି ଦିଆଯାଇଥିଲା । ସେତେବେଳେ ଅରୁଣି, ଆରକେଡି, ସିମ୍ପ୍ଲେକ୍ସ, ମାଧବ, ଗରୁଡ, ଏଆର୍ଏସ୍ଏସ୍, ନାଗାର୍ଜ୍ଜୁନ, ରକସାଣ୍ଡ, ଯୋଡା, ତାପ୍ତି, ଗୋଡଗାଉଁ, କୋଣାର୍କ, ଜୈନ, ଅମିତ, ସାଉଥ ଇଷ୍ଟ ପ୍ରମୁଖ ମେଗା କ୍ରଶର ଉପରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଭଙ୍ଗା କ୍ରଶର ମାଲିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଶ୍ରମିକଙ୍କ ଜୀବନଜୀବିକାକୁ ଦୃଷ୍ଟିରେ ରଖି କ୍ଲଷ୍ଟର ଆକାରରେ ଜିଲାର ୪ଟି ସ୍ଥାନରେ ସିଲ କରାଯାଇଥିବା କ୍ରଶର ୟୁନିଟଗୁଡିକୁ ପୁନଃ ସ୍ଥାପନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଏଥିସକାଶେ ଜମି ଯୋଗାଇ ଦେବାକୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ନିୟମ ଅନୁସାରେ କ୍ରଶର ୟୁନିଟର ୫୦୦ ମିଟର ପରିସୀମା ମଧ୍ୟରେ ଶିକ୍ଷାନୁଷ୍ଠାନ, ଜନବସତି, ଚିକିତ୍ସାଳୟ, ଅଫିସ ଆସୁ ନ ଥିବ । ରାଜ ରାଜପଥର ୨୦୦ ମିଟର ମଧ୍ୟରେ ଏହା ସ୍ଥାପନ ହେବ ନାହିଁ। କିନ୍ତୁ ଏହିସବୁ ନିଷ୍ପତ୍ତିର ୫ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପ୍ରଶାସନିକ ପଦକ୍ଷେପ କେବଳ ପାଣିର ଗାର ହୋଇଛି। କେତେଜଣ ପ୍ରଶାସନିକ ଅଧିକାରୀ କ୍ରଶର ମାଲିକଙ୍କଠାରୁ ମାସିକ ଚାନ୍ଦା ନେଇ ବେଆଇନ କ୍ରଶରଗୁଡିକ ଚାଲିବାକୁ ପ୍ରୋତ୍ସାହନ ଦେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏଥିପାଇଁ ଏକାଧିକ ଅଧିକାରୀଙ୍କ ବଦଳି ହେବାର ୬ ମାସରୁ ଊର୍ଦ୍ଧ୍ୱ କାଳ ବିତିଯାଇଥିଲେ ହେଁ ସେଠାରୁ ଅନ୍ୟତ୍ର ଯିବାକୁ ମନ କରୁନାହାନ୍ତି।

ଏ ସଂକ୍ରାନ୍ତରେ ଆଇନଜୀବୀ ଉଦୟନାଥ ସାହୁ କୁହନ୍ତି, ଗତ ଫେବୃୟାରୀ ମାସରେ ଜିଲାପାଳ ବେଆଇନ କ୍ରଶରଗୁଡିକ ସିଲ୍ କରିବାକୁ ଉଦ୍ୟମ କରିଥିଲେ। ହେଲେ କୌଣସି କାରଣରୁ ତାହା ସଫଳ ହୋଇ ପାରିନାହିଁ। ତେଣୁ ବିନା ପରିବେଶ ମଞ୍ଜୁରୀରେ ଶତାଧିକ କ୍ରଶର ଚାଲିଛି। ଏହାକୁ ତୁରନ୍ତ ବନ୍ଦ କରା ନ ଗଲେ ଜୀବନଜୀବିକା ଉପରେ ପ୍ରଭାବ ପଡୁଥିବ । ଧର୍ମଶାଳା ତହସିଲଦାର ଦେବୀପ୍ରସନ୍ନ ମହାନ୍ତିଙ୍କୁ ଏ ସଂକ୍ରାନ୍ତରେ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ବେଆଇନ କ୍ରଶର ବିରୋଧରେ ପଦକ୍ଷେପ ଗ୍ରହଣ କରାଯିବ।

## ବଳଦେବଜୀଉଙ୍କ ଜମି ଜବରଦଖଲ ମୁକ୍ତ ପାଇଁ ଦାବିପତ୍ର


ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ଶନିବାର ଦାବିପତ୍ର ପ୍ରଦାନ କରାଯାଉଛି ।

କେନ୍ଦ୍ରାପଡ଼ା ଅଫିସ,୭।୮

କେନ୍ଦ୍ରାପଡ଼ାର ଆରାଧ୍ୟଦେବ ତଥା ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ ୭୨୦ ଏକର ଜମି ଅଛି। ସେଥିମଧ୍ୟରୁ ବହୁ ଜମି ଜବରଦଖଲରେ ଅଛି। ଉକ୍ତ ଜମିକୁ ଚିହ୍ନଟ ସହ ଶ୍ରୀଜୀଉଙ୍କ ଅଧୀନକୁ ଫେରାଇ ଆଣିବା ପାଇଁ କେନ୍ଦ୍ରାପଡା ଜିଲାର ବହୁ ବୁଦ୍ଧିଜୀବୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ଶନିବାର ପ୍ରଦାନ କରିଛନ୍ତି। ଏସମ୍ପର୍କରେ ଦାବିପତ୍ର ପ୍ରଦାନକାରୀ ପ୍ରତାପ କୁମାର ମହାନ୍ତି କହିଛନ୍ତି, ଶ୍ରୀଜୀଉଙ୍କ ଜମି କେନ୍ଦ୍ରାପଡ଼ା ସମେତ କଟକ ଜିଲାର ବିଭିନ୍ନ ତହସିଲ ଅଧୀନରେ ଅଛି। ସେହି ଜମିରୁ ଆୟ ନାହିଁ। ଫଳରେ ଶ୍ରୀଜୀଉଙ୍କ ଦେବନୀତି ଆର୍ଥିକ ସଙ୍କଟରେ ଚାଲିଛି। ଏପରିକି ଦାନବାକ୍ସରୁ ମିଳୁଥିବା ଅର୍ଥ ପୂଜାର୍ଚ୍ଚନାରେ ଲାଗୁଛି । ଶ୍ରୀଜୀଉଙ୍କ ଜମି ଜବରଦଖଲରୁ ମୁକ୍ତ ହେଲେ ଠାକୁରଙ୍କ ନୀତିକାନ୍ତି ପାରମ୍ପରିକ ଢଙ୍ଗରେ ଚାଲିପାରିବ। ଏ ସଂକ୍ରାନ୍ତରେ ସୂଚନା ଅଧିକାର ଆଇନରେ ତଥ୍ୟ ମଗା ଯାଇଥିଲା। ଶ୍ରୀଜୀଉଙ୍କ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଜମିର ସମ୍ପୂର୍ଣ୍ଣ ଚିହ୍ନଟୀକରଣ ହୋଇ ନ ଥିବା ସେ ଦର୍ଶାଇଛନ୍ତି । ଚଳିତ ମାସ ଶେଷ ସୁଦ୍ଧା ଜମି ଜବରଦଖଲମୁକ୍ତ ନ ହେଲେ ଜିଲାବାସୀ ଆନ୍ଦୋଳନ କରିବେ ବୋଲି ମହାନ୍ତି କହିଛନ୍ତି।

# ଉନ୍ନୟନ ନୋଡାଲ ଅଧିକାରୀଙ୍କ ସମୀକ୍ଷା


ସମୀକ୍ଷା ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ।

କେନ୍ଦ୍ରାପଡ଼ା ଅଫିସ,୭।୮

**କର୍ମନିଯୁକ୍ତି, ଜୀବିକା ନିର୍ବାହକୁ ଗୁରୁତ୍ୱ**

ଜିଲା ଉନ୍ନୟନର ନୋଡାଲ ଅଧିକାରୀ ସୁରେଶ କୁମାର ବଶିଷ୍ଠ ଶନିବାର କେନ୍ଦ୍ରାପଡ଼ାରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଯୋଜନା ସମ୍ପର୍କରେ ନୋଡାଲ ଅଧିକାରୀ ବଶିଷ୍ଠ ଆଲୋଚନା କରିଥିଲେ । କରୋନା ସଂକ୍ରମଣ ପାଇଁ ଜିଲାର ଅର୍ଥନୀତିକୁ ସଚଳ କରିବାକୁ ସ୍ଥାନୀୟ ଅଧିବାସୀଙ୍କ କର୍ମନିଯୁକ୍ତି ଓ ଜୀବିକା ନିର୍ବାହକୁ ସେ ଗୁରୁତ୍ୱ ଦେଇଛନ୍ତି। ଗତ ଜୁଲାଇ ମାସରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି । ଏହାକୁ ଦୃଷ୍ଟିରେ ରଖି ଉଠା ଜଳସେଚନକୁ କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥଙ୍କ ସୂଚନା ଅନୁଯାୟୀ, ଜିଲାରେ ମୋଟ ୨୧୪୭ଟି ଅଙ୍ଗନୱାଡି କେନ୍ଦ୍ର ଅଛି । ସେଥିମଧ୍ୟରୁ ୨୧୦୧ କେନ୍ଦ୍ର ଗୃହ ନିର୍ମାଣ ପାଇଁ ମଞ୍ଜୁରୀ ପାଇଥିଲେ ମଧ୍ୟ ୭୬ଟି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ତନ୍ମଧ୍ୟରୁ ୪୩ଟି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇଛି । ମିଶନ ଶକ୍ତି ମାଧ୍ୟମରେ ଜୀବିକା ନିର୍ବାହ ପାଇଁ ଗୁରୁତ୍ୱ ଦିଆଯାଇଛି । ୩ଟି କାଫେ ସଚଳ କରାଯାଇଥିବା ବେଳେ ଜିଲାର ଅନ୍ୟ ୬ ବ୍ଲକରେ ଏନେଇ ଦ୍ରୁତ ପ୍ରସ୍ତୁତି ଚାଲିଛି। ଓଡ଼ିଶା ଜୀବିକା ମିଶନ ଦ୍ୱାରା କୁକୁଡ଼ା ଫାର୍ମ, ଡାଏରୀ, ଛତୁଚାଷ, ବିୟୁଟି ପାର୍ଲର, ସିଲାଇ ଶିକ୍ଷା, ପେପର ପ୍ଲେଟ ନିର୍ମାଣ ଆଦି କାର୍ଯ୍ୟକ୍ରମ ଜାରି ରହିଛି । ମମତା ଯୋଜନା କାର୍ଯ୍ୟକାରୀ ପାଇଁ ଗତ ଜୁଲାଇ ମାସରୁ ଇ-ମମତା ଏମଆଇଏସ ଆରମ୍ଭ ହୋଇଛି । ଚଳିତ ଆର୍ଥିକ ବର୍ଷର ଜୁଲାଇ ମାସ ସୁଦ୍ଧା ୪୭ଟି ଗ୍ରାମୀଣ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଶେଷ ହୋଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ସେହିପରି ସିଡିଏମ୍‌ଓ ଡା. ଅନୀତା ପଟ୍ଟନାୟକ କୋଭିଡ୍ ପରିଚାଳନା, ସ୍ୱାସ୍ଥ୍ୟସେବା ଓ ନିରାମୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବିଦ୍ୟୁତ୍, ନିର୍ମାଣ ଶ୍ରମିକଙ୍କ ସମସ୍ୟା, ସାଧାରଣ ବଣ୍ଟନ ବ୍ୟବସ୍ଥା, ଆବାସ ଯୋଜନା, ଶିକ୍ଷା ବ୍ୟବସ୍ଥା ଆଦିର ସମୀକ୍ଷା ହୋଇଥିଲା । ବୈଠକରେ ଜିଲାପାଳ ଅମୃତ ଋତୁରାଜ, ଏଡିଏମ୍ ଦୁର୍ଗା ମହାରଣା, ଉପ ଜିଲାପାଳ ନିରଞ୍ଜନ ବେହେରା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ
### ପରିବାର ଲୋକେ ଥାନାର ଦ୍ୱାରସ୍ଥ

ଆଳି,୭।୮(ଡି.ଏନ.ଏ.)

ଆଳି ଥାନା ଅନ୍ତର୍ଗତ ଧୋୟାଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋକୁ ଜଣେ ଯୁବକ ସୋସିଆଲ ମିଡିଆରେ ଭାଇରଲ କରିବା ପରେ ପରିବାର ଲୋକେ ଆଳି ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାଅନୁଯାୟୀ ଜଣେ ଯୁବତୀ ଯାଜପୁର ଜିଲାର ଏକ କଲେଜରେ ପାଠ ପଢୁଥିଲେ। କଲେଜକୁ ଯିବା ବାଟରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସହିତ ତାଙ୍କର ସମ୍ପର୍କ ଗଢ଼ି ଉଠିଥିଲା । ଏହାର ସୁଯୋଗ ନେଇ ଯୁବକ ଜଣକ କୌଶଳ କ୍ରମେ ଯୁବତୀଙ୍କ କିଛି ଅଶ୍ଳୀଳ ଫଟୋ ଉଠାଇ ତାଙ୍କୁ ଧମକ ଦେଇ ଆସୁଥିଲେ । କରୋନା କଟକଣା ଯୋଗୁ କଲେଜ ବନ୍ଦ ଥିବାରୁ ଯୁବତୀଙ୍କ ସହିତ ସେହି ଯୁବକଙ୍କ ସାକ୍ଷାତ ହୋଇପାରି ନ ଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକଙ୍କ ମୋବାଇଲରେ ଥିବା ଯୁବତୀଙ୍କ ଅଶ୍ଳୀଳ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରି ଦେଇଥିଲେ । ଏଥିରେ ମର୍ମାହତ ହୋଇ ଯୁବତୀ ଜଣକ ୨ ଥର ଆତ୍ମହତ୍ୟା ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି।

## ଉପସଭାପତି ୪, ସାଧାରଣ ସମ୍ପାଦକ ପଦବୀରେ ୯

ଜଗତ୍‌ସିଂହପୁର ଅଫିସ, ୭।୮

**ଜିଲା କଂଗ୍ରେସ କମିଟି ପରିବର୍ତ୍ତିତ ତାଲିକା ପ୍ରକାଶ**

ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ପରିବର୍ତ୍ତିତ ତାଲିକା ପ୍ରକାଶ ପାଇଛି। ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କ ସୁପାରିଶ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ତାଲିକା ଘୋଷଣା କରାଯାଇଥିବା ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକ ସୂଚନା ଦେଇଛନ୍ତି। ତାଲିକାରେ ଉପସଭାପତି ଭାବେ ସର୍ବେଶ୍ୱର ପଣ୍ଡା, ବିଚିତ୍ରାନନ୍ଦ ଲେଙ୍କା, ମହନି ରାଉତ ଓ ପୂର୍ଣ୍ଣଚନ୍ଦ୍ର ପରିଡ଼ାଙ୍କୁ ନିଆଯାଇଛି । କୋଷାଧ୍ୟକ୍ଷ ହୋଇଛନ୍ତି ଲିଙ୍ଗରାଜ ମଲ୍ଲ। ସେହିପରି ସାଧାରଣ ସମ୍ପାଦକ ଭାବେ ନିତ୍ୟାନନ୍ଦ ଦାସ, ଅକ୍ଷୟ ଦାସ, ଅଜୟ କୁମାର ସାହୁ, ଏମ୍. ଡି. ସମିମ, ମିନୁ ଚୌଧୁରୀ, ପ୍ରଶାନ୍ତ କୁମାର ମହାପାତ୍ର, ଅକ୍ଷୟ ମହାନ୍ତି, ବୈରାଗୀ ସ୍ୱାଇଁ ଓ ବିଭୁତି ଭୂଷଣ ଦାସଙ୍କୁ ନିଆଯାଇଛି। ସମ୍ପାଦକ ହୋଇଛନ୍ତି ରଶ୍ମି ରଞ୍ଜନ ଜେନା, ମନୋଜ କୁମାର ନାୟକ, ମନୋରଞ୍ଜନ ଜେନା, କାବେରୀ ରାୟ, ପ୍ରତିମା ମିଶ୍ର, ସଂଯୁକ୍ତା ଦାସ, ରଜନୀକାନ୍ତ ଚୌଧୁରୀ, ମହମ୍ମଦ ଅବଦୁଲ ୱାହିଦ ଓ ଅନସୂଚନା ପ୍ରଧାନ। କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଦେବୀ ପ୍ରସାଦ ତ୍ରିପାଠୀ, ଚନ୍ଦ୍ରଶେଖର ଦାସ, ଚରଣ ରାଉତ, ସୁବାସ ଚନ୍ଦ୍ର ସାହୁ, ଦିଲୀପ କୁମାର ସିଂ, ଆଲୋକ ଖୁଣ୍ଟିଆ, ଆଲୋକ ଖୁଣ୍ଟିଆ, ନିକୁଞ୍ଜ କିଶୋର ବେହେରା, ଅବନୀକାନ୍ତ ମହାରଣା, ବେଣୁଧର ସ୍ୱାଇଁ, ଦୁଃଶାସନ ନାୟକ, ପ୍ରସନ୍ନ କୁମାର ପରିଡ଼ା, ବୈରାଗୀ ଚରଣ ରାଉତ, ବୈଷ୍ଣବ ଚରଣ ନାୟକ, ଯୁଧିଷ୍ଠିର ବେହେରା, ହେମନ୍ତ କୁମାର ରଥ, ବିଦ୍ୟୁତ୍‌ଲତା ସାହୁ, ମହାଦେବ ସେଠୀ, ବିଦ୍ୟାଧର ବାରିକ ଓ ଦିପ୍ତି ରଞ୍ଜନ ତାରେଣୀୟାଙ୍କୁ ନିଆଯାଇଛି। ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଭାବେ ଚିରଞ୍ଜୀବ ବିଶ୍ୱାଳ, ରଞ୍ଜୀବ ବିଶ୍ୱାଳ, ଲଲାଟେନ୍ଦୁ ମହାପାତ୍ର, ଅରିନ୍ଦମ ସର୍ଖେଲ, ରବିନ୍ଦ୍ରନାଥ ମହାନ୍ତି, ବିପ୍ଳବ ଚୌଧୁରୀ, ପ୍ରତିମା ମଲ୍ଲିକ, ହିମାଂଶୁ ମଲ୍ଲିକ, ପ୍ରଶାନ୍ତ କୁମାର ମଲ୍ଲିକ, ଲିପକ କୁମାର ସାହୁ, ସୁଶାନ୍ତ କୁମାର କାନୁନ୍‌ଗୋ, ପବନୀ ଭୋଇଙ୍କ ସମେତ ମୋଟ୍ ୪୦ ଜଣ ରହିଛନ୍ତି। ଏହି ତାଲିକା ଘୋଷଣା ପରେ ଦଳ ଅଧିକ ସୁଦୃଢ ହେବ ବୋଲି କୁହାଯାଇଛି।

## ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ଉଦ୍ୟମ

ଡେରାବିଶ,୭।୮(ସ୍ୱ.ପ୍ର.)

ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ତିଲଙ୍ଗ କୋଠିଛକରେ ଶନିବାର ଜଣେ ପୋଲିସ କର୍ମଚାରୀଙ୍କୁ ଜଣେ ଯୁବକ ଆକ୍ରମଣ ଉଦ୍ୟମ କରିଥିବା ବିଭିନ୍ନ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହୋଇଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ କଟକ ଜିଲା ନେମାଳ ଥାନାର ଜଣେ ପୋଲିସ କର୍ମଚାରୀ ସେହି ବାଟ ଦେଇ ଯାଉଥିବା ବେଳେ ସ୍ଥାନୀୟ ବଘାଲୋ ଗ୍ରାମର ଜଣେ ନିଶାସକ୍ତ ଯୁବକ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଚପଲରେ ମାରିବା ପାଇଁ ଉଦ୍ୟମ କରିଥିଲେ । ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଯୋଗୁ କର୍ମଚାରୀ ଜଣକ ସେହି ଯୁବକଙ୍କ କବଳରୁ ରକ୍ଷା ପାଇଯାଇଥିଲେ । ଏ ସଂକ୍ରାନ୍ତରେ ଡେରାବିଶ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କୁ ପଚାରିବାରୁ ସେ କୌଣସି ଅଭିଯୋଗ ପାଇ ନ ଥିବା କହିଛନ୍ତି।

## ଆଥ୍‌ଲେଟିକ କ୍ଲବ ସଭାପତିଙ୍କ ଇସ୍ତଫା

କୁଜଙ୍ଗ, ୭।୮ (ଡି.ଏନ୍.ଏ.)

- ଉତ୍‌ଥାନ ସମ୍ପର୍କିତ ବୈଠକ ପୂର୍ବରୁ ପଦବୀ ଛାଡ଼ିଲେ
- ଓଡିଶା କ୍ରିକେଟ ସଂଘ (ଓସିଏ) ସହ ଅନୁବନ୍ଧିତ ଥିଲା

କୁଜଙ୍ଗ ଆଥ୍‌ଲେଟିକ କ୍ଲବ ସଭାପତି ପଦରୁ ରଞ୍ଜନ ଦାସ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ରରେ ନିଜର ବ୍ୟକ୍ତିଗତ ସମସ୍ୟାଯୋଗୁ କାର୍ଯ୍ୟଭାର ଲାଘବ ପାଇଁ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି । କ୍ଲବର ପୂର୍ବତନ ସଭାପତି ତଥା କୁଜଙ୍ଗ ବାର ଆସୋସିଏଶନର ପୂର୍ବତନ ସଭାପତି ଅନ୍ତର୍ଯାମୀ ନାରାୟଣ ଦାସ ଯାଦବ ଏହି କ୍ଲବର ଉତ୍‌ଥାନ ସମ୍ପର୍କରେ ଆଲୋଚନା କରିବା ପାଇଁ ଶୁକ୍ରବାର ଏକ ବୈଠକ ଡାକିଥିବା ବେଳେ ଏହା ଅବ୍ୟବହିତ ପୂର୍ବରୁ ସଭାପତିଙ୍କ ଇସ୍ତଫାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ରାଜନୈତିକ ଉଷ୍ମତା ବଢ଼ିଛି।

ପ୍ରାୟ ୫ଦଶନ୍ଧି ତଳେ କୁଜଙ୍ଗଠାରେ ଏହି କ୍ଲବ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ଏହା ଅବିଭକ୍ତ କଟକ ଜିଲା ଅଧୀନରେ ଥିଲା। ଏହା ସେତେବେଳେ ଏକ ଅଗ୍ରଣୀ କ୍ଲବର ମାନ୍ୟତା ଲାଭ କରିବା ସହ ଓଡିଶା କ୍ରିକେଟ ସଂଘ (ଓସିଏ) ସହ ଅନୁବନ୍ଧିତ ଥିଲା । ଅତୀତରେ ଏହି କ୍ଲବରୁ ବହୁ ଖେଳାଳି ରାଜ୍ୟ ସ୍ତରୀୟ ଫୁଟବଲ ଓ କ୍ରିକେଟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ । ତେବେ ଗତ ୨୦ ବର୍ଷ ହେବ କ୍ଲବଟି ଏକ ପ୍ରକାର ସୁପ୍ତ ହୋଇଯାଇଛି। ଏହି ସମୟ ମଧ୍ୟରେ ଏଠାରେ କୌଣସି ଖେଳର ଆୟୋଜନ ହୋଇ ନଥିଲା ବେଳେ କୌଣସି ଖେଳାଳି ମଧ୍ୟ ସୃଷ୍ଟି ହୋଇପାରି ନାହାନ୍ତି। ଓସିଏ ମଧ୍ୟ ସ୍ୱୀକୃତି ପ୍ରତ୍ୟାହାର କରିନେଇଛି। ଏଭଳି ପରିସ୍ଥିତରେ ଇସ୍ତଫା ଦେବାର କିଛି ଅର୍ଥ ନାହିଁ ବୋଲି କ୍ରୀଡ଼ାବିତ୍ ବୈଷ୍ଣବ ଚରଣ ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ବୈଠକ ସମ୍ପର୍କରେ ପୂର୍ବତନ ସଭାପତି ଅନ୍ତର୍ଯାମୀ କହିଛନ୍ତି, କୁଜଙ୍ଗରେ କ୍ରୀଡା ଭିତ୍ତିଭୂମି ସୁଦୃଢ କରିବା ପାଇଁ ସଭ୍ୟମାନଙ୍କୁ ଆଲୋଚନା ପାଇଁ ଡକା ଯାଇଥିଲା। ମାତ୍ର ଏହା ପୂର୍ବରୁ ରଞ୍ଜନ ଇସ୍ତଫା ଦେଇଥିଲେ। ଆଗକୁ ଏହି ଆଥ୍‌ଲେଟିକ କ୍ଲବ ପୁନରୁଥାନ ହେବକି ସମାଧୀସ୍ଥ ହୋଇଯିବ ତାହା ଦେଖିବାକୁ ବାକି ରହିଲା।

# ଠିକାଦାରଙ୍କୁ ଘେରିଲେ ମହିଳା

ନାଉଗାଁ,୭।୮(ସ୍ୱ.ପ୍ର)


ଠିକାଦାରଙ୍କୁ ଘେରିବା ପାଇଁ ମହିଳାମାନେ ଏକତ୍ରିତ ହୋଇଛନ୍ତି।

- ହିତାଧିକାରୀ ଫେରିପାଇଲେ ଅର୍ଥ
- ପ୍ରତି ଗୃହକୁ ପାଇପ ଲାଇନ୍ ସଂଯୋଗ କରାଯିବ

ନାଉଗାଁ ବ୍ଲକର ଶିଖର ପଞ୍ଚାୟତରେ ଅଧିକାଂଶ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ମିଳୁନାହିଁ। ଏଠାରେ ଜଳ ଜୀବନ ମିଶନ କାର୍ଯ୍ୟକାରୀ ହୋଇଛି। କିନ୍ତୁ ଯୋଜନା ଫେଲ ହୋଇଯାଇଛି। ପାନୀୟ ଜଳ ଯୋଗାଣ ପାଇଁ ୨ଟା ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ଗୋଟିଏ ଅଚଳ ହୋଇଯାଇଛି। ସୁଉଚ୍ଚ ପାଣି ଟାଙ୍କି ଥିଲେ ମଧ୍ୟ କାମରେ ଲାଗୁନାହିଁ। ଜଳ ଜୀବନ ମିଶନ୍ ଅନୁସାରେ ସମ୍ପୂର୍ଣ୍ଣ ମାଗଣାରେ ହିତାଧିକାରୀଙ୍କ ଘରେ ପାଇପ ବସାଇ ପାନୀୟ ଜଳ ଯୋଗାଇବାର ନିୟମ ରହିଛି। ମାତ୍ର ସମ୍ପୃକ୍ତ ଠିକାଦାର ଏଥିପାଇଁ ଅର୍ଥ ଆଦାୟ କରି ପଳାଇଯାଇଛନ୍ତି ବୋଲି ହିତାଧିକାରୀମାନେ ଅଭିଯୋଗ କରିଥିଲେ। ବିନା ଅର୍ଥରେ ପାଇପ୍ ସଂଯୋଗ ହେଉଥିବା ନେଇ ପଞ୍ଚାୟତବାସୀ ଗଣମାଧ୍ୟମରୁ ଜାଣିବାପରେ ସମ୍ପୃକ୍ତ ଠିକାଦାରଙ୍କୁ ମହିଳାମାନେ ଘେରି ଅର୍ଥ ଆଦାୟ କରିଛନ୍ତି। ଠିକାସଂସ୍ଥାର କର୍ମଚାରୀ ଶନିବାର ହିତାଧିକାରୀଙ୍କ ଗୃହକୁ ପାଇପ୍ ସଂଯୋଗ କରିବାକୁ ଆସିଥିଲେ। ପୂର୍ବରୁ ପାଇପ୍ ସଂଯୋଗ ପାଇଁ ନେଇଥିବା ଅର୍ଥକୁ ଠିକାଦାର ଫେରସ୍ତ କରିବା ପାଇଁ ହିତାଧିକାରୀମାନେ ଦାବି କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କୌଣସିମତେ କର୍ମଚାରୀ ଜଣକ ସେଠାରୁ ଖସି ପଳାଇଥିଲେ। ଏହାପରେ ଠିକାଦାର ଆସି କେତେଜଣ ହିତାଧିକାରୀଙ୍କୁ ୧୨ ହଜାର ଟଙ୍କା ଫେରସ୍ତ କରିଛନ୍ତି ବୋଲି ପ୍ରଭାସିନି ମୁଦୁଲି, ଗୁନିଲତା ମୁଦୁଲି, ରିନା ପଣ୍ଡା, ଭବାନୀ ମଲ୍ଲ, ରୁନି ପଣ୍ଡା, ଅନନ୍ତ ପ୍ରସାଦ ମହାପାତ୍ର ପ୍ରମୁଖ ପ୍ରକାଶ କରିଛନ୍ତି। ସରକାରଙ୍କ ନିୟମ ଅନୁସାରେ, ଜଳ ଜୀବନ ମିଶନ୍‌ରେ ପାଇପ ସଂଯୋଗ କରାଯାଇ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରି ପାଣି ଯୋଗାଇ ଦିଆଯିବ। ଏଥିପାଇଁ ପରିବାର ପ୍ରତି ସରକାରଙ୍କ ପକ୍ଷରୁ ୧୮୭୭ ଟଙ୍କା ବ୍ୟୟ ବରାଦ ହୋଇଛି। ସେହିପରି ମୁଖ୍ୟ ପାଇପ ଠାରୁ ରାସ୍ତା ପାର୍ଶ୍ୱ ଗୃହକୁ ୬ ମିଟର (୨୦ ଫୁଟ) ରାସ୍ତା ଅପରପାର୍ଶ୍ୱକୁ ୧୨ ମିଟର (୪୦ ଫିଟ ପର୍ଯ୍ୟନ୍ତ ) ଠିକାଦାର ପାଇପ୍ ସଂଯୋଗ କରିବାର ନିୟମ ରହିଛି। କିନ୍ତୁ ସମ୍ପୃକ୍ତ ଠିକାଦାର ମାତ୍ର ରାସ୍ତା ପାର୍ଶ୍ୱରେ ଥିବା ଗୃହଗୁଡ଼ିକୁ ପାଇପ୍ ସଂଯୋଗ ପ୍ରଦାନ କରି ଅନ୍ୟମାନଙ୍କୁ ଛାଡିଦେଇଛି। ସେହିପରି ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ କାର୍ଯ୍ୟ କରାଯାଉଥିବା ବେଳେ ସୂଚନା ଫଳକ ଲାଗିନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ଜଳ ପରିମଳ ବିଭାଗର ଯନ୍ତ୍ରୀ ଭରତ ଭୂଷଣ ଲେଙ୍କା କହିଛନ୍ତି, ଠିକାଦାରଙ୍କର ଅର୍ଥ ନେବାର ନିୟମ ନାହିଁ। ଏନେଇ ନିଆଯିବା ଅର୍ଥ ଫେରସ୍ତ କରାଯିବା ସହ ସମସ୍ତ ଘରକୁ ପାଇପ୍ ଲାଇନ୍ ସଂଯୋଗ କରାଯିବ। ଏଥିସହ ଖୁବଶୀଘ୍ର ସୂଚନା ଫଳକ ଲଗାଇବା ପାଇଁ ବ୍ୟବସ୍ଥା କରାଯିବ।

# ଇଡ୍‌କୋ ଉପରେ ୩୨.୬୨ କୋଟି ଜଳକର ବାକି

ଯାଜପୁର ଅଫିସ,୭।୮

କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ଜଳ ନେଇ ଇଡ୍‌କୋ ୩୨.୬୨ କୋଟି ଟଙ୍କା ଜଳକର ଦେଇ ପାରିନାହିଁ। ଏହିମର୍ମରେ ଜରକା ଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଗତ ୧।୭।୨୦୨୧ରେ ଆବଶ୍ୟକ ଜଳକର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆରମ୍ଭରୁ ଇଡ୍‌କୋ ଏବଂ ଜଳସେଚନ ବିଭାଗ ମଧ୍ୟରେ ଜଳକର ଓ ସୁଧ ଅର୍ଥ ବାବଦକୁ ନେଇ ଚାଲିଥିବା ବିବାଦର ସମାଧାନ ହୋଇ ପାରୁ ନ ଥିବାରୁ ଜଳକର ବଢ଼ିବାରେ ଲାଗିଛି ବୋଲି ସୂଚନା ମିଳିଛି।

ବିକାଶ ନାମରେ ଗରିବ ଚାଷୀଙ୍କ ହାତରୁ ଜଳ, ଜମି ଓ ଜଙ୍ଗଲ ଛଡାଇ ପୁଞ୍ଜିପତିମାନଙ୍କୁ ଟେକି ଦିଆଯାଇଛି। ଏହିକ୍ରମରେ ଯାଜପୁର ଜିଲାର ଜୀବନରେଖା ଭାବେ ପରିଚିତ ବ୍ରାହ୍ମଣୀ ନଦୀରୁ ଟୋପାଏ ବି ପାଣି ଜଳସେଚନ ଉଦ୍ଦେଶ୍ୟରେ ବ୍ୟବହାର ହୋଇ ପାରୁନାହିଁ। ବରଂ ବ୍ରାହ୍ମଣୀ ନଦୀରୁ କଳିଙ୍ଗନଗରର ୧୨ଟି ଶିଳ୍ପ କାରଖାନାକୁ

## ତୁରନ୍ତ ପୈଠ କରିବାକୁ ନିର୍ଦ୍ଦେଶ

ଦୈନିକ ବିପୁଳ ପରିମାଣର ପାଣି ଯୋଗାଇ ଦିଆଯାଉଛି । ପଙ୍କପାଳଠାରେ ଇଡ୍‌କୋ ପକ୍ଷରୁ ଇନ୍‌ଟେକ ୱେଲ ଜରିଆରେ ଅତି ନିମ୍ନମାନର ଫ୍ଲୋମିଟରରେ ପାଣି ଯୋଗାଇ ଦିଆଯାଉଥିବାରୁ ବାସ୍ତବରେ କେତେ ପରିମାଣର ପାଣି ଯାଉଛି ତାହା ମଧ୍ୟ ଆକଳନ କରିବା ସମ୍ଭବ ହୋଇ ପାରୁନାହିଁ । ଏଭଳି ଭାବେ ନଦୀଜଳକୁ ଇଡ୍‌କୋ ଲୁଟ କରି ଆସୁଥିଲେ ହେଁ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନାହିଁ । ବରଂ ଇଡ୍‌କୋକୁ ରାଜ୍ୟ ସରକାର ଅଯାଚିତ ଦାନ ସ୍ୱରୂପ ଗତ ୨୦୧୫ ଅଗଷ୍ଟରେ ଜଳକର ବାବଦକୁ ୫୬କୋଟି ୪ ଲକ୍ଷ ଟଙ୍କା ଛାଡ କରିଥିଲେ। ଇତିମଧ୍ୟରେ ଗତ ଜୁନରେ ଚୁକ୍ତିଠାରୁ ଢେର ଅଧିକ ୫୮୭୧୭୮.୨ କ୍ୟୁବିକ ମିଟର ଜଳ ବ୍ରାହ୍ମଣୀରୁ ଉତ୍ତୋଳନ ହୋଇଥିବା ଜଳସେଚନ ବିଭାଗ ପକ୍ଷରୁ ଦର୍ଶାଯାଇଛି। ନିର୍ଦ୍ଧାରିତ ଜଳକର ଅନୁସାରେ କ୍ୟୁବିକ


ବ୍ରାହ୍ମଣୀ ନଦୀ।

ମିଟର ପିଛା ୬.୭୫ ଟଙ୍କା ଅନୁଯାୟୀ ୩୯,୬୩,୪୫୩ ଟଙ୍କା ହେଉଛି। ପୂର୍ବ ମାସର ବଳକା ୩୨,୦୦,୧୪,୪୫୫ ରହିଛି। ମାସକୁ ସୁଧ ୨ ପ୍ରତିଶତ ଅନୁସାରେ ଇଡ୍‌କୋ ପାଖରେ ସମୁଦାୟ ୩୨ କୋଟି ୬୨ ଲକ୍ଷ ୭୧୭ ଟଙ୍କା ଜଳକର ବାକି ରହିଥିବା ଜଳସେଚନ ବିଭାଗ ପକ୍ଷରୁ ହୋଇଥିବା ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷେ ଇଡ୍‌କୋ ଲାଭ କରୁଥିବା ସଂସ୍ଥା ନୁହେଁ ଏବଂ ରାଜ୍ୟର ଶିଳ୍ପ ବିକାଶ ପାଇଁ ସେବାକାରୀ ସଂସ୍ଥା ଭାବେ କାର୍ଯ୍ୟ କରୁଛି ବୋଲି ଇଡ୍‌କୋ ଦାବି କରୁଛି। ତେଣୁ ଜଳସେଚନ ବିଭାଗ ପକ୍ଷରୁ ଦାବି କରାଯାଇଥିବା ଜୋରିମାନା ଓ ସୁଧ ଛାଡି ଥିବା କଥା। ଗତ ୧।୧।୨୦୦୦ରୁ ୩୧।୩।୨୦୧୫ ମଧ୍ୟରେ ଜଳକର, ସୁଧ ଓ ଜୋରିମାନା ସହ ଇଡକୋ ୬୩ କୋଟି ୪୩ ଲକ୍ଷ ଟଙ୍କା ଜଳସେଚନ ବିଭାଗକୁ ଦେବାର ଥିଲା। କିନ୍ତୁ ମାତ୍ର ୭କୋଟି ୩୯ ଲକ୍ଷ ଟଙ୍କା ଜଳକର ଦେବାକୁ ସରକାର ଇଡ୍‌କୋକୁ ନିର୍ଦ୍ଦେଶ ଦେଇଥିଲେ। ଏସବୁର ହିସାବ କରି ସମାଧାନ କରିବାକୁ ବାରମ୍ବାର ପତ୍ର ଆଦାନ ପ୍ରଦାନ ହୋଇଥିଲେ ହେଁ ବକେୟା ଅର୍ଥ ବାବଦକୁ ସମାଧାନ ହୋଇ ପାରି ନାହିଁ ବୋଲି ଇଡ୍‌କୋ ଡିଭିଜନାଲ ମୁଖ୍ୟ ସ୍ମରଣଶଙ୍କର ମିଶ୍ର ଗତ ୫।୮।୨୦୨୧ରେ ଚିଫ୍ ଜେନେରାଲ ମ୍ୟାନେଜରଙ୍କ ନିକଟରେ ସ୍ପଷ୍ଟୀକରଣ ଦେଇଛନ୍ତି।

ଯାଜପୁର ଜିଲାରେ ପ୍ରକୃତିଦତ୍ତ ନଦୀ, ନାଳ ପ୍ରଭୃତି ଜଳଉତ୍ସ ଭରପୁର ରହିଛି । ଜିଲାଦେଇ ରାଜ୍ୟର ଦ୍ୱିତୀୟ ସର୍ବବୃହତ୍ ବ୍ରାହ୍ମଣୀ ସହ ବୈତରଣୀ ନଦୀ ପ୍ରବାହିତ ହେଉଛି । ଏହି ଦୁଇ ନଦୀରେ ଏକାଧିକ ଜଳସେଚନ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ତେବେ ପ୍ରକଳ୍ପଗୁଡିକର ଅଧାପନ୍ତରିଆ ସ୍ଥିତି ଚାଷୀଙ୍କ ବିପଦ ସମୟରେ କାମକୁ ଆସି ପାରୁନାହିଁ । ବରଂ ଶିଳ୍ପକୁ କେମିତି ଜଳଯୋଗାଣରେ ଆଦୌ ଅବହେଳା ପ୍ରଦର୍ଶନ ନ ହେବ ସେଥିପ୍ରତି ସରକାର ବେଶୀ ଧ୍ୟାନ ଦେଉଥିବା ମନେ ହେଉଛି। ଲୋକେ ପାଣି ପାଇଁ ଡହଳ ବିକଳ ହେଲେ କିଛି ଯାଏ ଆସେ ନାହିଁ । କିନ୍ତୁ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ଶତାଧିକ କ୍ୟୁସେକ ପାଣି ନେଇ କଳିଙ୍ଗନଗର ଶିଳ୍ପାଞ୍ଚଳର କାରଖାନାଗୁଡିକ ଚାଲିବାର ଅଛି ବୋଲି ମତ ପ୍ରକାଶ ପାଇଛି ।

ଏ ସଂକ୍ରାନ୍ତରେ ଜାରକା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭାଗୀୟ ରେକର୍ଡ ଅନୁସାରେ ଇଡ୍‌କୋ ପାଖରେ ସଂପ୍ରତି ୩୨.୬୨ କୋଟି ଟଙ୍କା ଜଳକର ବାକି ରହିଛି। ତେବେ ଉଭୟ ପକ୍ଷ ମଧ୍ୟରେ ବୈଠକ କରାଯାଇ ହିସାବକିତାବ କରାଗଲେ ତାହା ହ୍ରାସ ପାଇପାରେ।

## ବାଇକ୍ ଡିକି ଭାଙ୍ଗି ୭୧ ହଜାର ଟଙ୍କା ଲୁଟ୍

ଡେରାବିଶ,୭।୮(ସ୍ୱ.ପ୍ର.)

ଚାନ୍ଦୋଳ ଫାଣ୍ଡି ଅଧୀନ ଚାନ୍ଦୋଳ ବଜାରରୁ ଶନିବାର ବ୍ୟବସାୟୀ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଦୋକାନ ଆଗରେ ଥିବା ବାଇକ୍ ଡିକି ଭାଙ୍ଗି ସେଥିରେ ଥିବା ୭୧ ହଜାର ଟଙ୍କା, ଦୁଇଟି ବ୍ୟାଙ୍କର ଚେକ୍‌ବୁକ୍, ଆଧାର କାର୍ଡ଼ ସହିତ ଅନ୍ୟାନ୍ୟ କାଗଜପତ୍ର ଲୁଟ ହୋଇଥିବା କୃଷ୍ଣ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପ୍ରଧାନ ଚାନ୍ଦୋଳ ଷ୍ଟେଟ୍ ବ୍ୟାଙ୍କରୁ ଦିନ ୧୧ଟା ବେଳେ ନିଜ ଜମାଖାତାରୁ ୭୧ ହଜାର ଟଙ୍କା ଉଠାଇ ନିଜ ବାଇକ୍ ଡିକିରେ ରଖି ଦୋକାନକୁ ଆସିଥିଲେ । ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ବାଇକ୍ ଡିକି ଭାଙ୍ଗି ସେଥିରେ ଥିବା ଟଙ୍କା ସମେତ ସମସ୍ତ ଦରକାରୀ କାଗଜପତ୍ର ନେଇ ଚମ୍ପଟ ମାରିଥିଲେ । ଫାଣ୍ଡି ଅଧିକାରୀ ସୌମ୍ୟ ରଞ୍ଜନ ପାଣିଗ୍ରାହୀ ଫାଣ୍ଡି ଛକରେ ଛିଡ଼ା ହୋଇଥିବା ବେଳେ କଟକ-ଚାନ୍ଦବାଲି ରାଜରାସ୍ତାରେ ବାଇକ୍‌ରେ ଦୁଇଜଣ ଯୁବକ କଟକଆଡ଼କୁ ଯାଉଥିବା ଦେଖିବାକୁ ପାଇଥିଲେ । କିଛି ସମୟ ପରେ ପ୍ରଧାନ ଫାଣ୍ଡିରେ ପହଞ୍ଚି ଫାଣ୍ଡି ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ଜଣାଇଥିଲେ। ବାଇକ୍‌ରେ ଯାଉଥିବା ଯୁବକଦ୍ୱୟ ଏହି କାଣ୍ଡ ଘଟାଇଥିବା ସନ୍ଦେହ କରି ପୋଲିସ ତାଙ୍କ ପିଛା କରିଥିଲା । ହେଲେ ସେମାନଙ୍କୁ ଧରିବାରେ ପୋଲିସ ସଫଳ ହୋଇପାରିନାହିଁ।

## ସଂକ୍ଷେପରେ

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଧର୍ମଶାଳା,୭।୮(ଡି.ଏନ.ଏ.): ଧର୍ମଶାଳା ଥାନା ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁର ଗ୍ରାମରେ ଅଧିକ ଯୌତୁକ ଦାବିରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୪୧୨।୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଚାରିଗାରପୁର ଗ୍ରାମର ରାମଚନ୍ଦ୍ର ଦାସଙ୍କ ଝିଅ ନମିତା ପଣ୍ଡା ୨୦୧୯ ଜୁନ୍‌ରେ ନରସିଂହପୁର ଗ୍ରାମର ଜଗନ ପଣ୍ଡାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ୫୦ ହଜାର ଟଙ୍କା ଓ ବିଭିନ୍ନ ଉପକରଣ ଯୌତୁକ ଦିଆଯାଇଥିଲା। ତେବେ ଚାରି ମାସ ହେବ ନମିତାଙ୍କୁ ତାଙ୍କ ବାପ ଘରୁ ୫୦ ହଜାର ଟଙ୍କା ଆଣିବାକୁ ସ୍ୱାମୀ ଓ ଶାଶୁ ଘର ଲୋକେ ଚାପ ପକାଉଛନ୍ତି। ଏପରି କି ଶାରୀରିକ ଓ ମାନସିକ ନିର୍ଯାତନା ମଧ୍ୟ ଦେଉଛନ୍ତି। ଏହା ଅସହ୍ୟ ହେବାରୁ ନମିତା ଥାନାରେ ଅଭିଯୋଗ କରିଥିବା ଏତଲାରେ ଉଲ୍ଲେଖ କରିଛନ୍ତି।

### ଯାଦବ ମହାସଂଘର ବୈଠକ

ରସୁଲପୁର,୭।୮(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ସଡ଼ମ୍ବାଠାରେ ଯାଜପୁର ଜିଲା ଯାଦବ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସଂଘର ବହୁ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଉପସ୍ଥିତ ସଦସ୍ୟମାନେ ଜିଲାର ସଂଗଠନକୁ ସଦୃଢ଼ କରିବା ପାଇଁ ପ୍ରାବ ରଖିଥିଲେ। କେତେଜଣ କର୍ମକର୍ତ୍ତା ସଂଗଠନ ଓ ସଂଘୀୟ ନୀତି ବିରୋଧୀ କାର୍ଯ୍ୟ କରୁଥିବା ନେଇ କର୍ମକର୍ତ୍ତା ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଆଧାରରେ ସଭାପତି ବେହେରା ୧୮ଜୁଲାଇରେ ଗଠନ ହୋଇଥିବା ଜିଲା କାର୍ଯ୍ୟକାରୀ କମିଟିକୁ ଅଯୋଗ୍ୟ ଘୋଷଣା କରିଥିଲେ। ନୂତନ କମିଟି ଗଠନ ନେଇ ଦିନ ଧାର୍ଯ୍ୟ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ୮ତାରିଖ ବୈଠକକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ସଭାପତି ନିଷ୍ପତ୍ତି ନେଇଥିଲେ। ବୈଠକରେ ସଂଘ କର୍ମକର୍ତ୍ତା ବାସୁଦେବ ପଲେଇ, ଶଶିଭୂଷଣ ପରିଡ଼ା, ରବୀନ୍ଦ୍ର ବେହେରା, ଅଲେଖ ପଲେଇ, ସୁଦାମ ଚରଣ ନାୟକ, ବେଣୁଧର ବେହେରା, ଶରତ ଚନ୍ଦ୍ର ବେହେରା, ମନୋଜ କୁମାର ଦାସ, ନିର୍ମଳ କୁମାର ଜଟି, ଆତୁଳ ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ।

# ଛାତ୍ରଙ୍କ ଉପରେ ତୃଣମୂଳସ୍ତରର ସଙ୍ଗଠନ ଦାୟିତ୍ୱ

## ଛାତ୍ର ବିଜେଡିର ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ

ରସୁଲପୁର,୭।୮(ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନ ପୂର୍ବରୁ ସଙ୍ଗଠନ ସଜାଡ଼ିବାରେ ବିଜେଡି ଆଗୁଆ ରହିଛି। ଏହିକ୍ରମରେ ଦଳ ପକ୍ଷରୁ ଶନିବାର ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ଅଭିମନ୍ୟୁ ସାମନ୍ତ ସିଂହାର ଭବନ ପରିସରରେ ଯାଜପୁର ଜିଲାସ୍ତରୀୟ ଛାତ୍ର ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡିର ସଂଗଠନ ସମ୍ପାଦକ



ବୈଠକରେ ଯୋଗ ଦେଇଥିବା ବିଧାୟିକା, ବିଧାୟକ ଓ ଅନ୍ୟମାନେ।

ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ସମ୍ମାନିତ ଅତିଥି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ କୁମାର ବଳ, ବରୀ ବିଧାୟିକା ସୁନନ୍ଦା ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ତୃଣମୂଳ ସ୍ତରର ସଂଗଠନ ସଜାଡିବା ପାଇଁ ପରାମର୍ଶ ଦେଇଛନ୍ତି। ଗାଁ ଲୋକଙ୍କ ଦୁଃଖସୁଖ ସହ ସାମିଲ ହୋଇ କାମ କରିବା, ସରକାରୀ ଯୋଜନାର ସଫଳ ରୂପାୟନ ଦିଗରେ ଯୁବକମାନେ ସହଯୋଗ କରିବା ଓ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସହାୟତା ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଛି। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା କାର୍ଯ୍ୟକର୍ତ୍ତା ସେମାନଙ୍କ ସମସ୍ୟା ଓ ତା'ର ସମାଧାନ ନେଇ ନାନା ପ୍ରସ୍ତାବ ରଖିଥିଲେ। ଉକ୍ତ ପ୍ରସ୍ତାବଗୁଡିକୁ କାର୍ଯ୍ୟକାରୀ କରିବା ଦିଗରେ ଦଳ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

## ଜବତ ଗାଡ଼ି ଛଡ଼ାଇ ନେଲେ ଦୁର୍ବୃତ୍ତ

ଚଣ୍ଡିଖୋଲ,୭।୮(ଡି.ଏନ.ଏ.)

ଧର୍ମଶାଳା ଥାନା ଅଞ୍ଚଳରୁ କଳାପଥର ବୋଝେଇ କରି ଆସୁଥିବା ଏକ ଟ୍ରକ୍‌କୁ ଦର୍ପଣ ଅତିରିକ୍ତ ତହସିଲଦାର ଶୁକ୍ରବାର ରାତିରେ ଚଣ୍ଡିଖୋଲ ନିକଟରେ ଜବତ କରି ଚଣ୍ଡିଖୋଲ ଫାଣ୍ଡିକୁ ନେଉଥିଲେ। ଏହି ସମୟରେ କେତେଜଣ ଆସି ଦୁର୍ବୃତ୍ତ ଅତିରିକ୍ତ ତହସିଲଦାରଙ୍କୁ ଧମକ ଦେଇ ଗାଡ଼ି ଛଡାଇ ନେଇଥିଲେ। ଏନେଇ ଅଭିଯୋଗ ପରେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଜେନା ଶନିବାର ସଦଳବଳ ଚଢ଼ାଉ କରି ଧର୍ମଶାଳା ଥାନା ଅନ୍ତର୍ଗତ ଜାବରା ନିକଟରୁ ଟ୍ରକ୍‌କୁ ଜବତ କରିଛନ୍ତି। ଏଥିସହିତ ଟ୍ରକ୍ ଚାଳକ ଢେଙ୍କାନାଳ ଜିଲା ଗନ୍ଦିଆ ଥାନା ବରଦା ଗ୍ରାମର ସୁରେଶ ଦେହୁରୀକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଯେଉଁମାନେ ଗାଡି ଛଡାଇ ନେଇଥିଲେ ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଫାଣ୍ଡି ଅଧିକାରୀ ଜେନା ପ୍ରକାଶ କରିଛନ୍ତି। ଏନେଇ ଫାଣ୍ଡିରେ ଏକ ମାମଲା (ନଂ.୨୯।୨୧) ରୁଜୁ ହୋଇଛି। ସୂଚନା ମୁତାବକ, ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା ଅଞ୍ଚଳରୁ କଳାପଥର ବୋଝେଇ କରି (ଓଡି-୦୪-କେ-୩୨୭୮)ନଂ ବିଶିଷ୍ଟ ଟ୍ରକ୍ ଚଣ୍ଡିଖୋଲ ଆଡ଼କୁ ଆସୁଥିଲା। ଚଣ୍ଡିଖୋଲ କୋର୍ଟ ନିକଟରେ ଦର୍ପଣ ଅତିରିକ୍ତ ତହସିଲଦାର୍ ନିରଞ୍ଜନ ଗୁରୁ ଓ ଅନ୍ୟ କର୍ମଚାରୀ ଟ୍ରକ୍‌କୁ ଅଟକାଇ ଚାଳକଙ୍କୁ କାଗଜପତ୍ର ମାଗିଥିଲେ। ହେଲେ ଚାଳକ କାଗଜପତ୍ର ଦେଖାଇ ପାରି ନ ଥିଲେ। ତେଣୁ ଟ୍ରକ୍‌କୁ ଜବତ କରି ଚଣ୍ଡିଖୋଲ ଫାଣ୍ଡିକୁ ଅଣାଯାଇଥିଲା। ଫାଣ୍ଡି ନିକଟକୁ ଆସିବା ସମୟରେ ୫ରୁ ୭ ଯୁବକ ଟ୍ରକ୍‌କୁ ନେଇ ପଳାଇଥିଲେ। ଏସମ୍ପର୍କରେ ତହସିଲ ସୁପରଭାଇଜର ହରିଶ ପ୍ରଧାନ ଚଣ୍ଡିଖୋଲ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ।

# ଅଜଣା ରୋଗରେ ଟୁନିଆ

## ସହାୟତା ପାଇଁ ନିବେଦନ

ଧର୍ମଶାଳା,୭।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ପାଖର ପଞ୍ଚାୟତ ଗୋଧି ସାହିର ଟୁନିଆ ମଲିକ ୬ବର୍ଷ ହେବ ଅଜଣା ରୋଗରେ ପୀଡ଼ିତ ହୋଇ ଘରେ ପଡ଼ି ରହିଛନ୍ତି। ଫଳରେ ଟୁନିଆଙ୍କ ସମେତ ତାଙ୍କ ମା', ସ୍ତ୍ରୀ, ୨ଝିଅ ଚଳିବା କଷ୍ଟକର ହୋଇପଡିଛି। ରାଶନ କାର୍ଡ ଅଛି ହେଲେ ଚାଉଳ ମିଳୁନାହିଁ। ସେ ଏ ସମ୍ପର୍କରେ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଗୁହାରି କରିଥିଲେ ବି ସୁଫଳ ମିଳୁନାହିଁ। ସ୍ତ୍ରୀ ପର ଘରେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଆର୍ଥିକ ସମ୍ବଳ ଯାହାଥିଲା ସବୁ କିଛି ବିକ୍ରି ହୋଇଯାଇଛି। ଅର୍ଥ ଅଭାବରୁ ଟୁନିଆଙ୍କ ଔଷଧ ଖର୍ଚ୍ଚ ବି ହୋଇପାରୁନାହିଁ। ଏହି ପରିବାର ଅତି ଦୟନୀୟ ଅବସ୍ଥା ଦେଇ ଗତି କରୁଛନ୍ତ। ଏଭଳି ସ୍ଥଳେ ପ୍ରଶାସନ ପକ୍ଷରୁ ଏହି ଅସହାୟ ପରିବାରକୁ ସହାୟତା ଯୋଗାଇଦେବା ସହ ଟୁନିଆଙ୍କ ଚିକିତ୍ସା ନିମନ୍ତେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଟୁନିଆ ଓ ତାଙ୍କ ପରିବାର।

# ଧର୍ମଶାଳା ଅଞ୍ଚଳରେ ଗଜାମରୁଡ଼ି ଆଶଙ୍କା

ଧର୍ମଶାଳା,୭।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଞ୍ଚଳରେ ଚଳିତଥର ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଧାନ ଫସଲ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ୨୦୨୦ ଜୁଲାଇରେ ବ୍ଲକରେ ୨୫୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚଳିତ ବର୍ଷ ଏହି ମାସରେ ମାତ୍ର ୧୨୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ୨୦୨୦ ଅଗଷ୍ଟ ୭ ସୁଦ୍ଧା ବ୍ଲକରେ ୧୩୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚଳିତ ବର୍ଷ ଅଗଷ୍ଟ ୭ ସୁଦ୍ଧା ଆଦୌ ବର୍ଷା ହୋଇ ନ ଥିବା ସରକାରୀ ଭାବେ ରେକର୍ଡ କରାଯାଇଛି। ଅନେକ ସ୍ଥାନରେ ଚାଷୀ ବର୍ଷାକୁ ଭରସା କରି ଧାନ ବୁଣିବା ସହିତ

## ଶୁଖିଲା ପଡ଼ିଛି କେନାଲ

ତଳିରୁଆ ପୋତା କରିଥିଲେ। ହେଲେ ବର୍ଷା ନ ହେବା ଫଳରେ ଚାଷ ଜମିଗୁଡିକ ଫାଟି ଆଁ କଲାଣି। ଏପରି କି ଅନେକ ସ୍ଥାନରେ ଧାନ ଗଛ ହଳଦିଆ ପଡ଼ିଗଲାଣି। ଅନ୍ୟପଟେ ଚାଷ ଜମିକୁ ଜଳସେଚିତ ପାଇଁ କେନାଲ ମାଧ୍ୟମରେ ପାଣି ଯୋଗାଇ ଦେବାର ବ୍ୟବସ୍ଥା ଥିଲେ ହେଁ କେନାଲ ଶୁଖିଲା ପଡ଼ିଛି। ହାଇଲେଭଲ କେନାଲ ମାଧ୍ୟମରେ ପାଣି ଆସି ଶାଖା ନାଳ ଦ୍ୱାରା ଅଞ୍ଚଳର ଚାଷ ଜମି ଜଳସେଚିତ ହୋଇଥାଏ। ହେଲେ ହାଇଲେଭଲ କେନାଲ ଶୁଖିଲା ପଡିଥିବାରୁ ଶାଖ କେନାଲଗୁଡିକରେ ପାଣି ଆସିବା ଅସମ୍ଭବ ହୋଇପଡିଛି। ତେବେ କେନାଲରେ ପାଣି ଛାଡିବା ଲାଗି ଶନିବାର କେତେଜଣ ଚାଷୀ ଜାରକା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ନିବେଦନ କରିଛନ୍ତି। ଜଗତପୁରଠାରୁ ବାହାରିଥିବା ଏହି କେନାଲରେ କମ ପରିମାଣର ପାଣି ଆସୁଥିବାରୁ ତାହା ତଳମୁଣ୍ଡ ପର୍ଯ୍ୟନ୍ତ ଯାଇ ପାରୁନାହିଁ। ଫଳରେ ଧର୍ମଶାଳା ଅଞ୍ଚଳରେ ଥିବା ଶାଖା କେନାଲ ଗୁଡ଼ିକରେ ପାଣି ଆସିବା ସମ୍ଭବ ହେଉ ନାହିଁ ବୋଲି ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକ କହିଛନ୍ତି। ୩ ଦିନ ମଧ୍ୟରେ କେନାଲ ପାଣି ଛଡ଼ା ନ ଗଲେ ଚାଷୀ ରାଜରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ମଠ, ମନ୍ଦିରରେ ଔଷଧୀୟ ଚାରାରୋପଣ

ରସୁଲପୁର,୭।୮(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମର ସର୍ବପୁରାତନ ଧର୍ମୀୟ ଅନୁଷ୍ଠାନ ଭାଗବତ ମଣ୍ଡଳ ପକ୍ଷରୁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଛି। ସଂଗଠନ ପକ୍ଷରୁ ଗ୍ରାମର ଜଗନ୍ନାଥ ମନ୍ଦିର ଓ ବନମାଳୀ ଗୋ-ସ୍ୱାମୀଙ୍କ ପୀଠରେ ଔଷଧୀୟ ଚାରା ରୋପଣ କରାଯାଇଛି। ରସୁଲପୁର ତହସିଲର ଭାରପ୍ରାପ୍ତ ରାଜସ୍ୱ ପରିଦର୍ଶକ ସନ୍ତୋଷ କୁମାର ପରିଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମନ୍ଦିର ଓ ମଠକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ କରାଯିବା ପାଇଁ ମଣ୍ଡଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମକୁ ମଣ୍ଡଳ ଉଦ୍ୟକ୍ତା ପ୍ରଶାନ୍ତ ନାୟକ, ବାଇଧର ରାଉତ, ଜଗନ୍ନାଥ ରାଉତ, ରସାନନ୍ଦ ରାଉତ, ପ୍ରହ୍ଲାଦ ଦାସ, ପରମାନନ୍ଦ ରାଉତ, ବୈରାଗୀ ସ୍ୱାଇଁ, ସାଗର ସ୍ୱାଇଁ, ଚନ୍ଦନ ରାଉତ, ସତ୍ୟପ୍ରିୟ ରାଉତ, ରମେଶ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ଏହିକ୍ରମରେ ଅନୁଷ୍ଠାନ ପକ୍ଷରୁ ୧୫୦ଟି ଗଛ ଲଗାଯାଇଥିଲା।

# ଲିଜ୍ ପରିସୀମା ବାହାରେ ଖନନକୁ ବିରୋଧ

ଚଣ୍ଡିଖୋଲ,୭।୮(ଡି.ଏନ.ଏ.)

ଦର୍ପଣ ତହସିଲ ଅଧୀନରେ ଥିବା ଦୁଇ ପାହାଡ଼ର ତିନୋଟି ସ୍ଥାନକୁ ଖନନ ପାଇଁ ଲିଜ୍ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ କେବଳ ମାଣ୍ଡୁକା ପାହାଡ଼ରୁ ଲିଜ୍‌ଧାରୀ ଖନନ ଆରମ୍ଭ କରିଛନ୍ତି। ତେବେ ଲିଜ୍ ସ୍ଥାନକୁ ଛାଡ଼ିଲା ପରେ ଏହାର ପରିସୀମା ବାହାରେ ଖନନ କରାଯାଉଛି। ଫଳରେ ସ୍ଥାନୀୟ ମାଣ୍ଡୁକା ଗ୍ରାମବାସୀ ଶନିବାର ଏହାକୁ ବିରୋଧ କରି ଖନନ କାର୍ଯ୍ୟ ବନ୍ଦ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଯେ, ଲିଜ୍‌ଧାରୀ ଯେଉଁ ସ୍ଥାନରୁ ଖନନ କରିବା କଥା ଏହାକୁ ଛାଡ଼ି କାଜୁ ଜଙ୍ଗଲ ଅଞ୍ଚଳରେ ଖନନ କରୁଛନ୍ତି। ଏହାଦ୍ୱାରା ଜଙ୍ଗଲ ନଷ୍ଟ ହେବା ସହିତ ଏଠାରେ ଥିବା ଐତିହ୍ୟସ୍ଥଳୀ

## ମାଣ୍ଡୁକା ପାହାଡ଼

ଧ୍ୱଂସ ପାଇବ। ସେଥିପାଇଁ ସେମାନେ ଖନନକୁ ବନ୍ଦ କରିଥିଲେ। ଖବର ପାଇ ତହସିଲ କର୍ମଚାରୀ ଓ ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ତେବେ କେଉଁ ସ୍ଥାନରେ ଲିଜ୍ ଦିଆଯାଇଛି ବୋଲି ଗ୍ରାମବାସୀ ରାଜସ୍ୱ କର୍ମଚାରୀଙ୍କୁ ପ୍ରଶ୍ନ କରିବା ସହ ଲିଜ୍ ସ୍ଥାନ ଚିହ୍ନଟ କରିବାକୁ ଦାବି କରିଥିଲେ। ରାଜସ୍ୱ କର୍ମଚାରୀ ଲିଜ୍ ସ୍ଥାନ ଚିହ୍ନଟ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ହେଁ ସେମାନଙ୍କ ସମ୍ମୁଖରେ ସ୍ଥାନ ଚିହ୍ନଟ କରିବାକୁ ଗ୍ରାମବାସୀ ଜିଦ୍ ଧରିଥିଲେ। ତେଣୁ ଲିଜଧାରୀଙ୍କୁ ମୋରମ ଉତ୍ତୋଳନ ବନ୍ଦ କରିବାକୁ ରାଜସ୍ୱ କର୍ମଚାରୀ କହିଥିଲେ। ଏହାପରେ ଲିଜ୍‌ଧାରୀ ମେଶିନ ଅନ୍ୟତ୍ର ନେଇଯାଇଥିଲେ। ସୋମବାର ରାଜସ୍ୱ ବିଭାଗ ପକ୍ଷରୁ ଲିଜ୍‌ଧାରୀଙ୍କୁ ପ୍ରଦାନ କରାଯାଇଥିବା ସ୍ଥାନ ଚିହ୍ନଟ କରାଯିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏହାପରେ ଗ୍ରାମବାସୀ ସେଠାରୁ ଫେରି ଆସିଛନ୍ତି।

ସୂଚନାଯୋଗ୍ୟ, ତହସିଲ ପକ୍ଷରୁ ମାଣ୍ଡୁକା ପାହାଡ଼ର ଖାତା ନଂ.୧୩୪୯ ପ୍ଲଟ୍ ନଂ. ୩୬୧୧ରେ ପର୍ବତ କିସମ ଜମିରୁ ୧୨ ଏକର ଲିଜ୍ ପ୍ରଦାନ କରାଯାଇଛି। ଲିଜ୍‌ଧାରୀ ହର ପ୍ରସାଦ ସେନାପତି ପାଞ୍ଚ ବର୍ଷ ପାଇଁ ସମ୍ପୃକ୍ତ ସ୍ଥାନକୁ ଲିଜ ନେଇଛନ୍ତି। ନିୟମ ଅନୁଯାୟୀ ପାହାଡ଼ର ଖାଦାନ ଚିହ୍ନଟ ପ୍ରକ୍ରିୟା ତହସିଲ ପ୍ରଶାସନ ତରଫରୁ ଶେଷ ପରେ ଲିଜ ସ୍ଥାନର ପରିସୀମାକୁ ଆବଦ୍ଧ କରାଯିବା କଥା। ହେଲେ ସେପରି ହୋଇନାହିଁ। ତହସିଲ ପକ୍ଷରୁ ସ୍ଥାନ ଚିହ୍ନଟ ପରେ ଏକ ମାସ ହେବ ଖନନ ଆରମ୍ଭ ହୋଇଛି। ୧୨ ଏକର ପରିମିତ ସ୍ଥାନର ପରିଧିକୁ ଆବଦ୍ଧ କରା ନ ଯାଇ ଖନନ କରାଯାଉଛି। ଏନେଇ ତହସିଲଦାର ପ୍ରଦୀପ କୁମାର ସେଠୀ କହିଛନ୍ତି, କାର୍ଯ୍ୟ ବନ୍ଦ ଅଭିଯୋଗ ପାଇବା ପରେ ରାଜସ୍ୱ କର୍ମଚାରୀମାନେ ସେଠାକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ଲିଜଧାରୀଙ୍କୁ ପ୍ରଦାନ କରାଯାଇଥିବା ସ୍ଥାନ ଚିହ୍ନଟ କରାଯିବ।


ମାଣ୍ଡୁକା ପାହାଡ଼ର ବେଆଇନ ଖନନ ସ୍ଥଳ।

# ବାଇକ୍ ଚୋରି ମାମଲାରେ ୪ ଗିରଫ

ରସୁଲପୁର,୭।୮(ଡି.ଏନ.ଏ.)

କୁଆଖିଆ ଥାନା ପୋଲିସ ଏକ ବାଇକ୍ ଚୋରି ମାମଲାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କ ନିକଟରୁ ଗୋଟିଏ ସ୍କୁଟି, ୧୦ ବାଇକ୍ ଓ ୧୫ ମୋବାଇଲ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଜେନାପୁର ଥାନା ଅଧୀନ ମର୍ଜିତାପୁର ଗ୍ରାମର ରାମଚନ୍ଦ୍ର ବେହେରା ଓରଫ୍ ଲିପୁନ(୨୨) ଓ ବଳଭଦ୍ରପୁର ଗ୍ରାମର ମଣ୍ଟୁ ସେନାପତି(୨୮), ରାଇଛନ୍ଦା ଗ୍ରାମର ଛବି ଲେଙ୍କା(୩୨) ଓ ବାରକଣା ଗ୍ରାମର ଗୋବିନ୍ଦ ସାହୁ(୩୩)। ଲିପୁନ୍ ଏବଂ ମଣ୍ଟୁ ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରୁଥିଲେ। ଏହାକୁ ଛବି ଓ ଗୋବିନ୍ଦ କିଣୁଥିଲେ। ପୋଲିସ ଲିପୁନଙ୍କ ନିକଟରୁ ୩, ମଣ୍ଟୁଙ୍କଠାରୁ ୨, ଗୋବିନ୍ଦଙ୍କଠାରୁ ୪ଟି, ଛବିଙ୍କ ନିକଟରୁ ୨ଟି ଗାଡ଼ି ଜବତ କରିଛି। ସମସ୍ତେ ନିଜ ଘର ପଛପଟ ଗାଡ଼ିଗୁଡ଼ିକୁ ଲୁଚାଇ ରଖିଥିଲେ ବୋଲି ଥାନା ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉକ୍ତ ସମ୍ମିଳନୀରେ ଯାଜପୁର ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ, ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ଓ ତଦନ୍ତ ଅଧିକାରୀ ପ୍ରଶାନ୍ତ କୁମାର


ଗିରଫ ଅଭିଯୁକ୍ତ ସମ୍ପର୍କରେ ପୋଲିସ ଅଧିକାରୀମାନେ ସୂଚନା ଦେଉଛନ୍ତି।


ଜବତ ବାଇକ୍ ।

- ୧୦ ବାଇକ୍, ଗୋଟିଏ ସ୍କୁଟି ଓ ୧୫ ମୋବାଇଲ୍ ଫୋନ୍ ଜବତ
- ଚୋରି ବାଇକ୍ କିଣୁଥିଲେ ୨ ବ୍ୟକ୍ତି

ଦାଶ ଉପସ୍ଥିତ ରହି ଏହି ସୂଚନା ଦେଇଛନ୍ତି।

ସେମାନଙ୍କ ସୂଚନା ଅନୁସାରେ, ୨୬ ଜୁଲାଇରେ ପାଣିକୋଇଲି ଥାନା ଅଳତିରି ଗ୍ରାମର ଲେଦ୍ ମିସ୍ତ୍ରି ଦଶରଥ ସାହା କୁଆଖିଆର ବିଜୁ ନଗରକୁ ଆସିଥିଲେ। ସେ ୧୬ ନଂ ଜାତୀୟ ରାଜପଥ କଡ଼ରେ ବାଇକ୍ ରଖି ଏକ ଲେଦ୍‌ରେ କାମ କରୁଥିଲେ। କାମସାରି ଫେରିଲା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୨୬୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ଦଶରଥଙ୍କ ବାଇକ୍‌ଟି ଜେନାପୁର ଥାନା ଅଞ୍ଚଳରେ ଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଚଢ଼ାଉ କରି ବାଇକ୍ ଜବତ କରିବା ସହ ଲୁଟେରା ଲିପୁନ୍‌ଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରା ଉଚୁରା କରିବାରୁ ସେ ଜଣେ ପେସାଦାର ଲୁଟେରା ବୋଲି ପୋଲିସ ଜାଣିବାକୁ ପାଇଥିଲା। ତେଣୁ ଲିପୁନଙ୍କଠାରୁ ତଥ୍ୟ ସଂଗ୍ରହକରି ପୋଲିସ ତାଙ୍କ ସହଯୋଗୀ ମଣ୍ଟୁ ଓ ବାଇକ୍ କିଣିଥିବା ଅନ୍ୟ ୨ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଚୋରା ବାଇକଗୁଡିକ ଜବତ କରିଥିଲା। ଏମାନେ ଦୀର୍ଘଦିନ ହେବ ଏହିଭଳି କାରବାରରେ ସମ୍ପୃକ୍ତ ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଏମାନଙ୍କ ନାଁରେ କଳିଙ୍ଗନଗର, ଟାଙ୍ଗି ଆଦି ଥାନାରେ ବାଇକ୍ ଚୋରି ଅଭିଯୋଗ ରହିଛି। ସେହିପରି ଲୁଟେରା ଦ୍ୱୟ ରାଜପଥର ଟ୍ରକ୍ ଚାଳକଙ୍କୁ ମଧ୍ୟ ନିଶାନା କରୁଥିଲେ। ରାତିରେ ରାସ୍ତା କଡ଼ରେ ଟ୍ରକ୍ ରଖି ଶୋଇପଡୁଥିବା ଚାଳକଙ୍କ ମୋବାଇଲ ଓ ଟଙ୍କା ଲୁଟି ନେଉଥିଲେ। ତେବେ ଜବତ ମୋବାଇଲ ଓ ବାଇକ ଗୁଡିକ କେଉଁ ସ୍ଥାନର ସେ ସମ୍ପର୍କରେ ଯାଞ୍ଚ କରାଯାଉଛି। ଯାଞ୍ଚ ପରେ ଗାଡ଼ି ଓ ମୋବାଇଲ୍ ମାଲିକମାନଙ୍କୁ ଡାକି ସେମାନଙ୍କୁ ସାମଗ୍ରୀ ହସ୍ତାନ୍ତର କରାଯିବ ବୋଲି ଉକ୍ତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ୨ ବଖରା ଜଳିଗଲା

ଆରଡ଼ି, ୭।୮ (ଡି.ଏନ.ଏ.)-ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଓଳଗ ପଞ୍ଚାୟତ ଷାଠିବାଙ୍କୁଡ଼ା ଗ୍ରାମର ବିରଞ୍ଚି ଜେନାଙ୍କ ୨ ବଖରା ଘର ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଜଳିଯାଇଛି। ଧାମନଗରରୁ ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିସାରିଥିଲେ। ଅଗ୍ନି ବିପନ୍ନଙ୍କ ଘରେ ଥିବା ଧାନ, ଚାଉଳ, ଜମିଜମା କାଗଜପତ୍ର ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ ସେଠୀ ଅଗ୍ନିବିପନ୍ନ ପରିବାରକୁ ଖୁବ୍‌ଶୀଘ୍ର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ବଜ୍ରପାତରେ ନାବାଳକଙ୍କ ମୃତ୍ୟୁ

ଯୋଡ଼ା, ୭।୮(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ମୂର୍ଗାଠାରେ ଶୁକ୍ରବାର ବଜ୍ରପାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶ୍ରୀଧର ହେମ୍ବ୍ରମ। ଘର ବାହାରେ ବସିଥିବାବେଳେ ଆକସ୍ମିକ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ବିଲ ଡାକ୍ତରଖାନା ପଠାଇଛି।

### ଟ୍ରାକ୍ଟରକୁ ଜରିମାନା

ପାଟଣା, ୭।୮(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ତହସିଲ ତୁରୁମୁଙ୍ଗା ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ନିମ୍ବୁଆଁ ନିକଟ ନେଉଳିଯୋଡି ନାଳରୁ ଶୁକ୍ରବାର ବେଆଇନ ବାଲି ଉତ୍ତୋଳନ କରି ଏକ ନମ୍ବର ବିହୀନ ଟ୍ରାକ୍ଟରକୁ ଜବତ କରି ୧୦,୧୨୦ ଟଙ୍କା ରାଜସ୍ୱ ନିରୀକ୍ଷକ ଜରିମାନା ଆଦାୟ କରିଥିବା ତହସିଲଦାର ତାପସ ରଞ୍ଜନ ଦେହୁରୀ ସୂଚନା ଦେଇଛନ୍ତି। ନେଉଳିଯୋଡ଼ି ନାଳରୁ ପ୍ରତ୍ୟେକ ଦିନ ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଥିବା ଅଭିଯୋଗ ପରେ ଅତର୍କିତ ଚଢ଼ାଉ କରି ଟ୍ରାକ୍ଟରକୁ ଜବତ କରାଯାଇଥିଲା।

### ଚୋରି ସୁନା ଅଳଙ୍କାର ଜବତ: ଜଣେ ଗିରଫ

ଯୋଡ଼ା, ୭।୮ (ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରର ହୁଡ଼ିସାହିରେ ରହୁଥିବା ଶୁଭମ ଜୟସ୍ୱାଲଙ୍କ ଘରୁ ଗତ ୪ ତାରିଖରେ ଚୋରି ହୋଇଥିବା ସୁନା ଅଳଙ୍କାର ଓ ବ୍ୟାଙ୍କ ଚେକ୍‌କୁ ପୋଲିସ ଜବତ କରିଛି। ପୋଲିସ ଏହାର ତନାଘନା କରି ଏଥିରେ ସମ୍ପୃକ୍ତ ହୁଡ଼ିସାହି ଅଞ୍ଚଳର ପ୍ରକାଶ ନାଏକଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଠାରୁ ପୋଲିସ ଅନ୍ୟ ୨ଟି ଚେକ, ସୁନା ଚେନ, ମଥାମଣି, ନୋଥ ଉଦ୍ଧାର କରିଛି। ଏନେଇ ଯୋଡ଼ା ଥାନାରେ ଏକ ମାମଲା (ନଂ.୧୨୬/୨୧) ରୁଜୁ ହୋଇଛି।

### ଇସ୍ତଫା ଦେଲେ ଜେଏମ୍‌ଏମ୍‌ର ଜିଲା ଯୁବ ଉପସଭାପତି, ସହ ସମ୍ପାଦକ

ବାଙ୍ଗିରିପୋଷି, ୭।୮(ଡି.ଏନ.ଏ.): ଝାଡଖଣ୍ଡ ମୁକ୍ତିମୋର୍ଚ୍ଚାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଇରୋଙ୍ଗପୁର ଠାରେ ଘୋଷଣା କରାଯାଇଥିବା ଯୁବମୋର୍ଚ୍ଚା କମିଟିରେ ଜିଲା ଉପସଭାପତି ବାଜୁନ ସୋରେନ ଓ ଜିଲା ସହ ସମ୍ପାଦକ ମହେଶ ମାର୍ଣ୍ଡି ପଦବୀରୁ ଇସ୍ତଫା ପ୍ରଦାନ କରିଥିଲେ। କିନ୍ତୁ ଉକ୍ତ ମୁକ୍ତିମୋର୍ଚ୍ଚାରେ ସକ୍ରିୟ କାର୍ଯ୍ୟକର୍ତ୍ତା ହିସାବରେ ଯେଉଁ ଦାୟିତ୍ୱ ଦିଆଯିବ ତାହା ତୁଲାଇବେ ବୋଲି ପ୍ରକାଶ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାହୁଲ ମୁର୍ମୁ, ବିଜୟ, ବାଜୁନ ସୋରେନ, ଜ୍ଞାନ ପଟ୍ଟନାୟକ, ଚମ୍ପାଇ ହାଁସଦାଙ୍କ ସମେତ ବହୁ ଯୁବ କର୍ମୀ ଉପସ୍ଥିତ ଥିଲେ।

### ଡେଙ୍ଗୁ,ମ୍ୟାଲେରିଆ ସଚେତନତା

ବାରିପଦା ଅଫିସ,୭।୮: ମୟୂରଭଞ୍ଜ ଜିଲା ବାଇଗଣବାଡ଼ିଆସ୍ଥିତ ବି.ବି କଲେଜର ଯୁବ ରେଡ୍‌କ୍ରସ ଓ ରେଡ୍ ରିବନ କ୍ଲବ ଆନୁକୂଲ୍ୟରେ ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ବର୍ଷା ଦିନେ ଏହି ରୋଗ ହେଉଥିବା ବେଳେ ଏଥିରୁ ବର୍ତ୍ତିବା ପାଇଁ ମଶାରୀ ବ୍ୟବହାର କରିବା, ଘର ଚାରିପାଖ ସଫାସୁତୁରା ରଖିବା ସମ୍ପର୍କରେ ସ୍ୱାସ୍ଥ୍ୟ କାହ୍ନରେ ସଚେତନତା ବାର୍ତ୍ତା ଲଗାଯାଇଛି। ଜ୍ୱର ହେବା ସହ ଦେହରେ ଲାଲ ରଙ୍ଗ ଦେଖାଦେଲେ ତୁରନ୍ତ ପରୀକ୍ଷା କରି ଚିକିତ୍ସା କରିବାକୁ କଲେଜର ଅଧକ୍ଷ ଡ.ଯତୀନ୍ଦ୍ର ନାଥ ସିଂ ଦେଓସଚେନ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଡ୍‌କ୍ରସ କାଉନସିଲର ପ୍ରମୋଦ କୁମାର ବସା, ଡ. ଅନ୍ନପୂର୍ଣ୍ଣା ଧଳ, ଚଣ୍ଡି ଚରଣ ଦଣ୍ଡପାଟ, ସ୍ୱେଚ୍ଛାସେବୀ ଆକାଶ ପରିଡ଼ା, ସମୀର ରାୟ, ରାଜୁ ବିନ୍ଧାଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଓଏସ୍‌ଏସ୍ ମାମଲା ପ୍ରତ୍ୟାହାର ଦାବି ତେଜିଲା

- ପୌର ନିର୍ବାଚନ ବର୍ଜନ ଚେତାବନୀ
- ୧୦ ହଜାର ଜମି ମାଲିକ ପ୍ରଭାବିତ

ଯାଜପୁର ରୋଡ, ୭।୮ (ଡି.ଏନ.ଏ.)



ଖବରଦାତା ସମ୍ମିଳନୀରେ ବ୍ୟାସନଗର ଜମି ସୁରକ୍ଷା କମିଟି କର୍ମକର୍ତ୍ତା।

ଯାଜପୁର ଜିଲା ବ୍ୟାସନଗର ତହସିଲ ଅନ୍ତର୍ଗତ ଜମି ମାଲିକଙ୍କ ଉପରେ ଲାଗିଥିବା ଓଏସ୍‌ଏସ୍(ଓଡିଶା ସର୍ଭେ ଆଣ୍ଡ ସେଟେଲ୍‌ମେଣ୍ଟ) ମାମଲା ପ୍ରତ୍ୟାହାର ନ କଲେ ପୌର ନିର୍ବାଚନ ବର୍ଜନ କରାଯିବ ବୋଲି ଶନିବାର ବ୍ୟାସନଗର ଜମି ସୁରକ୍ଷା କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଏହାସହ ତହସିଲ ଅଫିସ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଣ୍ଡମାଳ, ଚୋରଦା, ଉମାପଦା ଓ ରମ୍ପାସ୍ ମୌଜାର ଅଧିବାସୀ ଧାରଣା ଦେବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

ଅଭିଯୋଗ ଅନୁସାରେ ସ୍ଥିତିବାନ ଜମିକୁ ବନ୍ଦୋବସ୍ତ ଅଧିକାରୀ ଜମାବନ୍ଦୀ ଠିକ୍ ନ ଥିବା ଦର୍ଶାଇ ଜଙ୍ଗଲ ନ ଥିବା ଜମିକୁ ଜଙ୍ଗଲ କିସମ ଦର୍ଶାଇ ଶତାଧିକ ଏକର ଜମିକୁ ଅନାବାଦୀ ଭୁକ୍ତ କରାଇଛନ୍ତି। ବ୍ୟାସନଗର ଜମି ସୁରକ୍ଷା କମିଟି ୨୦୧୪ରୁ ଅଦ୍ୟାବଧି ପ୍ରତିବାଦ କରି ଆସୁଛି । ଏଥିପାଇଁ ରାଜ୍ୟ ସଚିବାଳୟରେ ୩ ଥର ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜସ୍ୱ ମନ୍ତ୍ରୀ ଏହି ବିବାଦର ସମାଧାନ ପାଇଁ ପଦକ୍ଷେପ ନେଇଥିଲେ ମଧ୍ୟ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଜମିର କିସମ ବିବାଦ ହେବାରୁ ବିଧାନସଭାର ସବ-ଅର୍ଡିନେଟ ଲେଜିସଲେଟିଭ କମିଟି ବ୍ୟାସନଗର ପୌରାଞ୍ଚଳକୁ ଆସି ସର୍‌ଜମିନ୍ ତଦନ୍ତ କରି ସରକାରଙ୍କୁ ୨୦୧୮ରେ ରିପୋର୍ଟ ପ୍ରଦାନ କରିଛନ୍ତି । ଜମିର ସତ୍ତ୍ୱ କିସମକୁ ନେଇ ଯେଉଁ ବିବାଦ ଉପୁଜିଛି ଏହାକୁ ନେଇ ପ୍ରାୟ ୧୦ ହଜାର ଜମି ମାଲିକ ପ୍ରଭାବିତ ହେଉଛନ୍ତି । ଏହାର ସମାଧାନ ପାଇଁ ତତ୍କାଳୀନ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ତତ୍ତ୍ୱାବଧାନରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ସମୟରେ ୨ ଥର ଓ ମହେଶ୍ୱର ମହାନ୍ତିଙ୍କ ସମୟରେ ୧୩।୭।୨୦୧୭ରେ ଉଚ୍ଚସ୍ତରୀୟ କମିଟି ବୈଠକ ବସିଥିଲା। ଏହାସହ ତତ୍କାଳୀନ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧକ୍ଷତାରେ ଏକ କମିଟି ଗଠନ ପୂର୍ବକ ଓଏସ୍‌ଏସ୍ ମାମଲା ଗୁଡ଼ିକର ଏକ ରିପୋର୍ଟ ସରକାରଙ୍କ ଠାରେ ଦାଖଲ ନିମନ୍ତେ ନିର୍ଦ୍ଦେଶ ହୋଇଥିଲା। ଏହିକ୍ରମରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ତାଙ୍କ ପତ୍ରସଂଖ୍ୟା ୭୭୬/୩୧।୧।୨୦୧୯ରେ ୭ ଜଣ ଅଧିକାରୀ ଓ ୪ ଜଣ ଜମି ସୁରକ୍ଷା କମିଟି ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରିଥିଲେ। କିନ୍ତୁ ପ୍ରଶାସନିକ ଆନ୍ତରିକତାର ଅଭାବ ଯୋଗୁ ଏହି କମିଟି କେବଳ କାଗଜକଲମରେ ସୀମିତ ରହିଛି। ଅନ୍ୟପକ୍ଷେ ବୋର୍ଡ ଅଫ୍ ରେଭିନ୍ୟୁ ଓଏସ୍‌ଏସ୍ ମାମଲା ଗୁଡ଼ିକୁ ଏକ ତରଫା ଭାବେ ବିଚାର କରି ଜମିକୁ ଅନାବାଦୀ ଭୁକ୍ତ କରି ଚାଲିଛନ୍ତି ବୋଲି କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଏହି ଖବରଦାତା ସମ୍ମିଳନୀରେ କମିଟିର ସମ୍ପାଦକ ନାରାୟଣ ପ୍ରସାଦ ପତି, ସଭାପତି ସୁଧାଂଶୁ ଶେଖର ଦାସ, ଅଶୋକ କୁମାର ବିଶ୍ୱାଳ, ସୁବାସ ଚନ୍ଦ୍ର ମିଶ୍ର, ଦୁର୍ଗାଚରଣ ପତି, ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କ ଅଭିଯୋଗରେ ସ୍ୱାମୀ ଗିରଫ

ଝୁମ୍ପୁରି/ଦଶରଥପୁର,୭।୮(ଡି.ଏନ.ଏ.)

ଯାଜପୁର ଜିଲା ମଙ୍ଗଳପୁର ଥାନାରେ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ସ୍ୱାମୀଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳପୁର ଥାନା ପୋଲିସ ଏକ ମାମଲା(ନଂ. ୩୮୦/୨୧) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ସୋହମ ମହାପାତ୍ରଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅପରପକ୍ଷେ ସୋହମଙ୍କ ମା' ଅନୁପମା ମହାପାତ୍ର ତାଙ୍କ ପୁଅକୁ ଚକ୍ରାନ୍ତକରି ଫସାଇ ଦିଆଯାଇଛି ବୋଲି କହିବା ସହିତ ଏ ସମ୍ପର୍କରେ ବେହୁ ଦେବସ୍ମିତାଙ୍କ ବିରୋଧରେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ୨୦।୨। ୨୦୨୧ରେ ଭଦ୍ରକ ଜିଲା ଧାମନଗର ଏକଜ୍ୟୁକୁଟିଭ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଦେବସ୍ମିତା ଓ ସୋହମ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ପରେ ମନ୍ଦିରରେ ଉଭୟ ବିବାହ ଅନୁଷ୍ଠିତ ହୋଇଥିଲା । ଉଭୟ ଏକାଠି ଭଦ୍ରକ ଜିଲା ବହୁଦରଡା ଗ୍ରାମରେ ରହୁଥିଲେ। ସୋହମ ଦେବସ୍ମିତାଙ୍କୁ ପ୍ରତିଦିନ ଦଶରଥପୁରସ୍ଥିତ ବ୍ଲକ କାର୍ଯ୍ୟାଳୟକୁ ନେବା ଆଣିବା କରିଥାନ୍ତି। ମାତ୍ର ବୁଧବାର ଦଶରଥପୁରସ୍ଥିତ କନ୍ୟାଶ୍ରମକୁ ଦେବସ୍ମିତାଙ୍କ ସହ ଯାଇଥିଲେ। ସେଠାରେ କନ୍ୟାଶ୍ରମର କର୍ମଚାରୀ ସୋହମଙ୍କ ପରିଚୟ ପଚାରିବାରୁ ଦେବସ୍ମିତା ତାଙ୍କର ପରିଚୟ ଦେବାକୁ କୁଣ୍ଠାବୋଧ କରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା। ସେଠାରେ ସୋହମ ବ୍ଲକସ୍ଥ ସମାଜକଲ୍ୟାଣ କାର୍ଯ୍ୟାଳୟ ପରିସରରେ ପାଟିତୁଣ୍ଡ କରିବା ସହିତ ସର୍ବସମ୍ମୁଖରେ ଦେବସ୍ମିତା ତାଙ୍କୁ ସ୍ୱାମୀଭାବେ ସ୍ୱୀକାର କରିବାକୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଶେଷରେ ଏହି ଘଟଣା ଥାନରେ ପହଞ୍ଚି ଥିଲା ।

# ସର୍ବଭାରତୀୟ ଜେଇଇ ମେନ୍ ପରୀକ୍ଷାରେ ଧର୍ମଶାଳା ଛାତ୍ରଙ୍କ କୃତିତ୍ୱ

ଯାଜପୁର ଅଫିସ, ୭।୮



ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ସିଦ୍ଧିପୁର ଗ୍ରାମର ଶକ୍ତି ସ୍ୱରୂପ ମହାପାତ୍ର ସର୍ବଭାରତୀୟସ୍ତରରେ ଅନୁଷ୍ଠିତ ଜେଇଇ ମେନ୍ ପରୀକ୍ଷାରେ କୃତୀତ୍ୱ ହାସଲ କରିଛନ୍ତି । ସେ ଏହି ପରୀକ୍ଷାରେ ୧୦୦ରୁ ୯୯.୩୨% ନମ୍ବର ହାସଲ କରିଛନ୍ତି । ନିଜର କଠିନ ପରିଶ୍ରମ ଓ ମା'ବାପାଙ୍କ ପ୍ରେରଣା ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିୟମିତ ଗାଇଡ୍ ଯୋଗୁ ଆଜି ତାଙ୍କୁ ଏହି ସଫଳତା ମିଳି ପାରିଛି ବୋଲି ସେ କହିଛନ୍ତି। ସେ କମ୍ପ୍ୟୁଟର ବିଜ୍ଞାନ ପଢିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ପୂର୍ବରୁ କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଅଧ୍ୟୟନ କରି ଦଶମ ଶ୍ରେଣୀ ପରୀକ୍ଷାରେ ୯୨% ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୭% ନମ୍ବର ରଖି ସେ ଉତ୍ତୀର୍ଣ୍ଣ ହୋଇଥିବା ଶକ୍ତି ହେଉଛନ୍ତି ସିଦ୍ଧିପୁର ଗ୍ରାମର ଯୁବ ବ୍ୟବସାୟୀ ଶକ୍ତି ସ୍ୱରୂପ ମହାପାତ୍ର। ସୁଶାନ୍ତ କୁମାର ମହାପାତ୍ର ଏବଂ ଗୃହିଣୀ ସଂଯୁକ୍ତା ମହାପାତ୍ରଙ୍କ ଏକମାତ୍ର ପୁଅ । ତାଙ୍କର ଏହି ସଫଳତା ଖବର ଜଣାପଡିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ରାଜନଗରରେ ନିର୍ମାଣ ହେବ ଜାତୀୟ ରାଜପଥ

- କୁଆଖିଆରୁ ସାତଭାୟା ଏନଏଚ-୨୦
- ବିଧାୟକଙ୍କ ସହିତ ଜାତୀୟ ରାଜପଥ ଯନ୍ତ୍ରୀଙ୍କ ସ୍ଥିତି ସମୀକ୍ଷା

ରାଜନଗର,୭।୮(ଡି.ଏନ.ଏ.)

ରାଜନଗରବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଛି। କେନ୍ଦ୍ରାପଡ଼ା ଜିଲା ରାଜନଗରବ୍ଲକରେ ନିର୍ମାଣ ହେବ ଜାତୀୟ ରାଜପଥ। ଯାଜପୁର ଜିଲା କୁଆଖିଆଠାରୁ କେନ୍ଦ୍ରାପଡ଼ା ଜିଲାର ଦେବେନ୍ଦ୍ର ନାରାୟଣପୁର ଯାଏ ଦୀର୍ଘ ୮୧ କିଲୋମିଟର ଜାତୀୟ ରାଜପଥ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ବିଭାଗଠାରୁ ରାସ୍ତା ଏନଏଚ୍‌କୁ ହସ୍ତାନ୍ତର ପରେ ଏବେ ବ୍ୟକ୍ତିଗତ ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନଏଚ-୨୦ ନାମରେ ନାମିତ କୁଆଖିଆରୁ ସାତଭାୟା ଜାତୀୟରାଜପଥ କାମ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ମିଳିଛି ।

ଶନିବାର ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହିତ ଜାତୀୟ ରାଜପଥ ବିଭାଗର ସହକାରୀ ମୁଖ୍ୟଯନ୍ତ୍ରୀ ଧ୍ୟାନଚାନ୍ଦ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁମିତ କୁମାର ସାହୁ ପ୍ରଥମେ ରାଜନଗର ବ୍ଲକ କନ୍‌ଫରେନ୍ସ ହଲରେ ପହଞ୍ଚି ସମୀକ୍ଷା ବୈଠକରେ ସାମିଲ ହୋଇଥିଲେ। ରାଜନଗର ତହସିଲଦାର ଭୋଳାନାଥ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକ ପରେ ବିଧାୟକଙ୍କ ସହିତ ଜାତୀୟ ରାଜପଥ ବିଭାଗର ଯନ୍ତ୍ରୀ ଓ ତହସିଲଦାର ଜାତୀୟ ରାଜପଥ ନିର୍ମାଣ ହେବାକୁ ଥିବା ରାସ୍ତା ବୁଲି ଦେଖିଛନ୍ତି । ଏହି ଏନଏଚ-୨୦ରେ ରାଜନଗର ବ୍ଲକର ଈଶ୍ୱରପୁର, ଦୀଘି, ନୂଆଖୁଣ୍ଟା, ପିତଣ୍ଡା, ବଳଭଦ୍ରପୁର, ଜୁନୁସନଗର, ଗୁପ୍ତି, ଦେବେନ୍ଦ୍ର ନାରାୟଣ ପୁର ପ୍ରଭୃତି ୮ଟି ଗାଁ ଦେଇ ଜାତୀୟ ରାଜପଥ ଯିବ। ରାଜନଗର ବ୍ଲକରେ ୧୩ କିମି ଜାତୀୟ ରାଜପଥ ନିର୍ମାଣ ସହିତ ଜୟନଗରରୁ ଦିଘି ଓ ଜୁନୁସ ନଗରରୁ ଗୁପ୍ତିସେତୁ ନିର୍ମାଣ କରାଯିବ। ଏହି ଜାତୀୟ ରାଜପଥ -୨୦ ଯାଜପୁର ଜିଲାର କୁଆଖିଆଠାରୁ କେନ୍ଦ୍ରାପଡ଼ା ଜିଲାର ଦେବେନ୍ଦ୍ର ନାରାୟଣପୁର ଯାଏଁ ନିର୍ମାଣ ହେବ। କୁଆଖିଆରୁ ବାରୁଆ, ବାରୁଆରୁ ଯାଜପୁର ଟାଉନ, କଇଁଆକୋଲ୍ଲାରୁ ବାଇପାସ୍ ଦେଇ ରାଜକନିକାର ଜୟନଗର ଯାଏଁ ଉକ୍ତ ଜାତୀୟରାଜପଥ ନିର୍ମାଣହେବ। ଜୟନଗର ନିକଟରେ ବୈତରଣୀ ନଦୀ ଉପରେ ଜୟନଗରଠାରୁ ଦିଘି ଯାଏଁ ସେତୁ ନିର୍ମାଣ ହେବ। ସେଠାରୁ ରାଜନଗରବ୍ଲକର ଦିଘିଠାରୁ ଈଶ୍ୱରପୁର, ଈଶ୍ୱରପୁରରୁ ଜୁନୁସନଗର ଜାତୀୟ ରାଜପଥ ନିର୍ମାଣ ହେବ। ଜୁନୁସ ନଗର ନିକଟରେ ପାଟଶାଳ ନଦୀ ଉପରେ ଜୁନୁସ ନଗରରୁ ଗୁପ୍ତିସେତୁ ନିର୍ମାଣ ହେବ। ଗୁପ୍ତିରୁ ଦେବେନ୍ଦ୍ର ନାରାୟଣପୁର (ଓକିଲପାଳ) ଯାଏ ଏହି ଜାତୀୟରାଜପଥ ନିର୍ମାଣ ହେବ। ଜାତୀୟ ରାଜପଥ ନିର୍ମାଣ ହେଲେ ଅଞ୍ଚଳ ବିକାଶ ହେବ ବୋଲି ମତ ପ୍ରକାଶ ପାଇଛି।

# ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ହେରଫେର ଅଭିଯୋଗ

ବାଲେଶ୍ୱର ଅଫିସ, ୭।୮

ବାଲେଶ୍ୱର ପ୍ରୁଫ୍‌ରୋଡ୍‌ସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ଜଣେ ଗ୍ରାହକଙ୍କ ଅଜାଣତରେ ଆକାଉଣ୍ଟରୁ ଟଙ୍କା କଟିଯିବାକୁ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ମୋତିଗଞ୍ଜ ବଜାରରେ ଲକ୍ଷ୍ମୀ ଶାଢ଼ୀ ହାଉସ୍‌ର ମାଲିକ ଅଜିତ ମହାକୁଡ଼ ଗତ ୨୦୧୯ ନଭେମ୍ବର ୧୯ ତାରିଖରେ ଉକ୍ତ ବ୍ୟାଙ୍କରେ ଆକାଉଣ୍ଟ ଖୋଲି କାରବାର କରୁଥିଲେ। ତାଙ୍କ ଅଜାଣତରେ ପ୍ରଥମେ ୫ହଜାର, ୯ହଜାର ଓ ୩୬ହଜାର ଟଙ୍କା କଟିଯାଇଥିବା ମେସେଜ୍ ପାଇବା ପରେ ବାରମ୍ବାର ବ୍ୟାଙ୍କକୁ ଯାଇ କାରବାରର ସମସ୍ତ ତଥ୍ୟ ମାଗିଥିଲେ। ବ୍ୟାଙ୍କ କର୍ମଚାରୀ ତାଙ୍କୁ ଫେରାଇବା ସହ ଦୁର୍ବ୍ୟବହାର କରିବାରୁ ବାଧ ହୋଇ ସେ ଶୁକ୍ରବାର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଟାଉନ ଭାରପ୍ରାପ୍ତ ଅଧିକାରୀ ସାଲଖାନ ମୁର୍ମୁ ତଦନ୍ତ ଆରମ୍ଭ କରିଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମ୍ୟାନେଜର ଅସିତ୍ ରାୟ କହନ୍ତି, ଉକ୍ତ ଆକାଉଣ୍ଟ ଖୋଲାଯିବାର ୬ମାସ ପରେ ଫକୀରମୋହନ ଗୋଲେଇସ୍ଥିତ ମୁଖ୍ୟ ବ୍ରାଞ୍ଚକୁ ଟ୍ରାନ୍ସଫର ହୋଇଯାଇଛି। ସେଠାରେ ଟ୍ରାଞ୍ଜେକଶନ ଜାରି ରହିଛି। ବିନା କାରଣରେ ଟଙ୍କା କଟିଯିବା ନେଇ ଆଣିଥିବା ଅଭିଯୋଗ ଭିତ୍ତିହୀନ। ଅନ୍ୟ କୌଣସି କାରଣରୁ ଏଭଳି ଅଭିଯୋଗ ଆଣିଥିବା ପ୍ରକାଶ କରିଛନ୍ତି।

# ଅଧିକ ବିଦ୍ୟୁତ୍ ବିଲ୍ ପାଇଁ ଉପଭୋକ୍ତା ଅସନ୍ତୁଷ୍ଟ

ରଘୁନାଥପୁର,୭।୮(ଡି.ଏନ୍.ଏ)

**୨ ମାସର ବିଲ୍ ଗୋଟିଏ ମାସରେ ଆସିଛି**

ରଘୁନାଥ ବ୍ଲକରେ ଅଧିକ ବିଦ୍ୟୁତ୍ ବିଲ୍ ଆସୁଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ଏପ୍ରିଲ ପରେ ମେ ମାସରେ ବିଲ୍ ଦିଆ ନ ଯାଇ ଜୁନ୍‌ରେ ଦିଆଯାଇଛି। ଫଳରେ ପ୍ରତିମାସରେ ୫୦ ୟୁନିଟ୍‌ରେ ମିଳୁଥିବା ସର୍ବନିମ୍ନ ଟିକସରୁ କେତେଜଣ ଉପଭୋକ୍ତା ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସେହିପରି କମ୍ପାନୀ ପକ୍ଷରୁ ଗତ ମାର୍ଚ୍ଚରୁ ୨୯୭ ଉପଭୋକ୍ତାଙ୍କ ଘରେ ନୂଆ ମିଟର ବସାଯାଇଛି। ଏଥିରେ ଅଧିକ ବିଲ୍ ଆସୁଥିବା ନେଇ ୧୪୦ ଜଣ ଉପଭୋକ୍ତା ବିଭାଗୀୟ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି।

ବିଦ୍ୟୁତ୍ ବିଭାଗ ପକ୍ଷରୁ ପ୍ରତିମାସରେ ୫୦ ୟୁନିଟ୍ ପାଇଁ ୩ ଟଙ୍କା ଆଦାୟ କରାଯାଉଥିବା ବେଳେ ପରବର୍ତ୍ତୀ ୧୦୦ ୟୁନିଟ୍ ପାଇଁ ୪.୮୦ ଏବଂ ଏହା ପରଠୁ ୫.୮୦ ଟଙ୍କା ଲେଖାଏ ଆଦାୟ କରାଯାଉଛି। ମାତ୍ର ରଘୁନାଥ ବ୍ଲକରେ ୨ ମାସର ବିଲ୍‌କୁ ଏକାସଙ୍ଗେ ଦିଆଯାଇ ୧୦୦ ୟୁନିଟ୍ ପାଇଁ ୩ ଟଙ୍କା ଲେଖାଏ ଦିଆଯିବା ପରିବର୍ତ୍ତେ କେବଳ ୬୨ ୟୁନିଟ୍ ପର୍ଯ୍ୟନ୍ତ ୩ ଟଙ୍କା ହିସାବରେ ଟିକସ ଲାଗୁ କରାଯାଇଛି। ଏହା ପରବର୍ତ୍ତୀ ୟୁନିଟ୍‌ରୁ ୪.୮୦ ଟଙ୍କା ହିସାବରେ ବିଲ୍ ଆସିଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଜେଇ(କର୍ମସ) କୃତ୍ତିବାସ ମାଝି କୁହନ୍ତି, ନୂଆ ମିଟର ବସିଥିବା ଉପଭୋକ୍ତାଙ୍କ ବିଲ୍‌ର ସ୍ଲାବ୍ ରେଟ ଅନୁଯାୟୀ ଭୁଲ୍ ରହିଛି। ସେମାନେ ଅଭିଯୋଗ କଲେ ଏହାକୁ ଠିକ୍ କରାଯିବ। ଅନ୍ୟ କୌଣସି ଗ୍ରାହକଙ୍କ ଅଧିକ ବିଲ୍ ଆସିଥିଲେ ସେମାନେ ଦରଖାସ୍ତ କଲେ ବିଚାରକୁ ନିଆଯିବ ବୋଲି କହିଛନ୍ତି। ଗ୍ରାମାଞ୍ଚଳରେ ଚାଷ କାର୍ଯ୍ୟରେ ଲୋକେ ବ୍ୟସ୍ତ ଥିବାବେଳେ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଯାଇ ଉପଭୋକ୍ତା ସେମାନଙ୍କ ବିଲ୍ ଯାଞ୍ଚ କରିପାରୁନାହାନ୍ତି ବୋଲି ବିଦ୍ୟୁତ୍ ଉପଭୋକ୍ତା ସଂଘ ସଭାପତି ରଞ୍ଜନ ମହାନ୍ତି ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା କହିଛନ୍ତି। ଏହାଛଡା ଅନେକ ଉପଭୋକ୍ତା ଏ ବିଷୟରେ ଜାଣି ନ ପାରି ବାଧ ହୋଇ ଅଧିକ ବିଲ୍ ପୈଠ କରିଛନ୍ତି ବୋଲି ଜେନା କହିଛନ୍ତି।

# ଗାଡ଼ି ରହିଛି, ଡ୍ରାଇଭର ନିଖୋଜ

**ସ୍ନାନ ବେଳେ ନଦୀରେ ବୁଡ଼ି ଯାଇଥିବା ସନ୍ଦେହ**

ପାଣିକୋଇଲି, ୭।୮(ଡି.ଏନ.ଏ.)




ନଦୀ ପାଖରେ ରହିଥିବା ଗାଡ଼ି।

ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ଲିଙ୍ଗେଶ୍ୱର ଘାଟ (ବୈତରଣୀ ନଦୀର ଯଜ୍ଞ ମଣ୍ଡପ ) ପାଖରେ ଏକ ଟାଟା ଏସି ଗାଡ଼ି( ନଂ.ଓଡି୦୧ଏଜେ ୫୮୩୮) ଗୁରୁବାର ଠାରୁ ରହିଛି । ହେଲେ ଗାଡିକୁ କେହି ନେଉନାହାନ୍ତି । ଗାଡ଼ି ନିକଟରେ ତେଲ, ସାବୁନ ଠାରୁ ଆରମ୍ଭ କରି ବିଭିନ୍ନ ଆସବାସ ପତ୍ର ପଡି ରହିଛି । ଘଟଣାସ୍ଥଳରେ ଡ୍ରାଇଭର ଗାଧୋଇବାକୁ ବା ଶୌଚ ପାଇଁ ଯାଇଥିବା ଅନୁମାନ କରାଯାଉଛି । କିନ୍ତୁ ଡ୍ରାଇଭରଙ୍କ କୌଣସି ସନ୍ଧାନ ମିଳୁନି। ଗାଡିଟି ବାଲେଶ୍ୱର ଅମର୍ଦ୍ଦା ଅଞ୍ଚଳର ବୋଲି ଜଣାପଡିଛି । ଏ ସଂକ୍ରାନ୍ତରେ ଲିଙ୍ଗେଶ୍ୱର କମିଟି ପକ୍ଷରୁ ପୋଲିସକୁ ଅବଗତ କରାଯିବା ପରେ ତଦନ୍ତ ଆରମ୍ଭ ହୋଇଛି । ଡ୍ରାଇଭରଙ୍କ କୌଣସି ପତ୍ତା ମିଳିନାହିଁ । ଆନିକଟ ଯୋଗୁ ନଦୀରେ ପାଣି ରହିଛି । ନଦୀରେ ଗୋଧୋଇବା ବେଳେ ଡ୍ରାଇଭର ନିଖୋଜ ହେବା ନେଇ ସନ୍ଦେହ କରାଯାଉଛି ।

# ଘର ଜାଳିଦେଲେ ଦୁର୍ବୃତ୍ତ

ପାଣିକୋଇଲି, ୭।୮ (ଡି.ଏନ.ଏ.)

ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଷଠିପୁର କୁମ୍ଭାର ସାହି ଗଡାଣିରେ ଏକ ସରକାରୀ ଜମିରେ ଘର କରି ରହୁଥିବା ମହିଳାଙ୍କ ଘରକୁ କେହି ଦୁର୍ବୃତ୍ତ ଶୁକ୍ରବାର ରାତିରେ ନିଆଁ ଲଗାଇ ପୋଡି ଦେଇଛନ୍ତି । ମହିଳା ଜଣଙ୍କ ସ୍ଥାନୀୟ ଇଟାଭାଟିରେ ଶ୍ରମିକ ଭାବେ କାମ କରନ୍ତି । ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି । ଘର ପୋଡ଼ି ପରେ ମହିଳାଙ୍କ ସମସ୍ତ ଆସବାସ ପତ୍ର ମଧ୍ୟ ନଷ୍ଟ ହୋଇଥିବା ଅଭିଯୋଗ କରାଯାଇଛି ।



ପୋଡ଼ିଯାଇଥିବା ଘର ।

# ଭିତ୍ତିଭୂମି ବିକାଶ ସହ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

ବାସୁଦେବପୁର, ୭।୮ (ଡି.ଏନ.ଏ.)




ବୈଠକରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

**ରୋଗୀ କଲ୍ୟାଣ ସମିତିର ସାଧାରଣ ପରିଷଦ ବୈଠକ**

ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର କନ୍‌ଫରେନ୍ସ ହଲ୍‌ରେ ରୋଗୀ କଲ୍ୟାଣ ସମିତିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମିତିର ଚେୟାରମ୍ୟାନ ତଥା ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗ ଦେଇଥିଲେ। ବାସୁଦେବପୁର ଡାକ୍ତରଖାନାର ଭିତ୍ତିଭୂମି ବିକାଶ ସହ ଉପସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଉନ୍ନତି ଦିଗରେ ସେ ସର୍ବାଧିକ ଗୁରୁତ୍ୱ ଦେଇଥିବା ବିଧାୟକ କହିଥିଲେ। ଏଥିସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ନେଇ ସେ ସର୍ବଦା ଦୃଷ୍ଟି ଦେଉଛନ୍ତି ବୋଲି ପ୍ରକାଶ କରିଥିଲେ। ରକ୍ତଭଣ୍ଡାର ୟୁନିଟକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ, ଡାକ୍ତରଖାନାରେ ଶୌଚାଳୟ ନିର୍ମାଣ, ନୂତନ ଅଲଟ୍ରାସାଉଣ୍ଡ ମେଶିନ କାର୍ଯ୍ୟକ୍ଷମ, ମେଡିକାଲର ବିଭିନ୍ନ କୋଠାର ଛାତ ମରାମତି ଓ ଖାଲି ପଡ଼ିଥିବା ଡାକ୍ତର, କର୍ମଚାରୀ ପଦବୀ ପୂରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା ଏମ୍‌ପିଙ୍କ ପ୍ରତିନିଧି ସୁରେଶ ମହାନ୍ତି, ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଲିକ, ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ଥାନା ଏସ୍‌ଆଇ ବିଶ୍ୱଜିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବାସୁଦେବପୁର ଡାକ୍ତରଖାନା ମୁଖ୍ୟ ଚିକିତ୍ସକ ଡା. ସୁଶାନ୍ତ ସାମନ୍ତ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ସୁପରଭାଇଜର ଗୌରୀମଣି ସାହୁଙ୍କ ସମେତ ରୋଗୀ କଲ୍ୟାଣ ସମିତି ସଦସ୍ୟ ଓ ଡାକ୍ତରଖାନା କର୍ମଚାରୀ ବୈଠକରେ ଉପସ୍ଥିତ ଥିଲେ।

# ହାତୀ ଉପଦ୍ରବ, ଚିନ୍ତାରେ ଚାଷୀ

ସଜନାଗଡ଼, ୭।୮(ଡି.ଏନ.ଏ.)



ହାତୀ ଦ୍ୱାରା ନଷ୍ଟ ହୋଇଥିବା ଚାଷଜମି।

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟରୁ ଦୈନିକ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଆସି ଜଙ୍ଗଲ ସଂଲଗ୍ନ ଅଞ୍ଚଳରେ ହୋଇଥିବା ଚାଷଜମିକୁ ବ୍ୟାପକ ଭାବେ ନଷ୍ଟ କରୁଛନ୍ତି। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅନ୍ୟପକ୍ଷରେ ହାତୀ ଆତଙ୍କରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାତୀ ସଜନାଗଡ଼ ପଞ୍ଚାୟତର ଭାଲୁକାଷୁଣୀ ଗାଁ ନିକଟରେ ଥିବା ଚାଷଜମିରେ ପଶି ଏକର ଏକର ଧାନ ଫସଲ ନଷ୍ଟ କରିଦେଇଛନ୍ତି। ଯେତିକି ଖାଇଛନ୍ତି ତାଠାରୁ ଅଧିକ ପାଦରେ ଦଳି ନଷ୍ଟ କରୁଛନ୍ତି। ଏନେଇ ଚାଷୀ ଗୁରା ସିଂ, ଅଜୟ ସିଂ, ଈଶ୍ୱର ସିଂ ଓ ବାପି ସିଂ ପ୍ରମୁଖ ହତାଶ ହୋଇଥିବା ବେଳେ ହାତୀଙ୍କ ଦାଉରୁ କିପରି ଫସଲକୁ ସୁରକ୍ଷା କରିବେ ସେନେଇ ଚିନ୍ତା ଘାରିଛି। ସେହିପରି ହାତୀପଲକୁ ବିଲରେ ଦେଖି ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଅନୁରୂପ ଭାବେ ହାତୀପଲ ବାଉଁଶବଣିଆ ପଞ୍ଚାୟତର ତୁଲପୁର ଅଞ୍ଚଳରେ ଫସଲ ନଷ୍ଟ କରିଛନ୍ତି।

## ସଂକ୍ଷେପରେ

### ଯୁବତୀଙ୍କୁ ଗଣବଳାତ୍କାର, ଜଣେ ଗିରଫ

#### ସୁଧାରଗୃହରେ ୨ ନାବାଳକ

ବଡବିଲ, ୭।୮ (ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଝୁମ୍ପୁଡି ହଟିଂ ଅଞ୍ଚଳର ଜଣେ ଯୁବତୀଙ୍କୁ ଗଣବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ ୨ନାବାଳକଙ୍କୁ କାବୁ କରିବାକୁ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଷ୍ଟେଶନ ରୋଡସ୍ଥିତ ଇନ୍ଦିରା କଲୋନୀ ଅଞ୍ଚଳର ମହେଶ ଲୋହାର। ଏନେଇ ଥାନାରେ ଏକ ମାମଲା (ନଂ.୧୩୧/୨୦୨୧) ରୁଜୁ ହୋଇଛି। ଘଟଣାରେ ପ୍ରକାଶ, ଗୁରୁବାର ରାତି ପ୍ରାୟ ୯ ଟା ବେଳେ ଜଣେ ଯୁବତୀଙ୍କୁ ଘରୁ ଟେକି ନେଇ ଏହି ୩ ଜଣ ଗଣବଳାତ୍କାର କରିଥିବା ନେଇ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତ ମହେଶଙ୍କୁ ଶନିବାର ଗିରଫ ପରେ କୋର୍ଟଚାଲାଣ କରିଛି। ଅନ୍ୟ ଦୁଇ ନାବାଳକଙ୍କୁ ପୋଲିସ କାବୁ କରି କେନ୍ଦୁଝରସ୍ଥିତ ଜୁଭେନାଇଲ କୋର୍ଟରେ ହାଜର କରିବା ପରେ ସୁଧାର ଗୃହକୁ ପଠାଯିବ ବୋଲି ଥାନା ଇନ୍ସପେକ୍ଟର ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

### ବ୍ରାହ୍ମଣୀ ନଦୀରୁ ମିଳିଲା ଯୁବକଙ୍କ ମୃତଦେହ

#### ଶୁକ୍ରବାର ଟାଣିନେଇଥିଲା କୁମ୍ଭୀର

ପଟ୍ଟାମୁଣ୍ଡାଇ,୭।୮(ସ୍ୱ.ପ୍ର.): ଶୁକ୍ରବାର ମଧ୍ୟାହ୍ନରେ ବ୍ରାହ୍ମଣୀ ନଦୀରେ ଗାଧୋଇବାବେଳେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ବସନ୍ତ ପରିଡ଼ା (୪୫)ଙ୍କୁ କୁମ୍ଭୀର ଆକ୍ରମଣ କରିବା ସହିତ ଗଭୀର ଜଳକୁ ଟାଣି ନେଇଥିଲା । ବସନ୍ତଙ୍କ ଚିତ୍କାର ଶୁଣି ଗାଁ ଲୋକେ ନଦୀକୂଳରେ ଜମା ହୋଇଥିଲେ ହେଁ କୁମ୍ଭୀର ମୁହଁରୁ ତାଙ୍କୁ ରକ୍ଷା କରିବା ସମ୍ଭବ ହୋଇ ନ ଥିଲା । ଗଭୀର ପାଣିରେ କୁମ୍ଭୀର ସହିତ ବସନ୍ତ ସଂଘର୍ଷ କରି ଶେଷରେ ହାର ମାନି ଥିଲେ । ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଶ୍ରୀରାମପୁରରେ ପହଞ୍ଚି ନଦୀରେ ବସନ୍ତଙ୍କୁ ଖୋଜା ଖୋଜି ଆରମ୍ଭ କରିଥିଲେ । କିନ୍ତୁ ତାଙ୍କର ପତ୍ତା ମିଳି ନ ଥିଲା । ଶନିବାର ଅପରାହ୍ନରେ ରାହସରପୁର ଛକ ଝାଉଁ ବଣ ନିକଟରୁ ବସନ୍ତଙ୍କ ମୃତଦେହ ଗ୍ରାମବାସୀ ପାଇବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ଶନିବାର ଅପରାହ୍ନରେ ବସନ୍ତଙ୍କ ପରିବାର ସଦସ୍ୟଙ୍କୁ ରାଜନଗର ବିଧାୟକ ଧ୍ରୁବ ସାହୁ, ବରିଷ୍ଠ ବିଜେଡି ନେତା ଆଡଭୋକେଟ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରମୁଖ ଭେଟି ସମବେଦନା ଜଣାଇବା ସହିତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଗତ କିଛିଦିନ ହେବ ବ୍ରାହ୍ମଣୀ, ବୈତରଣୀ, କାଣୀ, ଖରସ୍ରୋତା, ହଂସୁଆ ଓ ଗୋବରୀ ନଦୀରେ କୁମ୍ଭୀରମାନଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି । ରାଜନଗର ବନ ବିଭାଗ ପକ୍ଷରୁ ଏନେଇ ଲୋକମାନଙ୍କୁ ସଚେତନତା କରୁ ନ ଥିବାରୁ ଅକାଳରେ ବହୁ ଜୀବନ ଯାଉଛି । ଏଥିପାଇଁ ବନବିଭାଗ ପ୍ରତିଷେଧକମୂଳକ ବ୍ୟବସ୍ଥା ଗ୍ରହଣ କରିବା ସହିତ ଜନସଚେତନତା ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

### ଘର ଦାଣ୍ଡରେ ଶୋଇଥିବା ବୃଦ୍ଧଙ୍କୁ ହତ୍ୟା

ସୋରଡା,୭।୮(ଡି.ଏନ୍.ଏ.): ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଗୋପାଳପୁର ଗ୍ରାମରେ ଶୁକ୍ରବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଘର ଦାଣ୍ଡ ବାରଣ୍ଡାରେ ଶୋଇଥିବା ଜଣେ ୭୦ ବର୍ଷୀୟ ବୃଦ୍ଧଙ୍କୁ କେହି ଦୁର୍ବୃତ୍ତ ନିର୍ମମ ଭାବେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ କାଶୀନାଥ ଗଉଡ଼। ଶନିବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପୁଅ ମିଟୁଙ୍କ ଏତଲା ପ୍ରକାରେ ବଡ଼ଗଡ଼ ଥାନାରେ ନଂ. ୨୨୪/୨୧ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଜମିବାଡ଼ିକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ହୋଇଥିବା ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, କାଶୀନାଥ ଶୁକ୍ରବାର ରାତିରେ ଖାଇପିଇ ଦାଣ୍ଡ ବାରଣ୍ଡାରେ ପଡ଼ିଥିବା ଖଟରେ ଶୋଇଥିଲେ। ଘରେ ତାଙ୍କ ସ୍ତ୍ରୀ, ଝିଅ ଓ ବୋହୂ ଶୋଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଆସି ବାହାର ପଟୁ କବାଟ ବନ୍ଦ କରିଦେଇ କାଶୀନାଥଙ୍କୁ ହାଣି ହତ୍ୟା କରି ପଳାଇଥିଲେ। ଶନିବାର ସକାଳେ ପରିବାର ଲୋକେ ଉଠି କବାଟ ଖୋଲିବାରୁ ତାହା ବାହାରୁ ବନ୍ଦ ଥିଲା। ତେଣୁ ପଡ଼ୋଶୀଙ୍କୁ ଡାକିବାରୁ ସେମାନେ ଆସି ମୃତଦେହ ଦେଖିବା ସହ କବାଟ ଖୋଲିଥିଲେ। ପରିବାର ଲୋକେ ଏ ନେଇ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନୂଆ ରୂପ ପାଇବ ୫୦ ସରକାରୀ ହାଇସ୍କୁଲ

- ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କ ସୁନ୍ଦରଗଡ଼ ଗସ୍ତ
- ସମ୍ଭାବ୍ୟ ତୃତୀୟ ଲହରରେ ଶିଶୁଙ୍କ ସୁରକ୍ଷାକୁ ଗୁରୁତ୍ୱ

ସୁନ୍ଦରଗଡ଼, ୭।୮(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସଚିବସ୍ତରୀୟ ପ୍ରତିନିଧିଦଳ ଶନିବାର ସୁନ୍ଦରଗଡ଼ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ପ୍ରତିନିଧି ଦଳ କୁଣ୍ଡକେଲାସ୍ଥିତ ୩୩/୧୧ କେଭି ବିଦ୍ୟୁତ୍ ଗ୍ରୀଡ୍ ସବ୍‌ଷ୍ଟେଶନ, ଭେଡାବାହାଲ କୋଲ୍ କରିଡର, ଭବାନୀପୁରଠାରେ ଅତ୍ୟାଧୁନିକ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଏବଂ କିରିମା ସରକାରୀ ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିଥିଲେ। ଏହା ସହିତ ଶିକ୍ଷା, ମହିଳା ଓ ଶିଶୁବିକାଶ, ଜୀବିକା, ସଂଯୋଗୀକରଣ, ପାନୀୟ ଜଳ, କୃଷି ଓ ଜଳସେଚନ ଆଦି ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ। ଏହି ପ୍ରତିନିଧି ଦଳରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି ସଚିବ) ଭି.କେ. ପାଣ୍ଡିଆନ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର. ଭିନିଲ୍ କ୍ରିଷ୍ଣା ସାମିଲ ଥିଲେ।

କୋଭିଡ୍ ମହାମାରୀର ସମ୍ଭାବ୍ୟ ତୃତୀୟ ଲହର ମୁକାବିଲା ଲାଗି ସ୍ୱାସ୍ଥ୍ୟ ଭିତ୍ତିଭୂମିର ପ୍ରସ୍ତୁତି ଏବଂ ବିଶେଷକରି ଶିଶୁମାନଙ୍କ ଚିକିତ୍ସା ଲାଗି ଆଇସିୟୁ ତଥା ଆବଶ୍ୟକୀୟ ବ୍ୟବସ୍ଥା ସମ୍ପର୍କରେ ସୁନ୍ଦରଗଡସ୍ଥିତ ଏନ୍‌ଟିପିସି କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେମାନେ ଅନୁଧ୍ୟାନ କରିଥିଲେ। ଏନ୍‌ଟିପିସି ମେଡିକାଲ କଲେଜ କିଭଳି ପରିଚାଳନା କରାଯିବ ସେ ନେଇ ଖୁବଶୀଘ୍ର ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ମୁଖ୍ୟ ଶାସନ ସଚିବ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏତଦ୍‌ବ୍ୟତୀତ ଜିଲାରେ କ୍ରୀଡ଼ା ଭିତ୍ତିଭୂମି ସମ୍ପର୍କରେ ମଧ୍ୟ ଏହି ବୈଠକରେ ଆଲୋଚନା କରାଯାଇଥିଲା।

ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଜିଲାର ୫୦ଟି ସରକାରୀ ହାଇସ୍କୁଲର ରୂପାନ୍ତରଣ କାମ ଅକ୍ଟୋବର ସୁଦ୍ଧା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ନୂଆରୂପ ପାଇବାକୁ ଯାଉଥିବା ୫୦ଟି ହାଇସ୍କୁଲ ମଧ୍ୟରୁ ଏହି ସଚିବସ୍ତରୀୟ ଦଳ କିରିମା ସରକାରୀ ହାଇସ୍କୁଲ ବୁଲି ଦେଖିଥିଲେ। ସେମାନେ ସ୍ମାର୍ଟ କ୍ଲାସ୍‌ରେ ବସି ଷ୍ଟୁଡିଓରେ ଥିବା ଶିକ୍ଷୟିତ୍ରୀ ଏବଂ ଅନ୍ୟ ଏକ କକ୍ଷରେ ବସି ପଢୁଥିବା ଛାତ୍ରୀଛାତ୍ରଙ୍କ ସହ ଭର୍ଚୁଆଲ ମାଧ୍ୟମରେ କଥାବାର୍ତ୍ତା କରିଥିଲେ।

ସୁନ୍ଦରଗଡ଼ ସଦରର ଭବାନୀପୁରରେ ନିର୍ମିତ ଆଧୁନିକ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ମଧ୍ୟ ସେମାନେ ପରିଦର୍ଶନ କରିଥିଲେ। ଛୋଟ ପିଲାଙ୍କ ଶିକ୍ଷାକୁ ଆନନ୍ଦମୟ କରିବାପାଇଁ ସମ୍ପୂର୍ଣ୍ଣ ନୂଆ ଢାଞ୍ଚାରେ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ତିଆରି କରାଯାଇଛି। ଏହାର ଆସବାବପତ୍ର ଓ କାନ୍ଥବାଡ଼ଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ପରିବେଶ ପିଲାଙ୍କ ଶିକ୍ଷା ପାଇଁ ଆକର୍ଷଣୀୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ଏସ୍‌ପି ସାଗରିକା ନାଥ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର (ଡାହାଣ), ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର. ଭିନିଲ୍ କ୍ରିଷ୍ଣା ସୁନ୍ଦରଗଡ଼ ଜିଲା ଗସ୍ତରେ ଆସି ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

# ନ୍ୟାୟ ମାଗିଲେ ସୌମ୍ୟଙ୍କ ବାପା

## ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଅଭିଯୋଗ

ଖଇରା, ୭।୮(ଡି.ଏନ.ଏ.)

ପାରଳାଖେମୁଣ୍ଡିରେ କାର୍ଯ୍ୟରତ ଏସିଏଫ ସୌମ୍ୟରଞ୍ଜନ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାକୁ ୨୫ଦିନ ପୂରିଲାଣି । ପୋଲିସ ତଦନ୍ତକୁ ପ୍ରଶ୍ନ ଉଠାଇଥିବା ପରିବାର ଏବେ ନ୍ୟାୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ସାହା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇମେଲ୍ ଏବଂ ଡାକ ଜରିଆରେ ଅଭିଯୋଗ କରିଛନ୍ତି । ବାପା ଅଭିରାମ ମହାପାତ୍ର ଏହା ଏକ ହତ୍ୟାକାଣ୍ଡ ବୋଲି ପତ୍ରରେ ଉଲ୍ଲେଖ କରିବା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁଅକୁ ନ୍ୟାୟ ଦେବା ପାଇଁ ଦାବି କରିଛନ୍ତି ।

ତାଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘ ୨୫ଦିନ ପରେ ବି ପୋଲିସ କେବଳ ଅନ୍ଧାରରେ ବାଡି ବୁଲାଉଛି । ଜଣେ ହେଲେ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିନାହିଁ । ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ତାଙ୍କ ପରିବାର ତରଫରୁ ଅଭିଯୋଗ କରାଯାଇ ଆସୁଥିବା ବେଳେ ଏହା ପଛରେ ପତ୍ନୀ ବିଦ୍ୟାଭାରତୀଙ୍କ ସମେତ ପାରଳାଖେମୁଣ୍ଡି ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା, ଗୁରାଣ୍ଡି ଓଆଇସି ମମତା ପଣ୍ଡା, ରୋଷେୟା ସମ୍ପୃକ୍ତ ଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ କରାଯାଇଛି । କାରଣ ୧୨ତାରିଖରେ ପୁଅ ପୋଡିଯିବା ରାତିରେ ତାଙ୍କ କ୍ୱାର୍ଟର୍ସକୁ କ୍ରାଇମସ୍ପଟ ବୋଲି ପୋଲିସ କହୁଥିବା ବେଳେ ପୋଡାର ଗନ୍ଧ ନ ଥିବା ସହ ଘରର ଅନ୍ୟ କିଛି ପୋଡି ନ ଥିଲା । ସୌମ୍ୟଙ୍କୁ ରାସ୍ତାରୁ ହଟାଇବାକୁ ମୃତ୍ୟୁର ୧ମାସ ପୂର୍ବରୁ ଷଡଯନ୍ତ୍ର କରାଯାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଡିଏଫଓଙ୍କୁ ଏପର୍ଯ୍ୟନ୍ତ ଚାକିରିରୁ ବହିଷ୍କାର କରାଯାଇ ନ ଥିବାରୁ ଏହା ତଦନ୍ତକୁ ପ୍ରଭାବିତ କରୁଛି। ଏହା ପୂର୍ବରୁ ପରିବାର ଲୋକେ ନ୍ୟାୟ ନ ପାଇଲେ ନବୀନନିବାସ ଆଗରେ ଆତ୍ମାହୁତି ଦେବେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।



# କୋଭିଡ୍ ହସ୍ପିଟାଲରୁ ବିଚାରାଧୀନ ବନ୍ଦୀ ଚମ୍ପଟ

## ଅଭିଯୁକ୍ତଙ୍କୁ ଧରିବା ପାଇଁ ଟିମ୍ ଗଠନ

ବ୍ରହ୍ମପୁର ଅଫିସ, ୭।୮

ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଏମ୍‌କେସିଜି ମେଡିକାଲ ପରିସରରେ ଥିବା ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲ୍ (ଡିସିଏଚ୍-୧)ରୁ ଶୁକ୍ରବାର ରାତିରେ ଜଣେ ବିଚାରାଧୀନ ବନ୍ଦୀ ଚମ୍ପଟ ମାରିଛନ୍ତି। ସେ ହେଲେ ନୟାଗଡ଼ ଜିଲା ନୟାଗଡ଼ କଟିଆ ସାହିର ମୀର ତହସିନ (୩୭)। ହସ୍ପିଟାଲ୍‌ରେ ମୀରଙ୍କୁ ଜଗିଥିବା ଜେଲ ୱାର୍ଡର ଗୌତମ କହଁରଙ୍କ ତରଫରୁ ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଡିସିଏଚ୍-୧ର ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରୁଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଥିବା ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି।

କନ୍ଧମାଳ ଜିଲା ବାଲିଗୁଡ଼ା ପୋଲିସ ଗତ ଜୁଲାଇ ୪ ତାରିଖରେ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ମୀରଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ସେବେଠାରୁ ସେ ବାଲିଗୁଡ଼ା ସବ୍‌ଜେଲ୍‌ରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଗତ ୨୮ ତାରିଖରେ ମୀରଙ୍କୁ ଜ୍ୱର ହୋଇଥିଲା। କୋଭିଡ୍ ଲକ୍ଷଣ ଥିବାରୁ ୩୦ ତାରିଖରେ ଆରଟି-ପିସିଆର ଟେଷ୍ଟରୁ ସେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଗତ ୩୧ ତାରିଖରେ ଏମ୍‌କେସିଜି ମେଡିକାଲ ଡିସିଏଚ୍-୧କୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପରେ ମୀର ସୁସ୍ଥ ହୋଇଥିଲେ ଓ ଶନିବାର ତାଙ୍କୁ ଡିସଚାର୍ଜ କରାଯିବା ଥିଲା ବୋଲି ଡିସିଏଚ -୧ ଦାୟିତ୍ୱରେ ଥିବା ଡା. ନୀହାର ରଞ୍ଜନ ପ୍ରଧାନ କହିଛନ୍ତି। ୨/୩ ଦିନ ପୂର୍ବରୁ ମୀର ଚମ୍ପଟ ମାରିବା ପାଇଁ ଯୋଜନା କରୁଥିବା ସନ୍ଦେହ ହେବାରୁ ତାଙ୍କ ଉପରେ ନଜର ରଖିବା ପାଇଁ ବାଲିଗୁଡା ସବ୍‌ଜେଲର୍‌ଙ୍କୁ ଡା. ପ୍ରଧାନ ଫୋନ ଯୋଗେ ଜଣାଇବା ସହ ପୋଲିସକୁ ଏକ ଚିଠି ଲେଖିଥିଲେ ବୋଲି କହିଛନ୍ତି। ପୋଲିସ ଏହାକୁ ହାଲ୍‌କା ଭାବେ ନେଇଥିବାରୁ ଶୁକ୍ରବାର ବିଳମ୍ବିତ ରାତିରେ ମୀର ଚମ୍ପଟ ମାରିଥିଲେ। ବହୁ ଖୋଜାଖୋଜି ପରେ ବି ତାଙ୍କର କୌଣସି ପତ୍ତା ମିଳିନାହିଁ।

# ରାଜ୍ୟରେ ହଜାରେ ଉପରେ ଡେଙ୍ଗୁ ଆକ୍ରାନ୍ତ

ଭୁବନେଶ୍ୱର, ୭।୮(ବ୍ୟୁରୋ)

ରାଜ୍ୟରେ କରୋନା ଭୟ ଯାଇ ନ ଥିବାବେଳେ ଡରାଇଲାଣି ଡେଙ୍ଗୁ। ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜାନୁୟାରୀରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପାଖାପାଖି ହଜାରେ ଡେଙ୍ଗୁ କେସ୍ ରହିଥିବା ଶନିବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଥିମଧ୍ୟରୁ କେବଳ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ୭୧୪ କେସ୍ ରହିଛି। ପ୍ରତିଦିନ ଡେଙ୍ଗୁ କେସ୍ ସାମ୍ନାକୁ ଆସୁଛି। ତେବେ ଡେଙ୍ଗୁ ଭାଇରସ୍ ଏଲିସା ପଦ୍ଧତିରେ ଟେଷ୍ଟ ହେବା କଥା। କିନ୍ତୁ ଘରୋଇ ହସ୍ପିଟାଲଗୁଡ଼ିକ କେହି ବି ଏଲିସାରେ ଟେଷ୍ଟ କରୁନାହାନ୍ତି। କେବଳ କାର୍ଡ ଟେଷ୍ଟ କରୁଛନ୍ତି। ଫଳରେ ଫଲ୍‌ସ ପଜିଟିଭ କେସ୍ ଅଧିକ ଆସୁଛି। ତେଣୁ ଯଦି ପଜିଟିଭ ପାଉଛନ୍ତି ତେବେ ତୁରନ୍ତ ରକ୍ତ ନମୁନା କ୍ୟାପିଟାଲ ହସ୍ପିଟାଲ ଅବା ଆର୍‌ଏମ୍‌ଆର୍‌ସିକୁ ପଠାଇବାକୁ ସମସ୍ତ ଲାବୋରେଟୋରିକୁ ସେ ନିବେଦନ କରିଛନ୍ତି। ସେ ଆହୁରି କହିଛନ୍ତି, ଡେଙ୍ଗୁ ଟେଷ୍ଟ ପାଇଁ ସମସ୍ତ ସହରାଞ୍ଚଳ ପିଏଚ୍‌ସି, ସିଏଚ୍‌ସିରେ ବ୍ୟବସ୍ଥା ହୋଇଛି। ତେଣୁ ଲୋକମାନେ ସେଠାକୁ ଯାଇ ପରୀକ୍ଷା କରାଇପାରିବେ।

ସୂଚନାନୁଯାୟୀ, ପ୍ରଥମେ ଭୁବନେଶ୍ୱରରୁ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ବିଶେଷକରି ଶୈଳଶ୍ରୀବିହାର ଓ ନୀଳାଦ୍ରିବିହାରରେ ସ୍ଥିତି ଜଟିଳ ରହିଥିବାବେଳେ ସହରର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି। ଡେଙ୍ଗୁ ପ୍ରକୋପକୁ ରୋକିବା ପାଇଁ ବିଏମ୍‌ସି ବହୁ ବିଳମ୍ବରେ ସଫେଇ ଓ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିଛି। ବିଏମ୍‌ସି ପକ୍ଷରୁ ଡେଙ୍ଗୁ ଜ୍ୱର ପାଇଁ ଏକାଧିକ ସତର୍କ ସୂଚନା ଜାରି କରାଯାଇଛି। ଜ୍ୱର ସହ ମୁଣ୍ଡ, ହାତ ବିନ୍ଧା, ଦେହରେ ଲାଲ ଦାଗ, ବାନ୍ତି ଓ ମୁଣ୍ଡ ବିନ୍ଧା ହେଉଛି ଡେଙ୍ଗୁର ଲକ୍ଷଣ। ତେଣୁ ଏପରି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ କୁହାଯାଇଛି। ଘରେ ମଧ୍ୟ ସଫେଇ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି।

# ଜଗି ରହିଲେ ବିଧାୟକ, ପ୍ରଶାସନିକ ଅଧିକାରୀ

## ତଳଗଞ୍ଜେଇପଦର, ମାଡକାରେ ଆନ୍ଧ୍ରର ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମକୁ ବିରୋଧ

ପଟ୍ଟାଙ୍ଗୀ,୭।୮(ଡି.ଏନ.ଏ.)

କୋରାପୁଟ ଜିଲା କୋଟିଆ ପଞ୍ଚାୟତ ଉପରେ ଆନ୍ଧ୍ର ପ୍ରଦେଶ ନଜର ହଟାଇବାକୁ ନାରାଜ। ବିଭିନ୍ନ ସମୟରେ ଏହି ପଞ୍ଚାୟତରେ ପହଞ୍ଚି ସେଠାରେ ବସବାସ କରୁଥିବା ଓଡ଼ିଶା ଅଧିବାସୀଙ୍କୁ ନିଜ ସପକ୍ଷରେ ନେବାକୁ ବିଭିନ୍ନ ଭାବରେ ଉଦ୍ୟମ ଜାରି ରଖିଛି। ଶୁକ୍ରବାର ଏହି ପଞ୍ଚାୟତକୁ ଆନ୍ଧ୍ରର ଏକ ରାଜନୈତିକ ଦଳ ଲୋକସତ୍ତାର ରାଜ୍ୟ ଅଧକ୍ଷ ବି.ସେଠୀ ବାବଜୀ ଗସ୍ତକରି ଅଞ୍ଚଳବାସୀଙ୍କ ସହ ଆନ୍ଧ୍ର ପକ୍ଷରୁ ବିଭିନ୍ନ ସମୟରେ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟ ନେଇ ପଚାରି ବୁଝିଥିଲେ। ଏହି ଖବର ପାଇ କୋରାପୁଟ ଜିଲା ପ୍ରଶାସନ ଅଧିକାରୀମାନେ ଓ ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ କୋଟିଆ ଗସ୍ତ କରି ବାବଜୀଙ୍କ ଗସ୍ତକୁ ବିରୋଧ କରିଥିଲେ। ଏପରିକି ବିଧାୟକ ପାଢ଼ୀ ଏଣିକି ଆନ୍ଧ୍ରର ଅଧିକାରୀ ଓ ରାଜନୈତିକ ବ୍ୟକ୍ତି କୋଟିଆ ଗସ୍ତରେ ଆସିଲେ ମାଡ଼ ହେବ ବୋଲି ଚେତାବନୀ ଦେଇଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ଆନ୍ଧ୍ର ପକ୍ଷରୁ ପୁଣି ଏକ ଯୋଜନା କରି କୋଟିଆର ତଳଗଞ୍ଜେଇପଦର ଓ ମାଡକାରେ ଗ୍ରାମବାସୀଙ୍କୁ ପଟ୍ଟା ବଣ୍ଟନ ପାଇଁ ଯୋଜନା କରିଥିଲେ। ଏହି ଖବର ପାଇବା ପରେ କୋରାପୁଟ ଜିଲା ପ୍ରଶାସନ ଆନ୍ଧ୍ରର ଏହି ଯୋଜନାକୁ ଭଣ୍ଡୁର କରି ଦେଇଛି। ଫଳରେ ଆନ୍ଧ୍ରର ଅଧିକାରୀମାନେ ଭୟରେ ଆଉ ଓଡ଼ିଶା ସୀମାନ୍ତ ଗ୍ରାମ ତଳଗଞ୍ଜେଇପଦର ଓ ମାଡକାକୁ ଆସିନାହାନ୍ତି। ଆନ୍ଧ୍ର ଅଧିକାରୀ ଓ କର୍ମଚାରୀ ଉପରୋକ୍ତ ଦୁଇ ଗ୍ରାମର ଗ୍ରାମବାସୀଙ୍କ ପଟ୍ଟା ବଣ୍ଟନ କରିବା ଲାଗି ଆସୁଥିବା ଜଣାପଡିବା ପରେ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇଥିଲା। ପଟ୍ଟାଙ୍ଗୀ ବିଧାୟକ ପାଢ଼ୀଙ୍କ ସମେତ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ଉପଜିଲାପାଳ ଲଳିତ କୁମାର କଅଁର, ସୁନାବେଡ଼ା ଏସ୍‌ଡିପିଓ ମନୋଜ ବେହେରା, ପଟ୍ଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳ, ବିଡିଓ ବେଦ ଭୂଷଣ ପ୍ରମୁଖ ତଳଗଞ୍ଜେଇପଦର ଓ ମାଡକାରେ ପହଞ୍ଚି ଦିନ ତମାମ ଜଗି ରହିଥିଲେ। ଫଳରେ ଏହି ଖବର ଜାଣିପାରି ଆନ୍ଧ୍ର ଅଧିକାରୀ ଓ କର୍ମଚାରୀମାନେ ଭୟରେ ଆଉ ଆସି ନ ଥିଲେ।



କୋଟିଆ ପଞ୍ଚାୟତରେ ଆନ୍ଧ୍ରର ଅଧିକାରୀ, କର୍ମଚାରୀଙ୍କୁ ଜଗି ରହିଥିବା ବିଧାୟକ,ପୂର୍ବତନ ବିଧାୟକ ଏବଂ ଜିଲା ପ୍ରଶାସନର ଅଧିକାରୀମାନେ।

# କୋମ୍ବିଂ ବେଳେ ଅସ୍ତ୍ରଶସ୍ତ୍ର, ମାଓବାଦୀ ସାମଗ୍ରୀ ଜବତ

## ରାୟଗଡ଼ା-କଳାହାଣ୍ଡି ସୀମାରେ ସିଆର୍‌ପିଏଫ୍‌ର ଅପରେଶନ

ରାୟଗଡ଼ା ଅଫିସ/ଲାଞ୍ଜିଗଡ଼, ୭।୮(ଡି.ଏନ୍.ଏ.)

ରାୟଗଡ଼ା ସିଆର୍‌ପିଏଫ୍ ୪ର୍ଥ ବାଟାଲିୟନ ପକ୍ଷରୁ କୋମ୍ବିଂ ଅପରେଶନ ବେଳେ ରାୟଗଡ଼ା-କଳାହାଣ୍ଡି ସୀମାନ୍ତ ବିଜେପୁର ଥାନା ଅଧୀନ ତାଡ଼ିଖୋଲା ଗ୍ରାମ ନିକଟ ନିୟମଗିରି ଜଙ୍ଗଲରୁ ଶନିବାର ସକାଳେ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ସହ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ୪ର୍ଥ ବାଟାଲିୟନର କମାଣ୍ଡାଣ୍ଟ ମନୋଜ କୁମାର ଯାଦବଙ୍କ ନିର୍ଦ୍ଦେଶକ୍ରମେ ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ମିତୁ ରୟଙ୍କ ନେତୃତ୍ୱରେ ଅପରେଶନ ଚାଲିଥିଲା। ସୂଚନା ଅନୁଯାୟୀ, ଯବାନଙ୍କ ଅପରେଶନ ବିଷୟରେ ସୂଚନା ପାଇ ମାଓବାଦୀମାନେ ଜଙ୍ଗଲରୁ ଛତ୍ରଭଙ୍ଗ ଦେଇଥିଲେ। ହେଲେ ସେମାନେ ଜଙ୍ଗଲରେ ଛାଡ଼ିଯାଇଥିବା ସାମଗ୍ରୀ ଜବତ କରାଯାଇଛି। ଘଟଣାସ୍ଥଳରୁ ୨ ଦେଶୀ ବନ୍ଧୁକ, ୫୦ ଡିଟୋନେଟର, ୩୫ଟି ଜିଲେଟିନ୍, ଟେପ୍ ରେକର୍ଡର, ବ୍ୟାଟେରି, ବଂଶଧାରା-ଘୁମୁସର-ନାଗାବଳୀ ଡିଭିଜନର ମାଓବାଦୀ ବ୍ୟାନର ପଲିଥିନ ସିଟ୍, ନମନୀୟ ତାର, ରିମୋଟ,୧୫କେଜି ଯୁରିଆ, ୪ ଟର୍ଚ୍ଚ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଶହୀଦ ସପ୍ତାହ ସମୟରୁ ଉଭୟ ଜିଲା ସୀମାରେ କୋମ୍ବିଂ ଜାରି ରହିଛି। ଗୋଇନ୍ଦା ସୂଚନା ଆଧାରରେ ଶନିବାର ସକାଳେ ଜଙ୍ଗଲରେ ଚଢ଼ାଉ କରାଯାଇଥିଲା। ଜବତ ହୋଇଥିବା ମାଓବାଦୀ ବ୍ୟାନରରେ ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଶହୀଦ ଦିବସ ପାଳନ ନିମନ୍ତେ ଆହ୍ୱାନ କରାଯାଇଥିବା ଉଲ୍ଲେଖ ରହିଛି। ଉକ୍ତ ଅଞ୍ଚଳରେ ଅପରେଶନ ଜାରି ରହିଥିବା ସୂଚନା ମିଳିଛି।

# ଭିଜିଲାନ୍ସ ଜାଲରେ ସ୍ୱାସ୍ଥ୍ୟ ବିଭାଗ କିରାଣି

ନୂଆପଡ଼ା ଅଫିସ,୭।୮

ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ଚାକିରି ନିୟମିତ କରିବା ଲାଗି ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶନିବାର ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ମହିଳା କିରାଣି ପ୍ରତିମା ଦାସ। ତାଙ୍କୁ ଭବାନୀପାଟଣା ଭିଜିଲାନ୍ସ ଅଫିସକୁ ନେଇ ଅଧିକ ପଚରାଉଚରା କରାଯାଉଛି। ସୂଚନା ଯେ, ସିନାପାଲି ବ୍ଲକ କୁଲିଆଡୋଙ୍ଗରି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ଭାବେ କ୍ଷିତିସୂତା ବାଗ ୨୦୧୪ ମାର୍ଚ୍ଚ ୧ରେ ଚାକିରିରେ ଯୋଗଦେଇଥିଲେ। କାର୍ଯ୍ୟରେ ଯୋଗଦେବାର ୬ ବର୍ଷ ପୂରଣ ହୋଇଥିବାରୁ ଚାକିରି ନିୟମିତ ପାଇଁ ଜିଲା ଚିକିତ୍ସାଳୟକୁ ଅନେକ ଥର ଦୌଡ଼ିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଚାକିରି ନିୟମିତ କରାଇଦେବାକୁ କହି ପ୍ରତିମା ଅନେକ ଥର ଫୋନ କରି ଟଙ୍କା ମାଗିଛନ୍ତି। ଟଙ୍କା ଦେବା ପରେ ମଧ୍ୟ ଫୋନ ରିସିଭ କରୁ ନ ଥିଲେ ବୋଲି ସ୍ୱାସ୍ଥ୍ୟକର୍ମୀଙ୍କ ସ୍ୱାମୀ ଶ୍ରୀମନ୍ତ କୁମାର ନାଏକ କହିଛନ୍ତି। ପୂର୍ବରୁ ମଧ୍ୟ ୨୨ ହଜାର ଟଙ୍କା ନେଇଥିବା ସେ ଅଭିଯୋଗ କରିଛନ୍ତି। ଶନିବାର ସ୍ୱାସ୍ଥ୍ୟକର୍ମୀଙ୍କ ସ୍ୱାମୀ ନାଏକଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭବାନୀପାଟଣା ଭିଜିଲାନ୍ସ ବିଭାଗ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରତିମାଙ୍କ ସରକାରୀ କାର୍ଯ୍ୟାଳୟ ଓ ବାସଭବନ ଉପରେ ଚଢାଉ କରିଥିଲେ। ତାଙ୍କ ନୂଆପଡାସ୍ଥିତ ବାସଭବନରେ ଚଢାଉ କରି ୩୪ ହଜାର ଟଙ୍କା ଓ ୧୪ ଭରି ସୁନାଗହଣା ଜବତ କରାଯାଇଛି। ଚଢାଉରେ ଭବାନୀପାଟଣା ଇନ୍ସପେକ୍ଟର ପ୍ରମିଳା ସୁନା, ନୂଆପଡ଼ା ଇନ୍ସପେକ୍ଟର ଦିନବନ୍ଧୁ ବେହେରା, ସନ୍ତୋଷ ମହାନ୍ତି, ଶିବ ପ୍ରସାଦ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଏ ନେଇ ଭିଜିଲାନ୍ସ ବିଭାଗ ଏକ ମାମଲା (ନଂ.୧୫/୨୧) ରୁଜୁ କରିଛି।

# ତଦନ୍ତରେ ଯାଇଥିବା ପୋଲିସକୁ ଆକ୍ରମଣ

- ୪ ଆହତ, ୨ ଗୁରୁତର
- ମୁଖ୍ୟ ଅଭିଯୁକ୍ତ ସମେତ ୬ ଗିରଫ

ଭଦ୍ରକ ଅଫିସ/ପଦ୍ମପୁର, ୭।୮(ଡି.ଏନ.ଏ.)

ତଦନ୍ତ କରିବାକୁ ଯାଇଥିବା ପୋଲିସକୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ୪ ପୋଲିସ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଗୁରୁତରଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆକ୍ରମଣ ନେଇ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୬ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଶନିବାର ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ଅଧୀନ ଗୋରାମାଟି ପଞ୍ଚାୟତ ତୋରଣପଦା ଗ୍ରାମରେ ଏହି ଘଟଣା ଘଟିଛି।

ସୂଚନା ଅନୁସାରେ, ଉକ୍ତ ଗ୍ରାମରେ କିଛିଦିନ ତଳେ ଜମିବାଡ଼ିକୁ ନେଇ ଗୋଷ୍ଠୀସଂଘର୍ଷ ଘଟିଥିଲା। ଏହି ଘଟଣା ସିସିଟିଭିରେ କଏଦ ହୋଇଥିଲା। ଉକ୍ତ ଫୁଟେଜ ଆଧାରରେ ଜମି ମାଲିକଙ୍କ ପକ୍ଷରୁ ଏତଲା କ୍ରମେ ପୋଲିସ ମାମଲା ( ନଂ.୧୮୫ /୨୧) ରୁଜୁ କରିଥିଲା। ଶନିବାର ତଦନ୍ତ ପାଇଁ ପୋଲିସର ଏକ ଟିମ୍ ଅଭିଯୁକ୍ତ କରୁଣାକର ମଳିକଙ୍କ ଘରେ ପହଞ୍ଚି କବାଟ ବାଡ଼େଇଥିଲା। କିନ୍ତୁ ଅତର୍କିତ ଭାବେ କେତେଜଣ ମହିଳା ମାରଣାସ୍ତ୍ରରେ ପୋଲିସକୁ ଆକ୍ରମଣ କରିଥିଲେ। ଏସ୍‌ଆଇ ନିତେଇ ଚରଣ ମହାନ୍ତି, କନ୍‌ଷ୍ଟେବଳ ସ୍ମୃତିରେଖା ବଳ, ପ୍ରଭୁରଞ୍ଜନ ନାୟକ ଓ ବ୍ରଜମୋହନ ସିଂ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ସାବରଙ୍ଗ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଗୁରୁତର ଏସ୍‌ଆଇ ମହାନ୍ତି ଓ କନଷ୍ଟେବଳ ବଳଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଗ୍ରାମାଞ୍ଚଳ ଥାନାଧିକାରୀ ଆଲୋକ କୁମାର ଜେନା, ଏସ୍‌ଡିପିଓ ସାର୍ଥକ ରାୟ, ସାବରଙ୍ଗ ଥାନାଧିକାରୀ ମନୋରମା ବାରିକ ଓ ଏସ୍‌ଆଇ ଶୋଭନ ସ୍ୱାଇଁ ଏକ ପ୍ଲାଟୁନ ଫୋର୍ସ ସହ ସେଠାରେ ପହଞ୍ଚିଥିଲେ। ମୁଖ୍ୟ ଅଭିଯୁକ୍ତ କରୁଣାକରଙ୍କ ସହ ଆକ୍ରମଣକାରୀ ରୁକ୍ମିଣୀ ମଳିକ, ଅନିମା ମଳିକ, କ୍ଷୀରମଣି ମଳିକ, ସୁଷମା ମଳିକ ଓ ଅବନ୍ତୀ ମଳିକଙ୍କୁ ପୋଲିସ ଗିରଫ କରିଥିଲା। ଆକ୍ରମଣରେ ବ୍ୟବହୃତ ସମସ୍ତ ମାରଣାସ୍ତ୍ର ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା (ନଂ.୧୮୬/୨୧) ରୁଜୁ ହୋଇଥିବା ଏସ୍‌ଡିପିଓ ରାୟ କହିଛନ୍ତି।



ଗିରଫ ଅଭିଯୁକ୍ତମାନେ।

## ଏ ସପ୍ତାହର ପ୍ରଶ୍ନ

୧– ମୁସ୍‌ଲିମ୍ ଓମେନ୍ ରାଇଟ୍ସ ଡେ’........ ତାରିଖରେ ପାଳନ କରାଯାଏ ?
୨– ଲୋକମାନ୍ୟ ତିଳକ ନ୍ୟାଶନାଲ୍ ଆୱାର୍ଡ ୨୦୨୧ର ବିଜେତା......... ?
୩– ନିକଟରେ ଟୋକିଓ ଅଲିମ୍ପିକ୍‌ରେ ଓମେନ୍ ଟ୍ରିପଲ୍ ଜମ୍ପ୍‌ରେ............. ୱାର୍ଲ୍ଡ ରେକର୍ଡ଼ ସ୍ଥାପନ କରିଛନ୍ତି ?
୪– ନିକଟରେ ପ୍ରକାଶ ପାଇଥିବା ‘ନେହେରୁ, ତିବ୍ବତ୍ ଆଣ୍ଡ ଚାଇନା’ ପୁସ୍ତକର ଲେଖକ....... ?
୫– .................. ମସିହାରେ ବ୍ରିଟେନ୍‌ରେ ଦାସ ପ୍ରଥା ଉଚ୍ଛେଦ କରାଯାଇଥିଲା ?

## ଗତ ଥରର ଉତ୍ତର

୧ କାଣ୍ଡଲା, ଗୁଜରାଟ
୨ ତାମିଲନାଡୁର ଥାଞ୍ଜାଭର୍
୩ ଜୁଲାଇ ୨୫
୪ ଚନ୍ଦ୍ରଶେଖର ଆଜାଦ୍
୫ ଡେନ୍‌ମାର୍କ

## ଉତ୍ତରଦାତା


ପ୍ରଦୀପ୍ତ ସୁନ୍ଦର ଦାସ, ସମ୍ବଲପୁର


ରମେଶ ମେହେର, ବରଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ ମାଗାଜିନ୍ (୨୦୨୧)

୧.............................. ୱେର୍ଡ
୨.............................. ରିଅଲ୍ ସିମ୍ପଲ୍
୩.............................. ଦି ଇକୋନୋମିଷ୍ଟ
୪.............................. କୁକ୍ସ ଇଲୁଷ୍ଟ୍ରେଟେଡ୍
୫.............................. ଏସ୍କୋୟେର୍
୬.............................. ଦି ନ୍ୟୁୟର୍କର
୭.............................. ଆମେରିକାନ୍ ଡେମୋଗ୍ରାଫିକ୍ସ
୮.............................. ମେନ୍ସ ହେଲ୍‌ଥ୍
୯.............................. ଜେନ୍
୧୦.............................. କଞ୍ଜ୍ୟୁମର ରିପୋର୍ଟ୍ସ

### ଜାଣନ୍ତୁ ଦୁନିଆ

# ଅଜବ ଚର୍ଚ୍ଚ

ପୃଥିବୀର ପ୍ରତିଟି କୋଣରେ ଅନେକ ଚର୍ଚ୍ଚ ରହିଛି। ହେଲେ ଏହା ମଧ୍ୟରେ ଏମିତି ବି କିଛି ଅଜବ ଚର୍ଚ୍ଚ ରହିଛି, ଯାହା ସମ୍ପର୍କରେ ଜାଣିଲେ ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବେ...



**ମଣିଷ ଅସ୍ଥିରେ ସଜ୍ଜିତ ଚର୍ଚ୍ଚ**

ଚେକ୍ ରିପବ୍ଲିକ୍‌ରେ ରହିଛି ଏକ ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚ ସେଡ୍‌ଲେକ୍ ଓସୁଆରୀ। ଏହାକୁ ସଜାଇବା ଲାଗି ପ୍ରାୟ ୪୦ ହଜାର ମଣିଷଙ୍କ ଅସ୍ଥି ବ୍ୟବହାର କରାଯାଇଛି। ଏହି ଅସ୍ଥି ସଂଗ୍ରହ କରିବା ଲାଗି ପ୍ରଥମେ ମୃତ ବ୍ୟକ୍ତିଙ୍କ ଶରୀରକୁ କବର ଦିଆଯାଇଥାଏ ଏବଂ କିଛି ବର୍ଷ ପରେ ଏହାକୁ ଖୋଳାଯାଇ ଅସ୍ଥି ସଂଗ୍ରହ କରାଯାଇଥାଏ। ଉକ୍ତ ଅସ୍ଥି ସବୁକୁ ବିଭିନ୍ନ ପ୍ରକାରର କଳାତ୍ମକ ଉପାୟରେ ଚର୍ଚ୍ଚ ଭିତରେ ସଜା ଯାଇଥାଏ, ଯାହାକୁ ଦେଖିବା ଲାଗି ସେଠାକୁ ବର୍ଷକୁ ପ୍ରାୟ ୪ ଲକ୍ଷ ପର୍ଯ୍ୟଟକ ଆସିଥା’ନ୍ତି।

କୁହାଯାଏ, ପ୍ରଥମେ ଜଣେ ସନ୍ଥ ସାଙ୍ଗରେ ଆଣିଥିବା କିଛି ମାଟିକୁ ଏକ ସ୍ଥାନରେ ସଂରକ୍ଷଣ କରିବା ଲାଗି ରଖିଥିଲେ। ଯେଉଁ ସ୍ଥାନକୁ ଏକ ପବିତ୍ର ସ୍ଥାନ ଭାବି ଲୋକେ ସେଠାରେ କବର ଦେବା ଆରମ୍ଭ କରିଥିଲେ। ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଏକ ମହାମାରୀ (ବ୍ଲାକ୍ ଡେଥ୍ ଏପିଡେମିକ୍) ଲାଗି ମୃତ୍ୟୁବରଣ କରିଥିବା ଲୋକଙ୍କ ଶବକୁ ସେଠାରେ କବର ଦିଆଯାଇଥିଲା। ପୁନଶ୍ଚ ୧୪୧୯-୧୪୩୪ ମଧ୍ୟରେ ହୋଇଥିବା ଏକ ଯୁଦ୍ଧରେ ପ୍ରାଣ ହରାଇଥିବା ପ୍ରାୟ ୧୦,୦୦୦ ମୃତଦେହ ସେଠାରେ କବର ଦିଆଯାଇଥିଲା। ଏତେଗୁଡ଼ିଏ ଶବ ପାଇଁ



ସେଠାରେ ସ୍ଥାନାଭାବ ହେବାରୁ ସ୍ଥାନୀୟ ଲୋକେ ସେଠାରେ ଏକ ଓସୁଆରୀ ସ୍ଥାପନ କରିବାକୁ ନିଷ୍ପତ୍ତି ନେଲେ ଏବଂ ଜାନ୍ ସାଣ୍ଟିନି ଆଇଚେଲ୍ ନାମକ ଜଣେ ବ୍ୟକ୍ତିଙ୍କୁ ଏହାର ଡିଜାଇନ୍ କରିବାକୁ ଦାୟିତ୍ୱ ଦିଆଗଲା। ୧୮୦୦ ଶତାବ୍ଦୀ ବେଳକୁ ଫ୍ରାଣ୍ଟିଶେକ୍ ରିଣ୍ଟ ନାମକ ଜଣେ ବଢ଼େଇ ଓସୁଆରୀ ମଧ୍ୟରେ ଏହି ଅସ୍ଥିଗୁଡ଼ିକୁ କଳାତ୍ମକ ଭାବେ ସଜାଇଥିଲେ।

**ଚର୍ଚ୍ଚରେ ରହିଛି ୪୫୦ ବର୍ଷର ପୁରୁଣା ମୃତଦେହ**

ଏକ ପର୍ଯ୍ୟଟନସ୍ଥଳୀ ଭାବେ ଆମ ଦେଶର ଗୋଆ ବିଶ୍ୱପ୍ରସିଦ୍ଧ। ଏହାର ରାଜଧାନୀ ପଣଜୀରେ ରହିଛି ‘ବାସିଲିକା ଅଫ୍ ବମ୍ ଜେସସ୍’ ନାମକ ଏକ ଚର୍ଚ୍ଚ, ଯାହାକି ୟୁନେସ୍କୋ ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ସ୍ଥାନ ପାଇଛି।

– ଭାରତର ଏକ ସର୍ବ ପୁରାତନ ଚର୍ଚ୍ଚର ଭିନ୍ନତା ହେଉଛି ଏହା ମଧ୍ୟରେ ଦୀର୍ଘ ୪୫୦ ବର୍ଷ ଧରି ରହିଥିବା ସେଣ୍ଟ ଫ୍ରାନ୍ସିସ୍ ଜାଭିଅରଙ୍କ ମର ଶରୀର। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ ଯେ, ତାଙ୍କ ଶରୀରକୁ ମାଟି ତଳେ ତିନି ତିନି ଥର ସମାଧି ଦିଆଯାଇଥିଲେ ସୁଦ୍ଧା ତାହା ନଷ୍ଟ ହୋଇ ନ ଥିଲା। ତେଣୁ ଉକ୍ତ ଚର୍ଚ୍ଚରେ ତାଙ୍କ ଶରୀର ରଖାଯାଇଛି। ଏକ ପୁରୁଣା ଲୋକ କଥା ରହିଛି ଯେ, ମୃତ୍ୟୁର ଦୀର୍ଘ ବର୍ଷ ପରେ ଜଣେ ସ୍ତ୍ରୀ ଲୋକ ତାଙ୍କ ପାଦରେ ଛୁଞ୍ଚି ଫୁଟାଇବା ଦ୍ୱାରା ରକ୍ତ ମଧ୍ୟ ବାହାରିଥିଲା। କୁହାଯାଏ, ତାଙ୍କ ପାଖରେ କିଛି ଦିବ୍ୟ ଶକ୍ତି ରହିଥିଲା, ଯାହାକି ଉକ୍ତ ଶରୀରକୁ ଏବେବି ସତେଜ ରଖିଛି।

– ପ୍ରତି ୧୦ ବର୍ଷରେ ଥରେ ଚର୍ଚ୍ଚ ପକ୍ଷରୁ ଦର୍ଶକଙ୍କୁ କାଚବାକ୍ସ ଭିତରେ ରଖାଯାଇଥିବା ସେଣ୍ଟ ଜାଭିଅରଙ୍କ ଏହି ଦିବ୍ୟ ଶରୀର ଦେଖିବାର ସୁଯୋଗ ଦିଆଯାଇଥାଏ।

# ବର୍ଜ୍ୟରୁ ସୃଜନ

ଅଦରକାରୀ ବସ୍ତୁଟିଏ ବି ସେମାନଙ୍କ ହାତର ଯାଦୁଗରୀ ସ୍ପର୍ଶରେ ହୋଇଯାଏ ଆକର୍ଷଣୀୟ। ଆବର୍ଜନା ବି ସୁନ୍ଦର କଳାକୃତିରେ ପରିବର୍ତ୍ତିତ ହୋଇ ପାଲଟେ ପୁନଃ ବ୍ୟବହାର ଉପଯୋଗୀ। ବିଭିନ୍ନ ବର୍ଜ୍ୟ ବସ୍ତୁକୁ କଳାତ୍ମକ ରୂପ ଦେଇ ବିଭିନ୍ନ ନିଆରା କଳାକୃତି ପ୍ରସ୍ତୁତ କରୁଥିବା କେତେଜଣ ଯୁବଶିଳ୍ପୀଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା...



**ଅଦରକାରୀ ପଦାର୍ଥରୁ ଗୃହସଜ୍ଜା ଉପକରଣ:** କିଛି ନୂଆ କରିବାର ଦୃଢ଼ ମନୋବଳ ଏବଂ ଇଚ୍ଛାଶକ୍ତି ତାଙ୍କ ଭିତରେ ରହିଛି। ଯାହାକି ତାଙ୍କୁ ବିଭିନ୍ନ ଅଦରକାରୀ ବା ବର୍ଜ୍ୟବସ୍ତୁକୁ ବି ସୁନ୍ଦର କଳାକୃତିର ରୂପ ଦେଇ ମୂଲ୍ୟବାନ୍ କରାଇବାରେ ସାହାଯ୍ୟ କରିଛି। ସେ ହେଉଛନ୍ତି ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ଗ୍ରାମର ଯୁକ୍ତ ଦୁଇ ଛାତ୍ରୀ ପାର୍ବତୀ ସାହୁ। ଘର ସଜାଇବାକୁ ତାଙ୍କୁ ଭଲ ଲାଗେ। ତେଣୁ ମାର୍କେଟ ଗଲେ କିମ୍ବା କୌଣସି ମେଳା, ପ୍ରଦର୍ଶନୀ ବୁଲିବାକୁ ଗଲେ ପ୍ରଥମେ ତାଙ୍କ ନଜର ଯାଏ ସେଠାରେ ବିକ୍ରି ହେଉଥିବା ବିଭିନ୍ନ ଗୃହସଜ୍ଜା ଉପକରଣ ଆଡ଼କୁ। ହେଲେ କେତେକ ସାମଗ୍ରୀର ଦାମ୍ ଥାଏ ଖୁବ୍ ଅଧିକ। ତାଙ୍କ ମନରେ ସୃଷ୍ଟି ହୁଏ କିଣିବା ବଦଳରେ ନିଜେ ଘରେ ଏଭଳି ସାମଗ୍ରୀ ପ୍ରସ୍ତୁତ କରିବାର ନିଶା। କାଗଜ, ପଲିଥିନ, କାର୍ଟୁନ, ବୋତଲ, ଡବା ଆଦି ଭଳି ବିଭିନ୍ନ ଅଦରକାରୀ ବସ୍ତୁକୁ ବ୍ୟବହାର କରି ସେ ପ୍ରସ୍ତୁତ କରନ୍ତି ଭଳିକି ଭଳି କଳାକୃତି ଏବଂ ଗୃହସଜ୍ଜା ସାମଗ୍ରୀ। ସେ କୁହନ୍ତି, “ପିଲାବେଳୁ ଚିତ୍ରକଳା ପ୍ରତି ବିଶେଷ ଆଗ୍ରହ ରହିଥିଲା ଏବଂ ଏହାକୁ ନେଇ କିଛି ଭିନ୍ନ କରିବାକୁ ଚାହୁଁଥିଲି। ତେଣୁ ଘରୁ ବାହାରୁଥିବା ବିଭିନ୍ନ ଅଦରକାରୀ ପଦାର୍ଥକୁ ସଂଗ୍ରହ କରି ତାହାକୁ ବିଭିନ୍ନ ରୂପ ଦେବାକୁ ଚେଷ୍ଟାକଲି। ହେଲେ କରୋନା ଲାଗି କଲେଜ ବନ୍ଦ ରହିବାରୁ ନିଜ ଭାବନାକୁ କଳାତ୍ମକ ରୂପ ଦେବାକୁ ମୋତେ ଯଥେଷ୍ଟ ସମୟ ମିଳିଲା। ପ୍ରଥମେ ଅଦରକାରୀ କାଗଜ, କାର୍ଟୁନ, ବୋତଲ ଆଦି ବିଭିନ୍ନ ସାମଗ୍ରୀ ସଂଗ୍ରହ କରିବା ଆରମ୍ଭ କରିଥିଲି। ଏହାକୁ ବ୍ୟବହାର କରି ଅନେକ ଦେବଦେବୀଙ୍କ କଳାକୃତି, ପେନ୍‌ଷ୍ଟାଣ୍ଡ, ଫୁଲତୋଡ଼ା, ମୋବାଇଲ ଷ୍ଟାଣ୍ଡ, ବିଭିନ୍ନ ପ୍ରକାରର ଫୁଲ ପ୍ରଭୃତି ପ୍ରସ୍ତୁତ କରୁଛି। ଏହାକୁ ଦେଖି ଯେତେବେଳେ ସମସ୍ତେ ପ୍ରଶଂସା କରନ୍ତି, ଖୁବ୍ ଖୁସି ଲାଗେ ଏବଂ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଏ।” ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିଲେ, ଏହି କଳା ସମାଜରେ ଜନାଦୃତ ହୋଇପାରିବ ବୋଲି ସେ ଆଶା ରଖିଛନ୍ତି। ତେବେ ତାଙ୍କର ଏହି କାର୍ଯ୍ୟ ଦ୍ୱାରା ନା କେବଳ ଅଦରକାରୀ ବସ୍ତୁରୁ ସୁନ୍ଦର ସୁନ୍ଦର ସାମଗ୍ରୀ ପ୍ରସ୍ତୁତ ହୋଇ ପାରୁଛି ବରଂ ଏସବୁ ଏଣେତେଣେ ଫିଙ୍ଗା ନ ହେବା ଦ୍ୱାରା ପରିବେଶ ପ୍ରଦୂଷଣ ମଧ୍ୟ କମିପାରୁଛି।

**ଆବର୍ଜନାରୁ ନୂଆ ସାମଗ୍ରୀ ପ୍ରସ୍ତୁତିର ନିଶା:** ତାଙ୍କ ହାତର ଯାଦୁକରୀ ସ୍ପର୍ଶ ଏକ ଅବ୍ୟବହୃତ ତଥା ଅଦରକାରୀ ବସ୍ତୁକୁ ଦିଏ କଳାତ୍ମକ ରୂପ, ଯାହାକୁ ଦେଖି ଦେଖଣାହାରିଙ୍କୁ ବି ବିଶ୍ୱାସ କରିବା କଷ୍ଟକର ହୋଇଯାଏ ଯେ, ତାହା ଏଭଳି ସାମଗ୍ରୀରୁ ପ୍ରସ୍ତୁତ। ଏଭଳି ଜଣେ ନିଆରା କାରିଗର ହେଉଛନ୍ତି କଟକ ଜିଲା ଆଠଗଡ଼, ନିଧିପୁର ଅଞ୍ଚଳର ଓମ୍ ପ୍ରକାଶ ବାରିକ। ଭଙ୍ଗା ସାଇକେଲ୍, ବାଇକ୍‌ର ପାର୍ଟ୍ସ, କାଠ, ଟାୟାର, ଜୋତା, ଶାମୁକା ହେଉ ଅବା ନଡ଼ିଆ ଶଢ଼େଇ କିମ୍ବା ଅବ୍ୟବହୃତ ପୁରୁଣା ଗ୍ରାଇଣ୍ଡର ହ୍ୱିଲ୍‌କୁ ସେ ଏଭଳି ସୁନ୍ଦର ଭାବେ ନୂଆ ରୂପରେ ସଜାଇ ପାରନ୍ତି, ଯାହାକି ମାର୍କେଟ୍‌ରେ ମିଳୁଥିବା କୌଣସି ଦାମୀ ଶୋ ପିସ୍‌ଠାରୁ କମ୍ ଲାଗି ନ ଥାଏ। ତେବେ ଏଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତି କରିବାର ନିଶା ତାଙ୍କର ପିଲାବେଳୁ। ଘରେ ହେଉ କିମ୍ବା ବାହାରେ କୌଣସି ଅଦରକାରୀ ଜିନିଷ ତାଙ୍କ ନଜରକୁ ଆସିଲେ ସେ ତା’କୁ ବ୍ୟବହାର କରି କିଛିନା କିଛି ନୂତନ ରୂପ ଦେଇଥା’ନ୍ତି। ସେ ତାରରେ କଙ୍କଡ଼ାବିଛା, ନଡ଼ିଆ ଶଢ଼େଇରେ ମିକି ମାଉସ୍, ଭଙ୍ଗା କାଠରେ ଦେବଦେବୀ ମୂର୍ତ୍ତି, କରୋନା ସଚେତନତା ଲାଗି ଏକ କଳାକୃତି ଇତ୍ୟାଦି ଭଳିକି ଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ଉଚ୍ଚ ପ୍ରଶଂସିତ ହୋଇ ପାରିଛନ୍ତି। ଆଉ ଯେବେ ପରିବାର ଲୋକେ କିମ୍ବା ସାଙ୍ଗସାଥୀ ଏହାର ପ୍ରଶଂସା କରନ୍ତି, ତାଙ୍କୁ ବେଶ୍ ଖୁସି ଲାଗେ ଏବଂ ଆହୁରି କିଛି କରିବାର ପ୍ରେରଣା ଯୋଗାଏ। ବଡ଼ ହେବା ପରେ ଧୀରେ ଧୀରେ ଏହାକୁ ନେଇ କିଛି ନୂଆ ଏକ୍ସପେରିମେଣ୍ଟ କରିବା ସହ କ୍ୟାରିୟର ଗଢ଼ିବାର ସ୍ୱପ୍ନ ଦେଖିଲେ। ନିଜ ଇଚ୍ଛାକୁ ବାସ୍ତବ ରୂପ ଦେବା ଲାଗି ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟରେ ଟ୍ରେନିଂ ନେବା ପରେ ସେଠା ଇନ୍‌ଷ୍ଟ୍ରକ୍ଟର ଭାବେ କାମ କରୁଛନ୍ତି। ନିଜେ ବିଭିନ୍ନ ବର୍ଜ୍ୟବସ୍ତୁକୁ ନୂଆ ରୂପ ଦେଇ ନିଆରା କଳାକୃତି ପ୍ରସ୍ତୁତ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଏହି ଶିକ୍ଷା ଦେବା ତାଙ୍କର ଲକ୍ଷ୍ୟ ବୋଲି ସେ ପ୍ରକାଶ କରନ୍ତି।

**ରଙ୍ଗତୂଳୀ ଦେଉଛି ନୂଆ ରୂପ:** ସାଧାରଣତଃ ଘରେ ଭାଙ୍ଗି ଯାଉଥିବା ବିଭିନ୍ନ ସାମଗ୍ରୀକୁ ଆମେ ଅଦରକାରୀ ଭାବି ଫିଙ୍ଗିଦେଉ। ହେଲେ ସେ କିନ୍ତୁ ଏପରି କରନ୍ତିନି। ଏଭଳି ସାମଗ୍ରୀକୁ ସାଇତି ରଖି ନିଜ ରଙ୍ଗତୂଳୀ ସ୍ପର୍ଶରେ ଦିଅନ୍ତି ଏକ କଳାତ୍ମକ ରୂପ, ଯାହାକି ଦିଶିଥାଏ ବେଶ୍ ସୁନ୍ଦର ଆଉ ପାଲଟିଯାଏ ଗୃହସଜ୍ଜା ଉପକରଣ। ବର୍ଜ୍ୟବସ୍ତୁକୁ ଏଭଳି ନିଆରା ରୂପ ଦେଉଥିବା ଏହି ଯୁବତୀ ହେଉଛନ୍ତି ଖୋର୍ଦ୍ଧା ଜିଲା କଣ୍ଟାବାଡ଼ କଲେଜରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ରୀ ନିଶାମଣି ବେହେରା। ସେ କୁହନ୍ତି, “କରୋନା ଯୋଗୁ କଲେଜ ବନ୍ଦ ଥିବାରୁ ଲକ୍‌ଡାଉନ, ଶଟ୍‌ଡାଉନ ସମୟକୁ ଅପଚୟ ନ କରି ଚିତ୍ରକଳା ପ୍ରତି ଥିବା ନିଜ ରୁଚିକୁ ସମୟ ଦେଉଛି। ଘରୁ ବାହାରୁଥିବା ଅଦରକାରୀ ପଦାର୍ଥ ଯଥା: ଚା’ କପ୍, ପ୍ଲେଟ, ଚିନାମାଟି ପାତ୍ର, ପ୍ଲାଷ୍ଟିକ ସରଞ୍ଜାମ ପ୍ରଭୃତିକୁ ନ ଫିଙ୍ଗି ସେଥିରେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କି ଏହାକୁ ବ୍ୟବହାର ଉପଯୋଗୀ କରୁଛି।” ପିଲାବେଳୁ ତାଙ୍କର ଚିତ୍ରାଙ୍କନ ପ୍ରତି ଆଗ୍ରହ ରହିଛି ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହେଉଥିବା ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ବିଶେଷକରି ଗ୍ରାମୀଣ ସଂସ୍କୃତି, ପରମ୍ପରା, ପାରମ୍ପରିକ ଚିତ୍ର, ଗଛଲତା, ପଶୁପକ୍ଷୀ, ଫୁଲ, ବିଭିନ୍ନ ଭଙ୍ଗୀର ନର୍ତ୍ତକୀ, ଦେବଦେବୀ, ପ୍ରାକୃତିକ ଦୃଶ୍ୟପଟ ଆଦି ତାଙ୍କ ଚିତ୍ରାଙ୍କନରେ ଦେଖିବାକୁ ମିଳେ। ଏହା ସହିତ ସ୍ୱଚ୍ଛ ଭାରତ, ବେଟି ବଚାଓ, ବେଟି ପଢ଼ାଓ, ବିଲୁପ୍ତ ଗ୍ରାମୀଣ ସଂସ୍କୃତିର ଚିତ୍ର ଅଙ୍କନ କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। କରୋନା ସମୟରେ ସରକାରଙ୍କ ପକ୍ଷରୁ ଜାରି ବିଭିନ୍ନ ଗାଇଡ୍‌ଲାଇନ୍‌କୁ ସେ ଚିତ୍ର ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଛନ୍ତି। ଏସବୁ ଚିତ୍ରକୁ ସେ ବିଭିନ୍ନ ବର୍ଜବସ୍ତୁ ଉପରେ କଳାତ୍ମକ ରୂପ ଦେଇ ଆକର୍ଷଣୀୟ ସାମଗ୍ରୀରେ ପରିବର୍ତ୍ତନ କରି ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିପାରିଛନ୍ତି।

– ପୌଣ୍ଡମାସୀ






ଓମ୍ ପ୍ରକାଶ


ନିଶାମଣି


ପାର୍ବତୀ

### ୟୁଥ୍ ଆଲର୍ଟ

# ହଟାନ୍ତୁ ଝାଳଗନ୍ଧ

ଶରୀରରୁ ଝାଳ ବାହାରିବା ଏକ ପ୍ରାକୃତିକ ପ୍ରକ୍ରିୟା, ଯାହାକି ଶରୀରରୁ ବିଭିନ୍ନ ବିଷାକ୍ତ ଉପାଦାନ ବାହାର କରିଦେବାରେ ସାହାଯ୍ୟ କରିଥାଏ। ହେଲେ କେତେଜଣଙ୍କ ଠାରେ ଝାଳ ଖୁବ୍ ଗନ୍ଧ ହୋଇଥାଏ, ଯାହାକି ସେମାନଙ୍କ ବ୍ୟକ୍ତିତ୍ୱ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ଏହାକୁ ଦୂର କରିବା ଲାଗି ସେମାନଙ୍କୁ ପର୍‌ଫ୍ୟୁମ୍, ଡିଓଡରାଣ୍ଟ ଆଦିର ସାହାଯ୍ୟ ନେବାକୁ ପଡ଼ିଥାଏ। ଯଦି ଆପଣ ଏଭଳି ସମସ୍ୟା ଦେଇ ଗତି କରୁଛନ୍ତି, ତେବେ କେତେକ ଘରୋଇ ଉପଚାର ଏହାର ସମାଧାନରେ ଆପଣଙ୍କୁ ସାହାଯ୍ୟ କରିବ...



**ପରିଷ୍କାର ରହିବା ଗୁରୁତ୍ୱପୂର୍ଣ୍ଣ:** ବାସ୍ତବରେ ଝାଳରେ କୌଣସି ଗନ୍ଧ ନ ଥାଏ। ହେଲେ ବିଭିନ୍ନ କାରଣରୁ ବ୍ୟାକ୍ଟେରିଆ ହେବା ଦ୍ୱାରା ଝାଳଗନ୍ଧ ଆରମ୍ଭ ହୋଇଥାଏ। ଏଥିରୁ ରକ୍ଷା ପାଇବା ଲାଗି ପ୍ରତିଦିନ ଭଲ ଭାବେ ଗାଧୋଇବା ସହ ନିଜ ପୋଷାକପତ୍ରକୁ ମଧ୍ୟ ସଫା ରଖିବା ଗୁରୁତ୍ୱପୂର୍ଣ୍ଣ। କାରଣ ପରିଷ୍କାର ରହିବା ଦ୍ୱାରା ବ୍ୟାକ୍ଟେରିଆ ସୃଷ୍ଟି ହୋଇ ନ ଥାଏ ଏବଂ ଝାଳ ଗନ୍ଧ ମଧ୍ୟ ହୋଇ ନ ଥାଏ।

**କଞ୍ଚାଆଳୁ ହଟାଇବ ଗନ୍ଧ:** ଝାଳ ଗନ୍ଧ ନ ହେବା ଲାଗି କଞ୍ଚାଆଳୁ ଆପଣଙ୍କୁ ବେଶ୍ ସାହାଯ୍ୟ କରିବ। କଟା କଞ୍ଚାଆଳୁକୁ କାଖରେ ଘଷନ୍ତୁ। ପ୍ରତିଦିନ ଏପରି କଲେ କିଛି ଦିନ ମଧ୍ୟରେ ଧୀରେ ଧୀରେ ଆପଣ ଝାଳଗନ୍ଧ ସମସ୍ୟା ଦୂର ହୋଇଥିବା ଅନୁଭବ କରିପାରିବେ।

**ଗୋଲାପ ଜଳ ଉପକାରୀ:** ତୁଳାରେ ଗୋଲାପ ଜଳ ନେଇ କାଖରେ ଲଗାଇବା କିମ୍ବା ଗାଧୁଆ ପାଣିରେ କିଛି ଗୋଲାପ ଜଳ ମିଶାଇ ପ୍ରତିଦିନ ଗାଧୋଇବା ଦ୍ୱାରା ଝାଳଗନ୍ଧ ଦୂର ହୋଇଥାଏ। ତା’ ଛଡ଼ା ଏହାକୁ ଶରୀରକୁ ପ୍ରାକୃତିକ ସୁଗନ୍ଧ ପ୍ରଦାନ କରିଥାଏ।

**ଫିଟିକିରି ଏବଂ ପୋଦିନା ବି ଲାଭଦାୟକ:** ପ୍ରତିଦିନ ଗାଧୋଇବା ପାଣିରେ ଖଣ୍ଡେ ଫିଟିକିରି ଏବଂ କିଛି ପୋଦିନା ପତ୍ର ପକାଇ ଗାଧାନ୍ତୁ। କିଛିଦିନ ଏହି ପାଣିରେ ଗାଧୋଇବା ଅଭ୍ୟାସ କରନ୍ତୁ। ଦେଖିବେ ଝାଳଗନ୍ଧ ଖୁବ୍‌ଶୀଘ୍ର ଦୂର ହୋଇଯିବ।

**ବରଫ ଦେବ ଗନ୍ଧରୁ ମୁକ୍ତି:** ବାହାରକୁ ଯିବା ପୂର୍ବରୁ କାଖରେ ବରଫ ଖଣ୍ଡ ଘଷିବା ଦ୍ୱାରା ମଧ୍ୟ ଝାଳ ଗନ୍ଧ ହୋଇ ନ ଥାଏ।



ଅଲିମ୍ପିକ ହକି ବିଜେତାଙ୍କୁ ସାହାରାର ଶୁଭେଚ୍ଛା ବାର୍ତ୍ତା

ଦୀର୍ଘ ୪୦ ବର୍ଷ ପରେ ଟୋକିଓ ଅଲିମ୍ପିକରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ପାଇ ଦେଶକୁ ଗୌରବ ମଣ୍ଡିତ କରିଛି। ଏହି ପରିପ୍ରେକ୍ଷୀରେ ସାହାରା ଇଣ୍ଡିଆ ପରିବାର ପକ୍ଷରୁ ସମସ୍ତ ଭାରତୀୟ ହକି ବିଜେତା ଦଳର ଖେଳାଳିଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରାଯାଇଛି। ଗତ ୨୨ ବର୍ଷ ହେବ ଭାରତୀୟ ହକି ଦଳର ଅଗ୍ରଣୀ ପ୍ରାୟୋଜକ ଭାବେ କାର୍ଯ୍ୟ କରି ଆସିଛି। ସେହିଭଳି ଟୋକିଓ ଅଲିମ୍ପିକରେ ଅଂଶ ଗ୍ରହଣ କରିଥିବା ସମସ୍ତ ଭାରତୀୟ ଖେଳାଳିଙ୍କୁ ମଧ ସାହାରା ପରିବାର ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ସଂକ୍ଷେପରେ

### ଭାରତରେ ରେନଲ୍ଟ ଇଣ୍ଡିଆର ୧୦ବର୍ଷ ପୂର୍ତ୍ତି

**ନୂଆଦିଲ୍ଲୀ,୭।୮:** ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ରେନଲ୍ଟ ଇଣ୍ଡିଆ ଭାରତ ବଜାରରେ ତା'ର ୧୦ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଏକ ନୂଆ ମେଡଲ ନ୍ୟୁ ଆରଏକ୍ସଟି (ଓ) ଭାରିଆଣ୍ଟ 'ରୋନା କାଇଗର' ବଜାରରେ ପ୍ରବେଶ କରାଇଛି। ସେହିଭଳି କମ୍ପାନୀ ପକ୍ଷରୁ ପୂର୍ତ୍ତି ଉତ୍ସବ ଅବସରରେ ତା'ର ଅଗ୍ରଣୀ ଗ୍ରାହକଙ୍କ ପାଇଁ ବିଭିନ୍ନ ଯୋଜନା ଓ ସୁବିଧା ଅଗଷ୍ଟରେ ଆରମ୍ଭ କରିଛି। କମ୍ପାନୀର ନୂତନ ମଡେଲ ରେନଲ୍ଟ କାଇଗର ଆରଏକ୍ସଟି (ଓ) ୧.୦ ଲି ଏନର୍ଜି ଇଞ୍ଜିନ ସାଙ୍ଗକୁ ଉଭୟ ଏମ୍‌ଟି ଆଣ୍ଡ ଏଏମ୍‌ଟି ଟ୍ରାନ୍ସମିଶନ ବର୍ଗରେ ଆସୁଛି। ଏହି ମଡେଲରେ କମ୍ପାନୀ ଅନେକ ସୁବିଧା ଓ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ପିଏମ୍ ୨.୫ ଆଡଭାନ୍ସ ଆଟମୋସ୍ଫିୟରକ୍ ଫିଲ୍ଟରରେ ପ୍ରସ୍ତୁତ ହୋଇଛି। ସେହିଭଳି କମ୍ପାନୀ ୬ ଅଗଷ୍ଟରୁ ଏହାର ବାଣିଜ୍ୟକ କାର୍ଯ୍ୟକ୍ରମ ଓ ବୁକିଂ ଆରମ୍ଭ କରିଥିବା ଜଣାପଡିଛି। ସେହିପରି ଆଗାମୀ ଉତ୍ସବ ପାଇଁ ୬ ଅଗଷ୍ଟରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ 'ଫ୍ରିଡମ କାର୍ନିଭାଲ' ଆରମ୍ଭ କରିଛି ।

### ପିଏନ୍‌ବି ପକ୍ଷରୁ ସମ୍ପତ୍ତି ନିଲାମ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୭।୮:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ପକ୍ଷରୁ ଚଳିତ ମାସ ୧୨ତାରିଖରେ ସମଗ୍ର ଦେଶରେ ୫୦୦୦ରୁ ଉର୍ଦ୍ଧ୍ୱ ସମ୍ପତ୍ତିର ବ୍ୟବସାୟିକ ଏବଂ ଆବାସିକ ମେଗା ଇ-ନିଲାମ ଆୟୋଜନ ହେବାକୁ ଯାଉଛି । ଏହି ନିଲାମ ବ୍ୟାଙ୍କର ୱେବ୍‌ସାଇଟ ପୋର୍ଟାଲରେ ଅତି ସରଳ ଭାବରେ ଆୟୋଜନ ହେବ। ଏହି ବୃହତ୍ ଇ-ନିଲାମ ମାଧମରେ ଆଗ୍ରହୀ କ୍ରେତାମାନେ ବିନା କୌଣସି ଦଲାଲ ଓ କମିଶନ ଖର୍ଚ୍ଚରେ ଦେଶର ଯେକୌଣସି ସ୍ଥାନରେ ରହି ମଧ ନିଜ ବଜେଟ ଅନୁସାରେ ପସନ୍ଦ ମୁତାବକ ସମ୍ପତ୍ତି କ୍ରୟ କରିପାରିବେ। ଏହି ନିଲାମରେ ବିଭିନ୍ନ ପ୍ରକାର ବିକଳ୍ପ ଉପଲବ୍ଧ ରହିଛି। ଉପରୋକ୍ତ ପୋର୍ଟାଲରେ ସମସ୍ତ ସମ୍ପତ୍ତିର ଫଟୋ ଏବଂ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଛି। ଏହାଦ୍ୱାରା କ୍ରେତାମାନେ ଆବଶ୍ୟକ କରୁଥିବା ସ୍ଥାନରେ ସମ୍ପତ୍ତିକୁ ଦେଖିପାରିବେ।

# କୋଭିଡ୍‌ରେ କମିଛି ଶିକ୍ଷା ଋଣ




**କାର୍ ଓ ଗୃହ ଋଣ ପ୍ରତି ଆଗ୍ରହ ଅଧିକ**

ନୂଆଦିଲ୍ଲୀ,୭।୮

କୋଭିଡ୍-୧୯ରେ ଶିକ୍ଷା ବ୍ୟବସ୍ଥା ବିଶେଷ ଭାବେ ପ୍ରଭାବିତ ହୋଇଛି। ପ୍ରାୟ ୨ ବର୍ଷ ହେବ ପାଠପଢ଼ାରେ ଅନେକ ସମସ୍ୟା ଦେଖାଦେଇଛି। ଯାହାର ପ୍ରଭାବ ବ୍ୟାଙ୍କର ଶିକ୍ଷାଋଣ ଉପରେ ପଡିଥିବା ଥିବା ଏକ ସର୍ଭେରୁ ଜଣାପଡିଛି। ଏଭଳି ସମୟରେ ଲୋକେ କିନ୍ତୁ କାର୍ ଏବଂ ଗୃହ ଋଣ ପ୍ରତି ବେଶ୍ ଆଗ୍ରହ ପ୍ରକାଶ କରୁଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସର୍ଭେରୁ ଆକଳନ କରିଛି। ମହାମାରୀ ସମୟରେ ପାଠରୁ ଭାରତୀୟଙ୍କ ପାଇଁ କାର ଓ ଘର ବେଶି ଜରୁରୀ ହୋଇପଡ଼ିଛି। ପ୍ରଥମ ଏବଂ ଦ୍ୱିତୀୟ ଲହରରେ ଘର ଏବଂ କାର ଋଣ ଅଧିକ ସଂଖ୍ୟକ ମଞ୍ଜୁର ହୋଇଥିବା ବେଳେ ଶିକ୍ଷା ଋଣ ଆଶାନୁରୂପ ଭାବେ କମିଛି। ଏ ନେଇ ଆର୍‌ବିଆଇ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସଂକ୍ରମଣରେ ଲୋକେ କାର ଏବଂ ଘର ପାଇଁ ଅଧିକ ଋଣ କରିଛନ୍ତି । କିନ୍ତୁ ଶିକ୍ଷା ଋଣ ବ୍ୟାପକ ଭାବେ ହ୍ରାସ ପାଇଛି। ଗତ ୧୫ ମାସ ମଧ୍ୟରେ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ବ୍ୟକ୍ତିଗତ ଋଣ ଉପରେ ଆର୍‌ବିଆଇର ଡାଟା ଅନୁସାରେ, ପ୍ରଥମ ଲହର ସମୟରେ ଲୋକେ କଞ୍ଜ୍ୟୁମର ଡ୍ୟୁରେବଲ୍ସ ପାଇଁ ଋଣ କରିଥିଲେ, କିନ୍ତୁ ଏହା ଦ୍ୱିତୀୟ ଲହର ବେଳେ କମିଛି। ସେହିଭଳି ମାର୍ଚ୍ଚ ୨୦୨୦ରୁ ୨୦୨୧ ମେ ଶେଷ ସୁଦ୍ଧା ବିଭିନ୍ନ ବ୍ୟାଙ୍କରୁ ମିଳିଥିବା ତଥ୍ୟ ଅନୁସାରେ, କରୋନାର ଦ୍ୱିତୀୟ ଲହରରେ ବ୍ୟାଙ୍କ ଋଣ ଖୁବ୍ କମ୍ ହୋଇଛି। ଏପ୍ରିଲରୁ ସେପ୍ଟେମ୍ବର ୨୦୨୦ରେ ପର୍ସନାଲ ଲୋନ୍ ୧୧% ତୁଳନାରେ ଦ୍ୱିତୀୟ ଲହରରେ ଏହା ୧୨% ବୃଦ୍ଧି ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁ କୋଭିଡ୍ କିଛି ପରିମାଣରେ ହ୍ରାସ ପାଇଛନ୍ତି। ଅପରପକ୍ଷରେ ସାରା ଦେଶରେ କୋଭିଡ୍ ଟିକାକରଣକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରାଯାଉଥିବା ବେଳେ ବ୍ୟାଙ୍କରୁ ଅଧିକରୁ ଅଧିକ ଲୋକ ଋଣ ନେବେ ବୋଲି ଆର୍‌ବିଆଇ ଆଶ ପ୍ରକଟ କରିଛି।

ସେଣ୍ଟ୍ରାଲ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ସମୟରେ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଯେ ଦୀର୍ଘ ୮ ମାସ ପରେ ମେ'ରେ ଗୃହ ଋଣ ଡବଲ ଡିଜିଟ୍ ଛୁଇଁଥିଲା କିନ୍ତୁ ପୂର୍ବବର୍ଷ ତୁଳନାରେ ଏଥିରେ ହ୍ରାସ ଘଟିଛି। ଆର୍‌ବିଆଇ ରିପୋର୍ଟ ଅନୁସାରେ ଶିକ୍ଷା ଋଣ କ୍ଷେତ୍ରରେ ଉଭୟ ପ୍ରଥମ ଏବଂ ଦ୍ୱିତୀୟ ଲହରରେ ଲଗାତର ହ୍ରାସ ପରିଲକ୍ଷିତ ହୋଇଛି। କରୋନା ମହାମାରୀ ସମୟରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ଯୋଗୁ ବିଦେଶରେ ପଢ଼ିବାକୁ ଚାହୁଁଥିବା ଛାତ୍ରୀଛାତ୍ର ମଧ ନିଜର ପାଠ୍ୟକ୍ରମ ପରିବର୍ତ୍ତନ କରିବାକୁ ବାଧ ହୋଇଛନ୍ତି। ଦେଶ ଓ ବିଦେଶରେ କୋଭିଡ୍‌କୁ ନେଇ ରହିଥିବା ଭୟ ଓ କଟକଣା ସାଙ୍ଗକୁ ଶିକ୍ଷାର ଅନିଶ୍ଚିତତା ଯୋଗୁ ଶିକ୍ଷା ଋଣରେ ବ୍ୟାପକ ହ୍ରାସ ଘଟିଛି ବୋଲି କେୟାର ରେଟିଂର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନାଭିସ୍ କହିଛନ୍ତି।

# ଏନ୍‌ଏଫ୍‌ଡିବି-ପିଏନ୍‌ବି ଚୁକ୍ତି



ନୂଆଦିଲ୍ଲୀ,୭।୮

ଭାରତ ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଜାତୀୟ ମତ୍ସ୍ୟ ବିକାଶ ବୋର୍ଡ (ଏନ୍‌ଏଫ୍‌ଡିବି) ସହ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ଚୁକ୍ତି ସ୍ୱାକ୍ଷର ହୋଇଛି। ବୋର୍ଡର ବିଭିନ୍ନ ଯୋଜନା ଅନୁସାରେ ହିତାଧିକାରୀଙ୍କୁ ସହାୟତା ଓ ସୁବିଧା ପ୍ରଦାନ ପାଇଁ ବ୍ୟାଙ୍କ ସହ ଚୁକ୍ତି ହୋଇଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଏନ୍‌ଏଫ୍‌ଡିବିର ମୁଖ୍ୟ କାର୍ଯ୍ୟନିର୍ବାହୀ ଡା. ସୁବର୍ଣ୍ଣା (ଆଇଏଫ୍‌ଏସ୍) କହିଛନ୍ତି, ପିଏନ୍‌ବି ସହ ହୋଇଥିବା ଏହି ଚୁକ୍ତି ଜରିଆରେ ବିଭିନ୍ନ ଯୋଜନାର ସୁଫଳ ହିତାଧିକାରୀଙ୍କୁ ମିଳିବ। ସେହିଭଳି ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାର ହିତାଧିକାରୀଙ୍କୁ ବ୍ୟାଙ୍କ ଆବଶ୍ୟକ ଋଣ ଉଦ୍ୟୋଗୀମାନଙ୍କୁ ପ୍ରଦାନ ପାଇଁ ବ୍ୟାଙ୍କ ପ୍ରମୁଖ ଭୂମିକା ଗ୍ରହଣ କରିବ।

ସେହିପରି ଏହି ଚୁକ୍ତିନାମା ସମ୍ପର୍କରେ ପିଏନ୍‌ବିର ଏମ୍‌ଡି ତଥା ସିଇଓ ସିଏଚ.ଏସ୍. ଏସ୍. ମଲ୍ଲିକାର୍ଜୁନ ରାଓ କହିଛନ୍ତି , ବ୍ୟାଙ୍କର ବର୍ତ୍ତମାନ ୧୦,୬୪୧ ଶାଖା, ୧୩,୭୮୧ ଡେଲିଭରି ଚ୍ୟାନେଲ ଏବଂ ୧୨,୫୧୮ ବିଜ୍‌ନେସ କରେସ୍‌ପଣ୍ଟ ଓ ୧୧୬ ଟି ଋଣ କେନ୍ଦ୍ର ( ରିଟେଲ, ଏଗ୍ରି ଓ ଏମ୍‌ଏସ୍‌ଏମ୍‌ଇ) ସହିତ ୧୩୭ ଟି ମିଡ୍ କର୍ପୋରେଟ କ୍ରେଡିଟ (ଏମ୍‌ଏସ୍‌ଏମ୍‌ଇ) ସେଣ୍ଟର ଜରିଆରେ ସରକାରଙ୍କ ସମସ୍ତ ଯୋଜନା ଓ ସୁବିଧା ହିତାଧିକାରୀଙ୍କୁ ପ୍ରଦାନ କରାଯାଉଛି।

ଏହି ଅବସରରେ ଏମ୍.ଆରୁଲ ବୋସ୍କୋ ପ୍ରକାଶ (କାର୍ଯ୍ୟକାରୀ ନିର୍ଦ୍ଦେଶକ, ଇନ୍‌ଫ୍ରା), ପିଏନ୍‌ବିର ଆଞ୍ଚଳିକ ମୁଖ୍ୟ ତଥା ଜିଏମ୍ ସଞ୍ଜୀବନ ନିଖାର ଏବଂ ରଜନୀଶ କୁମାର ପିଏନ୍‌ବି ହାଇଦ୍ରାବାଦର ନୋଡାଲ ଇନ୍‌ଚାର୍ଜ ତଥା ହେଡ୍ କ୍ରେଡିଟ ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଆନ ବ୍ୟାଙ୍କର ଋଣମେଳା

ଭୁବନେଶ୍ୱର,୭।୮



ଇଣ୍ଡିଆନ ବ୍ୟାଙ୍କର ଗୃହ ଓ ଯାନ ଋଣମେଳା ବ୍ୟାଙ୍କର ନୂଆପଲ୍ଲୀସ୍ଥିତ କ୍ଷେତ୍ରୀୟ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ମହାପ୍ରବନ୍ଧକ ସୁଖ ସାଗର ପ୍ରସାଦ ରାଏଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଋଣମେଳା ଅଗଷ୍ଟ ଓ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ଜାରି ରହିବ। ଏହି ଅବସରରେ ରାଏ ଗ୍ରାହକମାନଙ୍କୁ ଉଦ୍‌ବୋଧନ ଦେବା ସହ ଗୃହ ଓ ଯାନ ଋଣ ସମ୍ପର୍କରେ ଅବଗତ କରାଇଥିଲେ। ବ୍ୟାଙ୍କର ମଣ୍ଡଳ ପ୍ରବନ୍ଧକ ଆର୍. ଶ୍ରୀନିବାସନ ଉକ୍ତ ଯୋଜନାରେ କମ୍ ସୁଧ ହାରରେ ଏବଂ କମ୍ ସମୟ ମଧରେ କିପରି ଋଣ ପ୍ରଦାନ କରାଯାଇ ପାରିବ ସେ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୬୮ ଜଣ ଗ୍ରାହକଙ୍କୁ ଆନୁମାନିକ ୨୨.୨୭ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ବ୍ୟାଙ୍କର ଉପ ମହାପ୍ରବନ୍ଧକ ମନୋରଞ୍ଜନ ଦାସ ଓ ଉପମଣ୍ଡଳ ପ୍ରବନ୍ଧକ ପରିକ୍ଷିତ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଗ୍ରାହକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ପରିଶେଷରେ ମହାପ୍ରବନ୍ଧକ ଶରତ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୋମବାର ଦାୟିତ୍ୱ ଗ୍ରହଣ କରିବେ ବିଦ୍ୟା କୃଷ୍ଣାନ

ଭୁବନେଶ୍ୱର,୭।୮

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ ଭାବେ ସୋମବାର ବିଦ୍ୟା କୃଷ୍ଣାନ ଦାୟିତ୍ୱ ଭାର ଗ୍ରହଣ କରିବେ।



ବିଦ୍ୟା ଏହା ପୂର୍ବରୁ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ଭାବେ ମୁମ୍ବାଇସ୍ଥିତ କାର୍ଯ୍ୟାଳୟରେ ଡି ଆଣ୍ଡ ଟିବି ପ୍ରଡକ୍ଟ ଆଣ୍ଡ ଅପରେଶନ ପ୍ରମୁଖ ଭାବେ କାର୍ଯ୍ୟ କରୁଥିଲେ। ୧୯୮୮ରେ ସେ ଜଣେ ପ୍ରୋବେସନାରି ଅଧିକାରୀ ଭାବେ ବ୍ୟାଙ୍କରେ ଯୋଗଦେଇଥିଲେ। ତାଙ୍କର ଏହି ନିଯୁକ୍ତି ପୂର୍ବତନ ମହାପ୍ରବନ୍ଧକ ରୁମା ଦେଙ୍କ ସ୍ଥାନରେ ହୋଇଛି। ସେହିଭଳି ରୁମା ଦେ ବ୍ୟାଙ୍କର କୋଲକାତା ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ବଦଳି ହୋଇଛନ୍ତି।

# ଲିବର୍ଟିର ମନ୍‌ସୁନ କଲେକ୍ସନ ବଜାର ପ୍ରବେଶ




**ନୂଆଦିଲ୍ଲୀ,୭।୮:** ଦେଶର ପ୍ରମୁଖ ଫୁଟ୍‌ୱେୟାର କମ୍ପାନୀ ଲିବର୍ଟି ପକ୍ଷରୁ ଚଳିତ ବର୍ଷର ମନ୍‌ସୁନ କଲେକ୍ସନଗୁଡ଼ିକୁ ବଜାର ପ୍ରବେଶ କରାଯାଇଛି। କମ୍ପାନୀ ପକ୍ଷରୁ ମନ୍‌ସୁନ ପାଇଁ ବଜାରକୁ ଛଡ଼ାଯାଇଥିବା ବିଭିନ୍ନ ରଙ୍ଗ ଓ ବର୍ଗର ଜୋତାକୁ ଗ୍ରାହକଙ୍କ ପସନ୍ଦ ଓ ଚାହିଦା ମଧ ଦେଖିବାକୁ ମିଳିଛି। କମ୍ପାନୀର ଏହି ନୂତନ ପ୍ରଡକ୍ଟଗୁଡ଼ିକ ଗ୍ରାହକଙ୍କୁ ଆରାମ ପ୍ରଦାନ ସହ ଏକ ଭିନ୍ନତା ପ୍ରଦାନ କରୁଛି। ଏ ସମ୍ପର୍କରେ ଲିବର୍ଟି ସୁଜ୍‌ର ନିର୍ଦ୍ଦେଶକ(ରିଟେଲ) ଅନୁପମ ବଶଂଲ କହିଛନ୍ତି, ହିପି କ୍ଲଗ୍‌ସ ଓ କ୍ଲାଉଡ୍ ଫୋମ ପ୍ରଡକ୍ଟର ଚାହିଦା ବଜାରରେ ବହୁତ ଭଲ ରହିଛି। ଏହାର ବଜାର କାରବାର ପ୍ରତିକ୍ରିୟା ମଧ ଆଶାନୁସାରେ ଅଧିକ ରହିଛି। କମ୍ପାନୀର ଏହି କଲେକ୍ସନଗୁଡିକ ଉନ୍ନତ ଜ୍ଞାନକୌଶଳ ସହ ଗୁଣାତ୍ମକ ଦିଗ ଉପରେ ଅଧିକ ଧ୍ୟାନ ଦିଆଯାଇଛି। ଏହାର ବଜାର ମୂଲ୍ୟ ୪୯୯ରୁ ୮୯୯ ପର୍ଯ୍ୟନ୍ତ ରହିଥିବା ସେ ମତବ୍ୟକ୍ତ କରିଛନ୍ତି।

## ଫୁର୍‌ସତ୍

### ସର୍ବପୁରାତନ ମୁଦ୍ରାଶାଳର ସନ୍ଧାନ



**ବେଜିଂ:** ଚାଇନାରେ ପୃଥିବୀର ସର୍ବପୁରାତନ ମୁଦ୍ରାଶାଳର ସନ୍ଧାନ ମିଳିଛି। ଏଠାରେ ଖ୍ରୀଷ୍ଟପୂର୍ବ ୬୪୦ ରୁ ୫୫୦ ମଧ୍ୟରେ ଅର୍ଥାତ୍ ପ୍ରାୟ ୨୬ ଶହ ବର୍ଷ ତଳେ ଏଠାରେ ପ୍ରଥମ ଧାତୁ ମୁଦ୍ରା ତିଆରି କରାଯାଇଥିଲା ବୋଲି ପ୍ରତ୍ନତତ୍ତ୍ୱବିତ୍‌ମାନେ କହିଛନ୍ତି। ଜେଙ୍ଗ ରାଜ୍ୟର ଗୁଆଞ୍ଜୁଆଙ୍ଗ ସହରରେ ଖନନ ସମୟରେ ଗବେଷକମାନେ ମୁଦ୍ରାଶାଳକୁ ଆବିଷ୍କାର କରିଛନ୍ତି। ଏଠାରୁ ମୁଦ୍ରା ଖଣ୍ଡ, ବଳକା ଧାତୁ ଏବଂ ମୁଦ୍ରା ଛାଞ୍ଚ ମିଳିଛି। ଚାଇନାରେ ଧାତୁ ମୁଦ୍ରାର ତିଆରି ଖ୍ରୀଷ୍ଟପୂର୍ବ ୭୫୦ରୁ ୫୦୦ ମଧ୍ୟରେ ଆରମ୍ଭ ହୋଇଥିବା ଅନୁମାନ କରାଯାଉଛି। ଖ୍ରୀଷ୍ଟପୂର୍ବ ୨୨୧ରେ ଚାଇନାର ପ୍ରଥମ ସମ୍ରାଟ ଏହି ଧାତୁ ମୁଦ୍ରାଗୁଡିକୁ ଅଚଳ ଘୋଷଣା କରିଥିଲେ। ପୂର୍ବରୁ ଧାତୁରେ ନିର୍ମିତ ମୁଦ୍ରାଗୁଡିକ ଜେଙ୍ଗ ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟବହୃତ ହେଉଥିଲା। ଜେଙ୍ଗଜୋ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ହାଓ ଝାଓ କହିଛନ୍ତି, ଗୁଆଞ୍ଜୁଆଙ୍ଗ କାରଖାନା ଖ୍ରୀଷ୍ଟପୂର୍ବ ୭୭୦ରେ ଆରମ୍ଭ ହୋଇଥିବାର ଅନୁମାନ କରାଯାଉଛି।

### ନଦୀର ଲମ୍ବ ୬୧ ମିଟର



**ୱାଶିଂଟନ୍:** ପୃଥିବୀର ସର୍ବବୃହତ୍ ନଦୀର ନାଁ ପଚାରିଲେ ସଙ୍ଗେ ସଙ୍ଗେ ଉତ୍ତର ଆସିବ 'ନୀଳ' । ହେଲେ ଯଦି ପଚରାଯାଏ କ୍ଷୁଦ୍ରତମ ନଦୀ କେଉଁଟି, ତେବେ ଅନେକେ ଦ୍ୱିଧାରେ ପଡ଼ିଯିବା ସ୍ୱାଭାବିକ। ଧରାପୃଷ୍ଠରେ ପ୍ରବାହିତ ସବୁଠାରୁ କ୍ଷୁଦ୍ର ନଦୀ ରହିଛି ଆମେରିକାର ମୋଣ୍ଟାନ୍‌ରେ, ଯାହାର ଲମ୍ବ ମାତ୍ର ୬୧ ମିଟର। ଗିନିଜ୍ ବୁକ୍ ଅଫ୍ ରେକର୍ଡ୍‌ସରେ ସ୍ଥାନିତ କ୍ଷୁଦ୍ରତମ ନଦୀ 'ରୋ'କୁ ସମ୍ପୂର୍ଣ୍ଣ ପରିକ୍ରମା କରିବା ଲାଗି ଲାଗିବ ମାତ୍ର କେଇ ମିନିଟ୍।

୧୯୮୭ ଯାଏ ଏହି ନଦୀ ଲୋକ ଲୋଚନର ଆଢୁଆଳରେ ରହିଥିଲା। ମାତ୍ର ପଞ୍ଚମ ଶ୍ରେଣୀ ଯାଏ ପଢ଼ିଥିବା ସୁସୀ ନାର୍ଦ୍ଦିଗର ପ୍ରଥମେ ଏଭଳି ଏକ ନଦୀ ସମ୍ପର୍କରେ ସୂଚନା ଦେଇଥିଲେ। ଏ ଦିଗରେ ଅନୁଧ୍ୟାନ କରିବାକୁ ଆମେରିକୀୟ ବୋର୍ଡରେ ଏକ ଆବେଦନ କରାଯାଇଥିଲା। ଏବଂ ତାଙ୍କ ଦ୍ୱାରା ଏହାର ନାମକରଣ କରାଯାଇଥିଲା। 'ରୋ' ନଦୀର ଗଭୀରତା ସର୍ବନିମ୍ନ ୬ ଏବଂ ସର୍ବାଧିକ ୮ ଫୁଟ। ଏହା ପୂର୍ବରୁ ଓରେଗାନ୍‌ରେ ପ୍ରବାହିତ ନଦୀ 'ଡି'କୁ କ୍ଷୁଦ୍ରତମ ନଦୀର ମାନ୍ୟତା ମିଳିଥିଲା, ଯାହାର ଦୈର୍ଘ୍ୟ ୧୩୦ ମିଟର।

ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ 'ରୋ' ନଦୀକୁ ଜଳ କେଉଁଠାରୁ ଆସେ। ରୋ ନଦୀ ଏକ ଚୂନପଥର ଖଣି ମଧ ଦେଇ ପ୍ରବାହିତ ହେଉଛି। ମୋଣ୍ଟାନ୍‌ରେ ଏହା ଆତ୍ମପ୍ରକାଶ କରିଛି। ଚୂନପଥର ଖଣି ଦେଇ ପ୍ରବାହିତ ହେଉଥିବାରୁ ଖରାଦିନେ ଏହାର ପାଣି ଥଣ୍ଡା ଏବଂ ବର୍ଷାଦିନେ ଗରମ ରହିଥାଏ। ସୂଚନାଯୋଗ୍ୟ, ଭାରତର ସବୁଠାରୁ କ୍ଷୁଦ୍ରତମ ନଦୀ ରହିଛି ରାଜସ୍ଥାନରେ। ଆର୍‌ଭାରି ନାମକ ଏହି ନଦୀର ଦୈର୍ଘ୍ୟ ୯୦ କିମି। ଆଲ୍‌ୱାର ଜିଲାର ଥାନାଗାଜି ନିକଟରୁ ଉତ୍ପତ୍ତି ଲାଭ କରିଥିବା ଏହି ନଦୀର ପାଣି ଅପେକ୍ଷାକୃତ ମିଠା।

### ବୟ୍ ଫ୍ରେଣ୍ଡକୁ ନେଇ ମୁହଁ ଖୋଲିଲେ କିଆରା



**ମୁମ୍ବାଇ:** ଏମ୍. ଏସ୍. ଧୋନୀ, କବିର ସିଂ, ଗୁଡ୍ ନ୍ୟୁଜ ଭଳି ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ପାଖରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି ବଲିଉଡ୍ ନାୟିକା କିଆରା ଆଡଭାନୀ । ବଲିଉଡ୍ ଇଣ୍ଡଷ୍ଟ୍ରିରେ ଏବେ ସେ ୭ ବର୍ଷ ପୂରଣ କରିଛନ୍ତି । ଆଜିକାଲି ବହୁତ ଏକ୍ସାଇଟେଡ ଥିବା କିଆରା ଏବେ ତାଙ୍କର ଅପକମିଂ ଫିଲ୍ମ 'ଶେରସାହା' ପାଇଁ ବ୍ୟସ୍ତ ଅଛନ୍ତି । ଏଥିରେ ସେ ବିକ୍ରମ ବାତ୍ରାଙ୍କ ମଙ୍ଗେତର ଡିମ୍ପଲ ଚିମା ଭୂମିକାରେ ନଜର ଆସିବେ। କିଆରା ପ୍ରଥମ ଥର ଲାଗି ତାଙ୍କର ବୟ ଫ୍ରେଣ୍ଡ ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ କାମ କରିବେ। ତାଙ୍କର ପ୍ରଶଂସକମାନେ ଉଭୟଙ୍କୁ ପରଦାରେ ଦେଖିବାକୁ ଅପେକ୍ଷା ରଖିଛନ୍ତି। ସିଦ୍ଧାର୍ଥଙ୍କ ସହ ଅଭିନୟକୁ ନେଇ କିଆରା କୁହନ୍ତି, ଜଣେ ସହକଳାକାର ଭାବେ ସେ ବହୁତ ନିୟନ୍ତ୍ରିତ ଓ ଫୋକସ୍ଡ। ଅଭିନୟ ପୂର୍ବରୁ ସେ ବହୁତ ପ୍ରସ୍ତୁତି କରିଥାଆନ୍ତି। ଯେମିତି ମୁଁ ଚାହୁଁଥିଲି ସେ ସେମିତି ଜଣେ ଅଭିନେତା ଏବଂ ଇଣ୍ଡଷ୍ଟ୍ରିରେ ମୋର ସବୁଠାରୁ ଭଲ ବନ୍ଧୁ ବୋଲି କହିଛନ୍ତି କିଆରା। ସେ ପ୍ରତ୍ୟକ୍ଷରେ ନ ହେଲେ ବି ପରୋକ୍ଷ ଭାବେ ସିଦ୍ଧାର୍ଥଙ୍କୁ ପସନ୍ଦ କରନ୍ତି ବୋଲି କହିଛନ୍ତି। କିଛିଦିନ ହେବ କିଆରା-ସିଦ୍ଧାର୍ଥଙ୍କ ରିଲେଶନସିପ୍‌କୁ ନେଇ କଥା ଉଠିଥିଲେ ବି ଏବେ ସେ ଏତିକି କଥା କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NURSING
ADMISSION OPEN
For Session 2021-22
Courses Offered
B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.
GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
DMLT (2 yrs.)
(Approved by DMLT / RT Council BBSR)
PALLI CHANDAN
GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ହେମଲତା ମହାନ୍ତି
ପାଟପୁର, ବହୁଗ୍ରାମ, କଟକ
ଆବିର୍ଭାବ: ୧୧।୧୨।୧୯୩୬
ତିରୋଧାନ:୨୯।୦୭।୨୦୨୧
ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ମମତା, ଦେବ, ବୁଟନ, ଘଣ୍ଟୁ, ବୋହୂ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ ।
ଧ-୨୧୨୫୮

ଶ୍ରଦ୍ଧାଞ୍ଜଳି



ସ୍ୱ ସୁବ୍ରତ ଜେନା
କାଠୁଆ ଆରେଡ଼ି, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୦୪।୦୩।୧୯୭୨
ତିରୋଧାନ: ୨୯।୦୭।୨୦୨୧
ଆଜି ବି ବିଶ୍ୱାସ ହେଉ ନାହିଁ ଯେ ତୁମେ ଅକାଳରେ ଆମ୍ଭମାନଙ୍କୁ ଛାଡ଼ି ଆଉ ଏକ ଅଫେରା ରାଇଜକୁ ଚାଲିଗଲ । ତୁମର ସେହି ଅଦମ୍ୟ ସାହସିକତା , ଦକ୍ଷ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକ ସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୧୨୯୪




ଟୋକିଓ ଅଲିମ୍ପିକ୍ସର ପୁରୁଷ କାୟାକ ଫୋର ୫୦୦ ମିଟର ସେମିଫାଇନାଲ ଅବସରରେ କାନାଡ଼ା, ହଙ୍ଗେରୀ, ଅଷ୍ଟ୍ରେଲିଆ ଓ ସ୍ପେନ ଦଳର ପ୍ରତିଯୋଗୀମାନେ।

# ଫୁଟ୍‌ବଲରେ ବ୍ରାଜିଲକୁ ସ୍ୱର୍ଣ୍ଣ

**ଟୋକିଓ, ୭।୮**

ସ୍ଥାନୀୟ ନିଶାନ ଷ୍ଟାଡିୟମରେ ନାଟକୀୟ ଅତିରିକ୍ତ ସମୟ ଖେଳରେ ଗତଥରର ଚାମ୍ପିୟନ ବ୍ରାଜିଲ ସ୍ପେନକୁ ୨-୧ ଗୋଲରେ ପରାସ୍ତ କରି ଟାଇଟଲ ବଜାୟ ରଖିବାରେ ସକ୍ଷମ ହୋଇଛି। ବଦଳ ଖେଳାଳି ମାଲକମ ୧୦୮ତମ ମିନିଟ୍‌ରେ ଗୋଲ ସ୍କୋର କରି ଦଳକୁ ଜିତାଇଥିଲେ। ୫ ବର୍ଷ ପୂର୍ବେ ନେମାରଙ୍କ ପେନାଲ୍ଟି ଗୋଲ୍ ସହାୟତାରେ ଜର୍ମାନୀକୁ ହରାଇ ବ୍ରାଜିଲ ନିଜ ମାଟିରେ ଏହାର ପ୍ରଥମ ସ୍ୱର୍ଣ୍ଣ ଜିତିଥିଲା। ନିର୍ଦ୍ଧାରିତ ସମୟ ଖେଳର ଦ୍ୱିତୀୟାର୍ଦ୍ଧରେ ବିଜୟୀ ଦଳର ମାଥିଅସ୍ କୁନ୍‌ହା (୪୫+୨ତମ ମିନିଟ) ପ୍ରଥମ ଗୋଲ ସ୍କୋର କରିଥିଲେ। ସ୍ପେନର ମାଇକେଲ ଓୟାରଜାବାଲ ୬୧ତମ ମିନିଟ୍‌ରେ ଏକ ଗୋଲେ ସ୍କୋର କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଫଳରେ ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଅଲିମ୍ପିକ ଫୁଟବଲରେ ବ୍ରାଜିଲର ଏହା ହେଉଛି କ୍ରମାଗତ ତୃତୀୟ ପଦକ। ୨୦୧୨ ଲଣ୍ଡନ ଗେମ୍ସରେ ଏହି ଦଳ ଏକ ରୌପ୍ୟ ଜିତିଥିଲା।



# ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୮ | ୩୧ | ୧୮ | ୮୭ |
| ଆମେରିକା | ୩୬ | ୩୯ | ୩୩ | ୧୦୮ |
| ଜାପାନ | ୨୭ | ୧୨ | ୧୭ | ୫୬ |
| ଆରଓସି | ୨୦ | ୨୬ | ୨୩ | ୬୯ |
| ଗ୍ରେଟ ବ୍ରିଟେନ | ୨୦ | ୨୧ | ୨୨ | ୬୩ |
| ଅଷ୍ଟ୍ରେଲିଆ | ୧୭ | ୭ | ୨୨ | ୪୬ |
| ଜର୍ମାନୀ | ୧୦ | ୧୧ | ୧୬ | ୩୭ |
| ନେଦରଲାଣ୍ଡ୍ସ | ୧୦ | ୧୧ | ୧୨ | ୩୩ |
| ଇଟାଲୀ | ୧୦ | ୧୦ | ୧୯ | ୩୯ |
| ଫ୍ରାନ୍ସ | ୯ | ୧୨ | ୧୧ | ୩୨ |
| ନ୍ୟୁଜିଲାଣ୍ଡ | ୭ | ୬ | ୭ | ୨୦ |
| ବ୍ରାଜିଲ | ୭ | ୪ | ୮ | ୧୯ |
| ହଙ୍ଗେରି | ୬ | ୭ | ୬ | ୧୯ |
| କାନାଡ଼ା | ୬ | ୬ | ୧୧ | ୨୩ |
| ଦକ୍ଷିଣ କୋରିଆ | ୬ | ୪ | ୧୦ | ୨୦ |
| କ୍ୟୁବା | ୬ | ୩ | ୫ | ୧୪ |
| ପୋଲାଣ୍ଡ | ୪ | ୫ | ୫ | ୧୪ |
| ଚେକ୍ ରିପବ୍ଲିକ୍ | ୪ | ୪ | ୩ | ୧୧ |
| ନରୱେ | ୪ | ୨ | ୧ | ୭ |
| ଜାମାଇକା | ୪ | ୧ | ୪ | ୯ |
| ସ୍ପେନ | ୩ | ୮ | ୬ | ୧୭ |
| ସୁଇଡେନ | ୩ | ୬ | ୦ | ୯ |
| ସୁଇଜରଲାଣ୍ଡ | ୩ | ୪ | ୬ | ୧୩ |
| ଡେନମାର୍କ | ୩ | ୪ | ୪ | ୧୧ |
| କେନିୟା | ୩ | ୪ | ୨ | ୯ |
| କ୍ରୋଏସିଆ | ୩ | ୩ | ୨ | ୮ |
| ଇରାନ | ୩ | ୨ | ୨ | ୭ |
| ବେଲଜିୟମ | ୩ | ୧ | ୨ | ୬ |
| ସ୍ଲୋଭେନିଆ | ୩ | ୧ | ୧ | ୫ |
| ଜର୍ଜିଆ | ୨ | ୫ | ୧ | ୮ |
| ଚାଇନିଜ୍ ତାଇପେ | ୨ | ୪ | ୬ | ୧୨ |
| ତୁର୍କୀ | ୨ | ୨ | ୯ | ୧୩ |
| ସର୍ବିଆ | ୨ | ୧ | ୪ | ୭ |
| ବୁଲଗେରିଆ | ୨ | ୧ | ୨ | ୫ |
| ଉଗାଣ୍ଡା | ୨ | ୧ | ୧ | ୪ |
| ଇକ୍ୱେଡର | ୨ | ୧ | ୦ | ୩ |
| ଇସ୍ରାଏଲ | ୨ | ୦ | ୨ | ୪ |
| ଉଜ୍‌ବେକିସ୍ତାନ | ୨ | ୦ | ୨ | ୪ |
| ଗ୍ରୀସ୍ | ୨ | ୦ | ୧ | ୩ |
| କାତାର | ୨ | ୦ | ୧ | ୩ |
| ବାହାମାସ | ୨ | ୦ | ୦ | ୨ |
| କୋସୋଭୋ | ୨ | ୦ | ୦ | ୨ |
| ୟୁକ୍ରେନ | ୧ | ୫ | ୧୨ | ୧୮ |
| ବେଲାରୁଷ | ୧ | ୩ | ୩ | ୭ |
| ରୋମାନିଆ | ୧ | ୩ | ୦ | ୪ |
| ଭେନଜୁଏଲା | ୧ | ୩ | ୦ | ୪ |
| **ଭାରତ** | **୧** | **୨** | **୪** | **୭** |
| ହଂକଂ | ୧ | ୨ | ୨ | ୫ |
| ଫିଲିପାଇନ୍ସ | ୧ | ୨ | ୧ | ୪ |
| ସ୍ଲୋଭାକିଆ | ୧ | ୨ | ୧ | ୪ |
| ଦକ୍ଷିଣ ଆଫ୍ରିକା | ୧ | ୨ | ୦ | ୩ |
| ଅଷ୍ଟ୍ରିଆ | ୧ | ୧ | ୫ | ୭ |
| ଇଜିପ୍ଟ | ୧ | ୧ | ୪ | ୬ |
| ଇଣ୍ଡୋନେସିଆ | ୧ | ୧ | ୩ | ୫ |
| ଇଥିଓପିଆ | ୧ | ୧ | ୨ | ୪ |
| ପର୍ତ୍ତୁଗାଲ | ୧ | ୧ | ୨ | ୪ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| ଆୟର୍ଲାଣ୍ଡ | ୧ | ୦ | ୨ | ୩ |
| ଇସ୍ତୋନିଆ | ୧ | ୦ | ୧ | ୨ |
| ଫିଜି | ୧ | ୦ | ୧ | ୨ |
| ଲାଟିଭିଆ | ୧ | ୦ | ୧ | ୨ |
| ଥାଇଲାଣ୍ଡ | ୧ | ୦ | ୧ | ୨ |
| ବର୍ମୁଡା | ୧ | ୦ | ୦ | ୧ |
| ମରକ୍କୋ | ୧ | ୦ | ୦ | ୧ |
| ପୁଏର୍ତୋ ରିକୋ | ୧ | ୦ | ୦ | ୧ |
| କଲମ୍ବିଆ | ୦ | ୪ | ୧ | ୫ |
| ଆଜରବୈଜାନ | ୦ | ୩ | ୪ | ୭ |
| ଡୋମିନିକାନ ରିପବ୍ଲିକ | ୦ | ୩ | ୨ | ୫ |
| ଆର୍ମେନିଆ | ୦ | ୨ | ୨ | ୪ |
| କିର୍ଗିଜସ୍ତାନ | ୦ | ୨ | ୧ | ୩ |
| ମଙ୍ଗୋଲିଆ | ୦ | ୧ | ୩ | ୪ |
| ଆର୍ଜେଣ୍ଟିନା | ୦ | ୧ | ୨ | ୩ |
| ସାନ୍ ମାରିନୋ | ୦ | ୧ | ୨ | ୩ |
| ଜୋର୍ଡାନ | ୦ | ୧ | ୧ | ୨ |
| ନାଇଜେରିଆ | ୦ | ୧ | ୧ | ୨ |
| ବାହାରିନ | ୦ | ୧ | ୦ | ୧ |
| ସୌଦୀ ଆରବ | ୦ | ୧ | ୦ | ୧ |
| ଲିଥୁଆନିଆ | ୦ | ୧ | ୦ | ୧ |
| ନର୍ଥ ମାସେଡୋନିଆ | ୦ | ୧ | ୦ | ୧ |
| ନାମ୍ବିଆ | ୦ | ୧ | ୦ | ୧ |
| ତୁର୍କମେନିସ୍ତାନ | ୦ | ୧ | ୦ | ୧ |
| କାଜାଖସ୍ତାନ | ୦ | ୦ | ୮ | ୮ |
| ମେକ୍ସିକୋ | ୦ | ୦ | ୪ | ୪ |
| ଫିନ୍‌ଲାଣ୍ଡ | ୦ | ୦ | ୨ | ୨ |
| ବୋତ୍ସୁଆନା | ୦ | ୦ | ୧ | ୧ |
| ବୁରକିନା ଫାସୋ | ୦ | ୦ | ୧ | ୧ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| ଘାନା | ୦ | ୦ | ୧ | ୧ |
| ଗ୍ରେନାଡ଼ା | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |
| ମାଲେସିଆ | ୦ | ୦ | ୧ | ୧ |
| ମାଲଡୋଭା | ୦ | ୦ | ୧ | ୧ |
| ସିରିୟା | ୦ | ୦ | ୧ | ୧ |

# ଅଳ୍ପକେ ପଦକ ହାତଛଡ଼ା

**ଟୋକିଓ, ୭।୮ (ପି.ଟି.)**

ଭାରତୀୟ ଗଲ୍ଫର ଅଦିତୀ ଅଶୋକ ମହିଳା ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେରେ ଚତୁର୍ଥ ସ୍ଥାନ ସହ ଅଲିମ୍ପିକ ଗଲ୍ଫ ପ୍ରତିଯୋଗିତାରେ ତାଙ୍କର ଅଭିଯାନ ଶେଷ କରିଛନ୍ତି। ସେ ଶେଷ ପର୍ଯ୍ୟନ୍ତ ପଦକ ସମ୍ଭାବନାକୁ ଉଜ୍ଜୀବିତ ରଖିଥିଲେ ଏବଂ ଅଳ୍ପକେ ବ୍ରୋଞ୍ଜରୁ ବଞ୍ଚିତ ହୋଇଥିଲେ। ଅଲିମ୍ପିକ୍ସରେ କୌଣସି ଭାରତୀୟ ଖେଳାଳିଭାବେ ଏହା ହେଉଛି ଶ୍ରେଷ୍ଠ ପ୍ରଦର୍ଶନ। ଫାଇନାଲ ରାଉଣ୍ଡରେ ୨୩ ବର୍ଷୀୟା ଅଦିତୀ ତାଙ୍କର ସ୍କୋର ୩ ଅଣ୍ଡର ୬୮ ରହିଥିଲା। ଆଉ ମାତ୍ର ଗୋଟିଏ ଷ୍ଟ୍ରୋକ୍ ପାଇଁ ସେ ପଦକରୁ ବଞ୍ଚିତ ହୋଇଥିଲେ। ପୂର୍ବଦିନର ଲିଡର ନେଲି କୋର୍ଡା ୨ ଅଣ୍ଡର ୬୯ ସ୍କୋର ସହ ସ୍ୱର୍ଣ୍ଣ ଜିତିଥିବାବେଳେ ତାଙ୍କ ପଛକୁ ପଛ ଜାପାନର ମୋନେ ଇନାମି (୬୫) ଓ ନ୍ୟୁଜିଲାଣ୍ଡର ଲାଇଡିଆ କୋ (୬୫) ରହିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଭାରତୀୟ ଦୀକ୍ଷା ଡାଗର ୫୦ତମ ସ୍ଥାନରେ ରହିଥିଲେ। ନ୍ୟୁଜିଲାଣ୍ଡର କୋ ବ୍ରୋଞ୍ଜ ଜିତିବା ଦ୍ୱାରା ୨୦୧୬ରେ ଅଲିମ୍ପିକ ପ୍ରୋଗ୍ରାମ୍‌ରେ ଗଲ୍ଫ ଖେଳକୁ ସାମିଲ କରାଯିବା ପରଠାରୁ ପ୍ରଥମ ଖେଳାଳି ଭାବେ ଦୁଇଟି ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ରିଓ ଗେମ୍ସରେ ସେ ରୌପ୍ୟ ପଦକ ଲାଭ କରିଥିଲେ। ଅଦିତୀ ୨୦୧୬ ରିଓ ଗେମ୍ସରେ ମଧ୍ୟ ଭାଗ ନେଇଥିଲେ। ଟୋକିଓରେ କିନ୍ତୁ ସେ ଚମକପ୍ରଦ ପ୍ରଦର୍ଶନ କରିଥିଲେ, ଯାହାକି ତାଙ୍କଠାରୁ କେହି ଆଶା କରୁ ନ ଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ଐତିହାସିକ ପ୍ରଦର୍ଶନ ଦ୍ୱାରା ଭାରତୀୟ ଗଲ୍ଫର ମର୍ଯ୍ୟାଦା ବୃଦ୍ଧି ଘଟିଛି ବୋଲି କହିବା ସହ ରାଷ୍ଟ୍ରପତି ଅଦୀତିଙ୍କୁ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି।




ଷ୍ଟ୍ରୋକ୍ ଖେଳିବା ଅବସରରେ ଭାରତୀୟ ମହିଳା ଗଲ୍ଫର ଅଦିତୀ ଅଶୋକ।

# ବଜରଙ୍ଗଙ୍କ ପରିବାରରେ ହର୍ଷୋଲ୍ଲାସ




ପଦକ ସହ ବଜରଙ୍ଗ ପୁନିଆ।

**ସୋନିପତ୍, ୭।୮ (ପି.ଟି.)**

ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିବା ପରେ ଭାରତର ଷ୍ଟାର ରେସ୍‌ଲର ବଜରଙ୍ଗ ପୁନିଆଙ୍କ ପରିବାରରେ ହର୍ଷଉଲ୍ଲାସ ପରିବେଶ ଦେଖିବାକୁ ମିଳିଥିଲା। ପିତା ବଲୱାନ ସିଂ କହିଛନ୍ତି, ସେ କ'ଣ ଚାହାନ୍ତି ତାଙ୍କ ପୁଅ ତାହା ଭଲରୂପେ ହୃଦୟଙ୍ଗମ କରିପାରିଥିଲା। ଶନିବାର ଅନୁଷ୍ଠିତ ପ୍ଲେ-ଅଫ୍‌ରେ ପୁନିଆ କାଜାଖସ୍ତାନର ଦୌଲେତ୍ ନିୟାଜବେକୋଭ୍‌ଙ୍କୁ ୮-୦ରେ ପରାସ୍ତ କରିଥିଲେ। ବଜରଙ୍ଗଙ୍କ ପରିବାର ଟେଲିଭିଜନରେ ଏହି ମୁକାବିଲାକୁ ଦେଖୁଥିଲେ। ବାଉଟ୍ ଶେଷ ହେବା ପରେ ବଲୱନ୍ତ ସିଂ ଖୁସିରେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଉପସ୍ଥିତ ଖବରଦାତାମାନଙ୍କୁ ସେ କହିଥିଲେ, ବଜରଙ୍ଗ ଦେଶକୁ ଗର୍ବିତ କରିଛି। ବର୍ତ୍ତମାନ ସେ ଏତେ ପରିମାଣରେ ଖୁସି ଯେ, ତାହା ବର୍ଣ୍ଣନା କରିପାରିବେ ନାହିଁ। ରେସ୍‌ଲରଙ୍କ ମା' କହିଥିଲେ ତାଙ୍କ ମନ କହୁଥିଲା ପୁଅ ନିଶ୍ଚିତ ପଦକ ସହ ଫେରିବ। ସ୍ଥାନୀୟ ଲୋକେ ଆତସବାଜି ଓ ନୃତ୍ୟଗୀତ ସହ ପରସ୍ପରକୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଶୁକ୍ରବାର ସେମିଫାଇନାଲରେ ପରାଜିତ ହେବାପରେ ବଜରଙ୍ଗଙ୍କ ମାତାପିତା ତାଙ୍କ ସହିତ ଟେଲିଫୋନରେ କଥାବାର୍ତ୍ତା ହୋଇଥିଲେ। ପରାଜୟରେ ଭାଙ୍ଗି ନ ପଡ଼ି ପରବର୍ତ୍ତୀ ମୁକାବିଲା ପାଇଁ ନିଜକୁ ପ୍ରସ୍ତୁତ ହେବାଲାଗି ପରାମର୍ଶ ଦେଇଥିଲେ। ଜବାବରେ ସେ ପଦକ ଆଣିଦେବେ ବୋଲି ବଜରଙ୍ଗ ଦୃଢ ପ୍ରତିଶ୍ରୁତି ଦେଇଥିଲେ।

# ଭାରତୀୟ ରେସ୍‌ଲିଂ ପାଇଁ ସ୍ୱତନ୍ତ୍ର ମୁହୂର୍ତ୍ତ

**ଟୋକିଓ, ୭।୮ (ପି.ଟି.)**

ରେସ୍‌ଲର ବଜରଙ୍ଗ ପୁନିଆ ଅଲିମ୍ପିକ ବ୍ରୋଞ୍ଜ ଜିତିବା ପରେ ତାଙ୍କ ପ୍ରତି ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଭାରତୀୟ ରେସ୍‌ଲିଂ ପାଇଁ ଏହା ଏକ ସ୍ୱତନ୍ତ୍ର ମୁହୂର୍ତ୍ତ ବୋଲି ରାଷ୍ଟ୍ରପତି ଟୁଇଟ କରି କହିଛନ୍ତି। ସେ କହିଛନ୍ତି, ବଜରଙ୍ଗ ଜଣେ ପ୍ରତିଭାସମ୍ପନ୍ନ ରେସ୍‌ଲର। ସେ ବର୍ଷ ବର୍ଷ ଧରି ସ୍ଥିର ପ୍ରଦର୍ଶନ କରି ଆସୁଛନ୍ତି। ତାଙ୍କର ଏହି ସଫଳତା ଦେଶବାସୀଙ୍କ ଲାଗି ଖୁସି ଆଣି ଦେଇଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବ୍ରୋଞ୍ଜ ସଫଳତା ଯୋଗୁ ବଜରଙ୍ଗ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିବା ସହ ଆନନ୍ଦିତ କରିପାରିଛନ୍ତି। ୨୦୦୮ ଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ ଶୁଟର ଅଭିନବ ବିନ୍ଦ୍ରା ବଜରଙ୍ଗଙ୍କ ପ୍ରଭାବୀ ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଛନ୍ତି। କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ସେ ନିଜେ ଏହି ମୁକାବିଲାକୁ ଉପଭୋଗ କରିଥିଲେ। ପ୍ରଭାବୀ ପ୍ରଦର୍ଶନ ସହ ଦର୍ଶନୀୟ ଫିନିଶ ବେଶ୍ ରୋମାଞ୍ଚକ ଥିଲା। କ୍ରିକେଟ ଆଇକନ ସଚିନ ତେନ୍ଦୁଲକର କହିଛନ୍ତି ବଜରଙ୍ଗ ଯେପରି ଭାବେ ବିଜୟ ଲାଭ କଲେ ତାହା ଆମ୍ଭମାନଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା।




ଟୋକିଓରେ ଅନୁଷ୍ଠିତ ମହିଳା ୪x୪୦୦ ମିଟର ରିଲେ ରେସରେ ସ୍ୱର୍ଣ୍ଣ ପଦକ ବିଜୟୀ ଆମେରିକା ମହିଳା ଦଳ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୮ ଅଗଷ୍ଟ, ୨୦୨୧ Bhubaneswar, Sunday, August 8/2021

# ଜୋ ରୁଟ୍‌ଙ୍କ ଶତକ: ଇଂଲଣ୍ଡର ସଂଘର୍ଷ

**ନଟିଂହାମ,୭।୮**

ଟ୍ରେଣ୍ଟ ବ୍ରିଜ୍‌ରେ ଭାରତ ଓ ଘରୋଇ ଇଂଲଣ୍ଡ ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ଏବେ ରୋମାଞ୍ଚକ ମୋଡରେ ନେବାକୁ ଯାଉଛି। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଶତକୀୟ ଇନିଂସ ଖେଳି ଭାରତୀୟ ବୋଲରଙ୍କୁ ନିରାଶ କରିଛନ୍ତି। ପ୍ରଥମ ଇନିଂସରେ ପଛରେ ପଡିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ

## ପ୍ରଥମ ଟେଷ୍ଟ

ଭଲ ବ୍ୟାଟିଂ କରି ଭାରତକୁ ବଡ଼ ଟାର୍ଗେଟ ଦେବାକୁ ସଂଘର୍ଷ କରୁଛି।

ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୬୫.୪ ଓଭରରେ ୧୮୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ୮୪.୫ ଓଭରରେ ୨୭୮ ରନକରି ଅଲଆଉଟ ହେବା ସହ ୯୫ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ଶନିବାର ଚତୁର୍ଥ ଦିନ ତୃତୀୟ ସେସନରେ ୮୧ ଓଭରରେ ୭ ଉଇକେଟ ହରାଇ ୨୭୪ ରନ ସଂଗ୍ରହ କରିଛି। ସାମ କୁରାନ ୨୪ ରନକରି ବ୍ୟାଟିଂ ଜାରି ରଖିଛନ୍ତି। ରୁଟ୍ ୧୭୨ଟି ବଲର ସମ୍ମୁଖୀନ ହୋଇ ୧୪ଟି ଚୌକା ସହ ୧୦୯ ରନର ଶତକୀୟ ଇନିଂସ ଖେଳି ଆଉଟ ହୋଇଛନ୍ତି। ଯଶପ୍ରୀତ ବୁମ୍‌ରାଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ସେ ପ୍ୟାଭିଲିୟନ ଫେରିଥିଲେ। ସେ ଏଥିସହ କ୍ୟାରିୟରର ୨୧ତମ ଟେଷ୍ଟ ଶତକ ଅର୍ଜନ କରିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୫/୦ରୁ ଇଂଲଣ୍ଡ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ତଥା ଦୁଇ ଓପନର ରୋରି ବର୍ନ୍ସ ୧୧ ଓ ଡମ ସିବ୍‌ଲି ୯ରୁ ବ୍ୟାଟିଂ ଆରମ୍ଭ କରି ଯଥାକ୍ରମେ ୧୮ ଓ ୨୮ ରନକରି ପନ୍ତଙ୍କୁ କ୍ୟାଚ ଦେଇ ମହମ୍ମଦ ସିରାଜ ଓ ବୁମ୍‌ରାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଜ୍ୟାକ କ୍ରଲି ୬ ରନ କରି ପନ୍ତଙ୍କୁ କ୍ୟାଚ ଦେଇ ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ସେହିପରି ୩୦ ରନକରି ଜନି ବେୟାରଷ୍ଟୋ ସିରାଜଙ୍କ ବଲ୍‌ରେ ଡିପ୍ ସ୍କୋୟାରଲେଗ୍‌ରେ ରବିନ୍ଦ୍ର ଜାଡେଜାଙ୍କୁ କ୍ୟାଚ୍ ଦେଇଥିଲେ। ଡାନ ଲରେନ୍ସ ୨୫ ରନକରି ଶାର୍ଦ୍ଦୁଳ ଠାକୁରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଜୋଶ ବଟଲର ୧୭ ରନ କରିଥିବା ବେଳେ ଠାକୁରଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ତୃତୀୟ ଉଇକେଟରେ ରୁଟ ଓ ସିବ୍‌ଲିଙ୍କ ମଧ୍ୟରେ ୮୯ ରନର ଭାଗୀଦାରି ହୋଇଥିଲା। ବୋଲିଂରେ ଭାରତ ତରଫରୁ ବୁମ୍‌ରା ୩, ସିରାଜ ଓ ଠାକୁର ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଇଂଲଣ୍ଡ ପ୍ରଥମ ଇନିଂସ-୬୫.୪ ଓଭରରେ ୧୮୩ ଅଲଆଉଟ। ଭାରତ ପ୍ରଥମ ଇନିଂସ-୮୪.୫ ଓଭରରେ ୨୭୮ ଅଲଆଉଟ। ଇଂଲଣ୍ଡ ଦ୍ୱିତୀୟ ଇନିଂସ-୮୧ ଓଭରରେ ୨୭୪/୭ (ରୁଟ- ୧୦୯, ସିବ୍‌ଲି- ୨୮, ବେୟାରଷ୍ଟୋ- ୩୦, ଲରେନ୍ସ- ୨୫, ବୁମ୍‌ରା- ୩/୬୧, ସିରାଜ- ୨/ ୮୪, ଠାକୁର- ୨/୩୭)।



ଶତକ ହାସଲ ପରେ ଜୋ ରୁଟ୍

## ମିଲ୍‌ଖାଙ୍କ ସ୍ୱପ୍ନ ପୂରଣ ହେଲା

କିମ୍ବଦନ୍ତୀ ଆଥ୍‌ଲେଟ ମିଲ୍‌ଖା ସିଂଙ୍କ ସ୍ୱପ୍ନ ପୂରଣ କରିଛନ୍ତି ନୀରଜ। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକକୁ ସେ ମିଲ୍‌ଖାଙ୍କୁ ଉତ୍ସର୍ଗ କରିଛନ୍ତି। ମିଲଖା କୋଭିଡ୍-୧୯ କାରଣରୁ ଗତ ଜୁନ୍ ୧୮ ତାରିଖରେ ପରଲୋକ ଗମନ କରିଥିଲେ। ମିଲ୍‌ଖାଙ୍କ ପୁଅ ତଥା ଗଲ୍ଫର ଜୀଭ ମିଲ୍‌ଖା ସିଂ ମଧ୍ୟ ନୀରଜଙ୍କର ଏହି ସଫଳରେ ବେଶ୍ ଖୁସି ହୋଇଛନ୍ତି। ମିଲ୍‌ଖା ଷ୍ଟାଡିୟମରେ ଭାରତୀୟ ଜାତୀୟ ସଙ୍ଗୀତ ଶୁଣିବାକୁ ଚାହୁଁଥିଲେ। ତେବେ ସେ ଏବେ ଦୁନିଆରେ ନ ଥିଲେ ମଧ୍ୟ ତାଙ୍କର ସ୍ୱପ୍ନ ପୂରଣ ହୋଇଛି। ୧୯୬୦ ରୋମ ଅଲିମ୍ପିକ୍ସରେ ମିଲ୍‌ଖା ୪୦୦ ମିଟର ଦୌଡରେ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିବା ସହିତ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଆଥ୍‌ଲେଟିକ୍ସରେ ଭାରତୀୟ ଖେଳାଳିମାନେ ଅଲିମ୍ପିକ୍ସରେ ପଦକ ଜିତନ୍ତୁ ବୋଲି ସେ ଦେଖିବାକୁ ଚାହୁଁଥିଲେ। ଏବେ ସେ ସ୍ୱର୍ଗରେ ଥାଇ ଏହା ଦେଖୁଥିବେ ବୋଲି ନୀରଜ କହିଛନ୍ତି। ମିଲ୍‌ଖା ୧୯୫୬ ମେଲବୋର୍ନ ଅଲିମ୍ପିକ୍ସ, ୧୯୬୦ ରୋମ ଓ ୧୯୬୪ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ ମଧ୍ୟ ପଦକ ହାସଲ କରିପାରି ନ ଥିଲେ। ଏ ନେଇ ତାଙ୍କ ମନରେ ସବୁବେଳେ ଏକ ଅବସୋସ ରହିଥିଲା। ଏହି ସଫଳତା ମୋତେ ଅଭୁତପୂର୍ବ ଆନନ୍ଦ ଦେଇଛି ଓ ଏହା ଅବର୍ଣ୍ଣନୀୟ ବୋଲି ନୀରଜ କହିଛନ୍ତି।

ଏହି ସ୍ୱର୍ଣ୍ଣ ପଦକ ମିଲ୍‌ଖାଙ୍କୁ ଉତ୍ସର୍ଗ କରିବାକୁ ଚାହେଁ ବୋଲି ନୀରଜ ବିଜୟୀ ହେବା ପରେ କହିଛନ୍ତି। ଏହି ପଦକ ସହିତ ତାଙ୍କୁ ସାକ୍ଷାତ କରିବାକୁ ଚାହୁଁଥିଲି। ସ୍ୱର୍ଣ୍ଣ ଜିତିବା କଥା ଭାବୁ ନ ଥିଲି। କିନ୍ତୁ କିଛି ଅଲଗା କରି ଦେଖାଇବାକୁ ପଣ କରିଥିଲି। ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବି ବୋଲି ଜାଣିଥିଲି। ଅଲିମ୍ପିକ ରେକର୍ଡ ଭାଙ୍ଗିବାକୁ ଚାହୁଁଥିଲି। ବୋଧେ ଏଥିପାଇଁ ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହେଲି ବୋଲି ସେ କହିଛନ୍ତି। ଦୌଡ଼ ରାଣୀ ପି.ଟି. ଉଷା ଓ ଅଲିମ୍ପିକ୍ ପଦକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିବା ଆଥଲେଟଙ୍କୁ ମଧ୍ୟ ସେ ନିଜର ପଦକ ଉତ୍ସର୍ଗ କରିଛନ୍ତି। ଜାତୀୟ ସଙ୍ଗୀତ ଗାନ ସହିତ ତ୍ରିରଙ୍ଗା ଉପରକୁ ଉଠିବାର ଦୃଶ୍ୟ ମନ ମୋହିଥିଲା ଓ ଏହା କାନ୍ଦିବା ପାଇଁ ଯଥେଷ୍ଟ ଖୋରକ ଯୋଗାଇଥିଲା ବୋଲି ସେ କହିଛନ୍ତି।

ଏହି ଦୃଶ୍ୟ ଦେଖିବାକୁ ବାପା ବହୁ ବର୍ଷ ଅପେକ୍ଷା କରିଥିଲେ ବୋଲି ପୁଅ ଜୀଭ କହିଛନ୍ତି। ତାଙ୍କ ସ୍ୱପ୍ନ ଶେଷରେ ପୂରଣ ହୋଇଛି। ଟୁଇଟ କରିବାବେଳେ ଆମେ କାନ୍ଦିଛି। ବାପା ମଧ୍ୟ ସ୍ୱର୍ଗରେ ଥାଇ କାନ୍ଦୁଥିବେ। ତେବେ ଏଥିପାଇଁ ନୀରଜଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଜୀଭ ଉଲ୍ଲେଖ କରିଛନ୍ତି।

## ହରିୟାଣା ସରକାର ଦେବେ ୬କୋଟି

**ଚଣ୍ଡିଗଡ଼, ୭।୮ (ପି.ଟି.):** ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିବା ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କୁ ହରିୟାଣା ସରକାର ୬ କୋଟି ଟଙ୍କା ଆର୍ଥିକ ପୁରସ୍କାର ବ୍ୟତୀତ ପଞ୍ଚକୁଲାସ୍ଥିତ ସେଣ୍ଟର ଫର ଏକ୍ସେଲେନ୍ସ ଇନ୍ ଆଥଲେଟିକ୍ସର ମୁଖ୍ୟ ଭାବେ ନିଯୁକ୍ତି ଦେବାକୁ ସ୍ଥିର କରିଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀ ଏମ୍.ଏଲ୍ ଖଟାର ଶନିବାର ଏହି ସୂଚନା ଦେଇଛନ୍ତି। ନୀରଜଙ୍କ ଘର ହେଉଛି ପାନପତ ଜିଲାର ଖାନ୍ଦ୍ରା ଗ୍ରାମରେ। ଅଲିମ୍ପିକ୍ସରେ ସେ ଦେଶ ପାଇଁ ୭ମ ଏବଂ ପ୍ରଥମ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏହି ସଫଳତାର କିଛି ସମୟ ପୂର୍ବରୁ ସୋନିପତ ରେସ୍‌ଲର ବଜରଙ୍ଗ ପୁନିଆ ଏକ ବ୍ରୋଞ୍ଜ ଜିତିଥିଲେ। ପୂର୍ବରୁ ରେସ୍‌ଲର ରବି ଦହିୟା ଅଲିମ୍ପିକ ରୌପ୍ୟ ପଦକ ଜିତି ଦେଶ ଓ ହରିୟାଣାକୁ ଗୌରବାନ୍ୱିତ କରିଥିଲେ।

## ବିସିସିଆଇ ଦେବ ୧ କୋଟି

**ନୂଆଦିଲ୍ଲୀ, ୭।୮ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଶନିବାର ଭାରତର ଅଲିମ୍ପିକ ପଦକ ବିଜେତାଙ୍କ ଲାଗି ଆର୍ଥିକ ପୁରସ୍କାର ଘୋଷଣା କରାଯାଇଛି। ଭାରତର ପ୍ରଥମ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ ଭାବେ ସ୍ୱର୍ଣ୍ଣ ଜିତିଥିବା ନୀରଜ ଚୋପ୍ରାଙ୍କୁ ୧କୋଟି ଟଙ୍କା ପ୍ରଦାନ କରାଯିବ। ବିସିସିଆଇ ସମ୍ପାଦକ ଜୟ ଶାହା ଏକ ଟୁଇଟ୍‌ରେ ସୂଚନା ଦେଇଛନ୍ତି। ରୌପ୍ୟ ପଦକ ଲାଭ କରିଥିବା ମୀରାବାଈ ଚାନୁ ଓ ରବି ଦହିୟା ୫୦ ଲକ୍ଷ ଟଙ୍କା ଲେଖାଏଁ ପାଇବେ। ବ୍ରୋଞ୍ଜ ବିଜୟୀ ରେସ୍‌ଲର ବଜରଙ୍ଗ ପୁନିଆ, ବକ୍ସର ଲଭଲିନା ବର୍ଗୋହେନ୍ ଏବଂ ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ପ୍ରମୁଖ ୨୫ ଲକ୍ଷ ଟଙ୍କା ଲେଖାଏଁ ପାଇବେ। ୪୧ ବର୍ଷ ପରେ ପ୍ରଥମ ଅଲିମ୍ପିକ ପଦକ ହାସଲ କରିଥିବା ପୁରୁଷ ହକି ଦଳକୁ ୧.୨୫ କୋଟି ଟଙ୍କା ଦିଆଯିବ।

## ଅଭିନନ୍ଦନ, ପ୍ରଶଂସାର ସୁଅ

**ଟୋକିଓ,୭।୮:** ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ନୀରଜ ଚୋପ୍ରା ଭାରତୀୟ ଆଥ୍‌ଲେଟିକ୍ସର ପୋଷ୍ଟର ବଏ ବନିଯାଇଛନ୍ତି। ତାଙ୍କୁ ଏବେ ସବୁଆଡୁ ପ୍ରଶଂସା ଓ ଅଭିନନ୍ଦନର ସୁଅ ଛୁଟିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କୁ ଏହି ଅସାଧାରଣ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

ନୀରଜଙ୍କ ପିତା ସତୀଶ ଚୋପ୍ରା ଜଣେ କୃଷକ ଓ ମା' ସରୋଜ ଦେବୀ ଜଣେ ଗୃହିଣୀ। ନୀରଜ ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ସପ୍ତମ ପଦକ ହାସଲ କରିଛନ୍ତି। ନୀରଜଙ୍କ ସଫଳତା ଅଭୂତପୂର୍ବ ଓ ଅବର୍ଣ୍ଣନୀୟ ବୋଲି ରାଷ୍ଟ୍ରପତି କହିଛନ୍ତି। ସେ ଦୀର୍ଘ ୧୨୧ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ଇତିହାସ ସୃଷ୍ଟି କରିଛନ୍ତି। ସେ ଭାରତ ପାଇଁ ଟ୍ରାକ୍ ଆଣ୍ଡ ଫିଲ୍ଡରେ ପ୍ରଥମ ଅଲିମ୍ପିକ୍ସ ପଦକ ହାସଲ କରିଛନ୍ତି। ଯୁବ ପିଢିଙ୍କୁ ତାଙ୍କର ଏହି ସଫଳତା ପ୍ରେରଣା ଯୋଗାଇବ। ଭାରତ ଏବେ ନୀରଜଙ୍କ ପାଇଁ ଉତ୍ସବମୁଖର। ତାଙ୍କୁ ଏହି ଅବସରରେ ହୃଦୟରୁ ଅଭିନନ୍ଦନ ଜଣାଉଛି ବୋଲି ରାଷ୍ଟ୍ରପତି କହିଛନ୍ତି।

ନୀରଜଙ୍କ ପ୍ରଦର୍ଶନ ଯୁଗଯୁଗ ଧରି ସମସ୍ତଙ୍କର ମନେରହିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି। ଯୁବ ନୀରଜ ଅସାଧାରଣ ତଥା ଅକଳ୍ପନୀୟ ପ୍ରଦର୍ଶନ କରିଛନ୍ତି। ତାଙ୍କ ଧୈର୍ଯ୍ୟ ଅଦ୍ୱିତୀୟ ଥିଲା। ଏକଦମ ଉତ୍ସାହର ସହ ସେ ଜାଭେଲିନ ଥ୍ରୋ କରିଥିଲେ। ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିବାରୁ ତାଙ୍କୁ ବହୁତ ବହୁତ ଅଭିନନ୍ଦନ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରି ଜଣାଇଛନ୍ତି।

ନୀରଜ ଅଲିମ୍ପିକ୍ସରେ ଇତିହାସ ସୃଷ୍ଟି କରିଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ଠାକୁର କହିଛନ୍ତି। ସେ କୋଟି କୋଟି ଭାରତୀୟ ମୁହଁରେ ହସ ଖେଳାଇଛନ୍ତି। ଇତିହାସ ବହିରେ ନୀରଜଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲେଖାଯିବ। ଏହି ଉଲ୍ଲେଖନୀୟ ସଫଳତା ପାଇଁ ତାଙ୍କୁ ବହୁତ ବହୁତ ଅଭିନନ୍ଦନ ବୋଲି ଠାକୁର ଟୁଇଟ୍ କରି ଉଲ୍ଲେଖ କରିଛନ୍ତି।

ପୂର୍ବତନ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଭିନ୍ନ ଢଙ୍ଗରେ ତାଙ୍କୁ ଅଭିନନ୍ଦ ଜଣାଇଛନ୍ତି। ନୀରଜ କିମ୍ବଦନ୍ତୀ ଆଥ୍‌ଲେଟ ସ୍ୱର୍ଗତ ମିଲ୍‌ଖା ସିଂଙ୍କ ସ୍ୱପ୍ନ ପୂରଣ କରିଛନ୍ତି। ବଞ୍ଚିଥିବା ବେଳେ ମିଲଖା ଚାହୁଁଥିଲେ ଜଣେ ଭାରତୀୟ ଆଥ୍‌ଲେଟିକ୍ସ ତଥା ଟ୍ରାକ୍ ଆଣ୍ଡ ଫିଲ୍ଡରେ ଅଲିମ୍ପିକ୍ସ ପଦକ ହାସଲ କରୁ। କିନ୍ତୁ ତାଙ୍କର ମୃତ୍ୟୁ ପରେ ନୀରଜ ଏହାକୁ ସମ୍ଭବ କଲେ ବୋଲି ରିଜିଜୁ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି।

ଏଥିସହ ନୀରଜ ଶୁଟର ଅଭିନବ ବିନ୍ଦ୍ରାଙ୍କ ସମକକ୍ଷ ହୋଇଛନ୍ତି। ବିନ୍ଦ୍ରା ୨୦୦୮ ବେଜିଂ ଅଲିମ୍ପିକ୍ସରେ ଶୁଟିଂରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ବିନ୍ଦ୍ରା ମଧ୍ୟ ତାଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି। ନୀରଜ ଦେଶବାସୀଙ୍କ ସ୍ୱପ୍ନ ପୂରଣ କରିଛନ୍ତି। ତାଙ୍କ ପ୍ରଦର୍ଶନରେ ବହୁତ ଆନନ୍ଦିତ। ଏହି ପଦକ ସହ ଭାରତ ୨୦୧୨ ଲଣ୍ଡନ ଅଲିମ୍ପିକ୍ସର ସଫଳତାକୁ ପଛରେ ପକାଇଛି ବୋଲି ବିନ୍ଦ୍ରା ଟୁଇଟ କରିଛନ୍ତି।

ରୌପ୍ୟ ଜିତି ଭାରତ ପାଇଁ ଅଲିମ୍ପିକ୍ସରେ ଖାତା ଖୋଲିଥିବା ଭରୋତ୍ତୋଳିକା ମୀରାବାଈ ଚାନୁ ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅଲିମ୍ପିକ୍ସରେ ନୀରଜ ଆଥଲେଟିକ୍ସରେ ସ୍ୱର୍ଣ୍ଣ ତଥା ପ୍ରଥମ ପଦକ ଜିତି ଭାରତ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ଏହା ଦେଶ ପାଇଁ ଗୌରବର ମୁହୂର୍ତ୍ତ ବୋଲି ଚାନୁ ଅଭିନନ୍ଦ ନଜଣାଇ କହିଛନ୍ତି।

କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ସମେତ ଅନ୍ୟ କ୍ରିକେଟରମାନେ ନୀରଜଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତ ଆଜି ଆହୁରି ଉଜ୍ଜ୍ୱଳମୟ ହୋଇଛି। ନୀରଜଙ୍କ ଜାଭେଲିନ ତ୍ରିରଙ୍ଗାକୁ ଆହୁରି ଉଚ୍ଚରେ ପହଞ୍ଚାଇଛି। ପ୍ରତ୍ୟେକ ଭାରତୀୟ ତାଙ୍କର ସଫଳତାରେ ଗର୍ବିତ। ଭାରତୀୟ କ୍ରୀଡ଼ା ପାଇଁ ଏହା ଏକ ଶୁଭ ସୂଚନା ବୋଲି ସଚିନ ଟୁଇଟ କରି ଉଲ୍ଲେଖ କରିଛନ୍ତି। ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ସୁରେଶ ରାଇନା ମଧ୍ୟ ଟୁଇଟ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କୁ ହୃଦୟରୁ ଅଭିନନ୍ଦନ। ତୁମର ଅସାଧାରଣ ପ୍ରଦର୍ଶନରେ ମୁଁ ଓ ସାରା ଦେଶ ଗର୍ବିତ ବୋଲି ସେ ଟୁଇଟ କରି ଉଲ୍ଲେଖ କରିଛନ୍ତି।

## ନୀରଜଙ୍କୁ ଇଣ୍ଡିଗୋ ବିମାନରେ ବର୍ଷକ ପାଇଁ ମାଗଣା

**ନୂଆଦିଲ୍ଲୀ, ୭।୮ (ପି.ଟି.):** ଅଲିମ୍ପିକ୍ସ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ଜିତିବା ପରେ ନୀରଜ ଚୋପ୍ରାଙ୍କୁ ପୁରସ୍କାର ପରେ ପୁରସ୍କାର ମିଳିବାରେ ଲାଗିଛି। ନୀରଜଙ୍କୁ ବର୍ଷକ ପାଇଁ ମାଗଣାରେ ବିମାନ ଯାତ୍ରା ସୁବିଧା ଯୋଗାଇ ଦେବା ଲାଗି ଇଣ୍ଡିଗୋ ପକ୍ଷରୁ ଘୋଷଣା କରାଯାଇଛି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋନୋଜୟ ଦତ୍ତ କହିଛନ୍ତି, ନୀରଜଙ୍କ ଉଲ୍ଲେଖନୀୟ ସଫଳତାକୁ ନେଇ ଆମେ ଉଲ୍ଲସିତ। ସେ ଦେଶକୁ ଗର୍ବିତ କରିଛନ୍ତି। ଇଣ୍ଡିଗୋ କର୍ମଚାରୀମାନେ ବର୍ଷକ ପାଇଁ ମାଗଣାରେ ବିମାନ ସେବା ଯୋଗାଇ ଦେଇ ଏହି ଷ୍ଟାର ଜାଭେଲିନ୍ ଥ୍ରୋୟରଙ୍କୁ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଛନ୍ତି।







# କାର୍ଲ ଲୁଇସଙ୍କୁ ଅତିକ୍ରମ କଲେ ଫେଲିକ୍ସ

**ଟୋକିଓ, ୭।୮**

ଶନିବାର ମହିଳା ୪x୪୦୦ ମିଟର ରିଲେ ଜିତିବା ପରେ ଜଣେ ଆମେରିକୀୟ ଆଥ୍‌ଲେଟ ଭାବେ ଆଲିସନ ଫେଲିକ୍ସ ଟ୍ରାକ୍ ଆଣ୍ଡ ଫିଲ୍ଡରେ ଅଲିମ୍ପିକ୍ସରେ ସବୁଠାରୁ ଅଧିକ ପଦକ ଜିତିବାରେ କାର୍ଲ ଲୁଇସ୍‌ଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ୩୫ ବର୍ଷୀୟା ଧାବିକା ଶୁକ୍ରବାର ୪୦୦ ମିଟରରେ ଏକ ବ୍ରୋଞ୍ଜ ପଦକ ଜିତି ଅଲିମ୍ପିକ୍ ଟ୍ରାକ୍‌ରେ ସବୁଠାରୁ ଅଧିକ ପଦକ ଜିତିଥିବା ମହିଳା ଆଥ୍‌ଲେଟ ହେବାର ଗୌରବ ଅର୍ଜନ କରିଥିଲେ। ରିଲେ ସ୍ୱର୍ଣ୍ଣ ଜିତିବା ଦ୍ୱାରା ତାଙ୍କ ପଦକ ସଂଖ୍ୟା ୧୧ରେ ପହଞ୍ଚିଯାଇଛି। ଏହାଦ୍ୱାରା ସେ ଲୁଇସ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ପୁରୁଷ ହେଉ ଅବା ମହିଳା ଉଭୟ ବର୍ଗରେ ଟ୍ରାକ୍‌ରେ ବିଶ୍ୱରେ ସବୁଠାରୁ ଅଧିକ ପଦକ ଜିତି ରେକର୍ଡ କରିଥିବା ଫିନ୍‌ଲାଣ୍ଡର ପାଭୋ ନୁର୍ମି (୧୯୨୦)ଙ୍କଠାରୁ ସେ ଆଉ ଗୋଟି ପଦକ ପଛରେ ରହିଛନ୍ତି। ନୁର୍ମି ତାଙ୍କ କ୍ୟାରିୟରରେ ମୋଟ ୧୨ଟି ଅଲିମ୍ପିକ ପଦକ ଜିତିଛନ୍ତି। ଫେଲିକ୍ସଙ୍କର ଏହା ହେଉଛି ୫ମ ଓ ଶେଷ ଅଲିମ୍ପିକ୍ସ। ଯୁକ୍ତରାଷ୍ଟ୍ର ଆମେରିକାର ୪x୪୦୦ ମିଟର ରିଲେ ଦଳ ବେଶ୍ ଶକ୍ତିଶାଳୀ ଥିଲା। ଏହି ଦଳରେ ଫେଲିକ୍ସଙ୍କ ବ୍ୟତୀତ ଅଲିମ୍ପିକ ୪୦୦ ମିଟର ହର୍ଡଲ୍ସ ଚାମ୍ପିୟନ ସିଡ୍‌ନୀ ମ୍ୟାକ୍‌ଲାଫିନ୍, ୪୦୦ ମିଟର ହର୍ଡଲ୍ସ ରୌପ୍ୟ ପଦକ ବିଜୟିନୀ ଦାଲିଲା ମହମ୍ମଦ ଓ ୮୦୦ ମିଟର ସ୍ୱର୍ଣ୍ଣ ବିଜେତା ଆଥିଙ୍ଗ୍ ମୁ' ସାମିଲ ଥିଲେ। ଏହି ଦଳ ୩ ମିନିଟ ଓ ୧୬.୮୫ ସେକେଣ୍ଡ ଟାଇମିଂରେ ରେସ୍ ଜିତିଥିଲା। ପୋଲାଣ୍ଡ ରୌପ୍ୟ ଓ ଜାମାଇକା ବ୍ରୋଞ୍ଜ ପାଇଥିଲା।



ଆଲିସନ ଫେଲିକ୍ସ



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୮ ଅଗଷ୍ଟ, ୨୦୨୧

## ଘାଟିରେ ଓଲଟିଲା ବହି ବୋଝେଇ ଟ୍ରକ୍

ପାରଳାଖେମୁଣ୍ଡି,(ଡି.ଏନ୍.ଏ.):ଗଜପତି ଜିଲା ମାର୍ଲବା ଘାଟିରେ ଶନିବାର ପୁଣି ଏକ ବହି ବୋଝେଇ ଟ୍ରକ ଓଲଟି ପଡ଼ିଛି। ଏଥିରେ କେହି ମୃତାହତ ହୋଇନଥିବା ବେଳେ ଟ୍ରକ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ରାୟଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ୩୨୬ ନଂ. ଜାତୀୟ ରାଜପଥରେ ଭୁବନେଶ୍ୱରରୁ ପାରଳାଖେମୁଣ୍ଡି ଅଭିମୁଖେ ବହି ବୋଝେଇ କରି ଆସୁଥିବା ବେଳେ ଟ୍ରକ୍‌ଟି (ଓଡି-୦୨ଏଏସ୍‌୨୯୧୯) ମାର୍ଲବା ଘାଟିରେ ଓଲଟି ପଡ଼ିଥିଲା। ପ୍ରକାଶ ଥାଉକି, ଏହି ଘାଟିରେ ବାରମ୍ବାର ଦୁର୍ଘଟଣା ହେବା ସହ ଅନେକ ଲୋକ ଧନ ଜୀବନ ହରାଉଥିବାରୁ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



## ସଂକ୍ଷେପରେ

### ନାଗ ଉଦ୍ଧାର

ଗଞ୍ଜାମ,୭।୮(ଡି.ଏନ.ଏ.):ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ କାର୍ଯ୍ୟାଳୟରୁ ଶନିବାର ଏକ ନାଗ ଉଦ୍ଧାର କରାଯାଇଛି। ସାପଟି ଉକ୍ତ କାର୍ଯ୍ୟାଳୟ ପଶି ଯାଇଥିଲା। ଖବର ପାଇ ଗଞ୍ଜାମ ସ୍ନେକ ହେଲ୍ପ ଲାଇନ ସଦସ୍ୟଡମ୍ବୁରୁ ବେହେରା, ତରୁ ବେହେରା, ଦେବରାଜ ବେହେରା, କେ.ତପନ ରାଓ, ଡମ୍ବୁରୁ ଧର ବେହେରା ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ।

### ବଢ଼ୁଛି ବେପରୁଆ ବାଇକ୍ ଚାଳନା

ଜି.ଉଦୟଗିରି,୭।୮(ଡି.ଏନ.ଏ.): ଜି.ଉଦୟଗିରି ସହରରେ ଦିନକୁ ଦିନ ବଢ଼ିବାରେ ଲାଗିଛି ବେପରୁଆ ହାଇସ୍ପିଡ ବାଇକ ଚାଳନା। ବିଭିନ୍ନ ପ୍ରକାର ରେସିଂ ବାଇକ ଗୋଟିଏ ପରେ ଗୋଟିଏ ପ୍ରତିଯୋଗିତାରେ ଅତିକ୍ରମ କଲା ଭଳି ସହର ଅତିକ୍ରମ କରିଥାନ୍ତି। ଏଥିରେ ସାଧାରଣ ଜନତା ଭୟଭୀତ ହୋଇଥିବା ବେଳେ ବରିଷ୍ଠ ନାଗରିକମାନେ ସାନ୍ଧ୍ୟ ଭ୍ରମଣରେ ଯିବାକୁ ଭୟ କଲେଣି। ବେପରୁଆ ସହିତ ମଦୁଆ ବାଇକ ଚାଳନା କାରଣରୁ ବହୁ ଦୁର୍ଘଟଣା ଘଟୁଛି। ଅତୀତରେ ଜଣେ ବରିଷ୍ଠ ନାଗରିକ ଭ୍ରମଣ ଯିବାବେଳେ ମଦୁଆ ବାଇକ ଚାଳନା କାରଣରୁ ଜୀବନ ହାରିବାକୁ ପଡିଥିଲା। ତେଣୁ ପ୍ରତି ଟ୍ରାଫିକ ପୋଷ୍ଟରେ କଡା ଚେକିଂ ବ୍ୟବସ୍ଥା ସହିତ ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବରିଷ୍ଠ ନାଗରିକ ମଞ୍ଚ ଆବାହକ ଉଦେସନ ପ୍ରଧାନଙ୍କ ସହିତ ବରିଷ୍ଠ ନାଗରିକ ବିନୋଦ ବିହାରି ଦାଶ।

### ଜୁନରୁ ମିଳିନି ଶ୍ରମିକଙ୍କ ମଜୁରି

ଶେରଗଡ଼,୭।୮(ଡି.ଏନ.ଏ.):ଶେରଗଡ଼ ବ୍ଲକର ୨୨ ପଞ୍ଚାୟତରେ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାମ ଜୋର୍ ସୋରରେ ଚାଲିଛି। ଏଥିରେ ଶତାଧିକ ଶ୍ରମିକ କାମ କରୁଥିବା ବେଳେ ଜୁନ୍ ମାସରୁ ସେମାନଙ୍କୁ ମଜୁରୀ ମିଳିନଥିବା ଅଭିଯୋଗ କରିଛନ୍ତି। ଏପରି ୨୨ ପଞ୍ଚାୟତର ଶହଶହ ପ୍ରକଳ୍ପ କାମ ସରି ପଇସା ପାଇଁ ଜଗିଥିବା ଶ୍ରମିକମାନେ ସରପଞ୍ଚ ଓ ଗ୍ରାମସେବକ, ଗ୍ରାମରୋଜଗାର ସେବକ ମାନଙ୍କ ପାଖକୁ ଧାଇଁ ଧାଇଁ ନୟାନ୍ତ ହେଲେଣି। ଏଣୁ ରାଜ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସେଲ ଏ ଦିଗରେ ହସ୍ତକ୍ଷେପ କରି ଶୀଘ୍ର ଶ୍ରମିକମାନଙ୍କ ମଜୁରୀ ଦେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହକାରୀ ଅଧିକାରୀ ବିଷ୍ଣୁ ପ୍ରସାଦ ପଣ୍ଡା କହନ୍ତି, ଶ୍ରମିକ ମାନଙ୍କ ମଜୁରୀ ଟଙ୍କା ମଝିରେ କିଛି ଆସିଥିଲା, ଯାହା ଆଗରୁ ପ୍ରକଳ୍ପ କାମ କରିଥିବା ଶ୍ରମିକମାନଙ୍କୁ ଦିଆଯାଇଛି। ପୁଣି ପଇସା ଆସିଲେ ଶ୍ରମିକମାନଙ୍କ ଆକାଉଣ୍ଟକୁ ପଠାଯିବ ବୋଲି କହିଛନ୍ତି।

### ବିଭିନ୍ନ ଦାବି ନେଇ ବିଡିଓଙ୍କୁ ସ୍ମାରକପତ୍ର

ବେଗୁନିଆପଡା,୭।୮(ଡି.ଏନ.ଏ.): ବେଗୁନିଆପଡ଼ା ବ୍ଲକ ସିପିଆଇର ବିଭିନ୍ନ ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ଖରିଫ ଫସଲ ପାଇଁ ଚାଷୀଙ୍କୁ ତୁରନ୍ତ ସାର ଯୋଗାଣ, ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ହ୍ରାସ କରିବା, କେନ୍ଦ୍ର ସରକାରଙ୍କ ତିନି କଳା ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବା, ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ, ସିବିଆଇକୁ ନିଜ ଦଳୀୟ କାର୍ଯ୍ୟରେ ବ୍ୟବହାର କରିବା ଆଦି ବିଭିନ୍ନ ଦାବି ସମ୍ବଳିତ ପତ୍ର ବିଡିଓ ବେଦବର ପ୍ରଧାନଙ୍କୁ ପ୍ରଦାନ କରିଥିଲେ। ଏଥିରେ ସିପିଆଇର ବରିଷ୍ଠ ନେତା ରଙ୍ଗନାଥ ସ୍ୱାଇଁ, ବେଗୁନିଆପଡା ବ୍ଲକ ସଭାପତି ସତ୍ୟବାଦୀ ସ୍ୱାଇଁ, ସମ୍ପାଦକ ସୀମାଞ୍ଚଳ ବେହେରା, ଜୟକୃଷ୍ଣ ନାହାକ, ଭାଗବତ ଗୌଡ଼, ନାରାୟଣ ସେଠୀ, କାଶୀନାଥ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ବଦଳୁଛି ତାରାତାରିଣୀ ମନ୍ଦିର ରୂପରେଖ

**ପୁରୁଷୋତ୍ତମପୁର, ୭।୮(ଡି.ଏନ.ଏ.)**



ନିର୍ମା ଚାଲିଥିବା ମନ୍ଦିର କାର୍ଯ୍ୟ।

- ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ନିର୍ମାଣ କାର୍ଯ୍ୟ
- ଥଇଥାନ ନ କରି ମାର୍କେଟ କମ୍ପ୍ଲେସ ଭାଙ୍ଗିବାକୁ ନେଇ ଅସନ୍ତୋଷ

ଗଞ୍ଜାମ ଜିଲାର ପର୍ଯ୍ୟଟନ ସ୍ଥଳୀ ମା' ତାରା ତାରିଣୀଙ୍କ ମନ୍ଦିରର ରୂପରେଖ ସମ୍ପୂର୍ଣ୍ଣ ରୂପେ ବଦଳିବାକୁ ଯାଉଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ନିର୍ମାଣ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି। ଏଥିନେଇ ପ୍ରାୟ ଶହେ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହେବାର ଆକଳନ କରାଯାଇଛି। ଏହାକୁ ତଦାରଖ କରିବା ଲାଗି ପୂର୍ତ୍ତବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀ ସୁରେଶ କୁମାର ମିଶ୍ରଙ୍କୁ ସ୍ୱତନ୍ତ୍ର ଭାବେ ନିଯୁକ୍ତି ଦିଆଯାଇଛି। ଭକ୍ତ ଓ ପର୍ଯ୍ୟଟକମାନେ ମା' ତାରିଣୀଙ୍କ ବିଷୟରେ ସମ୍ପୂର୍ଣ୍ଣ ରୂପେ ଜାଣିବା ଲାଗି କିମ୍ବଦନ୍ତୀ ପୂର୍ଣ୍ଣ ସମସ୍ତ ତଥ୍ୟ ଓ ସାମଗ୍ରୀ ରଖିବା ଲାଗି ଇଣ୍ଟର ପ୍ରିଟିସନ ଗୃହ, ଜଙ୍ଗଲ ପୂର୍ଣ୍ଣ ପାହାଡ ଶିଖରରେ ଯୋଗ କରିବା ଲାଗି ମଣ୍ଡପ, ଭ୍ୟୁ ପଏଣ୍ଟ, ଯଜ୍ଞ ମଣ୍ଡପ, ଭୋଗ ମଣ୍ଡପ, ହେରିଟେଜ ଗେଟ୍, ସିଂହଦ୍ୱାରର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ ଆଦି ବିଭିନ୍ନ ପ୍ରକାରର କାର୍ଯ୍ୟ କରାଯାଉଛି। ପାହାଡ ଉପରେ ମନ୍ଦିରର ସମ୍ପ୍ରସାରଣ କରି ଦକ୍ଷିଣ ଦିଗରୁ ଆଠ ହଜାର ସ୍କୋୟାର ଫୁଟ ଓ ଉତ୍ତର ଦିଗରୁ ୩୦ ହଜାର ସ୍କୋୟାର ଫୁଟ ଚଉଡା କରିବା ଲାଗି ପଦକ୍ଷେପ ନିଆଯାଇଛି। ଏଥିଲାଗି ମନ୍ଦିର ନିକଟରେ ୨୦୧୭ରେ ନିର୍ମାଣ କରାଯାଇଥିବା ୪୪ ଗୃହ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗି ଦିଆଯାଉଛି। ଏହି ମାର୍କେଟ କମ୍ପ୍ଲେକ୍ସ ବାବଦରେ ଅଗ୍ରିମ ଦଶ ହଜାର ଟଙ୍କା ମନ୍ଦିର ପ୍ରଶାସନଠାରେ ଜମା ଦେଇ ମାସିକ ଦୁଇ ଶହ ଟଙ୍କା ଭଡାଦେଇ ସେବାୟତ ପରିବାର ପୂଜା ସାମଗ୍ରୀ ବିକ୍ରି କରି ପ୍ରତିପୋଷଣ ହେଉଥିଲେ। ମାତ୍ର ସେବାୟତ ପରିବାରଙ୍କ ପେଟପଟଣା ପ୍ରତି ପ୍ରଶାସନ କୌଣସି ପ୍ରକାର ସହାୟତା ନ ଦେଇ କି, ଥଇଥାନ ନ କରି ମାର୍କେଟ କମ୍ପ୍ଲେସ ଭାଙ୍ଗିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ କେହି ମଧ ଗୁହାରି ଶୁଣି ନ ଥିବା ସେବାୟତ ସଂଘ ସଭାପତି ତପନ କୁମାର ରଣା କ୍ଷୋଭର ସହକାରେ କହିବା ସହ ମନ୍ଦିରର ବିକାଶ ହେବା ନେଇ ସମସ୍ତେ ପ୍ରଶାସନକୁ ସହଯୋଗ କରୁଛୁ, ପ୍ରଶାସନ ପୁଣି ନୂତନ ମାର୍କେଟ କମ୍ପ୍ଲେସ ପାହାଡ ପାଦଦେଶରେ ନିର୍ମାଣ କରି ଦେବାକୁ କହିଛନ୍ତି। ଅପରପକ୍ଷରେ ପାହାଡ଼ ପାଦଦେଶରେ ସିଂହଦ୍ୱାର ନିକଟରେ ୭ ଦୋକାନ ଗୃହ ବିଶିଷ୍ଟ ମାର୍କେଟ କମ୍ପ୍ଲେସ ରହିଥିଲା। ପ୍ରଶାସନ ଗତ ୫ବର୍ଷ ତଳେ ଅନ୍ୟ ସ୍ଥାନରେ ଘରତିଆରି କରିଦେବାର କହି ଭାଙ୍ଗି ଦେଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ତିଆରି ହେଲାନାହିଁ। ଫଳରେ ସେହି ବ୍ୟବସାୟୀମାନେ ଜୀବିକା ହରାଇ ହନ୍ତସନ୍ତ ହେଉଛନ୍ତି। ମନ୍ଦିର ନିର୍ମାଣ କାର୍ଯ୍ୟରେ ନିୟୋଜିତ ସହକାରୀ ଯନ୍ତ୍ରୀ ସୁରେଶ କୁମାର ମିଶ୍ର କହିଛନ୍ତି ଯେ, ପାହାଡ ପାଦଦେଶରେ ଥିବା କଲ୍ୟାଣ ମଣ୍ଡପ ନିକଟରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ମାର୍କେଟ କମ୍ପ୍ଲେସ ନିର୍ମାଣ କରି ଯୋଗାଇ ଦିଆଯିବ। ଏଥିଲାଗି ସମସ୍ତ ପ୍ରକ୍ରିୟା ସରିଛି। ଶୀଘ୍ର କାର୍ଯ୍ୟ ଟେଣ୍ଡର ହୋଇ କରାଯିବ ବୋଲି କହିଛନ୍ତି।

## ଗୁଣି ସନ୍ଦେହରେ ଭଙ୍ଗାରୁଜା ଘଟଣା, ୯ ଗିରଫ

**ପାରଳାଖେମୁଣ୍ଡି ,୭।୮(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ସହରର ୱାର୍ଡ ନମ୍ବର ୧ରେ ଗୁଣି ସନ୍ଦେହକୁ ନେଇ ଗତ ୨ରେ ହିଂସାକାଣ୍ଡ ଘଟିଥିଲା। ଏହି ଘଟଣାରେ ଶନିବାର ୯ ଜଣଙ୍କୁ ଗିରଫ କରାଯାଇଥିବା ପାରଳାଖେମୁଣ୍ଡି ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସେମାନେ ହେଲେ ବିନୋଦ ଶ୍ରୀରାମ, ଜଗନ୍ନାଥ ନାଗବଂଶ, ସୁରେଶ ନାଗବଂଶ, ଜୟ ଶ୍ରୀରାମ, ଲକ୍ଷ୍ମଣ କରଡା, ସନ୍ତୋଷ ମଣ୍ଡଳ, ଭାସ୍କର ବୋମାଲି, ତ୍ରିଲୋଚନ ମାଳି ଓ ମୋହନ ବଡ। ଏହି ଅଞ୍ଚଳରେ ଜଣେ ସ୍ତ୍ରୀ ଲୋକ ଗୁଣି କରି ଲୋକମାନଙ୍କୁ ହଇରାଣ କରିବା ସହ କେତେଜଣଙ୍କ ମୃତ୍ୟୁର କାରଣ ସାଜିଥିବା ଅଭିଯୋଗ କରି ସ୍ଥାନୀୟ ଲୋକ ସମ୍ପୃକ୍ତ ମହିଳାଙ୍କ ଘରେ ପଶି ଭଙ୍ଗାରୁଜା କରିଥିଲେ। ଏହି ନେଇ ପାରଳାଖେମୁଣ୍ଡି ଥାନାରେ ନଂ. ୧୪୭/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

# ପ୍ରତିଶ୍ରୁତି ପରେ ବି ବିସ୍ଥାପିତ ଗାଁର ବିକାଶ ନାହିଁ

**ଖଜୁରିପଡ଼ା/ବଲସକୁମ୍ପା, ୭।୮(ଡି.ଏନ.ଏ.)**



ବିପର୍ଯ୍ୟସ୍ତ ରାସ୍ତା।

ଖଜୁରିପଡ଼ା ବ୍ଲକ ସିଦୀଙ୍ଗି ଓ ବୁରୁପଦା ଗାଁ ନିକଟରେ ରବି ଓ ଖରିଫ ଚାଷ ଉପଯୋଗୀ ଜଳ ଭଣ୍ଡାର ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ଯୋଜନା ଆରମ୍ଭ କରିଥିଲେ। ଜଳ ଭଣ୍ଡାର ନିର୍ମାଣ ହେବା ପାଇଁ ଚିହ୍ନଟ ହୋଇଥିବା ସ୍ଥାନ ଗୁଡ଼ିକ ପଟ୍ଟା ଜମି ହୋଇଥିବାରୁ ସେହି ସମୟରେ ବହୁ ବିବାଦ ଲାଗିଥିଲା। ସରକାର ବୁଝାଶୁଝା କରି ପ୍ରକଳ୍ପ ହେବା ସ୍ଥାନରେ ବସବାସ କରୁଥିବା ଲୋକଙ୍କୁ ବିସ୍ଥାପିତ କରି ସେମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ୧୯୭୪ – ୧୯୭୫ରେ ଖଜୁରିପଡ଼ା ବ୍ଲକର ଦୂତିପଡା, ବଲସକୁମ୍ପା, ଦୂତିମେଣ୍ଡି, ନୂଆଁଗାଁ ପଞ୍ଚାୟତର ଜାଗାରେ ରବି, ଖରିଫ ଚାଷ ଉପଯୋଗୀ ଏକ ଜଳ ଭଣ୍ଡାର ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇ ପିଲାଶାଲୁଙ୍କି ଜଳ ଭଣ୍ଡାର ନିର୍ମାଣ କାର୍ଯ୍ୟ ସେତେବେଳର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଶୁଭାରମ୍ଭ କରିଥିଲେ। କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଛନ୍ଦୁରୂପଦର, ରାଙ୍ଗାକୁମ୍ପା, ରଣପଗୁଲି, ଗଞ୍ଜୁପଦର, ଆଦି ଗାଁର ଲୋକଙ୍କ ଜମି ଅଧିଗ୍ରହଣ କରାଯାଇଥିଲା ଏବଂ ସେହି ବିସ୍ଥାପିତ ପରିବାରଙ୍କୁ ନେଇ ବଲସକୁମ୍ପା ଗାଁ ନିକଟସ୍ଥ ସୁନ୍ଦରଗଡ଼, କଣ୍ଡିଆନାଳ, ଭଞ୍ଜାରମୁଣ୍ଡା ଗାଁରେ ସରକାର ଜମି ଦେଇ ଥଇଥାନ କଲେ ଏବଂ ବୁରୁପଦା ଠାରେ ଥିବା ଜବାହରଲାଲ ନବୋଦୟ କେନ୍ଦ୍ରକୁ ସ୍ଥାନାନ୍ତର କରି ଫୁଲବାଣୀ ବ୍ଲକର ଡୁଡ଼ିପାଜୁଠାରେ ସ୍ଥାପନ କଲେ। ୧୯୮୫ରେ ଜଳ ଭଣ୍ଡାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଜଳଭଣ୍ଡାର ନିର୍ମାଣକୁ ଦୀର୍ଘ ୪୭ ବର୍ଷ ବିତି ଯାଇଥିଲେ ସୁଦ୍ଧା ବିସ୍ଥାପିତମାନଙ୍କ ବିକାଶ ପ୍ରତି ସରକାରଙ୍କ ନିଘା ନାହିଁ। ଯାହାଦ୍ୱାରା ବିସ୍ଥାପିତ ଅଞ୍ଚଳ ଗୁଡିକରେ ରାସ୍ତା, ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏ ନେଇ ପଞ୍ଚାୟତ ଅଫିସ୍, ବ୍ଲକ ଅଫିସରେ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ତେଣୁ ସରକାର ଏହି ବିସ୍ଥାପିତ ଗାଁ ଗୁଡିକର ସମସ୍ୟାର ସମାଧାନ କରିବା ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ସ୍ୱପ୍ନ ପାଲଟିଛି ଘରେ ପାଇଖାନା ଆଶା

**ବୁଗୁଡ଼ା,୭।୮(ଡି.ଏନ.ଏ.)**

ସ୍ୱଚ୍ଛ ଭାରତ ଯୋଜନା ଆନୁକୂଲ୍ୟରେ ଘରେ ଘରେ ପାଇଖାନା ନିର୍ମାଣ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ସମସ୍ତଙ୍କ ଘରେ ଯେପରି ପାଇଖାନା ନିର୍ମାଣ ହେବ ସେଥିପାଇଁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ପ୍ରତ୍ୟେକଙ୍କ ଘରେ ପାଇଖାନା ନିର୍ମାଣକୁ ବାଧ୍ୟତାମୂଳକ କରାଯାଇଛି। ହେଲେ ବୁଗୁଡ଼ା ସହରଠାରୁ ମାତ୍ର ୨ କି.ମି. ଦୂରରେ ଥିବା ଆଦିପୁର ଗ୍ରାମର ଅଲେଖ ସାହିରେ କାହାରି ଘରେ ପାଇଖାନା ନ ଥିବାରୁ ସାହିବାସିନ୍ଦା ଶୌଚ ପାଇଁ ନଦୀ ହୁଡ଼ାକୁ ଯିବା ପାଇଁ ବାଧ ହେଉଛନ୍ତି। ଅଲେଖି ସାହିର ପୂର୍ଣ୍ଣ ନାୟକ, ସନ୍ତୋଷ ନାୟକ, ବାସୁ ନାୟକ, ବିପ୍ର ନାୟକ, ପ୍ରକାଶ ନାୟକ, ସାହେବ ନାୟକ, ବିଜୟ ନାୟକ, ସଞ୍ଜୟ ନାୟକ, କୃଷ୍ଣ ନାୟକ, ପଙ୍କଜ ନାୟକ, ନଟିଆ ନାୟକ, ସଜନୀ ନାୟକ, ଯୋଗୀ ନାୟକ, ପରମେଶ୍ୱର ନାୟକ ପ୍ରମୁଖ ଅନୁସୂଚିତ ଜାତିର ପ୍ରାୟ ୧୪ ପରିବାରର ପାଇଖାନା ନଥିବାରୁ ବହୁ ହଇରାଣ ହେଉଛନ୍ତି। ପାଇଖାନା ନିର୍ମାଣ କଲା ପରେ ୧୨ ହଜାର ଟଙ୍କା ମିଳିବା ନେଇ ସରକାରୀ ନିୟମ ରହିଛି। ତେବେ ଶ୍ରମିକ ଶ୍ରେଣୀର ଏସବୁ ପରିବାର ପାଇଖାନା ନିର୍ମାଣ କରିପାରୁ ନ ଥିବା କହିଛନ୍ତି। ଆଦିପୁର ଗ୍ରାମର ଆହୁରି ଅନେକ ବ୍ୟକ୍ତିଙ୍କ ଘରେ ମଧ ପାଇଖାନା ନ ଥିବା ଜଣାପଡିଛି। ସେହିପରି ପାନୀୟ ଜଳ ପାଇଁ ମଧ ସାହି ବାସିନ୍ଦା ଦହଗଞ୍ଜ ହେଉଥିବା କହିଛନ୍ତି। ସାହିରେ ଗୋଟିଏ ନଳକୂପ ଓ ଗୋଟିଏ ଷ୍ଟାଣ୍ଡପୋଷ୍ଟ ଅଛି। ନଳ କୂଅ ପାଣି ପିଇବା ଅନୁପଯୋଗୀ ହୋଇଥିବା ବେଳେ ଷ୍ଟାଣ୍ଡପୋଷ୍ଟରେ ଦିନରେ ଦୁଇ ଥର ପାଣି ଆସୁଛି। ବିଦ୍ୟୁତ ନ ଥିଲେ ତାହା ବି ବନ୍ଦ ହେଉଛି। ସେ ସମୟରେ ସାହିବାସିନ୍ଦା କୁଆ ପାଣି ପିଇବାକୁ ବାଧ ହେଉଛନ୍ତି। ତେଣୁ ସ୍ୱଚ୍ଛ ଭାରତ ଯୋଜନାରେ ଏହି ଗରୀବ ପରିବାରଗୁଡିକର ପାଇଖାନା ନିର୍ମାଣ କରାଇବା ସହ ବସୁଧା ଯୋଜନାରେ ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ ନିମନ୍ତେ ଦାବି ହେଉଛି।

## ୨ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ବିଧାୟକ, ବିଡିଓ



ବିଧାୟକ, ବିଡିଓ ରୁପାନ୍ତରୀ କରଣ କାର୍ଯ୍ୟ ବୁଲି ଦେଖୁଛନ୍ତି।

**ଦାରିଙ୍ଗବାଡ଼ି,୭।୮(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକର ସିମନବାଡ଼ି ଏବଂ ବୁଡାଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ରୁପାନ୍ତରୀ କରଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ କିଭଳି ଠିକ ଭାବେ କରାଯିବ ସେ ନେଇ ଶନିବାର ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଏବଂ ବିଡିଓ କଳାକୃଷ୍ଣ ପ୍ରଧାନ ଉକ୍ତ ଦୁଇ ବିଦ୍ୟାଳୟରେ ପହଞ୍ଚି କାର୍ଯ୍ୟ ବୁଲି ଦେଖିଥିଲେ। ଏହି କାର୍ଯ୍ୟ ଦାୟୀତ୍ୱରେ ରହିଥିବା ସିମନବାଡ଼ିର କନିଷ୍ଠ ଯନ୍ତ୍ରୀ ତୁଷାରରଞ୍ଜନ ସେଠୀ ଏବଂ ବୁଡାଗୁଡ଼ାର ବିଶ୍ୱରଞ୍ଜନ ହାତିଙ୍କ ସହ ଆଲୋଚନା କରି ଫେରିଛନ୍ତି। ଏବେ ଦଶମ ଶ୍ରେଣୀ ପଢ଼ା ଆରମ୍ଭ ହୋଇଥିବା ବେଳେ ୧୬ରୁ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ଆରମ୍ଭ ହେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଣୁ ବିଦ୍ୟାଳୟର ରୁପାନ୍ତରୀ କରଣ ତ୍ୱରାନ୍ୱିତ କରାଯିବା ପାଇଁ ବିଧାୟକ ପରାମର୍ଶ ଦେଇଛନ୍ତି। ପ୍ରକାଶଯେ, ପୂର୍ବରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଯେଉଁ ଅବସ୍ଥାରେ ରହିଥିଲା ଏବେ ବିଦ୍ୟାଳୟ ରୁପାନ୍ତରୀ କରଣ ଯୋଜନାରେ ଉଚ୍ଚ ବିଦ୍ୟାଳୟର ଅତ୍ୟାଧୁନିକ କାର୍ଯ୍ୟ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ୫ଟି ଯୁଗ୍ମ ସଚିବ ମନୋଜ କୁମାର ସ୍ୱାଇଁ କହିଛନ୍ତି, ଏହା କରିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷାରେ ଉନ୍ନତୀ ଘଟିବା ସହ ସେମାନେ ବିଦ୍ୟାଳୟକୁ ଆସିବାକୁ ଆଗ୍ରହ କରିବେ। ଯୁଗ୍ମ ସଚିବ ଏହି ରୁପାନ୍ତରୀ କରଣ କାର୍ଯ୍ୟକୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ବେଳେ କୋଭିଡ୍ କଟକଣା ହଟିବା ପରେ ସେ ଦାରିଙ୍ଗବାଡ଼ିରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ତାଙ୍କ ସହାୟତାରେ ବିଦ୍ୟାଳୟ ଗୁଡ଼ିକର ରୁପାନ୍ତରୀ କରଣକୁ ଶକ୍ତିଶାଳୀ କରାଯିବ ବୋଲି କହିଛନ୍ତି। ସେ ଏବେ ଭର୍ଚୁଆଲ ମାଧ୍ୟମରେ ଉକ୍ତ କାର୍ଯ୍ୟର ତଦାରଖ କରୁଥିବା ଜଣାପଡ଼ିଛି।

# କେନାଲ ଗାର୍ଡ ୱାଲ କାର୍ଯ୍ୟ ନିମ୍ନମାନର ଅଭିଯୋଗ

**ହିଞ୍ଜିଳିକାଟୁ,୭।୮(ଡି.ଏନ୍.ଏ)**

### ଅନୁଧ୍ୟାନ କଲେ ଅଧୀକ୍ଷଣ ଯନ୍ତ୍ରୀ



ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ କେନାଲ ଗାର୍ଡ ୱାଲ ପରିଦର୍ଶନ କରୁଛନ୍ତି।

ହିଞ୍ଜିଳିକାଟୁ ବ୍ଲକ ମକରଝୋଳ ପଞ୍ଚାୟତ ପଲ୍ଲୀପଦ୍ମନାଭପୁର ମଶାଣିଆ ଘାଇ ନିକଟରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୧ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟରେ ନିମ୍ନମାନର କେନାଲ ଗାର୍ଡ ୱାଲ ନିର୍ମାଣ କରାଯାଇଥିବା ନେଇ ଗ୍ରାମବାସୀ ଓ ଚାଷୀଙ୍କ ଅଭିଯୋଗ କରିଥିଲେ। ଶନିବାର ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଇଂ ଯାମିନୀ କାନ୍ତ ଦାଶ ପହଞ୍ଚି ଉକ୍ତ କେନାଲ ଗାର୍ଡ ୱାଲ କାର୍ଯ୍ୟ ତଦନ୍ତ କରିଛନ୍ତି। ପ୍ରକାଶ ଯେ, ନିର୍ମାଣ ସମୟରେ ଉକ୍ତ ଗାର୍ଡ ୱାଲ ଭୁଷୁଡ଼ି ପଡ଼ିଥିଲା। ଏନେଇ ଗ୍ରାମବାସୀ ଓ ଚାଷି ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ କରିଥିଲେ। ଅନ୍ୟ ପକ୍ଷରେ ଅଧିକ୍ଷଣ ଯନ୍ତ୍ରୀ ଉକ୍ତ ଗାର୍ଡ ୱାଲକୁ ପୁନଃ ନିର୍ମାଣ ଇଣ୍ଡିଆନ ଷ୍ଟାଣ୍ଡାର୍ଡ କୋଡ୍ ଅନୁଯାୟୀ କରିବା, କେନାଲ ମରାମତି କାର୍ଯ୍ୟ ଶୀଘ୍ର ଶେଷ କରିବା ଓ ସଂଲଗ୍ନ କେନାଲ ନିର୍ମାଣ କାର୍ଯ୍ୟରେ ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଇଂ ଉମା ଚରଣ ସେଠୀ, ଠିକାଦାର ପି ରଘୁନାଥ ଓ ଚାଷି ଦିବାକର ଗଉଡ଼, ବାଞ୍ଛାନିଧି ଗଉଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ଜିଲା ସମ୍ପାଦିକା ହେଲେ ନିରୁପମା

**ଦିଗପହଣ୍ଡି,୭।୮(ଡି.ଏନ.ଏ.)**





ବିଜେଡି ଗଞ୍ଜାମ ଜିଲା କମିଟିରେ ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକଙ୍କୁ ସମ୍ପାଦିକା ଭାବେ ମନୋନୀତ କରାଯାଇଛି। ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ସରପଞ୍ଚ ବି.କ୍ରିଷ୍ଣା ରାଓ ସୁବୁଦ୍ଧିଙ୍କୁ ବିଜେଡି ଜିଲା କମିଟି ଉପସଭାପତି ରୂପେ ନିଯୁକ୍ତି ଦିଆଯାଇଛି। ଶୁକ୍ରବାର ଏ ନେଇ ବିଜେଡି ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। କ୍ରିଷ୍ଣା ଦୀର୍ଘ ୧୨ ବର୍ଷ ଧରି ବିଜେଡି ଜିଲା ସମ୍ପାଦକ ଭାବେ ନିଜର ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କରି କାର୍ଯ୍ୟ ଦକ୍ଷତାକୁ ଦୃଷ୍ଟିରେ ରଖି ମଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ଡଃ .ସୂର୍ଯ୍ୟନାରାୟଣ ପାତ୍ର ଓ ଜିଲା ବିଜେଡି ସଭାପତି ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ତାଙ୍କୁ ପୁଣିଥରେ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେହିପରି ନିରୁପମାଙ୍କୁ ଜିଲା ସମ୍ପାଦିକା ଭାବେ ମନୋନୀତ କରାଯାଇଥିବାରୁ ସେ ବିଜେଡି ରାଜ୍ୟ ସଭାପତି, ଜିଲା ସଭାପତି ଏବଂ ବାଚସ୍ପତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନାଗରିକ କମିଟି ବୈଠକ ଛତ୍ରପୁର ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା ଦାବି

**ଛତ୍ରପୁର,୭।୮(ଡି.ଏନ.ଏ.)**



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଛତ୍ରପୁର ଏନ୍‌ଏସିକୁ ତୁରନ୍ତ ମ୍ୟୁନିସିପାଲିଟି ଘୋଷଣା କରିବାକୁ ନାଗରିକ କମିଟି ପକ୍ଷରୁ ଦାବି ହୋଇଛି। ସେହିପରି ଛତ୍ରପୁର ହସ୍ପିଟାଲକୁ ହେଡକ୍ୱାର୍ଟର ହସ୍ପିଟାଲ ମାନ୍ୟତା, ହସ୍ପିଟାଲରେ ଆଇସିୟୁ, ଟର୍ମା ସେଣ୍ଟର ପ୍ରତିଷ୍ଠା, ଛତ୍ରପୁର ସହରକୁ ସଂଯୋଗ କରୁଥିବା ୧୫ ନମ୍ବର ଋଷିକୁଲ୍ୟା କେନାଲର ପୁନରୁଦ୍ଧାର, ବ୍ରହ୍ମପୁରକୁ ଛତ୍ରପୁର ବ୍ଲକ ବଡମାଧପୁର ନିକଟ ଋଷିକୁଲ୍ୟା ନଦୀରୁ ଯୋଗାଯାଉଥିବା ପାଣିକୁ ଛତ୍ରପୁର ସହରକୁ ଦୈନିକ ୪ ଘଣ୍ଟା ପାଣି ଯୋଗାଇବା ଏବଂ ଛତ୍ରପୁର କଲେଜ ଛକ ଓ ଡିଆରଡିଏ ଛକ ଠାରେ ସ୍ପିଡ୍ ବ୍ରେକର ଲଗାଇବା ସହ ଟ୍ରାଫିକ୍ ପୋଲିସ ମୁତୟନ କରିବା ପାଇଁ ନାଗରିକ କମିଟି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା । ଏ ସମ୍ପର୍କରେ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ ପାଇଁ ଉକ୍ତ ନାଗରିକ କମିଟି ବୈଠକରେ ସର୍ବସମ୍ମତି ପ୍ରକାଶ ପାଇଛି। ସିନିୟର ହକି କୋଚ୍ କାଲୁ ଚରଣ ଚୌଧୁରୀଙ୍କ ନାଁ ଦ୍ରୋଣାଚାର୍ଯ୍ୟ ଆୱାର୍ଡ ପାଇଁ ରାଜ୍ୟ ସରକାର ସୁପାରିଶ କରିଥିବାରୁ ନାଗରିକ କମିଟି ପକ୍ଷରୁ ସ୍ୱାଗତ ଜଣାଯାଇଥିଲା । ବୈଠକରେ ନାଗରିକ କମିଟିର ଆବାହକ ପ୍ରଦୀପ କୁମାର ପାଢୀ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ରାଜେନ୍ଦ୍ର ଦାଶ, ସୁଧିର ସାହୁ, ରାମଚନ୍ଦ୍ର ବେହେରା, କେ. ସତ୍ୟ ନାରାୟଣ ରେଡ୍ଡୀ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସୀମାଞ୍ଚଳ ନାହାକ, ପ୍ରଶାନ୍ତ କୁମାର ମହାରଣା, ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ଶ୍ୟାମସୁନ୍ଦର ପଟ୍ଟନାୟକ, କାଳୀପ୍ରସାଦ ଦାଶ, ମନୋଜ କୁମାର ବେହେରା, ଅନାମ ଚନ୍ଦ୍ର ପ୍ରଧାନ, ସୋମନାଥ ସାହୁ, ପର୍ଶୁରାମ ଗୌଡ, ଓକିଲ ଡି. ଆଦିନାରାୟଣ ରେଡ୍ଡୀ, ଅରୁଣ କୁମାର ଶତପଥୀ, ଜି. ସେସୁ ରେଡ୍ଡୀ ଓ ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

**ଛତ୍ରପୁର,୭।୮(ଡି.ଏନ.ଏ.)**

- ନିର୍ବାଚିତ ପ୍ରତିନିଧି ନୀରବ
- ଆନ୍ତରିକତା ଅଭାବକୁ ସମାଲୋଚନା

ଛତ୍ରପୁର ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ନେଇ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଛି। ଏପରିକି ଏହାକୁ ମ୍ୟୁନିସିପାଲିଟି ମାନ୍ୟତା ଦେବା ଲାଗି ପଦକ୍ଷେପ ନେବା ପାଇଁ ହାଇକୋର୍ଟ ମଧ ରାଜ୍ୟ ସରକାରଙ୍କୁ ୨ ବର୍ଷ ପୂର୍ବେ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନି। ଛତ୍ରପୁର ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧିମାନଙ୍କ ଆଗ୍ରହ ଓ ଉଦ୍ୟମ ନ ଥିବା ଦେଖିବାକୁ ମିଳିଛି। ପୌର ନିର୍ବାଚନ ହେଉନଥିବାରୁ ଏନ୍‌ଏସି ପ୍ରଶାସନିକ ଅଧିକାରୀଙ୍କ ପରିଚାଳନାରେ ଚାଲିଛି । କାଉନସିଲର, ଅଧକ୍ଷା, ଉପାଧ୍ୟକ୍ଷ କ୍ଷମତାରେ ନ ଥିବାରୁ ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ପାଇଁ ପୂର୍ବତନ କାଉନସିଲର, ଅଧକ୍ଷା, ଉପାଧ୍ୟକ୍ଷମାନଙ୍କର ପାଟି ଫିଟୁନି । ବହୁ ପୁରାତନ ଏହି ଏନଏସି ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ଭାଜପା ନେତା ପ୍ରଶାନ୍ତ କର ସମାଲୋଚନା କରିଛନ୍ତି। ଏହି ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ମିଳୁ ବୋଲି ନାଗରିକ କମିଟିର ଆବାହକ ତଥା ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢୀ କହିଛନ୍ତି। ଛତ୍ରପୁର ନାଗରିକ କମିଟି, ଓକିଲ ସଂଘ ପକ୍ଷରୁ ଦୀର୍ଘ ବର୍ଷ ହେଲା ଏନେଇ ଦାବି ହେବା ସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଛି । ଅପରପକ୍ଷରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କାଉନସିଲରମାନେ ଏବେ ବିଜେଡିରେ ଅଛନ୍ତି । ପୂର୍ବରୁ ଏହି ଦାବି କରିଆସୁଥିଲେ ହେଁ ଏବେ ଏମାନେ ଶାସକ ଦଳରେ ଥିବାରୁ ସ୍ୱର ଆଉ ଶୁଭୁନାହିଁ। ସୂଚନା ଅନୁସାରେ, ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ଅନୁଯାୟୀ, ମ୍ୟୁନିସିପାଲିଟି ଘୋଷଣା ପାଇଁ ୨୫ ହଜାର ବା ତା'ଠାରୁ ଅଧିକ ଜନସଂଖ୍ୟା ହେବା ଆବଶ୍ୟକ । ୨୦୧୧ ଜନଗଣନା ଅନୁସାରେ ଛତ୍ରପୁର ଏନ୍‌ଏସିରେ ୨୨ ହଜାର ୨୭ ଜଣ ବାସ କରୁଥିଲେ । ଏହାର ୧୦ ବର୍ଷ ପରେ ଏବେ ୨୫ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କଲେଣି। ଏପରିକି ସହର ସଂଲଗ୍ନ ୨ଟି ପଞ୍ଚାୟତର କେତେକ ଗାଁକୁ ମିଶାଇଲେ ଜନସଂଖ୍ୟା ୨୮ ହଜାରରୁ ଉର୍ଦ୍ଧ୍ୱ ହେବ। ଉକ୍ତ ଗାଁଗୁଡିକ ଛତ୍ରପୁର ସହରରେ ସାମିଲ ହେବାକୁ ରାଜି ଅଛନ୍ତି। ଏନେଇ ପଞ୍ଚାୟତ ପକ୍ଷରୁ ସର୍ବସମ୍ମତି ପତ୍ର ମଧ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଦେଇସାରିଛନ୍ତି। ଜନସଂଖ୍ୟା ସର୍ତ୍ତ ପୂରଣ କରୁଥିବାରୁ ଛତ୍ରପୁର ଏନ୍‌ଏସି ମ୍ୟୁନିସିପାଲିଟି ମାନ୍ୟତା ପାଇପାରିବ। ୨୦୧୯ ଅଗଷ୍ଟ ୫ରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ରୁଜୁ ହୋଇଥିବା ଆବେଦନର ଶୁଣାଣି କରି ଏହି ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା କରିବାକୁ ମୁଖ୍ୟ ବିଚାରପତି ଓ ଅନ୍ୟ ଜଣେ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେଇଥିଲେ। ଜନସଂଖ୍ୟା କେତେ, କେଉଁ ଗାଁ ଏଥିରେ ସାମିଲ ହେବେ ସେ ନେଇ ରିପୋର୍ଟ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସେତେବେଳେ ଜିଲାପାଳଙ୍କୁ ପତ୍ର ଆସିଥିଲା । ଏନ୍‌ଏସି କର୍ତ୍ତୃପକ୍ଷ ନିକଟସ୍ଥ ୪ ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । କଣମଣା ପଞ୍ଚାୟତର ପୁରୁଣା ଛତ୍ରପୁର, ଜଗନ୍ନାଥ ନଗର ଏବଂ ଅଗସ୍ତିନୂଆଗାଁ ପଞ୍ଚାୟତ ଅଧୀନ ଜିଏନ୍ ପାଲମ, ଭାଗ୍ୟଲକ୍ଷ୍ମୀନଗର ଓ ବ୍ୟାଙ୍କ କଲୋନୀ ମିଶିବାକୁ ରାଜି ଥିବା ନେଇ ସର୍ବସମ୍ମତି ପତ୍ର ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଦେଇଥିଲେ । ଏହାକୁ ଜିଲାପାଳଙ୍କ ପକ୍ଷରୁ ସରକାରଙ୍କ ନିକଟକୁ ପଠାଯାଇଥିଲେ ମଧ ସୁଫଳ ମିଳିନାହିଁ।

## ଓଏସ୍ଏସ୍‌ସି ଦୁର୍ନୀତି ନେଇ ଭାଜପାର ବିକ୍ଷୋଭ

ଛତ୍ରପୁର,(ଡି.ଏନ୍.ଏ.): ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍ଏସ୍‌ସି) ଚାକିରିରେ ବଡ ଧରଣର ଦୁର୍ନୀତି ଅଭିଯୋଗ କରି ଛତ୍ରପୁର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଭାଜପା ନେତା ଓ କର୍ମୀମାନେ ଛତ୍ରପୁର ଲୋୟର ବସଷ୍ଟାଣ୍ଡ ଠାରେ ରାଜ୍ୟସରକାରଙ୍କ ବିରୋଧରେ ନାରାବାଜି କରିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତଳିକା ଦାହ କରିଥିଲେ। ଓଏସ୍ଏସ୍‌ସି ଚାକିରିରେ ଦୁର୍ନୀତି ଯୋଗୁ ରାଜ୍ୟରେ ମହୁ ମେଧାବୀ ଛାତ୍ରଛାତ୍ରୀ ନିରାଶ ହୋଇଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କର, ପ୍ରଦୀପ କୁମାର ପାଢ଼ୀ, ଡି.ସୁରେଶ ରେଡି, ରାମଚନ୍ଦ୍ର ବେହେରା,ସଞ୍ଜିବ ରାଉଳ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

**ସଂକ୍ଷେପରେ**

## ବାଇକ୍ ଉଦ୍ଧାର, ଲୁଟେରା ଗିରଫ

ଆସିକା,୭।୮(ଡି.ଏନ.ଏ.): କଟକ ଜିଲା ଆଠଗଡ ଥାନା ଅନ୍ତର୍ଗତ ବେଣ୍ଟପଡା ଗ୍ରାମରୁ ଗତ ଗୁରୁବାର ଗୋଟିଏ ବାଇକ, ମୋବାଇଲ ଫୋନ ଓ ଟଙ୍କା ଲୁଟ ହୋଇଥିଲା । ଶୁକ୍ରବାର ବିଳମ୍ବିତ ରାତିରେ ଆସିକା ପୋଲିସ ଏହି ମାମଲାର ଅଭିଯୁକ୍ତଙ୍କୁ ଆସିକା ଥାନା ଅନ୍ତର୍ଗତ କୋଟିବାଡି ଗ୍ରାମରୁ ଗିରଫ କରିଛି । ସେ ହେଲେ ଉକ୍ତ ଗ୍ରାମର ନିକୁ ଗୌଡ। ତାଙ୍କ ନିକଟରୁ ପୋଲିସ ଚୋରି ବାଇକ ଓ ମୋବାଇଲ ଜବତ କରିଥିଲା। ଅଭିଯୁକ୍ତଙ୍କୁ ଶନିବାର ଆଠଗଡ ପୋଲିସକୁ ହସ୍ତାନ୍ତର କରାଯାଇଥିବା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ନିକୁ ସୋସିଆଲ ମିଡିଆରେ ସମ୍ପର୍କ ସ୍ଥାପନ କରି ବୁଧବାର ସନ୍ଧ୍ୟାରେ ବେଣ୍ଟପଦା ଗ୍ରାମର ପବିତ୍ର ଓଝାଙ୍କ ଘରେ ପହଞ୍ଚିଥିଲେ । ପବିତ୍ରଙ୍କ ପୁଅଙ୍କ ସହ ବନ୍ଧୁତ୍ୱ ଥିବା କହି ତାଙ୍କ ଘରେ ରାତିରେ ରହିଥିଲେ । ଗୁରୁବାର ଭୋରରେ ସେ ପବିତ୍ରଙ୍କ ଘରୁ ବାଇକ, ମୋବାଇଲ ଓ ୧୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ । ପବିତ୍ର ଏ ନେଇ ଆଠଗଡ ପୋଲିସରେ ଅଭିଯୋଗ ପରେ ନଂ.୧୫୦/୨୧ରେ ଏକ ମାମଲା ରୁଜୁ କରି ପୋଲିସ ଆସିକା ଥାନାର ସହଯତା ନେଇଥିଲା। ଆସିକା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଆଠଗଡ ପୋଲିସକୁ ସୂଚନା ଦେଇଥିଲା।

## ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର କନ୍‌ଭେନ୍‌ଶନ୍

ବ୍ରହ୍ମପୁର ଅଫିସ୍,୭।୮: ପ୍ରେମନଗର ସ୍ଥିତ ଓଷ୍ଟା କାର୍ଯ୍ୟାଳୟ ପରିସରରେ ଶନିବାର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ଗଞ୍ଜାମ ଜିଲା ଶାଖା ପକ୍ଷରୁ କନ୍‌ଭେନସନ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ହିମାଂଶୁ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏହି କନ୍‌ଭେଶନ୍‌ରେ ସ୍କୁଲ ଓ କଲେଜ କର୍ମଚାରୀଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା ହୋଇଥିଲା। ଏଥିସହ ତୁରନ୍ତ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ କର୍ମଚାରୀଙ୍କୁ ୭ମ ବେତନ କମିଶନ, ଅବସରକାଳୀନ ପେନ୍‌ସନ୍ ସମେତ ଚାକିରି ସର୍ତ୍ତାବଳୀକୁ ରାଜ୍ୟ ସରକାର ତୁରନ୍ତ ପ୍ରଦାନ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଥିଲା। ଆସନ୍ତା ୯ ତାରିଖରେ ସଂଘ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ସଂଘର ସଂପାଦକ ବିଜୟ କୁମାର ବେହେରା, କୋଷାଧ୍ୟକ୍ଷ ଭିକାରୀ ଗୌଡ଼, ୪୮ ବର୍ଗ କଲେଜ ସଂଘର ସଭାପତି ପ୍ରଶାନ୍ତ କୁମାର ପାତ୍ର, ୬୬୨ ବର୍ଗର କଲେଜ ସଂଘର ସଂପାଦକ ଶିଶିର କୁମାର ବିଶୋୟୀ ଓ ମିଳିତ ମଞ୍ଚର ସଭ୍ୟ ଗୌରୀ ଶଙ୍କର ଶତପଥୀ, ସଞ୍ଜୟ କୁମାର ଷଡ଼ଙ୍ଗୀ ଓ ଆଶୁତୋଷ ପାତ୍ରଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବିଶ୍ୱନାଥ ଉପସଭାପତି, ପବିତ୍ର ସାଧାରଣ ସମ୍ପାଦକ

### ବିଜେଡି ଜିଲା କାର୍ଯ୍ୟକାରିଣୀ

ହିଞ୍ଜିଳିକାଟୁ,୭।୮(ଡି.ଏନ୍.ଏ)-ବିଜେଡି ଗଞ୍ଜାମ ଜିଲା କାର୍ଯ୍ୟକାରିଣୀରେ ହିଞ୍ଜିଳିର ବରିଷ୍ଠ ନେତା ଡ ବିଶ୍ୱନାଥଙ୍କୁ ଉପସଭାପତି ଓ ପୂର୍ବତନ ଉପନଗରପାଳ ପବିତ୍ର ମୋହନ ପାଣିଗ୍ରାହୀଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସଭାପତି ତଥା ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ବିଜେଡି ଜିଲା କମିଟିରେ ହିଞ୍ଜିଳିକାଟୁ ବ୍ଲକର ଦାରୁଭଦ୍ରା ପଞ୍ଚାୟତର ଇ ସୁଦର୍ଶନ, ଗଣ୍ଡଳା ପଞ୍ଚାୟତର ରବୀନ୍ଦ୍ରନାଥ ସାବତ ଓ ମ୍ୟୁନିସପାଲଟିର ସସ୍ମିତା ପଟ୍ଟନାୟକଙ୍କୁ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ଚୟନ କରାଯାଇଛି। ନୂତନ ସଦସ୍ୟା ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସାମାନ୍ୟ ବର୍ଷାରେ ଘରେ ପଶୁଛି ପାଣି

**ଗାନ୍ଧୀନଗରରେ ଡ୍ରେନେଜ୍ ସମସ୍ୟା**

ବ୍ରହ୍ମପୁର ଅଫିସ୍,୭।୮

ଅସରାଏ ବର୍ଷାରେ ବର୍ତ୍ତମାନ ସହରର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣିସୁଅ ଛୁଟୁଛି। ଫଳରେ ଗତ ସୋମବାର ପ୍ରାୟ ଅଧଘଣ୍ଟା ବର୍ଷାରେ ସହରର ମୁଖ୍ୟ ରାସ୍ତାରେ ଯାତାୟାତ ନିମନ୍ତେ ସମସ୍ୟା ହୋଇଥିଲା। ବର୍ତ୍ତମାନ ମୁଖ୍ୟ ରାସ୍ତା ସାଙ୍ଗକୁ ସହରର ବିଭିନ୍ନ ୱାର୍ଡରେ ସମାନ ସମସ୍ୟା ଦେଖିବାକୁ ମିଳିଛି। ବ୍ରହ୍ମପୁର ମହାନଗର ନିଗମ ୨୩ନଂ. ୱାର୍ଡ ଅନ୍ତର୍ଗତ ଗାନ୍ଧୀନଗର ଅଞ୍ଚଳରେ ବର୍ତ୍ତମାନ ଅଞ୍ଚଳ ବାସିନ୍ଦାଙ୍କ ପାଇଁ ବର୍ଷାଦିନ ଦାଉ ସାଜିଛି। ସାମାନ୍ୟ ବର୍ଷା ହେଲେ ଏହି ଅଞ୍ଚଳରେ ଘରେ ଘରେ ପାଣି ପଶୁଛି। ମୁଖ୍ୟ ରାସ୍ତାରେ ପାଣି ସୁଅ ଛୁଟୁଛି। ଏହାର ମୁଖ୍ୟ କାରଣ ହେଉଛି ସଂକୀର୍ଣ୍ଣ ଡ୍ରେନ୍। ଏହି ଅଞ୍ଚଳରେ ଅନେକ ଡ୍ରେନ୍ ସଂକୀର୍ଣ୍ଣ ହୋଇଥିବାରୁ ବର୍ଷା ପାଣି ଠିକ୍ ଭାବେ ନିଷ୍କାସନ ହୋଇପାରୁ ନାହିଁ। ଯାହାଦ୍ୱାରା ପାଣି ଘରେ ପଶୁଛି। ବିଶେଷକରି ଏହି ୱାର୍ଡର ଗାନ୍ଧୀନଗର ୮ମ ଲେନ୍ ବାସିନ୍ଦା ବର୍ଷା ସମୟରେ ବିଭିନ୍ନ ସମସ୍ୟାର



ମୁଖ୍ୟ ରାସ୍ତାରେ ସଂକୀର୍ଣ୍ଣ ଡ୍ରେନ୍।

ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳ ବାସିନ୍ଦାଙ୍କ କହିବା ମୁତାବକ, ଏଠାରେ ମୁଖ୍ୟ ରାସ୍ତାର ୨ ପାର୍ଶ୍ୱରେ ଡ୍ରେନ୍ ରହିଛି, ଏଥିମଧ୍ୟରୁ ଗୋଟିଏ ନିର୍ମାଣ ହୋଇଛି। ତାହା ବି ପୁଣି ଅତ୍ୟନ୍ତ ସଂକୀର୍ଣ୍ଣ ରହିଛି। ଫଳରେ ଅନେକ ସମୟରେ ବର୍ଷା ପାଣି ନିଷ୍କାସିତ ହୋଇପାରୁ ନାହିଁ। ଏଥିସହ ଡ୍ରେନେଜ୍ ଠିକ୍ ଭାବେ ସଫେଇ ହେଉ ନ ଥିବାରୁ କୁଢ କୁଢ ଅଳିଆ ଆବର୍ଜନା ଜମି ରହୁଥିବା ଅଭିଯୋଗ ହୋଇଛି। ଫଳରେ ମଶା ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଅନ୍ୟପଟେ ମୁଖ୍ୟ ରାସ୍ତାରେ ରହିଥିବା ଅନ୍ୟ ଏକ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷ ଧରି ହେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ବର୍ଷା ହେଲେ ଡ୍ରେନ୍ ଭରି ହୋଇ ଘରେ ପାଣି ପଶୁଛି। ଏପରିକି ଅନେକ ସମୟରେ ବିଷଧର ସରୀସୃପ ମଧ ଘରେ ପ୍ରବେଶ କରୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକାର କରାଯାଉ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ଉକ୍ତ ୱାର୍ଡର ପୂର୍ବତନ କର୍ପୋରେଟର ରଞ୍ଜିତ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରୁ, ଏହି ଅଞ୍ଚଳରେ ଡ୍ରେନେଜ୍ ସମସ୍ୟା ନେଇ ବହୁବାର ବିଏମ୍‌ସିକୁ ଅବଗତ କରାଯାଇଛି। କିନ୍ତୁ ଆଖିଦୃଶିଆ କାର୍ଯ୍ୟ ହୋଇପାରି ନାହିଁ। ବର୍ତ୍ତମାନ ଏହି ଅଞ୍ଚଳର ସମସ୍ତ ଡ୍ରେନ୍‌ଗୁଡିକୁ ବନ୍ଧକୁ ସଂଯୋଗ କରାଯିବ। ଏହାଦ୍ୱାରା ବର୍ଷା ପାଣି ଠିକ୍ ଭାବେ ନିଷ୍କାସନ ହୋଇପାରିବ ବୋଲି ବିଏମ୍‌ସି ପକ୍ଷରୁ ପ୍ରତିଶ୍ରୁତି ମିଳିଛି।

## ନ୍ୟାୟ ପାଇଁ ଅତିରିକ୍ତ ଏସ୍‌ପିଙ୍କ ଦ୍ୱାରସ୍ଥ ସୁରଟ ଯୁବତୀ

ଛତ୍ରପୁର,୭।୮(ଡି.ଏନ.ଏ.)

**ପ୍ରେମ ପରେ ପ୍ରତାରଣା**

ସୁରଟରେ ଜଣେ ଯୁବତୀଙ୍କ ସହିତ ପ୍ରେମ ପରେ ଶାରୀରିକ ସମ୍ପର୍କ ରଖି କବିସୂର୍ଯ୍ୟନଗର ଥାନା ବଡ଼ଆଗୁଳ ଗ୍ରାମର ଜଣେ ଯୁବକ ତାଙ୍କୁ ପ୍ରତାରଣା କରିଥିଲେ। ସମ୍ପୃକ୍ତ ଯୁବକ ତଥା ପ୍ରେମିକଙ୍କ ଅରେନ୍ଦ୍ର କରଣର ଅନ୍ୟତ୍ର ବିବାହ ହେବାକୁ ଥିବା ଖବରପାଇ ସୁରଟରୁ ଆସି ଗତ ଜୁଲାଇ ୧୭ ତାରିଖରେ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଥିଲେ। ଅରେନ୍ଦ୍ର ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦୀର୍ଘ ୫ ବର୍ଷ ଧରି ଶାରୀରିକ ସମ୍ପର୍କ ରଖିଥିଲେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ତେବେ ତାଙ୍କୁ ଉଚିତ୍ ନ୍ୟାୟ ମିଳି ନ ଥିବାରୁ ଶନିବାର ଅଣ ଓଡିଆ ଯୁବତୀ ଜଣକ ଗଞ୍ଜାମ ପୋଲିସ ଜିଲାର ଉଚ୍ଚ ପଦସ୍ଥଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେ ଗଞ୍ଜାମ ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ରଙ୍କୁ ଭେଟି ସହ ତାଙ୍କ ସହ ଘଟିଥିବା ବିଭିନ୍ନ ଘଟଣା ବିଷୟରେ ଜଣାଇବା ସହ ଏକ ଲିଖିତ ପତ୍ର ପ୍ରଦାନ କରିଛନ୍ତି । ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ତାଙ୍କୁ ଅତିରିକ୍ତ ଏସପି ପାତ୍ର ଆଶ୍ୱାସନା ଦେଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଯୁବତୀ ଜଣକ କବିସୂର୍ଯ୍ୟନଗର ଥାନାରେ କରିଥିବା ଅଭିଯୋଗକୁ ଭିତ୍ତିକରି ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରିବା ସହ ଜଜଙ୍କ ସାମ୍ନାରେ ବୟାନ ରେକର୍ଡ କରିଥିଲା। ପରେ ତାଙ୍କ ଡାକ୍ତରୀ ମାଇନା କରି ବ୍ରହ୍ମପୁରସ୍ଥିତ ମହିଳା ସୁଧାର ଗୃହରେ ଛାଡିଥିଲା। ଯୁବତୀ ଜଣକ ନ୍ୟାୟ ଅପେକ୍ଷାରେ ରହିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କବିସୂର୍ଯ୍ୟନଗର ପୋଲିସ ପ୍ରେମିକଙ୍କୁ ଗିରଫ କରିବାରେ ସଫଳ ହୋଇପାରିନାହିଁ ବୋଲି ସେ କହିଥିଲେ । ପ୍ରେମିକା ଅନ୍ୟ ରାଜ୍ୟର ହୋଇଥିବାରୁ ଏବଂ ତାଙ୍କ ସହ କେହି ନଥିବାରୁ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେବା ସହ ଜୀବରେ ମାରିଦେବା ପାଇଁ ଚେତାବନୀ ଦିଆଯାଉଥିବା ସୂଚନା ମିଳିଛି । ଅରେନ୍ଦ୍ରଙ୍କୁ ଗିରଫ କରି ତାଙ୍କ ସହ ରେଜଷ୍ଟ୍ରି ମ୍ୟାରେଜ ନ କଲେ ଯୁବତୀ ଜଣକ ତାଙ୍କ ଘର ଆଗରେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ସ୍ତନ୍ୟପାନ ଶିଶୁ ପାଇଁ ଅମୃତ ସମାନ

ବ୍ରହ୍ମପୁର ଅଫିସ,୭।୮

ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ପ୍ରଜ୍ଞାନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଆୟୋଜନ କରାଯାଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମା ଶଙ୍କର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ ଥିଲା 'ସ୍ତନ୍ୟପାନକୁ ସୁରକ୍ଷିତ କରିବା, ଦାୟିତ୍ୱବୋଧର ପରିଚୟ ଦେବା'। ଶିଶୁ ପ୍ରତି ଥିବା କର୍ତ୍ତବ୍ୟ ଗୁଡିକୁ ଜାଣିବାକୁ ହେଲେ ଉଭୟ ପିତାମାତା ସଚେତନ ହେବା ଆବଶ୍ୟକ। ମା'ର ଭୂମିକା, ମା'ଓ ଶିଶୁର ସମ୍ପର୍କ, ସ୍ତନ୍ୟପାନର ମହତ୍ୱ ଇତ୍ୟାଦି ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମିଶ୍ର ବର୍ଣ୍ଣନା କରିଥିଲେ। ସେହିପରି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର. ଜଗଦୀଶ ପଟ୍ଟନାୟକ ସ୍ତନ୍ୟପାନ ମା'ଶିଶୁ ଉଭୟଙ୍କ ପାଇଁ ମଙ୍ଗଳଦାୟକ ବୋଲି କହିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର/କଲ୍ୟାଣ) ଡା. ଭି. ସରୋଜିନୀ ଦେବୀ ଗର୍ଭବତୀ ମା'ର ଯତ୍ନ, ପ୍ରସବ ପରବର୍ତ୍ତୀ ମା'ଓ ଶିଶୁଟିର ଯତ୍ନ, ମା'ଓ ଶିଶୁ ଉଭୟଙ୍କର ଖାଦ୍ୟ ବିଷୟରେ ସୂଚନା ଦେଇଥିଲେ। ଜିଲା କାର୍ଯ୍ୟକ୍ରମ ପରିଚାଳକ (ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ) ଶ୍ୟାମ ସୁନ୍ଦର ତ୍ରିପାଠୀ କହିଥିଲେ, ମା'କ୍ଷୀର ଶିଶୁ ପାଇଁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଆହାର ଯାହାକି ୬ ମାସ ପର୍ଯ୍ୟନ୍ତ ଶିଶୁକୁ ସମ୍ପୂର୍ଣ୍ଣ ପୋଷଣ ଦେବା ସହ ସଂକ୍ରାମକ ରୋଗରୁ ରକ୍ଷା କରିଥାଏ। ମା' କ୍ଷୀରର ବିକଳ୍ପ ନାହିଁ। ଅନ୍ୟତମ ଅତିଥି ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଜଳ ବାହିତ ରୋଗ) ଡା. ସନ୍ତୋଷ କୁମାର ପାଢୀ କହିଛନ୍ତି , ମା' କ୍ଷୀର ବଦଳରେ ଡବା କ୍ଷୀର ଓ ବୋତଲରେ ଖୁଆଇବା ଦ୍ୱାରା ଶିଶୁର ବିଭିନ୍ନ ରୋଗ ସଂକ୍ରମଣର ଆଶଙ୍କା ରହିଛି। ଏଣୁ ଶିଶୁଟିକୁ କେବଳ ମା'କ୍ଷୀର ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ମା'କ୍ଷୀର ପ୍ରତ୍ୟେକ ଶିଶୁର ଅଧିକାର ବୋଲି ମଧ ସେ କହିଥିଲେ। ଏହାକୁ ଜିଲା ମାତୃ ଶିଶୁ ସଂଯୋଜକ ଶକ୍ତି କୁମାର ଦୀଘାଲ ପରିଚାଳନା କରିଥିଲେ।

## ପୂର୍ବତନ ମେୟର କୋର୍ଟରେ ହାଜର

### ଜମି ହଡ଼ପ ମାମଲାରେ ମା' ପୁଅଙ୍କ ସାକ୍ଷ୍ୟ ଗ୍ରହଣ

ବ୍ରହ୍ମପୁର ଅଫିସ,୭।୮

ବ୍ରହ୍ମପୁର ମହାନଗରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ ଶନିବାର କଡ଼ା ସୁରକ୍ଷା ବଳୟରେ ଜିଲା କୋର୍ଟରେ ହାଜର କରାଯାଇଥିଲା। ପିଣ୍ଟୁଙ୍କ ନାମରେ ରୁଜୁ ହୋଇଥିବା ୫ ଜମି ହଡ଼ପ୍ ମାମଲାରେ ଦୁଇଜଣ ସାକ୍ଷୀ ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ)-୨ ସଂଘମିତ୍ରା ଶର୍ମାଙ୍କ କୋର୍ଟରେ ବୟାନ୍ ଦେଇଥିଲେ। ସେମାନେ ହେଲେ କନିଷି ଅଞ୍ଚଳର ମାଳତୀ ଦାସ ଓ ତାଙ୍କ ପୁଅ ବାବୁଲା ଦାସ। କୋର୍ଟରେ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ପ୍ରକାଶ ଯେ, ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ତହସିଲ ଅଞ୍ଚଳରେ ଜମି ହଡ଼ପ୍ ନେଇ ପିଣ୍ଟୁଙ୍କ ନାମରେ ୨୦୧୯ ମାର୍ଚ୍ଚ ମାସରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୧୭ ନଭେମ୍ବର ଓ ୨୦୧୮ ନଭେମ୍ବର ମାସରେ ଗୋଟିଏ ଲେଖାଏ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ପୂର୍ବରୁ ଦୁଇଜଣ ସାକ୍ଷୀଙ୍କ ବୟାନ୍ ରେକର୍ଡ. ହୋଇ ସାରିଛି। ସରକାରଙ୍କ ତରଫରୁ ଏପିପି ବିକ୍ରମ କୁଣ୍ଡୁ ଓ ପିଣ୍ଟୁଙ୍କ ତରଫରୁ ଆଇନଜୀବୀ ଶିବନାରାୟଣ ସାହୁ ଓ କୈଳାସ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ଆର୍ଯ୍ୟଭଟ୍ଟ ଛାତ୍ରୀଛାତ୍ରଙ୍କ ସଫଳତା




ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର।

ବ୍ରହ୍ମପୁର ଅଫିସ୍,୭।୮

**ଜେଇଇ ମେନ୍-୩ ପରୀକ୍ଷାଫଳ**

ଜେଇଇ ମେନ୍-୩ ପରୀକ୍ଷାରେ ବ୍ରହ୍ମପୁର ଆର୍ଯ୍ୟଭଟ୍ଟ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏହି ଅନୁଷ୍ଠାନର ବିକାଶ ମହାନ୍ତି ୯୯.୮୦% ମାର୍କ ରଖି ୪୨ ଜଣଙ୍କ ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ପି.ମନୋଜ କୁମାର ୯୯.୪୨% ଓ ପ୍ରିୟାଂଶୁ ବେହେରା ୯୯.୪୦% ରଖିଛନ୍ତି। ଏଥିସହ ୯୫ ଓ ୯୯%ରେ ୧୪ ଜଣ ଏବଂ ୯୦ରୁ ୯୫% ମଧ୍ୟରେ ୧୨ ଜଣ ଛାତ୍ର ରହିଛନ୍ତି। ଏହି ସଫଳତା ପାଇଁ ଅନୁଷ୍ଠାନର ମୁଖ୍ୟ ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଜଣାଇଛନ୍ତି। ସୂଚନା ଥାଉ କି, ଆର୍ଯ୍ୟଭଟ୍ଟ ଅନୁଷ୍ଠାନର ୨୦୦୭ ମସିହାରୁ ବିଗତ ୧୫ ବର୍ଷ ଧରି ଆଇଆଇଟି, ଏନ୍‌ଆଇଟି, ନାଇଜର, ବିଆଇଟିଏସ୍‌ଏଟି, ଏନ୍‌ଇଏସ୍‌ଟି ଭଳି ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଛି। ସେହିପରି ନିଟ୍, ଏଆଇଆଇଏମ୍‌ଏସ୍ ଭଳି ରାଷ୍ଟ୍ରୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷାରେ ଛାତ୍ରୀଛାତ୍ରମାନେ ଉତ୍କର୍ଷ ସଫଳତା ହାସଲ କରିଛନ୍ତି।

# ୧୮ ବର୍ଷ ପରେ ଚନ୍ଦନିଆ ପାହାଡ଼ବାସୀଙ୍କୁ ମିଳିଲା ପାଣି



ପାନୀୟ ଜଳ ଯୋଗାଣର ଶୁଭାରମ୍ଭ କରାଯାଉଛି।

ବ୍ରହ୍ମପୁର ଅଫିସ୍,୭।୮

ବ୍ରହ୍ମପୁର ମହାନଗର ନିଗମର ୧ ନଂ.ୱାର୍ଡ଼ ଅନ୍ତର୍ଗତ ଚନ୍ଦନିଆ ପାହାଡ଼ ଗ୍ରାମବାସୀଙ୍କୁ ଦୀର୍ଘ ୧୮ ବର୍ଷ ପରେ ପିଇବା ପାଣି ମିଳିଛି। ଶନିବାର ବିଏମ୍‌ସି ପକ୍ଷରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ଖୁସି ବ୍ୟକ୍ତ କରିଛନ୍ତି। ବିଏମ୍‌ସି କମିଶନର ଡ.ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସେଠାରେ ପାନୀୟ ଜଳ ଯୋଗାଣର ଶୁଭାରମ୍ଭ କରିଥିଲେ। ସୂଚନାଯୋଗ୍ୟ, ଚନ୍ଦନିଆ ପାହାଡ଼ ବାସିନ୍ଦା ପିଇବା ପାଣି ପାଇଁ ବହୁବାର ବିଏମସିକୁ ଅବଗତ କରାଇଥିଲେ। ଗତ ୧୫ ତାରିଖରେ ବିଏମ୍‌ସି କମିଶନର ଉକ୍ତ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ପାଇଁ ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିଥିଲେ। ବର୍ତ୍ତମାନ ଏଠାରେ ପ୍ରାୟ ୭୬ଟି ପରିବାର ବସବାସ କରୁଛନ୍ତି। ପାନୀୟ ଜଳ ଶୁଭାରମ୍ଭ ବେଳେ ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗ ଜେଇଇ ଚରଣ ସିଂ ମାଝି, ରାଜ୍ୟ ବିଜେଡ଼ି ସଂଖ୍ୟାଲଘୁ ସେଲ୍ ସଂପାଦକ ମହମଦ୍ ଫାଇଜ୍ ଖାନ୍, ୧ ନଂ ୱାର୍ଡ଼ର ପୂର୍ବତନ କର୍ପୋରେଟର ରାଜେଶ୍ୱର ବେହେରାଙ୍କ ସମେତ ଚନ୍ଦନିଆ ପାହାଡ଼ ଉନ୍ନୟନ କମିଟିର ସଭାପତି ପି.ଶଙ୍କର, ସଂପାଦକ ସେକ୍ ହୁସେନ୍ ସଲିମ ଓ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର

ଆସିକା,୭।୮(ଡି.ଏନ.ଏ)

ଆସିକା ହରିହର ହାଇସ୍କୁଲ ନିକଟ କଲ୍ୟାଣ ମଣ୍ଡପରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସିକାର ଧର୍ମପରାୟଣା ଜୟନ୍ତୀ ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆୟୋଜିତ ଏହି ଶିବିରରୁ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ବ୍ରହ୍ମପୁର ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶତାଧିକ ଥର ରକ୍ତଦାନ କରିଥିବା ବି. ଲକ୍ଷ୍ମୀନାରାୟଣ ପାତ୍ର, ଦେବରାଜ ପାତ୍ର, ସୁନିଲ କୁମାର ପାତ୍ର ଶିବିର ପରିଚାଳନା କରିଥିଲେ ।

## ୧୭ ନଂ. ୱାର୍ଡରେ ଡେଙ୍ଗୁ ସଚେତନତା

ବ୍ରହ୍ମପୁର ଅଫିସ୍,୭।୮

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୧୭ ନଂ ୱାର୍ଡ଼ରେ ଶନିବାର ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ୱାର୍ଡ଼ରେ ଥିବା ନୃସିଂହ ମନ୍ଦିର ପ୍ରାଙ୍ଗଣରୁ ଆଶା, ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ସହଯୋଗରେ ଏକ ରାଲି ବାହାରି ଲୋକଙ୍କୁ ଡେଙ୍ଗୁ ଓ ଚିକେନ୍‌ଗୁନିଆ ରୋଗ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଏଥିସହ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଦିବସ ଅବସରରେ ଏଏନ୍‌ଏମ୍‌ମାନେ ପ୍ରସୂତି ଓ ଗର୍ଭବତୀଙ୍କୁ ଖାଦ୍ୟପେୟ ସମ୍ବନ୍ଧରେ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଛୋଟ ଶିଶୁଙ୍କୁ କରୋନା ତୃତୀୟ ଲହର ସଂକ୍ରମଣରୁ ରକ୍ଷା କରାଇବା ନିମନ୍ତେ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସୁନୀତା କୁମାରୀ ପାଢ଼ି, ରତ୍ନା ପ୍ରଭା ମହାପାତ୍ର, ସବିତା ପାତ୍ର, ଦୁତିକା ପୂଜାରୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।




ସଚେତନତା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ କର୍ମୀ।

# ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବଙ୍କ ସ୍ମାର୍ଟ ସ୍କୁଲ ପରିଦର୍ଶନ

ଶେରଗଡ,୭।୮(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଶୁଭ୍ରାଂଶୁ କୁମାର ମିଶ୍ର ଶନିବାର ଶେରଗଡ ବ୍ଲକ ଗସ୍ତରେ ଆସି ବିଭିନ୍ନ ସ୍ମାର୍ଟ ସ୍କୁଲ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ବ୍ଲକର ୨୭ଟି ଉଚ୍ଚ ବିଦ୍ୟାଳୟରେ ନବୀକରଣ, ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ୱାଇଫାଇ ଓ ଉତ୍ତମ ଲାବୋରଟାରୀ ସହ ପିଇବାପାଣି, ଶୌଚାଳୟ ଓ ଖେଳପଡିଆ ପର୍ଯ୍ୟାୟରେ ପହଞ୍ଚିଛି। ଆଉ କିଛିଦିନ ପରେ ବିଜେଡିର ବିଧାୟକ ଓ ମନ୍ତ୍ରୀଙ୍କ ସମେତ ପ୍ରାୟ ୧୦୦ ଜଣ ପ୍ରତିନିଧି ଶେରଗଡ ଓ ହିଞ୍ଜିଳି ବ୍ଲକକୁ ଆସି ସ୍ମାର୍ଟ ସ୍କୁଲ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମସଚିବ ମିଶ୍ର ଶେରଗଡ ଆସି ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ, ବରମୁଣ୍ଡଳୀ ଉଚ୍ଚ ବିଦ୍ୟାଳୟ, ବନ୍ଧାଗୁଡା



ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ବନ୍ଧାଗୁଡା ଜଗନ୍ନାଥ ବିଦ୍ୟାପୀଠ ପରିଦର୍ଶନ କରୁଛନ୍ତି।

ଜଗନ୍ନାଥ ବିଦ୍ୟାପୀଠ, ମା' କାଳୀ ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ଡିଙ୍ଗିଶାଳ ଉଚ୍ଚ ବିଦ୍ୟାଳୟ, କାଞ୍ଚିଆମ୍ବା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ପ୍ରଧାନଶିକ୍ଷକ ମାନଙ୍କୁ ପ୍ରତି ବିଦ୍ୟାଳୟର ସମସ୍ତ ଶ୍ରେଣୀ ସଫା ରଖିବା ସହ ପାଇଖାନା, ପିଇବାପାଣିର ଉତ୍ତମ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୭ରୁ ୨୫ ତାରିଖ ପର୍ଯ୍ୟନ୍ତ ବିଧାୟକ ମାନଙ୍କ ଉପସ୍ଥିତିରେ ପର୍ଯ୍ୟାୟକ୍ରମେ ବ୍ଲକର ୨୭ ଉଚ୍ଚ ବିଦ୍ୟାଳୟକୁ ଉଦଘାଟନ କରାଯିବା କାର୍ଯ୍ୟକ୍ରମ ରହିଥିବା ବ୍ଲକ ସୂତ୍ରରୁ ଜଣାପଡ଼ିଛି।

# ନୂଆଙ୍କୁ ଗୁରୁତ୍ୱ, ବାଦ୍ ପଡ଼ିଲେ ପୁରୁଣା

ବ୍ରହ୍ମପୁର ଅଫିସ,୭।୮

- ଗଞ୍ଜାମ ବିଜେଡି ସଙ୍ଗଠନ ପୁନର୍ଗଠିତ
- ଜିଲା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ୯ ମହିଳା

ପୁନର୍ଗଠିତ ଗଞ୍ଜାମ ବିଜେଡି ଜିଲା କମିଟିରେ ୪୦ କର୍ମକର୍ତ୍ତାଙ୍କ ମଧ୍ୟରେ ୯ ମହିଳା ଅଛନ୍ତି। ଅନ୍ୟପକ୍ଷରେ ପୂର୍ବ କମିଟିର ଅନେକ କର୍ମକର୍ତ୍ତା ବାଦ ପଡ଼ିଛନ୍ତି। ପୂର୍ବ ଜନତା ଦଳ ଓ ବର୍ତ୍ତମାନର ବିଜେଡିରେ ବହୁବାର ସାଧାରଣ ସମ୍ପାଦକ ହୋଇଥିବା ଜଗନ୍ନାଥ ସାବତ ଏବଂ ଉପସଭାପତି ଥିବା ପୂର୍ବତନ ବ୍ରହ୍ମପୁର ବିଧାୟକ ଶିବ ଶଙ୍କର ସାହାଣୀ, ଉମା ଚରଣ ନାୟକ, ସାଧାରଣ ସମ୍ପାଦକ ଥିବା ଅନୀଲ କୁମାର ସାହୁ ପ୍ରମୁଖ ଏଥର ଜିଲା କମିଟି କର୍ମକର୍ତ୍ତା ହୋଇନାହାନ୍ତି। ୧୩ ଉପସଭାପତିଙ୍କ ମଧ୍ୟରେ ମାତ୍ର ଜଣେ ମହିଳା, ୧୪ ସାଧାରଣ ସମ୍ପାଦକ ତାଲିକାରେ ୩ ଏବଂ ୧୩ ସମ୍ପାଦକ ମଧ୍ୟରେ ୫ ମହିଳା ଅଛନ୍ତି। ସେହିପରି ୪୮ ଜଣିଆ କାର୍ଯ୍ୟକାରୀ କମିଟିରେ ମାତ୍ର ୫ ମହିଳା ସଦସ୍ୟ ହୋଇଛନ୍ତି।

ପୂର୍ବତନ ବ୍ରହ୍ମପୁର ବିଧାୟକ ତଥା ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ୨୦୨୦ ଫେବୃୟାରୀ ମଧ୍ୟଭାଗରେ ଜିଲା ବିଜେଡି ସଭାପତି ହୋଇଥିଲେ। ଏହାର ଦେଢ଼ ବର୍ଷ ବିତିବାକୁ ଯାଉଥିବା ବେଳେ ଏବେ ଜିଲା କମିଟି ପୁନର୍ଗଠନ ଓ ନୂଆ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଛି। ଦଳ ପ୍ରତି ଆରମ୍ଭରୁ ସମର୍ପିତ ଥିବା ପୁରୁଣା କର୍ମକର୍ତ୍ତାଙ୍କୁ ହଟାଇ ଦିଆଯାଇଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନେ ଖୋଲାଖୋଲି କିଛି କହୁ ନ ଥିଲେ ମଧ କର୍ମୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଗତ ୩ ଦିନ ତଳେ ଦଳର ଗଞ୍ଜାମ ଜିଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଫୁଲ ମଲିକ ଦୁଇଦିନିଆ ଜିଲା ଗସ୍ତରେ ଆସି ସାଙ୍ଗଠନିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଫେରିବାର ଦିନକ ପରେ ଗତ ଶୁକ୍ରବାର ନୂଆ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଜିଲା ବିଜେଡି ସଭାପତି ଚ୍ୟାଉ ପଟ୍ଟନାୟକ ପ୍ରତିକ୍ରିୟାରେ କହିଛନ୍ତି ଦଳର ନୂଆ ଫର୍ମାଟରେ କମିଟି ଗଠନ କରାଯାଇଛି। ଜିଲାରେ ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀ ଥିବାରୁ ସେହି ପ୍ରକାରେ ଉପସଭାପତି, ସମ୍ପାଦକ ଏବଂ ସାଧାରଣ ସମ୍ପାଦକ ହୋଇଛନ୍ତି। ଅପରପକ୍ଷରେ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଚେହେରାକୁ ଗୁରୁତ୍ୱ ଦେଇଛନ୍ତି। ନିର୍ବାଚିତ ଏମପି ଓ ବିଧାୟକମାନଙ୍କ ସୁପାରିଶ ପ୍ରକାରେ ପ୍ରସ୍ତୁତ ତାଲିକା ରାଜ୍ୟ ସଭାପତି ଅନୁମୋଦନ କରିଛନ୍ତି। କମିଟି କର୍ମକର୍ତ୍ତା ପଦରୁ ବାଦ ପଡ଼ିଥିବା କର୍ମୀ ଓ ନେତାଙ୍କୁ ଅନ୍ୟ କାର୍ଯ୍ୟରେ ନିୟୋଜିତ କରାଯିବା ବୋଲି ଜିଲା ସଭାପତି ସ୍ପଷ୍ଟ କରିଛନ୍ତି। ପୌର ଓ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ସମସ୍ତେ ମିଳିମିଶି ଦଳର ସଂଗଠନକୁ ଅଧିକ ବିସ୍ତାର କରାଯିବାର ସେ ଦର୍ଶାଇଛନ୍ତି।

# ଶୁଖିଲା ପଡ଼ିଛି ଧାନକ୍ଷେତ

- ବେଉଷଣ ଅପେକ୍ଷାରେ ୬୦ ପ୍ରତିଶତ ଜମି
- ବିପଦରେ ଧାନ ରୁଆ ଜମି

ନୟାଗଡ଼ ଅଫିସ, ୭।୮

ଜୁଲାଇ ମାସରେ ଅଧିକ ବର୍ଷା ହୋଇଥିଲେ ବି ନୟାଗଡ଼ ଜିଲାର ଧାନ କ୍ଷେତରେ ପାଣି ନାହିଁ। ଜିଲାର ୬୦ ପ୍ରତିଶତ ଧାନ ଜମି ବେଉଷଣ ଅପେକ୍ଷାରେ ରହିଛି। ପୁଣି ଧାନ ରୁଆ ଜମି ଶୁଖିଲା ପଡିଥିବାରୁ ଚାଷୀଙ୍କୁ ଭୟ ଘାରିଛି। ଏଭଳିସ୍ଥଳେ ଗତ ୭ ତାରିଖ ବର୍ଷାରେ ଚାଷୀ ଖୁସି ହୋଇଛି। ଏହାପରେ ବର୍ଷା ନ ହେଲେ ଆଉ କିଛି ଦିନ ପରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି।

ଜିଲାରେ ୩୫ ହଜାର ୫୮୮ ହେକ୍ଟର ଜଳସେଚିତ ଜମି ଓ ୬୪ ହଜାର ୨୨୯ ହେକ୍ଟର ଅଣଜଳସେଚିତ ଜମିକୁ ମିଶାଇ ମୋଟ୍ ୯୯ ହଜାର ୮୧୭ ହେକ୍ଟର ଜମିରେ ଧାନ ଫସଲ ହୋଇଛି । ଏଥିରୁ ୪୦ ପ୍ରତିଶତ ଜମିରେ ବେଉଷଣ ହୋଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଉଛି। କିନ୍ତୁ ଜିଲାର ବିଭିନ୍ନ ଚାଷୀଙ୍କ ମତାମତକୁ ଲକ୍ଷ୍ୟ କଲେ ଜିଲାରେ ୨୫ ପ୍ରତିଶତ ଜମିରେ ବେଉଷଣ କାର୍ଯ୍ୟ ଶେଷ ହୋଇଛି । ଅନ୍ୟପକ୍ଷେ ଜିଲାରେ ଜୁନ୍‌ରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିଲା। ହାରାହାରି ବୃଷ୍ଟିପାତ ୨୦୩.୫୦ ମିଲିମି ଥିବାବେଳେ ୧୪୩. ୪୦ ମିଲିମି ବର୍ଷା ହୋଇଥିଲା। ଜୁଲାଇରେ ହାରାହାରି ବୃଷ୍ଟିପାତ ୨୮୮.୫୦ ରହିଥିବାବେଳେ ୩୧୦.୨୭ ମିଲିମି ବର୍ଷା ହୋଇଥିଲା। ଜିଲାରେ ଅଧିକ ବର୍ଷା ଜୁଲାଇରେ ହୋଇଥିବାର କୁହାଯାଇଥିଲେ ହେଁ ଜମିରେ ପାଣିର ଅଭାବ ରହି ଆସିଛି। ନଦୀ, ନାଳ ଓ ପୋଖରୀ ତଥା ଜଳସେଚନ ସୁବିଧା ଅଞ୍ଚଳରେ ବର୍ଷା ହେବାର ଫାଇଦା ନେଉଥିଲେ ଚାଷୀ। ଜଳସେଚନ ସୁବିଧା ନ ଥିବା ଅଞ୍ଚଳର ଚାଷୀ ବର୍ଷାକୁ ଚାତକ ପକ୍ଷୀ ପରି ଅନାଇ ରହିଛି । ଅଗଷ୍ଟ ୬ ତାରିଖ ସୁଦ୍ଧା ଜିଲାରେ ମାତ୍ର ୭.୩୮ ମିଲିମି ବର୍ଷା ହୋଇଛି । ଭାପୁର ବ୍ଲକରେ ୩.୦୨ ଗଣିଆ ବ୍ଲକରେ ୧୨ ମିଲିମି, ନୟାଗଡ଼ ବ୍ଲକରେ ୪ ମିଲିମି, ଓଡ଼ଗାଁ ବ୍ଲକରେ ୧୧.୬୦ ମିଲିମି, ରଣପୁର ବ୍ଲକରେ ୨୮.୪୦ ମିଲିମି ବର୍ଷା ହୋଇଛି। ଦଶପଲ୍ଲା, ଖଣ୍ଡପଡ଼ା, ନୂଆଗାଁ ବ୍ଲକରେ ଆଦୌ ବର୍ଷା ହୋଇ ନାହିଁ ।

ଏନେଇ ଗଣିଆର ଚାଷୀ ଈଶ୍ୱର ପ୍ରଧାନ କୁହନ୍ତି, ଅଧିକାଂଶ ଖାଲ ଜମି ବେଉଷଣ ହୋଇଛି। ବର୍ଷା ହେବା ମାତ୍ରେ ବେଉଷଣ କେତେଜଣ ଚାଷୀ କରି ପକାଇଛନ୍ତି। ଏବେ କାମ କରିବାକୁ ଲୋକ କି ହଳ ମିଳୁ ନାହାନ୍ତି। ସବୁ ଯନ୍ତ୍ରପାତି ଉପରେ ନିର୍ଭର କରିବାକୁ ପଡୁଛି। ହେଲେ କୃଷି ଯନ୍ତ୍ରପାତି ସବୁ ଅଞ୍ଚଳରେ ମିଳୁ ନ ଥିବାରୁ ଅଧିକାଂଶ ଅଞ୍ଚଳରେ ବେଉଷଣ ପଛାଇ ଯାଇଛି । ପୁଣି ବର୍ଷା ଧୋକା ଦେଇଛି । ଓଡ଼ଗାଁର ଚାଷୀ ରାମଚନ୍ଦ୍ର ସାହୁ କୁହନ୍ତି, ଶନିବାର ବର୍ଷା ଚାଷୀଙ୍କ ପାଇଁ ଖୁସି ଆଣିଛି । କିନ୍ତୁ ବେଉଷଣ ହୋଇ ପାରିବନାହିଁ। କାରଣ ଜମି ଶୁଖିଲା ପଡିଛି । ରବିବାର ଚିତାଲାଗି ଅମାବାସ୍ୟା ଥିବାରୁ ବର୍ଷା ହୋଇ ପାରେ ବୋଲି ଆଶା ରହିଛି। ଅନ୍ୟପକ୍ଷେ ଆକାଶରେ ମେଘ ଖଣ୍ଡ ଭାସୁଛି। ହେଲେ ବର୍ଷା ହେଉନି। ବର୍ଷା ନ ହେଲେ ମରୁଡି ହେବ ବୋଲି ପୂର୍ବାଭାସ ମିଳୁଛି ବୋଲି ସେ କହିଛନ୍ତି। ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ ପ୍ରଧାନ କୁହନ୍ତି, ଜିଲାରେ ୪୦ ପ୍ରତିଶତ ଜମି ବେଉଷଣ ହୋଇଛି । ଅଗଷ୍ଟ ରେ ସ୍ୱଳ୍ପ ବୃଷ୍ଟିପାତ ହୋଇଛି। ତେବେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ମିଳିନାହିଁ। ଚାଷୀ ଧାନ ବେଉଷଣ କରିବାକୁ ଅପେକ୍ଷା କରିଛି ବୋଲି ସେ କହିଛନ୍ତି ।

## ଶୁଖିଲା ପଡ଼ିଛି କୁଆଁରିଆ ଡ୍ୟାମ୍

ଦଶପଲ୍ଲାର କୁଆଁରିଆ ଡ୍ୟାମ୍‌ରେ ବର୍ଷା ଦିନେ ପାଣି ନାହିଁ । ବେଉଷଣ ପାଇଁ ଜଳର ଆବଶ୍ୟକ ଥିବାବେଳେ ବର୍ଷା ନାହିଁ । କବାଟ ମରାମତି ନାଁରେ ଜଳ ନିଷ୍କାସନ କରିବା ଖରିଫ ଋତୁରେ ଚାଷୀଙ୍କୁ ଅସୁବିଧାରେ ପକାଇଛି । ବର୍ଷା ଅଧିକ ହୋଇଥିଲେ ଡ୍ୟାମ୍‌ରେ ଜଳ ଗଚ୍ଛିତ ରହି ପାରିଥାନ୍ତା । ବର୍ଷା ଅଧିକ ନ ଥିବାରୁ ଜଳ ଭଣ୍ଡାର ଚାଷୀଙ୍କ କାମରେ ଲାଗୁନାହିଁ ବୋଲି ଅଭିଯୋଗ ଉଠିଛି। ଅନ୍ୟପକ୍ଷେ ଗୋଡ଼ିପଡା କଇଁଫୁଲିଆ ଡ୍ୟାମ୍ ହେଉକି ଡାହୁକା ଅନିକଟ ସବୁଠି ସମାନ ଅଭିଯୋଗ । ପାଣିକୁ ଷ୍ଟକ୍ କରି ରଖାଯାଉ ନ ଥିବାରୁ ଠିକଣା ସମୟରେ ଚାଷ ପାଇଁ ସମସ୍ୟା ସୃଷ୍ଟି ହେଉଥିବା ଚାଷୀମାନେ କହିଛନ୍ତି।

## ସଂକ୍ଷେପରେ

### ଜଣେ ମୃତ, ୨୯ ଆକ୍ରାନ୍ତ

ନୟାଗଡ଼ ଅଫିସ,୭।୮: ନୟାଗଡ଼ ଜିଲାରେ କରୋନାରେ ୨୯ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ଏହି ସଂଖ୍ୟାକୁ ମିଶାଇ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ହଜାର ୭୬୦ ରେ ପହଞ୍ଚିଛି । ଶନିବାର ରିପୋର୍ଟରେ ଭାପୁର ବ୍ଲକରେ ୧, ଦଶପଲ୍ଲା ବ୍ଲକରେ ୨, ଖଣ୍ଡପଡ଼ା ବ୍ଲକରେ ୬, ନୟାଗଡ଼ ବ୍ଲକରେ ୩, ନୂଆଗାଁ ବ୍ଲକରେ ୪, ଓଡ଼ଗାଁ ବ୍ଲକରେ ୨, ରଣପୁର ବ୍ଲକ ୨ ଓ ନୟାଗଡ଼ ପୌରାଞ୍ଚଳରୁ ୯ ଜଣ ଚିହ୍ନଟ ହୋଇଛନ୍ତି । ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୫୫ଜୀବନ ନେଇ ସାରିଛି ।

### ଜଳିଗଲା ଫାର୍ମ ହାଉସ୍

ଦଶପଲ୍ଲା,୭।୮(ଡି.ଏନ.ଏ.): ଦଶପଲ୍ଲାର ମହାବୀର ବଣିକ ମହାସଂଘର ସଭାପତି ଅଲେଖ ସାହୁଙ୍କ କୁଆଁରିଆ ଡ୍ୟାମ୍ ନିକଟସ୍ଥ ଶାଳିଆଗୋଛାଠାରେ ଥିବା ଫାର୍ମ ହାଉସରେ ଅଗ୍ନିକାଣ୍ଡ ଘଟି ଜଳି ଯାଇଛି। ଏଥିରେ ବହୁ ସାମଗ୍ରୀ ପୋଡ଼ି ପାଉଁଶ ହେଇଛି । ଅଗ୍ନି କାଣ୍ଡର କାରଣ ଜଣା ପଡି ନ ଥିଲେ ମଧ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ଖବର ପାଇ ଦଶପଲ୍ଲା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ବୋଲି ଫାୟାର ଅଫିସର କାହ୍ନୁ ଚରଣ ସ୍ୱାଇଁ କହିଛନ୍ତି । ଏହି ଦୁର୍ଘଟଣାରେ ୩ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି ।

### ହାଇସ୍କୁଲ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଦଶପଲ୍ଲା,୭।୮(ଡି.ଏନ.ଏ.): ଦଶପଲ୍ଲା ରାଧାମୋହନ ଜୀଉ ହାଇସ୍କୁଲର ପ୍ରତିଷ୍ଠାତା ଅର୍ଜୁନ ବେହେରାଙ୍କ ୩୭ ତମଶ୍ରାଦ୍ଧ ବାର୍ଷିକୀ ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ବୃକ୍ଷ ରୋପଣ କରାଯାଇଥିଲା । ହାଇସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଏଥିରେ ସହଯୋଗ କରିଥିଲେ ।

### ବିଶ୍ୱନାଥ ଉପସଭାପତି, ପବିତ୍ର ସାଧାରଣ ସମ୍ପାଦକ

**ବିଜେଡି ଜିଲା କାର୍ଯ୍ୟକାରିଣୀ**

ହିଞ୍ଜିଳିକାଟୁ,୭।୮(ଡି.ଏନ୍.ଏ): ବିଜେଡି ଗଞ୍ଜାମ ଜିଲା କାର୍ଯ୍ୟକାରିଣୀରେ ହିଞ୍ଜିଳିର ବରିଷ୍ଠ ନେତା ଡ ବିଶ୍ୱନାଥଙ୍କୁ ଉପସଭାପତି ଓ ପୂର୍ବତନ ଉପନଗରପାଳ ପବିତ୍ର ମୋହନ ପାଣିଗ୍ରାହୀଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସଭାପତି ତଥା ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ବିଜେଡି ଜିଲା କମିଟିରେ ହିଞ୍ଜିଳିକାଟୁ ବ୍ଲକର ଦାରୁଭଦ୍ରା ପଞ୍ଚାୟତର ଇ ସୁଦର୍ଶନ, ଗଣ୍ଡଲା ପଞ୍ଚାୟତର ରବୀନ୍ଦ୍ରନାଥ ସାବତ ଓ ମ୍ୟୁନିସପାଲଟିର ସସ୍ମିତା ପଟ୍ଟନାୟକଙ୍କୁ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ଚୟନ କରାଯାଇଛି। ନୂତନ ସଦସ୍ୟା ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବାଇକ୍ ଉଦ୍ଧାର, ଲୁଟେରା ଗିରଫ

ଆସିକା,୭।୮ (ଡି.ଏନ.ଏ.)

କଟକ ଜିଲା ଆଠଗଡ ଥାନା ଅନ୍ତର୍ଗତ ବେଣ୍ଟପଡା ଗ୍ରାମରୁ ଗତ ଗୁରୁବାର ଗୋଟିଏ ବାଇକ, ମୋବାଇଲ ଫୋନ ଓ ଟଙ୍କା ଲୁଟ ହୋଇଥିଲା । ଶୁକ୍ରବାର ବିଳମ୍ବିତ ରାତିରେ ଆସିକା ପୋଲିସ ଏହି ମାମଲାର ଅଭିଯୁକ୍ତଙ୍କୁ ଆସିକା ଥାନା ଅନ୍ତର୍ଗତ କୋଟିବାଡି ଗ୍ରାମରୁ ଗିରଫ କରିଛି । ସେ ହେଲେ ଉକ୍ତ ଗ୍ରାମର ନିକୁ ଗୌଡ। ତାଙ୍କ ନିକଟରୁ ପୋଲିସ ଚୋରି ବାଇକ ଓ ମୋବାଇଲ ଜବତ କରିଥିଲା। ଅଭିଯୁକ୍ତଙ୍କୁ ଶନିବାର ଆଠଗଡ ପୋଲିସକୁ ହସ୍ତାନ୍ତର କରାଯାଇଥିବା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ନିକୁ ସୋସିଆଲ ମିଡିଆରେ ସମ୍ପର୍କ ସ୍ଥାପନ କରି ବୁଧବାର ସନ୍ଧ୍ୟାରେ ବେଣ୍ଟପଦା ଗ୍ରାମର ପବିତ୍ର ଓଝାଙ୍କ ଘରେ ପହଞ୍ଚିଥିଲେ। ପବିତ୍ରଙ୍କ ପୁଅଙ୍କ ସହ ବନ୍ଧୁତ୍ୱ ଥିବା କହି ତାଙ୍କ ଘରେ ରାତିରେ ରହିଥିଲେ। ଗୁରୁବାର ଭୋରରେ ସେ ପବିତ୍ରଙ୍କ ଘରୁ ବାଇକ, ମୋବାଇଲ ଓ ୧୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ । ପବିତ୍ର ଏ ନେଇ ଆଠଗଡ ପୋଲିସରେ ଅଭିଯୋଗ ପରେ ନଂ.୧୫୦/୨୧ରେ ଏକ ମାମଲା ରୁଜୁ କରି ପୋଲିସ ଆସିକା ଥାନାର ସହୟତା ନେଇଥିଲା। ଆସିକା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଆଠଗଡ ପୋଲିସକୁ ସୂଚନା ଦେଇଥିଲା।

## ବିଶ୍ୱଶାନ୍ତି ପାଇଁ ସାଧୁସନ୍ଥଙ୍କ ପୁରୀ ଯାତ୍ରା



ବିଶ୍ୱଶାନ୍ତିପାଇଁ ଆସିଥିବା ସାଧୁସନ୍ଥ ।

ଦଶପଲ୍ଲା, ୭।୮(ଡି.ଏନ.ଏ.)

ଶ୍ରୀକୃଷ୍ଣ ଭକ୍ତି ଆଶ୍ରମ, ପିଲିକୋଟେ, ବଡ଼ ହନୁମାନ ଘାଟ, କାଶୀର ୩ଜଣ ସନ୍ଥ, ଜଣେ ନାଗା ସନ୍ୟାସୀ ପୁରୀ ଜଗନ୍ନାଥ ଧାମ ଆସି ଜଗନ୍ନାଥଙ୍କ ନିକଟରେ ଗୁହାରି ଜଣାଇ ଫେରିଛନ୍ତି । ସେମାନଙ୍କ ଫେରିବା ବେଳେ ଗଣିଆ ଦେଇ ଫେରୁଥିବା ବେଳେ ଅବସରପ୍ରାପ୍ତ ଡିଆଇଜି ଗୋଲକ ବିହାରୀ ମହାନ୍ତିଙ୍କ ସହିତ ସାକ୍ଷାତ ହୋଇଥିଲା। ଏହି ଦଳରେ ନାଗାବାବା ଦେବଗିରି ମହାରାଜ, ସ୍ୱାମୀ ନାରାୟଣ ଗିରି ମହାରାଜ, ସ୍ୱାମୀ ଅଖଣ୍ଡାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ସୁରଜ ଗିରି ମହାରାଜ ପ୍ରମୁଖ ଅଛନ୍ତି । ସେମାନେ ବାରମ୍ବାର ବିଶ୍ୱଶାନ୍ତି ପାଇଁ ମନ୍ତ୍ର ଉଚ୍ଚାରଣ କରୁଥିବା ଦେଖିବାକୁ ମିଳିଥିଲା। ବିଶ୍ୱଶାନ୍ତି ଏବଂ ବିଶ୍ୱରୁ କରୋନାକୁ ହଟାଇବା ପାଇଁ ସେମାନେ ବିଭିନ୍ନ ଦେବାଦେବୀଙ୍କୁ ଦର୍ଶନ କରିବା ସହିତ ଗୁହାରୀ କରୁଥିବା କହିଛନ୍ତି। ବିଶେଷତଃ ସେମାନେ କାଶୀ ବିଶ୍ୱନାଥଙ୍କପୀଠରୁ ଆସି ପୁରୀ ଶ୍ରୀମନ୍ଦିରରେ ଥିବା କାଶୀ ବିଶ୍ୱନାଥଙ୍କ ପାଖରେ ବିଶ୍ୱଶାନ୍ତି ପାଇଁ ଗୁହାରି କରିଥିବା କହିଛନ୍ତି ।

## ଏକତରଫା ପ୍ରେମ ମହଙ୍ଗା ପଡ଼ିଲା

**ଯୁବକଙ୍କ ବିରୋଧରେ ମାମଲା ରୁଜୁ**

ଖଣ୍ଡପଡ଼ା,୭।୮(ସ୍ୱ.ପ୍ର.)

ରୟତଡୋଲମରା ଅଞ୍ଚଳର ଜଣେ ନାବାଳିକାଙ୍କୁ ଏକତରଫା ପ୍ରେମ ସହ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା, କଲେଜ ଯିବା ବାଟରେ ହଇରାଣ କରିବା ଓ ନାବାଳିକାଙ୍କ ପରିବାର ଲୋକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ଜଣେ ଯୁବକ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହେବା ପରେ ପୋଲିସ କିଆଝର ପଞ୍ଚାୟତ ଗିରିଡ଼ିପଲ୍ଲି ଗ୍ରାମର ମନୋରଞ୍ଜନ ଜେନାଙ୍କ ବିରୋଧରେ ଏକ ମାମଲା(ନଂ.୧୫୨/୨୧) ରୁଜୁ କରି ତନାଘନା ଚଳାଇଛି। ଅଭିଯୋଗ ଅନୁଯାୟୀ, ଜଣେ ଯୁକ୍ତ ୨ ନାବାଳିକା ଛାତ୍ରୀଙ୍କୁ ମନୋରଞ୍ଜନ ଏକତରଫା ଭଲପାଉ ଥିଲେ । ସେ ସମ୍ପୃକ୍ତ ଛାତ୍ରୀଙ୍କ ଫଟୋ ନିଜ ମୋବାଇଲରେ ଉଠାଇ ବାରମ୍ବାର ହଇରାଣ କରୁଥିଲେ। ଗତ ୪ ତାରିଖ ଦିନ ମନୋରଞ୍ଜନ ନିଜର କେତେଜଣ ସହଯୋଗୀଙ୍କ ସହ ନାବାଳିକାଙ୍କ ଘର ସମ୍ମୁଖରେ ପହଁଞ୍ଚି ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ନାବାଳିକାଙ୍କୁ ଉଠାଇନେବା ପାଇଁ ଚେଷ୍ଟା କରିଥିଲେ । ହେଲେ ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ଯୋଗୁ ମନୋରଞ୍ଜନ ଓ ତାଙ୍କ ସହଯୋଗୀମାନେ ସେଠାରୁ ଫେରାର ହୋଇଯାଇଥିଲେ ।

## ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର କନ୍‌ଭେନ୍‌ଶନ

ବ୍ରହ୍ମପୁର ଅଫିସ,୭।୮

ପ୍ରେମନଗର ସ୍ଥିତ ଓଷ୍ଟା କାର୍ଯ୍ୟାଳୟ ପରିସରରେ ଶନିବାର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ଗଞ୍ଜାମ ଜିଲା ଶାଖା ପକ୍ଷରୁ କନ୍‌ଭେନସନ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ହିମାଂଶୁ କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। ଏହି କନ୍‌ଭେସନ୍‌ରେ ସ୍କୁଲ ଓ କଲେଜ କର୍ମଚାରୀଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା ହୋଇଥିଲା। ଏଥିସହ ତୁରନ୍ତ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ କର୍ମଚାରୀଙ୍କୁ ୭ମ ବେତନ କମିଶନ, ଅବସରକାଳୀନ ପେନ୍‌ସନ୍ ସମେତ ଚାକିରି ସର୍ତ୍ତାବଳୀକୁ ରାଜ୍ୟ ସରକାର ତୁରନ୍ତ ପ୍ରଦାନ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଥିଲା। ଆସନ୍ତା ୯ ତାରିଖରେ ସଂଘ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ସଂଘର ସଂପାଦକ ବିଜୟ କୁମାର ବେହେରା, କୋଷାଧ୍ୟକ୍ଷ ଭିକାରୀ ଗୌଡ଼, ୪୮୮ ବର୍ଗ କଲେଜ ସଂଘର ସଭାପତି ପ୍ରଶାନ୍ତ କୁମାର ପାତ୍ର, ୬୬୨ ବର୍ଗର କଲେଜ ସଂଘର ସଂପାଦକ ଶିଶିର କୁମାର ବିଶୋୟୀ ଓ ମିଳିତ ମଞ୍ଚର ସଭ୍ୟ ଗୌରୀ ଶଙ୍କର ଶତପଥୀ, ସଞ୍ଜୟ କୁମାର ଷଡ଼ଙ୍ଗୀ ଓ ଆଶୁତୋଷ ପାତ୍ରଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରରୁ ଜଣେ, ଜିଲାରୁ ଜଣେ ସମ୍ମାନିତ ହେବେ

**ଉତ୍କଳଘଣ୍ଟ ହାସ୍ୟରସିକ ସମ୍ମାନ**

ନୟାଗଡ଼ ଅଫିସ,୭।୮

ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ରଙ୍କ ନାମରେ ଉତ୍କଳ ଘଣ୍ଟି ହାସ୍ୟ ରସିକ ସମ୍ମାନ ପ୍ରତିବର୍ଷ ଦିଆଯିବ । ଏହି ସମ୍ମାନ ରାଜ୍ୟସ୍ତରରୁ ଜଣେ ଓ ନୟାଗଡ଼ ଜିଲାରୁ ଅନ୍ୟ ଜଣେ ପାଇବେ । ଉତ୍କଳ ଘଣ୍ଟି ହାସ୍ୟ ରସିକ ରାଜ୍ୟସ୍ତରୀୟ ସମ୍ମାନ ବାବଦରେ ୨୧ ହଜାର ଓ ଜିଲାସ୍ତରୀୟ ସମ୍ମାନ ପାଇଁ ୫ ହଜାର ଟଙ୍କା ପ୍ରଦାନ କରାଯିବ । ଏନେଇ ନୟାଗଡ଼ ଜିଲା ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ରୋଟାରୀ କ୍ଲବଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି । ପ୍ରତିବର୍ଷ ମେ' ମାସ ପ୍ରଥମ ରବିବାର ବିଶ୍ୱ ହାସ୍ୟ ଦିବସରେ ଏହି ଉତ୍ସବ ପାଳନ କରାଯିବ । ଉତ୍ସବର ମୁଖ୍ୟ ଲକ୍ଷ୍ୟ ହସିବା ଓ ହସାଇବା ରହିବ ବୋଲି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ପ୍ରମୋଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ବିଜୟ ଚୌଧୁରୀ, ସମ୍ପାଦକ ନିର୍ମଳ ଚନ୍ଦ୍ର ଶୂରଦେଓ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ ନାୟକ, କବି ପ୍ରଶାନ୍ତ କୁମାର ଦାଶ, ଶେଖ ଅବଦୁଲ ଖାଲିକ ଓ ଯଦୁମଣିଙ୍କ ଦାୟାଦ୍ ରୋହନ ମହାପାତ୍ର ଯୋଗ ଦେଇ କହିଛନ୍ତି । ପ୍ରକାଶ ଯେ, ହାସ୍ୟ ଓ ବ୍ୟଙ୍ଗ କବି ଯଦୁମଣିଙ୍କ ଘର ନୟାଗଡ଼ ବ୍ଲକର ଇଟାମାଟିରେ । ସେ ହାସ୍ୟ ଓ ବ୍ୟଙ୍ଗ କବି ଭାବେ ରାଜ୍ୟସ୍ତରରେ ନୟାଗଡ଼କୁ ପରିଚିତ କରାଇଥିଲେ ।



ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା।

## ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

**କିଡ୍‌ନୀ ଜନିତ ରୋଗରେ ଛଟପଟ ହେଉଛନ୍ତି କୁନା**

ଖଣ୍ଡପଡ଼ା,୭।୮(ସ୍ୱ.ପ୍ର.)



ଅସୁସ୍ଥ କୁନା ନାଏକ ।

ଗତ ୧୫ ଦିନ ହେଲା କଟକ ବଡ଼ ମେଡିକାଲରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଶାଳଝରିଆ ପଞ୍ଚାୟତ କଇଁଥପଲ୍ଲୀ ଗ୍ରାମର କୁନା ନାଏକ(୨୮) ଚିକିତ୍ସିତ ହେଉଛନ୍ତି। ସେ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ହେଲେ ଅର୍ଥ ଅଭାବ ତାଙ୍କ ଉଚ୍ଚତର ଚିକିତ୍ସାରେ ବାଧକ ସାଜିଛି। ବାପ ଛେଉଣ୍ଡ କୁନା ହୋଟେଲରେ କାମ କରି ଯାହା ରୋଜଗାର କରୁଥିଲେ ସେଥିରେ ସେ ଓ ତାଙ୍କ ମା' ଦୁଃଖକଷ୍ଟରେ ଚଳିଯାଉଥିଲେ। ହେଲେ କୁନାଙ୍କ ୨ କିଡ୍‌ନୀ ନଷ୍ଟ ହେବା ଜଣାପଡ଼ିବା ପରେ ସବୁକିଛି ଓଲଟପାଲଟ ହୋଇଯାଇଛି। ଡାକ୍ତରଙ୍କ ପରାମର୍ଶକ୍ରମେ କୁନା ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି ।

ଅର୍ଥ ଅଭାବରୁ ଉଚ୍ଚତର ଚିକିତ୍ସା ତାଙ୍କୁ ମିଳିପାରୁ ନାହିଁ ବୋଲି କୁନାଙ୍କ ମାଆ ସରୋଜିନୀ କହିଛନ୍ତି । ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ସରୋଜିନୀଙ୍କ ପରିବାର ଭୂମିହୀନ ହୋଇଥିବାରୁ ସରକାରୀ ଜମିରେ ଅସ୍ଥାୟୀ ଭାବେ ଗୃହ ନିର୍ମାଣ କରି ରହୁଛନ୍ତି। ଆଜକୁ ୧୦ ବର୍ଷ ତଳେ କୁନାଙ୍କ ବାପା ପଞ୍ଚୁ ନାଏକ ଆରପାରିକି ଚାଲିଯିବା ପରେ ସରୋଜିନୀ କହୁ କଷ୍ଟରେ ଦିନ କାଟୁଥିଲେ । ପୁଅ ବଡ଼ ହେଲେ ତାଙ୍କ ପରିବାରର ସବୁ ଦୁଃଖ ସରିଯିବ ବୋଲି ସେ ଆଶା ବାନ୍ଧିଥିଲେ। ହେଲେ ରୋଗ ଭଗାରୀ ସାଜିଛି। ବିଭିନ୍ନ ସୁତ୍ରରୁ ଧାର ଉଧାର କରି ପୁଅର ଚିକିତ୍ସା କରୁଥିବା ସରୋଜିନୀ ଇତିମଧ୍ୟରେ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ସାରିଥିବା କହିଛନ୍ତି। କୌଣସି ସହୃଦୟ ବ୍ୟକ୍ତି, ସାମାଜିକ ଅନୁଷ୍ଠାନ ତାଙ୍କୁ ସହାୟତା କରିବାକୁ ସେ ନିବେଦନ କରିଛନ୍ତି ।

## ପ୍ରକୃତ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ

ନୂଆଗାଁ, ୭।୮ (ଡି.ଏନ.ଏ.)

ପ୍ରକୃତ ହିତାଧିକାରୀ ଆବାସ ଯୋଜନାରୁ ବାଦ୍ ପଡୁଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏପରି ଘଟଣା ସାମ୍ନାକୁ ଆସିଛି । ନୂଆଗାଁ ପଞ୍ଚାୟତ ଆମ୍ବଝରି ଗ୍ରାମର ବିଧବା ମହିଳା ସୁନିତା ନାୟକଙ୍କୁ ଏଠାରେ ଉଦାହରଣ ଭାବେ ନିଆଯାଇଛି। ସ୍ୱାମୀ ଆରପାରିକୁ ଚାଲି ଯିବା ପରେ ଦୁଇ କୁନି ପୁଅଙ୍କୁ ଧରି ସେ ଦୁଃଖକଷ୍ଟରେ ଦିନ କାଟୁଛନ୍ତି। ଭଙ୍ଗା କୁଡିଆରେ ବାସ କରୁଥିବା ଏହି ପରିବାର ଆବାସ ଯୋଜନାର ପ୍ରକୃତ ହିତାଧିକାରୀ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇନାହିଁ । ପ୍ରତିବର୍ଷ ଆବାସ ଯୋଜନା ପାଇଁ ସେ ଆବେଦନ କରିଛନ୍ତି । ହେଲେ ପରବର୍ତ୍ତୀ ସମୟରେ ତାଲିକାରେ ତାଙ୍କ ନାମ ରହୁ ନ ଥିବା ସେ ଅଭିଯୋଗ କରିଛନ୍ତି ।

ଶୁକ୍ରବାର ସେ ଘର ବାହାରେ ବସିଥିଲେ । ହଠାତ୍ ତାଙ୍କ ଘରର ବର୍ଷା ଭିଜା କାନ୍ଥ ଭାଙ୍ଗି ପଡିଲା । ଈଶ୍ୱରଙ୍କ ଦୟାରୁ ସେ ରକ୍ଷା ପାଇଯାଇଛନ୍ତି । ସେହିଭଳି ସୁନୀତାଙ୍କ ଘରକୁ ଲାଗି ରହିଛି କଲ୍ୟାଣୀ ନାୟକଙ୍କ ଘର। କଲ୍ୟାଣୀଙ୍କ ମଧ୍ୟ ସମାନ ଅବସ୍ଥା। ଘରଟିଏ ପାଇଁ ସେ ବାରମ୍ବାର ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଗୁହାରି କରିଛନ୍ତି । ହେଲେ କେହି ତାଙ୍କ କଥା ଶୁଣୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଜରିପାଲ ତଳେ ବିତୁଛି ଉଭୟଙ୍କ ଜୀବନ। ସେହିପରି ଜାକେଡା ପଞ୍ଚାୟତର ଭାଗୀରଥି ପ୍ରଧାନ, ମହିପୁର ପଞ୍ଚାୟତ ମାଳିସର ଗ୍ରାମର କୁନି ସିଠ, ଚାହାଳି ପଞ୍ଚାୟତ ରାଇପୁର ଗ୍ରାମର ବିରଜାଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଆବାସ ଯୋଜନାର ପ୍ରକୃତ ହିତାଧିକାରୀ ବୋଲି ଦାବି କରନ୍ତି। ହେଲେ ସେମାନେ ଆବାସ ଗୃହ ପାଇବା ତାଲିକାରୁ ବାଦ୍ ପଡିଛନ୍ତି । ଏ ସଂକ୍ରାନ୍ତରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ଆବାସ ଗୃହ ପାଇବା ପାଇଁ ହକ୍ ହିତାଧିକାରୀଙ୍କୁ ଚୟନ କରିବା ପାଇଁ ଆମେ ଚେଷ୍ଟା କରୁଛୁ । ଯେଉଁମାନେ ତାଲିକାରୁ ବାଦ୍ ପଡିଛନ୍ତି ସେମାନେ କିପରି ଘର ପାଇବେ ସେଥିପାଇଁ ଉଦ୍ୟମ ଚାଲିଛି ବୋଲି କହିଛନ୍ତି ।





ଭଙ୍ଗା ଘର ସମ୍ମୁଖରେ ସୁନୀତା ନାୟକ ଓ କଲ୍ୟାଣୀ ନାୟକ ।